ସେରଲକ୍ ହୋମସ୍ କାହାଣୀ ୩

ଗ୍ରନ୍ଥମନ୍ଦିର

Digitized by srujanika@gmail.com

ବିଶ୍ୱସାହିତ୍ୟ ଗ୍ରନ୍ଥମାଳା :

ସେର୍‌ଲକ୍ ହୋମସ୍ କାହାଣୀ

ତୃତୀୟ ଖଣ୍ଡ

ଲେଖକ :
ସାର୍ ଆର୍ଥର୍ କୋନାନ୍ ଡଏଲ୍

ଅନୁବାଦକ :
ଶ୍ରୀ ଦିବାକର ପାଣି

ଗ୍ରନ୍ଥମନ୍ଦିର

Digitized by srujanika@gmail.com

ପ୍ରକାଶକ :
ଅଭିରାମ ମହାପାତ୍ର
ଗ୍ର ନ୍ଥ ମ ନ୍ଦି ର
ବିନୋଦବିହାରୀ, କଟକ-୨
ଶାଖା : ମେନ୍‌ରୋଡ୍‌, ବ୍ରହ୍ମପୁର-୧

ମୁଦ୍ରକ :
ରାଜାରାମ ମହାପାତ୍ର
ମହାପାତ୍ର ବ୍ରଦର୍ସ
ମିଣ୍ଟି ପୋଷ୍ଟ ଅଫିସ୍ ରୋଡ଼, ବ୍ରହ୍ମପୁର-୨

ପ୍ରଥମ ମୁଦ୍ରଣ : ୧୯୭୭
ପୁନର୍ମୁଦ୍ରଣ : ୧୯୮୩

ମୂଲ୍ୟ : ଟ ୬-୦୦

Digitized by srujanika@gmail.com

ସୂଚୀପତ୍ର

୧ ।	ପାଞ୍ଚଖଣ୍ଡ କମଳା	୧
୨ ।	ବଲ୍ଦତମୁହାଁ ମଣିଷ	୨୪
୩ ।	ଚଳିତ ପଛି	୪୫
୪ ।	ରତ୍ନମୁକୁଟ	୮୭

Digitized by srujanika@gmail.com

ପାଞ୍ଚଖଣ୍ଡ କମଳା

ସେରଲକ୍ ହୋମସ୍‌ଙ୍କ କେଶ୍‌ଗୁଡ଼ାକ ସବୁ ମୁଁ ମୋ ନୋଟ୍‌ଖାତାରେ ଟିପି ରଖିଛୁ । ୧୮୮୬ରୁ ୧୮୯୦ ଖ୍ରୀଷ୍ଟାବ୍ଦ ଭିତରେ ସେ ଯେତେ କେଶ୍ ସମାଧାନ କରିଛନ୍ତି ସେସବୁ ଖୁବ୍ ଅଦ୍ଭୁତ ଆଉ କୌତୂହଳପ୍ରଦ । ସେଇଥିରୁ ଗୋଟେ ମୁଁ ବର୍ତ୍ତମାନ ଲେଖିବାକୁ ଯାଉଛୁ ।

ସେପ୍‌ଟେମ୍ବର ମାସ ଶେଷ ପ୍ରାୟ । ବର୍ଷାଋତୁକାଳୀନ ବାତ୍ୟା ପ୍ରବଳ ଭାବରେ ଆରମ୍ଭ ହୋଇଯାଇଥାଏ । ଦିନସାରା ପ୍ରବଳ ପବନର ଗର୍ଜନ ଆଉ ଅବିରାମ ବର୍ଷା । ଫଳରେ ଆମେ ବାଧ୍ୟହୋଇ ଘର ଭିତରେ ବସି ରହୁଥାଉ । ମନ ସାଧାରଣ ମାନବ ଜୀବନ କଥା ଭୁଲିଯାଇ ମହାକ୍ଷମତା-ଶାଳୀ ଭୌତିକ ଶକ୍ତି କଥା ଚିନ୍ତା କରୁଥାଏ । ସତେ ଯେପରି ପିଂଜରାବଦ୍ଧ ହିଂସ୍ର ପଶୁପରି ଏଇ ଭୌତିକ ଶକ୍ତି ମଣିଷର ସଭ୍ୟତା ଆଢ଼ୁଆଳରୁ ତାକୁ କଟମଟ କରି ଚାହୁଁଥାଏ । ସନ୍ଧ୍ୟା ଆସିବା ସଙ୍ଗେ ସଙ୍ଗେ ବାତ୍ୟାର ପ୍ରକୋପ ବଢ଼ିବାରେ ଲାଗିଲା । ସେରଲକ୍ ହୋମ୍‌ସ୍ ନିଆଁ କୁଣ୍ଡର ଗୋଟେ ପାଖେ ବସି ତାଙ୍କ କେଶ୍‌ଗୁଡ଼ା ସଜାଇବାରେ ଲାଗିଥାନ୍ତି । ମୁଁ ଆର ପାଖେ ବସି ଖଣ୍ଡେ ବହି ପଢ଼ୁଥାଏ । ମୋ ସ୍ତ୍ରୀ କିଛିଦିନ ପାଇଁ ତାଙ୍କ ମା'ଙ୍କୁ ଦେଖିବାପାଇଁ ଯାଇଥାନ୍ତି । ତେଣୁ ମୁଁ ଆସି ବେକର୍‌ଷ୍ଟ୍ରୀଟ୍‌ରେ ମୋର ପୂର୍ବ ପରିଚିତ ଘରେ ରହୁଥାଏ ।

ହୋମସ୍‌ଙ୍କ ଆଡ଼କୁ ଚାହିଁ ମୁଁ କହିଲି, "କଲିଂବେଲ୍‌ଟା ବାଜିଲା ଯେ— ଏ ରାତିରେ କିଏ ଆସିପାରେ ? ତୁମର କେହି ବନ୍ଧୁ ବୋଧହୁଏ ?"

"ତୁମ ବ୍ୟତୀତ ମୋର ଆଉ କେହି ବନ୍ଧୁ ନାହାନ୍ତି । ମୁଁ ବିଶେଷ ବନ୍ଧୁ କରିବାକୁ ଭଲପାଏନା ।"

"ତା'ହେଲେ କ'ଣ କେହି ମକ୍କେଲ ?"

Digitized by srujanika@gmail.com

"ଯଦି ତା ହୋଇଥାଏ ତେବେ ଘଟଣାଟା ନିଶ୍ଚୟ ଗୁରୁତର । ତା ନ ହେଲେ ଏ ପାଗରେ ଏତେବେଳେ କେହି ଲୋକ ପଦାକୁ ବାହାରିବ ନାହିଁ । ମୁଁ ଭାବୁଛି ଘରମାଲିକାଣୀଙ୍କର କେହି ପରିଚିତ ଲୋକ ହୋଇଥିବ ।"

ସେରଲକ୍ ହୋମସ୍‌ଙ୍କ ଅନୁମାନ କିନ୍ତୁ ଭୁଲ ହେଲା । ବାହାରେ ପାଦ ଶବ୍ଦ ଆଉ ତା ପରେ କବାଟରେ ଠକ୍ ଠକ୍ ଆବାଜ ହେଲା । ହାତ ଲମ୍ବାଇ ସେ ଲ୍ୟାମ୍ପଟା ତାଙ୍କ ପାଖରୁ ଘୁଞ୍ଚାଇଦେଲେ । ସେ ପାଖରେ ଗୋଟେ ଖାଲି ଚଉକି ପଡ଼ିଥିଲା—କେହି ଆସିଲେ ସେଠି ବସିବ । ତାପରେ ସେ କହିଲେ, "ଭିତରକୁ ଆସନ୍ତୁ ।"

ଯେଉଁ ଲୋକ ଘର ଭିତରକୁ ଆସିଲେ ସେ ଯୁବକ । ଚେହେରାରୁ ବୟସ କୋଡ଼ିଏ ବାଇଶବର୍ଷ ବୋଲି ଅନୁମାନ । ବେଶଭୂଷା, ହାବଭାବ ବେଶ୍ ରୁଚିସମ୍ପନ୍ନ । ହାତର ଓଦାଛତା ଆଉ ବର୍ଷାତି କୋର୍ଟରୁ ଜଣାଯାଉଥାଏ ସେ କି ଭୟଙ୍କର ପାଗ ଭିତରେ ଆସିଛନ୍ତି । ସେ ବ୍ୟଗ୍ର ହୋଇ ଚାହିଁ ରହିଲେ । ଲ୍ୟାମ୍ପ ଆଲୁଅରେ ଦେଖିଲି ତାଙ୍କ ମୁହଁ ମଳିନ ଆଉ ଆଖି ଭାରିଭାରି । ସୁନା ଚଷ୍ମାମଟା ଆଖି ଉପରକୁ ଉଠାଇ ସେ କହିଲେ, "ମୋତେ କ୍ଷମା କରିବେ । ଆପଣଙ୍କ କାମରେ ବାଧା ଦେଇନାହିଁ ବୋଲି ମୋର ଆଶା ! ମୁଁ ଦୁଃଖିତ ଯେ ଆପଣଙ୍କ ଏଇ ଆରାମଦାୟକ ଶୁଖିଲା ଘରଭିତରକୁ ମୁଁ ବାତ୍ୟାର କିଛି ଚିହ୍ନ ନେଇଆସିଛି ।"

ହୋମସ୍ କହିଲେ, "ମୋତେ ଆପଣଙ୍କ ଛତା ଆଉ କୋଟ୍ ଦେଇ ଦିଅନ୍ତୁ । ଏଇ ହୁକ୍‌ରେ ରଖିଦେଲେ ଅଳ୍ପ ସମୟରେ ଶୁଖିଯିବ । ଦେଖୁଛି ଆପଣ ଦକ୍ଷିଣ-ପଶ୍ଚିମ ପାଖରୁ ଆସିଛନ୍ତି ।"

"ହଁ, ହର୍‌ସାମ୍‌ରୁ ।"

"ଆପଣଙ୍କ ଆଙ୍ଗୁଠିରେ ଯେଉଁ ମାଟି ଆଉ ଚକ୍ ଚିହ୍ନ ଅଛି ସେଥିରୁ ଜଣାଯାଉଛି ।"

"ମୁଁ କିଛି ଉପଦେଶ ପାଇଁ ଆସିଛି ?"

"ତା ସହଜରେ ପାଇପାରିବେ ।"

"ଆଉ ସାହାଯ୍ୟ ?"

Digitized by srujanika@gmail.com

"ସେଇଟା ଅବଶ୍ୟ ସେତେ ସହଜ ନୁହେଁ ।"

"ମୁଁ ଆପଣଙ୍କ ନାଁ ଶୁଣିଛି ମିଷ୍ଟର ହୋମସ୍ ଆଉ ଶୁଣିଛି ଆପଣ କେବେ କେଉଁଠି ହାରି ନାହାନ୍ତି ।"

"ମୁଁ କିନ୍ତୁ ଚାରିଥର ହାରିଯାଇଛି । ତିନିଥର ପୁରୁଷ ହାତରୁ, ଆଉ ଥରେ ଜଣେ ନାରୀ ହାତରୁ ।"

"କିନ୍ତୁ ଆପଣଙ୍କ ସଫଳତା ତୁଳନାରେ ସେ କିଛି ନୁହେଁ ।"

"ଏଟା ସତ ଯେ ମୁଁ ପ୍ରାୟ ସବୁଥିରେ ସଫଳ ହୋଇଛି ।"

"ମୋ କେଶ୍‌ରେ ମଧ୍ୟ ଆପଣ ସଫଳ ହୋଇପାରନ୍ତି ।"

"ଦୟାକରି ଚଉକିଟା ନିଆଁ ପାଖକୁ ଟାଣି ଆଣନ୍ତୁ ଆଉ ଆପଣଙ୍କ କେଶ୍‌ଟା ମୋତେ କହନ୍ତୁ ।"

"କେଶ୍‌ଟା ମୋଟେ ସାଧାରଣ ନୁହେଁ ।"

"ମୋ ପାଖକୁ ଯେଉଁ କେଶ୍ ଆସେ ସେଥିରୁ କୌଣସିଟା ସାଧାରଣ ନୁହେଁ । ଲୋକେ ସବୁଠୁ ନିରାଶ ହେଲେ ମୋ ପାଖକୁ ଆସନ୍ତି ।"

"ତଥାପି ମୋର ସନ୍ଦେହ, ଆମ ପରିବାରରେ ଯେଉଁ ରହସ୍ୟମୟ ଦୁର୍ବୋଧ ଘଟଣା ସବୁ ଘଟିଯାଇଛି, ଆପଣଙ୍କ ସାରା ଜୀବନର ଅନୁଭୂତିରେ ସେପରି ଘଟଣା ଶୁଣିଥିବେ କି ନାହିଁ ।"

"ଆପଣଙ୍କ କଥାରେ ମୋର ବଡ଼ କୌତୂହଳ ହେଉଛି । ଦୟାକରି ପ୍ରଥମେ ପ୍ରୟୋଜନୀୟ ଘଟଣାତକ କହନ୍ତୁ । ତାପରେ ଆବଶ୍ୟକ ହେଲେ ମୁଁ ଆପଣଙ୍କୁ ପଚାରି ଆଉ ସବୁକଥା ବୁଝିନେବି ।"

ଯୁବକ ଜଣକ ଚଉକିଟା ନିଆଁ ପାଖକୁ ଟାଣିନେଲେ । ଓଦା ପାଦ ଦୁଇଟା ନିଆଁ ଆଡ଼କୁ ବଢ଼ାଇଦେଇ ସେ ଆରମ୍ଭ କଲେ, "ମୋ ନାଁ ଜନ୍ ଓପେନସ । କିନ୍ତୁ ଘଟଣା ସହିତ ମୋ ନାଁର ବିଶେଷ ସମ୍ପର୍କ ନାହିଁ, କାରଣ ଘଟଣାଟା ହେଲା ବଂଶଗତ । ତେଣୁ ଘଟଣାଟା ବିଷୟରେ ଆପଣଙ୍କୁ ଠିକ୍ ଧାରଣା ଦେବାପାଇଁ ମୁଁ ପୂର୍ବକଥା କହୁଛି । ମୋ ଜେଜେବାପାଙ୍କର ଦୁଇ ପୁଅ ଥିଲେ । ମୋ ଦଦେଇ ଇଲିଆସ୍ ଆଉ ମୋ ବାପା ଯୋସେଫ୍ । ବାପାଙ୍କ କଭେଣ୍ଟ୍ରିରେ ଗୋଟେ ଛୋଟ କାରଖାନା ଥିଲା । ସାଇକେଲ୍

Digitized by srujanika@gmail.com

ଉଦ୍ଭାବନ ପରେ ସେ ତାଙ୍କ କାରଖାନାକୁ ବଢ଼ାଇଲେ । ସେ ଓପେନ୍‌ସ ଟାପ୍ୟାର୍‌ର ନିର୍ମାତା । ତାଙ୍କ ବ୍ୟବସାୟ ଖୁବ୍ ଭଲ ଚାଲିଲା । ଶେଷରେ ସେ ବ୍ୟବସାୟ ବନ୍ଦକଲେ । ସେଥିରୁ ଖୁବ୍ ଭଲ ପଇସା ପାଇଲେ ।

"ମୋ କକେଇ ଇଲିଆସ୍ ଯୁବକ ଅବସ୍ଥାରେ ଆମେରିକା ଚାଲିଗଲେ । ସେଠି ଫ୍ଲୋରିଡ଼ାରେ ଚାଷ ବାସ କରି ଖୁବ୍ ଭଲରେ ଚଳିଲେ । ଆମେରିକାର ଗୃହଯୁଦ୍ଧବେଳେ ସେ ଜାକ୍‌ସନ୍‌ଙ୍କ ଦଳରେ ରହି ଯୁଦ୍ଧ କରି କର୍ଣ୍ଣେଲ୍ ପଦକୁ ଉନ୍ନୀତ ହେଲେ । 'ଲି' ଯେତେବେଳେ ଯୁଦ୍ଧ ବନ୍ଦ କଲେ ମୋ କକେଇ ତାଙ୍କ ଚାଷ ଜାଗାକୁ ଫେରିଗଲେ । ସେଠି ସେ ଆଉ ତିନି ଚାରିବର୍ଷ ରହିଲେ । ୧୮୬୯ ବା ୧୮୭୦ ମସିହାବେଳକୁ ସେ ଇଉରୋପକୁ ଫେରି ଆସିଲେ । ହରସାମ୍ ପାଖ ସସେକ୍‌ସ୍‌ରେ କିଛି ଜମିବାଡ଼ି କିଣି ସେ ସେଇଠି ରହିଲେ । ସେ ନିଗ୍ରୋମାନଙ୍କୁ ଘୃଣା କରୁଥିଲେ । ରିପବ୍‌ଲିକାନ୍‌ଦଳ ନିଗ୍ରୋମାନଙ୍କୁ ଭୋଟ ଅଧିକାର ଦେବାରୁ ସେ ଅସନ୍ତୁଷ୍ଟ ହୋଇ ଆମେରିକା ଛାଡ଼ି ଚାଲିଆସିଲେ । ସେଠୁ ସେ ଯଥେଷ୍ଟ ଧନ ସମ୍ପତ୍ତି ଆଣିଥିଲେ । ସେ ଏକ ଅଦ୍ଭୁତ ଧରଣର ଲୋକ । ଅଳ୍ପକେ ରାଗିଯାନ୍ତି । ରାଗିଲାବେଳେ ତାଙ୍କ ପାଟିରେ ବାଡ଼-ବତା ନଥାଏ । ସେ କାହା ସାଥିରେ ମିଳାମିଶା ନକରି ଏକୁଟିଆ ରହିବାକୁ ଭଲପା'ନ୍ତି । ହର୍‌ସାମ୍‌ରେ ସେ ଯେତେ ଦିନ ରହିଲେ, କେବେ ସହରକୁ ଆସିବା ଜଣାଯାଇନାହିଁ । ତାଙ୍କ ଘର ଚାରିପାଖେ ବଗିଚା ଆଉ ପଡ଼ିଆ । ସେଇଠି ବୁଲାଚଲା କରି ସେ ବ୍ୟାୟାମ କରନ୍ତି । ବେଳେବେଳେ ସପ୍ତାହ ସପ୍ତାହ ଧରି ସେ ଘରୁ ବାହାରନ୍ତି ନାହିଁ । ସେ ବହୁତ ବ୍ରାଣ୍ଡି ଆଉ ସିଗାରେଟ୍ ପିଉଥିଲେ; କିନ୍ତୁ କେହି ସାଙ୍ଗସାଥି, ଏମିତକି ତାଙ୍କ ନିଜ ଭାଇ, ତାଙ୍କ ଘରକୁ ଆସିବାକୁ ସେ ପସନ୍ଦ କରୁନଥିଲେ ।

"ମୋ କଥା କିନ୍ତୁ ଅଲଗା । ପ୍ରକୃତରେ ସେ ମୋତେ ଖୁବ୍ ଭଲ ପାଉଥିଲେ । ତାଙ୍କ ସାଥିରେ ମୋର ପ୍ରଥମ ଦେଖାବେଳକୁ ମୋ ବୟସ ମୋଟେ ବାରବର୍ଷ । ଏଇଟା ହେଲା ୧୮୭୮ ମସିହା କଥା । ସେତେବେଳକୁ ସେ ଇଂଲଣ୍ଡରେ ଆସି ରହିବାର ଆଠ ନଅ ବର୍ଷ ହୋଇଗଲାଣି । ମୁଁ ଯାଇ

Digitized by srujanika@gmail.com

ତାଙ୍କ ପାଖେ ରହିବା ଲାଗି ସେ ବାପାଙ୍କୁ ଅନୁରୋଧ କଲେ । ମୋର କିଛି ଅସୁବିଧା ହୁଏ ନାହିଁ । ବେଳେବେଳେ ସେ ମୋ ସାଥିରେ ଚେସ୍ ଖେଳନ୍ତି । ତାଙ୍କ ଚାକରବାକର, ବ୍ୟବସାୟ ସବୁଥିରେ ସେ ମୋତେ ତାଙ୍କ ପ୍ରତିନିଧି କରିଦେଇଥାନ୍ତି । ଫଳରେ ମୋତେ ଷୋହଳ ବର୍ଷ ହେଲାବେଳକୁ ମୁଁ ଏକ ପ୍ରକାର ଘରର ମାଲିକ ହୋଇ ବସିଲି । ଘରର ସବୁ ଚାବି ମୋ ପାଖରେ । ମୁଁ ଯାହା ଚାହିଁଲି ତା କଲି, ଯୁଆଡ଼େ ମନ ସିଆଡ଼େ ଗଲି । କେବଳ ଗୋଟିଏ ଜାଗା ମୋତେ ମନାଥିଲା । ସେଟା ହେଲା ଉପର ମହଲାର ଗୋଟିଏ କୋଠରୀ । ସେଟା ସବୁବେଳେ ତାଲା ପଡ଼ିଥାଏ । ତା ଭିତରକୁ ଯିବାକୁ ସେ ମୋତେ କିମ୍ବା ଅନ୍ୟ କାହାକୁ ଅନୁମତି ଦିଅନ୍ତି ନାହିଁ । ମୋର ପିଲାଳିଆମନ । ମୁଁ କୌତୂହଳୀ ହୋଇ ଚାବି ଫାଙ୍କ ବାଟେ ଘର ଭିତରକୁ ଚାହେଁ । ଭିତରେ କେବଳ କେତେଗୁଡ଼େ ପୁରୁଣା ଟ୍ରଙ୍କ ଆଉ ଅନାବନା ଜିନିଷ ।

"ଆଉ ଦିନକର କଥା ୧୮୮୩ ଖ୍ରୀଷ୍ଟାବ୍ଦ ମାର୍ଚ୍ଚ ମାସ । କର୍ଣ୍ଣେଲଙ୍କ ଟେବୁଲ୍ ଉପରେ ଗୋଟିଏ ଚିଠି ଥୁଆ ହୋଇଥାଏ । ସେଥିରେ ବିଦେଶର ଡାକମୋହର । ତାଙ୍କ ପାଖକୁ ସାଧାରଣତଃ ଚିଠିପତ୍ର ଆସେ ନାହିଁ । କାରଣ ତାଙ୍କର ବିଲ୍‌ବାବଦ୍‌ରେ ସେ ନଗଦ ପଇସା ପାଆନ୍ତି ଆଉ ତାଙ୍କର ବନ୍ଧୁବାନ୍ଧବ ପ୍ରାୟ ନଥିଲେ । ଚିଠିଟା ନେଇ ସେ କହିଲେ, "ଭାରତରୁ ଆସିଛି ! ପଣ୍ଡିଚେରୀର ଡାକ ମୋହର ଅଛି । ଏଟା କି ଚିଠି ହୋଇ-ପାରେ ?" ସେ ତରତରରେ ଲଫାପାଟା ଖୋଲି ଦେଲେ । ତା ଭିତରୁ ପାଞ୍ଚଖଣ୍ଡ ଶୁଖିଲା କମଳା ତାଙ୍କ ପ୍ଲେଟ୍‌ରେ ଖସି ପଡ଼ିଲା । ମୁଁ ହସିଉଠିଲି । କିନ୍ତୁ ତାଙ୍କ ମୁହଁକୁ ଚାହିଁ ମୋ ହସ ବନ୍ଦ ହୋଇଗଲା । ତାଙ୍କ ଓଠ ମୁହଁ ସବୁ ଶୁଖି ଯାଇଛି, ଆଖି ଦୁଇଟା ପଦାକୁ ବାହାରି ପଡ଼ୁଛି, ଦେହ କଳା ପଡ଼ିଯାଇଛି । ଚିଠିଟା ସେ ହାତରେ ଧରିଥାନ୍ତି ଆଉ ତାଙ୍କ ହାତ ଥରୁଥାଏ । ଆର୍ତ୍ତକଣ୍ଠରେ ଚିତ୍କାର କରି ସେ କହି ଉଠିଲେ, 'କେ, କେ, କେ ! ହେ ଭଗବାନ ! ଶେଷରେ ମୋ ପାପ ମୋତେ ଗ୍ରାସ କରୁଛି ।'

"କଥା କ'ଣ କକେଇ ?" ମୁଁ ପଚାରିଲି ।

Digitized by srujanika@gmail.com

"ମୂର୍ଖ, ଏତକ କହି ସେ ଉଠି ତାଙ୍କ କୋଠରୀକୁ ଚାଲିଗଲେ । ମୁଁ ଭୟରେ ଥରୁଥାଏ । ଟିକିଏ ପରେ ଲଫାପାଟା ନେଇ ଦେଖିଲି । ଭିତର ପାଖେ ସେଉଁଠି ଅଠାଦିଆ ଯାଇଛି ତାର ଠିକ୍ ଉପରକୁ ନାଲି ସ୍ୟାହିରେ 'କେ' ଅକ୍ଷରଟା ତିନିଥର ଲେଖା ହୋଇଛି । ଭିତରେ ସେଇ ପାଞ୍ଚଖଣ୍ଡ ଶୁଖିଲା କମଳା ବ୍ୟତୀତ ଆଉ କିଛି ନ ଥିଲା । ତାଙ୍କର ଏତେ ଭୟଭୀତ ହେବାର କାରଣ କ'ଣ ହୋଇପାରେ ? ମୁଁ ଜଳଖିଆ ଟେବୁଲ ଛାଡ଼ି ଚାଲିଗଲି । ପାହାଚ ଦେଇ ଉପରକୁ ଉଠିଲା ବେଳକୁ ସେ ତଳକୁ ଆସୁଥିଲେ । ତାଙ୍କର ଗୋଟେ ହାତରେ ଗୋଟେ କଳଙ୍କି ଲଗା ଚାବି ଆଉ ଆର ହାତରେ ଗୋଟେ ଛୋଟ ପିତଳ ବାକ୍ସ ।

"ପ୍ରତିଜ୍ଞା କରି ସେ କହିଲେ, 'ସେମାନେ ଯାହା ଇଚ୍ଛା ତା କରନ୍ତୁ । ମୁଁ କିନ୍ତୁ ସବୁ ପଣ୍ଡ କରିଦେବି । ମେରିକୁ କୁହ ମୋ କୋଠରିରେ ଟିକିଏ ନିଆଁ କରିଦେବ ଆଉ ହରସାମ୍‌ର ଓକିଲ ଫୋର୍ଡ଼ହାମ୍‌ଙ୍କୁ ଡକା' ।"

"ମୁଁ ସେଇଆ କଲି । ଓକିଲ ଆସିଲା ପରେ କକେଇ ମୋତେ ତାଙ୍କ କୋଠରୀକୁ ଯିବାକୁ ଡକାଇଲେ । ନିଆଁ ଜୋର୍‌ରେ ଜଳୁଥାଏ । ଚୁଲ୍ହା ଜାଲି ଭିତରେ ମେଞ୍ଚାଏ କଳା ପାଉଁଶ, ପୋଡ଼ା କାଗଜ ପରି ମନେହେଲା । ତା ପାଖରେ ସେଇ ପିତଳ ବାକ୍ସଟା ଖୋଲା ଆଉ ଖାଲି ବାକ୍ସଟା ଆଡ଼କୁ ଚାହିଁ ମୁଁ ଚମକା ପଡ଼ିଲି । ତା ଢାଙ୍କୁଣିରେ ସେଇ 'କେ' ଅକ୍ଷର । ତା ପରେ କକେଇ କହିଲେ, "ଜନ୍, ମୋ ଉଇଲ୍‌ରେ ତୁ ସାକ୍ଷୀ ହେବୁ । ମୋର ସବୁ ସମ୍ପତ୍ତି, ତାର ଭଲ ମନ୍ଦ ମୁଁ ମୋ ଭାଇ, ତୋ ବାପାଙ୍କୁ ଦେଇଯିବି । ତାଙ୍କ ପାଖରୁ ତୁ ସେ ସମ୍ପତ୍ତି ପାଇବୁ । ଯଦି ସୁବିଧାରେ ତାକୁ ଭୋଗକରିପାରିବୁ ତେବେ ଭଲ, ନ ହେଲେ ମୋ ବୋଲମାନି ତୋର ସବୁଠୁ ବଡ଼ ଶତ୍ରୁକୁ ଏ ସମ୍ପତ୍ତି ଦେଇ ଦେବୁ । ତୋତେ ଏପରି ଦୋନା-ମୁଣ୍ଡିଆ ଅବସ୍ଥାରେ ପକାଉ ଥିବାରୁ ମୁଁ ଦୁଃଖିତ । କିନ୍ତୁ ଘଟଣା କି ଆକାର ଧାରଣ କରିବ ମୁଁ କହି ପାରୁନାହିଁ । ସେଇ କାଗଜରେ ମିଷ୍ଟର୍ ଫୋର୍ଡ଼ହାମ୍ ଯେଉଁଠି କହୁଛନ୍ତି ଦସ୍ତଖତ କର ।"

Digitized by srujanika@gmail.com

"ମୁଁ କାଗଜଟାରେ ଦସ୍ତଖତ କଲି ଆଉ ଓକିଲ ସେଟା ନେଇ ଚାଲିଗଲେ । ଏଇ ଅପୂର୍ବ ଘଟଣା ମୋ ମନରେ ନାନା ଆଶଙ୍କାର ଗଭୀର ରେଖାପାତକଲା । ଅବଶ୍ୟ ଦିନ ଗଡ଼ି ଚାଲିବା ସଙ୍ଗେ ସଙ୍ଗେ ଆଶଙ୍କାଟା କମିଗଲା । ଆମର ଦୈନନ୍ଦିନ ଜୀବନରେ ଆଉ କିଛି ଗଣ୍ଡଗୋଳ ଘଟିଲା-ନାହିଁ । ମୁଁ କିନ୍ତୁ ଦେଖିଲି ବାପେଇ ଅନେକ ବଦଳିଯାଇଛନ୍ତି । ସେ ପୂର୍ବ ଅପେକ୍ଷା ଅଧିକ ମଦ ପିଉଥିଲେ ଆଉ କୌଣସି ସାଙ୍ଗ ସାଥି ମୋଟେ ରଖୁନ ଥିଲେ । ଅଧିକାଂଶ ସମୟ ସେ ତାଙ୍କ ଘର ଭିତରେ କବାଟ ବନ୍ଦକରି ରହୁଥିଲେ । ବେଳେ ବେଳେ ସେ ମଦପିଇ ମାତାଲ ପରି ହାତରେ ରିଭଲଭର୍ ଧରି ବଗିଚାରେ ଯାଇ ବୁଲନ୍ତି । ମନକୁ ମନ କହୁଥାନ୍ତି, ସେ କାହାକୁ ଭୟ କରନ୍ତି ନାହିଁ, ମଣିଷ ବା ଶୟତାନ କେହି ତାଙ୍କର କିଛି କରିପାରିବ ନାହିଁ । ଏଇ ଉତ୍ତେଜିତ ଅବସ୍ଥା ଚାଲିଗଲା ପରେ ସେ ପୁଣି ଘର ଭିତରକୁ ଦୌଡ଼ିଯାଇ ଭିତରୁ କବାଟ ବନ୍ଦ କରିଦିଅନ୍ତି—ସତେ ଯେମିତି ତାଙ୍କ ଅନ୍ତରର ଭୟକୁ ସେ ଦୂର କରିପାରୁନାହାନ୍ତି । ଏପରି ଅବସ୍ଥାରେ ମୁଁ ତାଙ୍କୁ ଦେଖିଛି । ଅତି ଥଣ୍ଡାସମୟରେ ମଧ୍ୟ ତାଙ୍କ ମୁହଁରେ ଝାଳ ପୂରିଯାଇଥାଏ ।

"ଏଥର ମୁଁ ଘଟଣାର ଶେଷ କଥା କହୁଛି । ଆପଣ ବି ଖୁବ୍ ଧୈର୍ଯ୍ୟ-ଧରି ମୋ କଥା ଶୁଣିଲେଣି । ଶେଷରେ ଦିନେ ସେ ସେଇମିତି ମାତାଲ ପରି ହଠାତ୍ ଘରୁ ବାହାରିଗଲେ, ଆଉ ଫେରିଲେ ନାହିଁ । ଆମେ ତାଙ୍କୁ ଖୋଜିବାକୁ ଗଲୁ । ଦେଖିଲୁ ବଗିଚା ପାଖେ ଗୋଟେ ଗ୍ରେଟ ଗାଡ଼ିଆରେ ସେ ମୁହଁ ମାଡ଼ି ପଡ଼ିଛନ୍ତି । ଦେହରେ କୌଣସି ଆଘାତର ଚିହ୍ନ ନାହିଁ । ପାଣି ମୋଟେ ଦୁଇଫୁଟ ଗଭୀର । ତାଙ୍କର ଅଦ୍ଭୁତ ହାବଭାବ ଆଗରୁ ତ ଜଣା, ତେଣୁ ବିଚାରକମଣ୍ଡଳୀ ଏହାକୁ ଆତ୍ମହତ୍ୟା ବୋଲି ରାୟ ଦେଲେ । କିନ୍ତୁ ମୁଁ ଜାଣେ ସେ କେମିତି ମରଣ କଥା ଚିନ୍ତାକରି ବିବ୍ରତ ହୋଇ-ଯାଉଥିଲେ । ତେଣୁ ମୋର ଧାରଣା ସେ ଅନ୍ୟ କୌଣସି ପ୍ରକାରେ ମରିଥିଲେ । ଯାହାହେଉ ସେ କଥା ଦୂର ହୋଇଗଲା ଆଉ ମୋ ବାପା

Digitized by srujanika@gmail.com

ସମ୍ପତ୍ତିର ଅଧିକାରୀ ହେଲେ । ତା ଛଡ଼ା ବ୍ୟାଙ୍କରେ କକେଇଙ୍କର ଥିବା ଚଉଦ ହଜାର ପାଉଣ୍ଡ ବି ସେ ପାଇଲେ ।"

"ଗୋଟେ ମିନଟ୍", ହୋମସ୍ କହିଲେ "ଦେଖୁଛି ଆପଣଙ୍କ କଥା ଖୁବ୍ ଅସାଧାରଣ । ଆପଣଙ୍କ କକେଇ କେତେ ତାରିଖରେ ସେ ଚିଠି ପାଇଲେ ଆଉ କେତେ ତାରିଖରେ ତାଙ୍କର ମୃତ୍ୟୁ ହେଲା କହନ୍ତୁ ।"

"ଚିଠିଟା ପହଞ୍ଚିଲା ୧୮୮୩ ମସିହା ମାର୍ଚ୍ଚ ଦଶ ତାରିଖରେ । ତାଙ୍କର ମୃତ୍ୟୁ ହେଲା ସାତ ସପ୍ତାହପରେ, ମେ ମାସ ଦୁଇତାରିଖ ରାତିରେ ।"

"ଧନ୍ୟବାଦ । ଏଥର କହନ୍ତୁ ।"

"ମୋ ବାପା ହରସାମ୍ ସମ୍ପତ୍ତି ପାଇଲାପରେ ଆମେ ଉପର ମହଲାର ବନ୍ଦ ଥିବା ଘରଟା ଖୋଲି ଠିକଣାଖି କରି ଦେଖିଲୁ । ସେ ପିତ୍ତଳ ବାକ୍ସଟା ସେ ଘରେ ଥିଲା । ଅବଶ୍ୟ ତା ଭିତରେ ଆଗରୁ ଯାହାଥିଲା ସେ ସବୁ ନଷ୍ଟ ହୋଇ ଯାଇଥିଲା । ଡାଙ୍କୁଣିର ଭିତର ପାଖେ ଖଣ୍ଡେ କାଗଜ ଛପାଯାଇ ଥିଲା । ସେଥିରେ 'କେ, କେ, କେ' ଲେଖାଥିଲା । ତା ତଳକୁ ଲେଖାଥିଲା, 'ଚିଠିପତ୍ର, ସଂକ୍ଷିପ୍ତ ବିବରଣୀ, ରସିଦ, ଗୋଟେ ରେଜିଷ୍ଟର୍ ।' ଆମେ ବୁଝିଲୁ ଏଇ ସବୁ କାଗଜ କର୍ଣ୍ଣେଲ୍ ଓପେନସ୍ ନଷ୍ଟ କରି ଦେଇଛନ୍ତି । ଘର ଭିତରେ ଆଉ ଯାହା ସବୁଥିଲା ସେ ସେମିତି ଗୁରୁତ୍ୱପୂର୍ଣ୍ଣ ନୁହେଁ । କେବଳ କେତେଗୁଡ଼େ କାଗଜ ଆଉ ନୋଟ୍ ବହି ଏଣେତେଣେ ପଡ଼ିଥିଲା । ନୋଟ୍ ବହିରେ ତାଙ୍କ ଆମେରିକା ରହଣି ସମୟର ଘଟଣା ସବୁ ଲେଖାଥିଲା । ଅଧିକାଂଶ ଯୁଦ୍ଧ ସମୟର ଘଟଣା ।

"ସେ ଯାହାହେଉ, ୧୮୮୪ ମସିହା ଆରମ୍ଭରେ ମୋ ବାପା ଆସି ହରସାମ୍‌ରେ ରହିଲେ । ୧୮୮୫ ମସିହା ଜାନୁଆରୀ ମାସଯାଏ ସବୁ ସୁରୁଖୁରୁରେ ଚାଲିଲା । ନୂଆ ବର୍ଷର ଚତୁର୍ଥ ଦିନ । ଆମେ ଜଳଖିଆ ଖାଇ ବସିଥାଉ । ହଠାତ୍ ବାପା ବିସ୍ମୟରେ ଚିତ୍କାର କରିଉଠିଲେ । ଦେଖିଲି ସେ ଗୋଟେ ହାତରେ ଗୋଟେ ଖୋଲା ଲଫାପା ଆଉ ଆରହାତରେ ପାଞ୍ଚଖଣ୍ଡ ଶୁଖିଲା କମଳା ଧରିଛନ୍ତି । ଆଗରୁ ମୁଁ କକେଇଙ୍କ ବିଷୟରେ ଏ କଥା କହିଲାବେଳେ ସେ ତାକୁ ହସରେ ଉଡ଼ାଇ ଦେଉଥିଲେ । କିନ୍ତୁ ବର୍ତ୍ତମାନ

Digitized by srujanika@gmail.com

ସେ ବଡ଼ ବିବ୍ରତ ଆଉ ଭୀତ ଦେଖାଯାଉଥାନ୍ତି । ତାଙ୍କ ପାଇଁ ବି ସେଇ ଏକା ଘଟଣା ଆସି ପହଞ୍ଚିଲାଣି । ଖନେଇ ଖନେଇ ସେ କହିଲେ, 'ଏ ସବୁର ଅର୍ଥ କ'ଣ ଜନ୍' ?

"ମୁଁ ବି ଖୁବ୍ ଭୟଭୀତ ହୋଇ ଯାଇଥିଲି । କହିଲି, 'ଏ କ'ଣ ସେଇ 'କେ, କେ, କେ' ।

"ସେ ଲଫାପା ଭିତରଟା ଦେଖିଲେ । କହିଲେ, 'ହଁ ଏଇତ ସେ ଅକ୍ଷରଗୁଡ଼ା । କିନ୍ତୁ ତା ଉପରକୁ ଏ କ'ଣ ଲେଖା ହୋଇଛି ?'

"ମୁଁ ପଢ଼ିଲି, ଲେଖାଥିଲା 'କାଗଜଗୁଡ଼ା ସୂର୍ଯ୍ୟ ଘଣ୍ଟା (Sundial) ଉପରେ ରଖିଦିଅ ।'

"କି କାଗଜ ? କି ସୂର୍ଯ୍ୟ ଘଣ୍ଟା ?"—ସେ ପଚାରିଲେ ।

"ସୂର୍ଯ୍ୟ ଘଣ୍ଟାତ କେବଳ ବଗିଚାରେ ଅଛି । ଆଉ କାଗଜ ବୋଧହୁଏ ସେଇଁଗୁଡ଼ା କେକେଇ ନଷ୍ଟକରି ଦେଇଛନ୍ତି ।"

"ଓଃ, ଏଇଆ !" ସେ ମନରେ ସାହାସ ବାନ୍ଧି କହିଲେ । "ଆମେ ସଭ୍ୟ ଦେଶର ଆଉ ସଭ୍ୟଯୁଗର ମଣିଷ । ଏଗୁଡ଼ା ସବୁ ବାଜେ କଥା । ଆମକୁ ବୋକା ବନେଇବା ଏତେ ସହଜ ନୁହେଁ । ଆଚ୍ଛା ଚିଠିଟା ଆସିଛି କେଉଁଠୁ ?" ମୁଁ ତାକ ମୋହରଟା ଦେଖି କହିଲି, "ଡଣ୍ଡିରୁ ।"

"ଏଇଟା ଗୋଟେ ଯୁକ୍ତିହୀନ ରହସ୍ୟ ମାତ୍ର । ମୋର ସୂର୍ଯ୍ୟଘଣ୍ଟା, କାଗଜପତ୍ର ସାଥିରେ କି ସମ୍ବନ୍ଧ ? ମୁଁ ଏ ମୂଲ୍ୟହୀନ ବାଜେକଥା ଗୁଡ଼ାକ ଶୁଣିବାକୁ ଯିବନାହିଁ ।" ବାପା କହିଲେ ।

"ମୁଁ କିନ୍ତୁ ପୋଲିସକୁ ଏ ବିଷୟରେ ଖବର ଦେବି ।"

"ଆଉ ସେମାନେ ହସି ଉଡ଼େଇ ଦେବେ । ସେସବୁ କିଛି ଦର୍କାର ନାହିଁ । ଏଇ ବାଜେକଥା ନେଇ ଗୋଟେ ହାଟ ବସେଇବାକୁ ମୁଁ ଚାହେଁନା ।"

ବାପା ଭାରି ଏକଜିଦିଆ ଲୋକ । ଦେଖିଲି ତାଙ୍କ ସାଥିରେ ଯୁକ୍ତି କରିବା ବୃଥା । ମୋ ମନରେ କିନ୍ତୁ ସବୁବେଳେ ଅମଙ୍ଗଳର ଆଶଙ୍କା ରହିଲା । ଚିଠି ଆସିବାର ସନ୍ଧାନ ପାଇବା କଥା । ବାପାଙ୍କର ଜଣେ ସାଙ୍ଗ ମେଜର

Digitized by srujanika@gmail.com

ଫ୍ରିବଡ଼ି ପୋର୍ଟସ୍ ଡାଉନ୍‌ରେ ଗୋଟେ ସେନାଶ୍ରେଣୀର ସେନାପତି । ବାପା ତାଙ୍କ ପାଖକୁ ବୁଲିବାକୁ ଗଲେ । ସେ ବୁଲିଯିବାରେ ମୁଁ ବି ଖୁସିଥିଲି । କାରଣ ମୁଁ ଜାଣିଥିଲି ଯେ ସେ ଘରୁ ବାହାରକୁ ଗଲେ ବିପଦର ଭୟ କମ୍ । କିନ୍ତୁ ମୋ ଭାବନାଟା ପୂରା ଭୁଲ୍ ହେଲା । ସେ ଯିବାର ଦୁଇଦିନ ପରେ ମୁଁ ମେଜରଙ୍କ ପାଖରୁ ଗୋଟେ ଟେଲିଗ୍ରାମ ପାଇଲି । ଚଞ୍ଚଳ ଯିବାପାଇଁ ସେ ଲେଖିଥିଲେ । କାରଣ ସେଇ ପାଖରେ ଥିବା ଚକ୍ ଗାତ ଭିତରୁ ଗୋଟାକରେ ଖସିପଡ଼ି ବାପା ଅଜ୍ଞାନ ହୋଇ ପଡ଼ିଥିଲେ । ତାଙ୍କ ମୁଣ୍ଡ ଫାଟିଯାଇଥିଲା । ମୁଁ ଖୁବ୍ ତରତରରେ ସେଠିକି ଗଲି; କିନ୍ତୁ ବାପାଙ୍କର ଆଉ ଜ୍ଞାନ ଫେରିଲା ନାହିଁ । ସେ ଚାଲିଗଲେ । ଦେଖାଗଲା ଯେ ସେ ଫେୟାରହାମ୍‌ରୁ ବେଲକୁଡ଼କୁ ଫେରୁଥିଲେ । ସେ ରାସ୍ତାରେ ସେ ପରିଚିତ ନୁହନ୍ତି । ଚକ୍ ଗାତ ଘରପାଖରେ ଘଟିଛି । ମୁଁ ତାଙ୍କ ମୃତ୍ୟୁ ସହିତ ସମ୍ପୃକ୍ତ ସବୁ ଘଟଣାକୁ ଭଲଭାବେ ପରୀକ୍ଷା କରି ଦେଖିଲି; କିନ୍ତୁ ତାଙ୍କୁ ହତ୍ୟା କରାଯାଇଥିବାର କୌଣସି ସୂଚନା ପାଇଲି ନାହିଁ । ତାଙ୍କ ଦେହରେ ଆଘାତର ଚିହ୍ନ ନଥିଲା । ସେଠି କାହାର ପାଦଚିହ୍ନ ନଥିଲା । ତାଙ୍କ ପାଖରୁ କିଛି ଜିନିଷ ଚୋରି ହୋଇନାହିଁ । ରାସ୍ତାରେ କୌଣସି ଅଜଣା ଲୋକ ବି ଦେଖା ଯାଇନାହାନ୍ତି । ତଥାପି ମୋ ମନରେ ସନ୍ଦେହ ରହିଲା । ମୁଁ ପ୍ରାୟ ନିଶ୍ଚିତ ହୋଇଗଲି ଯେ ତାଙ୍କ ବିରୁଦ୍ଧରେ ଗୋଟାଏ ଷଡ଼ଯନ୍ତ୍ର ହୋଇଥିଲା ।

ଏଇପରି ଅଶୁଭ ପରିସ୍ଥିତିରେ ମୁଁ ସେ ସମ୍ପତ୍ତିର ଉତ୍ତରାଧିକାରୀ ହେଲି । ଆପଣ ପଚାରି ପାରନ୍ତି, ମୁଁ କାହିଁକି ସେ ସମ୍ପତ୍ତି ଛାଡ଼ି ନଦେଲି ? ଦେଖନ୍ତୁ, ମୁଁ ନିଶ୍ଚିତ ଭାବେ ବୁଝିଥିଲି ଯେ ମୋ କକେଇଙ୍କ ଜୀବନର କୌଣସି ଗୋଟେ ଘଟଣା ହେଲା ଏ ବିପଦର କାରଣ । ତେଣୁ ଯେଉଁଠି ରହିଲେ ମଧ୍ୟ ବିପଦର ସମ୍ଭାବନା ସମାନ । ମୋ ବାପା ୧୮୮୫ ମସିହା ଜାନୁୟାରୀ ମାସରେ ମଲେ । ତା'ପରେ ଦୁଇବର୍ଷ ଆଠମାସ ବିତିଗଲା । ମୁଁ ହରସାମ୍‌ରେ ବେଶ୍ ଖୁସିରେ ରହିଲି । ମନେ ମନେ ଭାବିଲି ଆମ ପରିବାର ଉପରୁ ଏ ଅଭିଶାପ ଦୂର ହୋଇଯାଇଛି । ମୋର ପୂର୍ବ ବଂଶଧରଙ୍କଠାରେ

Digitized by srujanika@gmail.com

ତାହା ଶେଷ ହୋଇ ଯାଇଛୁ । ମୁଁ ବେଶ୍ ନିଶ୍ଚିନ୍ତ ହୋଇଗଲି । ମାତ୍ର ଗଲା କାଲି ସେ ଆଘାତ ପୁଣି ଆସି ପହଞ୍ଚିଛୁ ।

ଯୁବକ ତାଙ୍କ ପକେଟରୁ ଖଣ୍ଡେ ଲଫାପା ବାହାର କଲେ । ଟେବୁଲ୍ ଉପରେ ତାକୁ ଥାଡ଼ଦେଲେ । ପାଞ୍ଚଖଣ୍ଡ ଶୁଖିଲା କମଳା ସେଥିରୁ ପଡ଼ିଗଲା । ସେ କହିଲେ, "ଏଇ ଦେଖନ୍ତୁ ଲଫାପାଟା । ଲଣ୍ଡନ ପୂର୍ବ ଭାଗର ଡାକ ମୋହର ଅଛୁ । ମୋ ବାପାଙ୍କ ଚିଠିରେ ଯାହା ଲେଖାଥିଲା ଏଥିରେ ବି ସେଇଆ ଅଛୁ—କେ, କେ, କେ । କାଗଜଗୁଡ଼ା ସୂର୍ଯ୍ୟ ଘଣ୍ଟା ଉପରେ ରଖିଦିଅ ।"

"ତୁମେ ଏ ବିଷୟରେ କ'ଣ କରିଛ ?" ହୋମସ୍ ପଚାରିଲେ ।

"କିଛି ନାହିଁ ।"

"କିଛି ନାହିଁ ?"

ଦୁଇ ପାପୁଲିରେ ମୁହଁ ରଖି ସେ କହିଲେ, "ସତ କହିବାକୁ ଗଲେ ମୁଁ ବଡ଼ ହତାଶ ହୋଇପଡ଼ିଲି । ସାପ ମୂଷାକୁ ଗୋଡ଼େଇଲେ ସେ ଯାହା ହୁଏ ମୋ ଅବସ୍ଥା ଠିକ୍ ସେଇପରି । ଏ ବିପଦରୁ ରକ୍ଷା ପାଇବା ପାଇଁ ମୋ'ର କିଛି ଉପାୟ ନାହିଁ ।"

"ଆହା, ଏଟା ହତାଶ ହେବାର ସମୟ ନୁହେଁ । ତୁମକୁ କିଛିନାକିଛି କରିବାକୁ ପଡ଼ିବ । ମନରେ ଦମ୍ଭ ଧର । ନହେଲେ ତୁମ କଥା ଶେଷ ହୋଇଯିବ ।"

"ମୁଁ ପୋଲିସକୁ ଏ କଥା କହିଥିଲି ।"

"ଆଚ୍ଛା, ଆଚ୍ଛା !"

"ସେମାନେ କିନ୍ତୁ ମୋ କଥାକୁ ହସରେ ଉଡ଼େଇ ଦେଲେ । ଇନସ୍-ପେକ୍ଟରଙ୍କ ମତ ଯେ ଏଇଟା ଗୋଟେ ରହସ୍ୟ ମାତ୍ର, ଆଉ ମୋର ବାପା ଜେକେଇଙ୍କ ମୃତ୍ୟୁ ପ୍ରକୃତରେ ଦୁର୍ଘଟଣାଜନିତ । ଚିଠି ସାଥିରେ ତା'ର ସମ୍ବନ୍ଧ ନାହିଁ ।"

ହୋମସ୍ ଉପରକୁ ହାତମୁଠା ଉଠାଇ କହିଲେ, "ମୂର୍ଖ, ନପୁଂସକ-ଗୁଡ଼ା ।"

Digitized by srujanika@gmail.com

"ଯାହାହେଉ ଘରେ ମୋ ପାଖରେ ରହିବା ପାଇଁ ସେମାନେ ଜଣେ ପୋଲିସ୍ ଦେଇଛନ୍ତି ।"

"ସେ ତୁମ ସାଥିରେ ଆସିଛି ?"

"ନା, ସେ ଘରେ ରହିବାପାଇଁ ହୁକୁମ୍ ପାଇଛି ।"

ପୁଣି ହୋମସ୍‌ଙ୍କ ହାତମୁଠା ଉପରକୁ ଉଠିଗଲା । ସେ କହିଲେ, "ତେବେ ତୁମେ ମୋ ପାଖକୁ ଆସିଲ କାହିଁକି ? ଯଦିବା ଆସିଲ ସାଙ୍ଗେ ସାଙ୍ଗେ ନଆସିଲ କାହିଁକି ?"

"ମୁଁ ଜାଣିନଥିଲି । ଆଜି ମୋର ଜଣେ ବନ୍ଧୁଙ୍କ ସାଥିରେ ଏ ବିଷୟ କଥାବାର୍ତ୍ତା କରୁଥିଲି । ଆପଣଙ୍କ ପାଖକୁ ଆସିବାକୁ ସେ ମୋତେ ଉପଦେଶ ଦେଲେ ।"

"ତୁମେ ଚିଠିଟା ପାଇବାପରେ ପୂରା ଦୁଇଦିନ ବିତିଗଲାଣି । ଆମର ଆହୁରି ଆଗରୁ କାମ କରିବାର ଥିଲା । ତୁମେ ଆମକୁ ଯାହାସବୁ କହିଲ ତା ବ୍ୟତୀତ ବୋଧହୁଏ ଆଉ କିଛି ତଥ୍ୟ ନାହିଁ । ଆଉ କିଛି ବିବରଣୀ ଯାହା ଆମକୁ ସାହାଯ୍ୟ କରିପାରେ ?"

"ହଁ, ଆଉ ଗୋଟେ ଜିନିଷ ।" ସେ ତାଙ୍କ କୋଟ୍ ପକେଟରୁ ଖଣ୍ଡେ ମଇଳା କାଗଜ ବାହାର କଲେ । ସେ ଖଣ୍ଡ ଟେବୁଲ୍ ଉପରେ ଥୋଇ ସେ କହିଲେ, "ମୋର ମନେପଡ଼ୁଛି, ଯେଉଁଦିନ ଜେକେଇ କାଗଜଗୁଡ଼ା ପୋଡ଼ିଦେଲେ ମୁଁ ଦେଖିଲି କେତେଖଣ୍ଡ ଟୁକୁରା କାଗଜ ନ ପୋଡ଼ି ପାଉଁଶ ପାଖରେ ପଡ଼ିଥିଲା । ସେସବୁ ଏଇ ରଙ୍ଗର । ତାଙ୍କ ଘର ମେଜିଆ ଉପରୁ ମୁଁ ଏ ଖଣ୍ଡିକ ପାଇଲି । ଏ ଖଣ୍ଡିକ ସେସବୁ କାଗଜ ଭିତରୁ କେମିତି ପଡ଼ିଯାଇଥିଲା । ମୁଁ ଭାବୁଛି ଏଇଟି କୌଣସି ଡାଏରୀର ଅଂଶ । ଲେଖାଟା ନିଃସନ୍ଦେହରେ ମୋ ଜେକେଇଙ୍କର ।"

ହୋମସ୍ ଲମ୍ପଟାକୁ ଟିକିଏ ପାଖକୁ ଟାଣି ଆଣିଲେ । ଆମେ ନଇଁପଡ଼ି କାଗଜଟି ଦେଖିଲୁ । କାଗଜର ଗୋଟେ ଧାରରୁ ଜଣାଯାଉଥିଲା ଯେ ସେଇଟି କୌଣସି ବହିରୁ ଚିରାଯାଇଛି । ଉପରେ ୧୮୬୯ ମସିହା ମାର୍ଚ୍ଚ ମାସର ତାରିଖ । ତା ତଳେ ପହେଳିକାପରି ଲେଖାଥିଲା :

Digitized by srujanika@gmail.com

"୪. ହଡ୍‌ସନ୍ ଆସିଲେ । ସେଇ ପୁରୁଣା ପ୍ଲାଟ୍‌ଫର୍ମ ।"

"୭. ମାକ୍‌ଲେ, ପାରମୋର୍, ଆଉ ଜନ୍‌ସ୍ୱାନ୍‌ଙ୍କଠାରେ ଏଇଖଣ୍ଡ ପ୍ରୟୋଗ କରାଗଲା । ସମସ୍ତେ ଅଗଷ୍ଟାଇନ୍‌ର ।"

"୯. ମାକ୍‌ଲେ ସଫା ।"

"୧୦. ଜନ୍‌ସ୍ୱାନ୍ ସଫା ।"

"୧୨. ପାରମୋର୍‌କୁ ଦେଖାଗଲା । ସବୁ ଠିକ୍ ।"

ହୋମସ୍ କାଗଜ ଖଣ୍ଡ ଭାଙ୍ଗି ଯୁବକଙ୍କୁ ଫେରାଇ ଦେଇ କହିଲେ, "ଧନ୍ୟବାଦ, ତୁମେ ଆଉ ମୁହୂର୍ତ୍ତେ ଡେରି କରନା । ତୁମେ ଯାହାସବୁ କହିଲ ତାକୁ ଆଲୋଚନା କରିବାକୁ ବି ଏବେ ସମୟ ନାହିଁ । ତୁମେ ଶୀଘ୍ର ଘରକୁ ଫେରିଯାଇ କାମରେ ଲାଗିପଡ଼ ।"

"କିନ୍ତୁ ମୁଁ କ'ଣ କରିବ ?"

"ଗୋଟିଏମାତ୍ର କାମ କରିବାର ଅଛି । ତୁରନ୍ତ ତାହା କରିବାକୁ ହେବ । ଏଇ କାଗଜଖଣ୍ଡ ନେଇ ସେଇ ପିତଳ ବାକ୍‌ସରେ ରଖିଦେବ । ଆଉଖଣ୍ଡେ କାଗଜରେ ଲେଖିଦେବ ଯେ ଅନ୍ୟସବୁ କାଗଜ ତୁମ ଜେଜେଇ ପୋଡ଼ି ଦେଇଛନ୍ତି, କେବଳ ଏଇ ଖଣ୍ଡକ ଅଛି । ତୁମ ଲେଖାଟା ଏମିତି ହବ, ଯେପରି କି ସେମାନେ ବିଶ୍ୱାସ କରିବେ । ତା'ପରେ ବାକ୍‌ସଟା ନେଇ ସେଇ ସୂର୍ଯ୍ୟଘଣ୍ଟା ଉପରେ ରଖିଦେବ । ବୁଝିଲ ତ ?"

"ହଁ, ବୁଝିଲି ।"

"ବର୍ତ୍ତମାନ ପ୍ରତିଶୋଧ ନେବାକଥା ମୋଟେ ଚିନ୍ତା କରନାହିଁ । ଆମେ ଆଇନ ବଳରେ ତା' କରିପାରିବା ବୋଲି ମୋର ଆଶା । କିନ୍ତୁ ଆମକୁ ଆମର ଜାଲ ବୁଣିବାକୁ ହେବ । ସେମାନେ ତାଙ୍କ ଜାଲ ବୁଣି ସାରିଛନ୍ତି । ପ୍ରଥମ କାମ ହେଲା, ତୁମ ଉପରେ ଯେଉଁ ବିପଦର ଆଶଙ୍କା ଅଛି ତାକୁ ଦୂରକରିବା । ଦ୍ୱିତୀୟ କାମ ହେଲା ରହସ୍ୟ ଉଦ୍‌ଘାଟନ କରିବା ଆଉ ଦୋଷୀକୁ ଦଣ୍ଡଦେବା ।"

Digitized by srujanika@gmail.com

ଯୁବକ ଉଠି ଓଭରକୋଟ୍‌ଟା ପିନ୍ଧୁ ପିନ୍ଧୁ କହିଲେ, "ଧନ୍ୟବାଦ ଆଜ୍ଞା ! ଆପଣ ଜାଣି ମୋତେ ନୂଆ ଆଶା ଆଉ ଜୀବନ ଦେଲେ । ମୁଁ ଆପଣଙ୍କ ଉପଦେଶ ଅନୁସାରେ କାମ କରିବ ।"

"ଆଉ ମୁହୂର୍ତ୍ତେ ସମସ୍ତ ନଷ୍ଟ କରନାହିଁ । ବିଶେଷତଃ ଏ ଭିତରେ ନିଜ ପ୍ରତି ଦୃଷ୍ଟି ରଖିଥିବ । କାରଣ ମୁଁ ଭାବୁଛି ତୁମଉପରେ ଏକ ଭୟଙ୍କର ବିପଦର ସମ୍ଭାବନା ଅଛି । ଆଚ୍ଛା, ତୁମେ ଯିବ କେମିତି ?"

"ୱାଟରଲୁ ଷ୍ଟେସନରୁ ଟ୍ରେନ୍‌ରେ ଯିବ ।"

"ଏବେ ତ ନଅଟା ବାଜିନାହିଁ । ରାସ୍ତାରେ ବି ଗହଳି ଥିବ । ତେଣୁ ତୁମେ ନିରାପଦରେ ଯାଇ ପାରିବାର ଆଶା । ତଥାପି ତୁମେ ନିଜକୁ ସହଜରେ ରକ୍ଷା କରିପାରିବନାହିଁ ।"

"ମୋ ପାଖରେ ରିଭଲ୍‌ଭର୍ ଅଛି ।"

"ତେବେ ଠିକ୍ ଅଛି । କାଲି ମୁଁ ମୋ କାମ ଆରମ୍ଭ କରିବ ।"

"ତା'ହେଲେ କାଲି ହରସାମ୍‌ରେ ଦେଖାହେବ ?"

"ନା, ତୁମ ସମସ୍ୟାର ମୂଳ ଏଇ ଲଣ୍ଡନ ସହରରେ ଅଛି । ମୁଁ ଏଇଠି ତାକୁ ଖୋଜି ବାହାର କରିବ ।"

"ମୁଁ ତେବେ ଦିନେ ଦୁଇଦିନ ପରେ ଆପଣଙ୍କ ପାଖକୁ ଆସିବ । ବାକ୍ସ ଆଉ କାଗଜ ବିଷୟରେ ଖବର କହିବ । ମୁଁ ପ୍ରତି କଥାରେ ଆପଣଙ୍କ ଉପଦେଶ ନେବ ।"

ସେ ଆମଠୁ ବିଦାୟ ନେଇ ଚାଲିଗଲେ । ବାହାରେ ସେଇପରି ପବନ ଗର୍ଜୁଥାଏ ଆଉ ମେଘ ବର୍ଷୁଥାଏ । ଜଣାଗଲା ଏଇ ଅଦ୍ଭୁତ ଭୟଙ୍କର କାହାଣୀ ସତେ ଯେମିତି ପାଗଳ ପ୍ରକୃତି ଭିତରେ ପ୍ରବଳ ବାତ୍ୟାରେ ସମୁଦ୍ର ଗର୍ଭରୁ ଆମ ପାଖକୁ ଉଡ଼ିଆସିଛି । ଶେଷରେ ହୋମସ୍ କହିଲେ, "ମୁଁ ଭାବୁଛି ୱାଟ୍‌ସନ୍, ଆମ କେଶ୍‌ଗୁଡ଼ିକ ଭିତରେ ଏମିତି ବିଚିତ୍ର, କଳ୍ପନାତୀତ କେଶ୍ ନାହିଁ ।"

"ତୁମେ ଏ ବିଷୟରେ କିଛି ନିର୍ଦ୍ଦିଷ୍ଟ ଧାରଣା କରିପାରିଛ ? ଏଇ ସଙ୍କଟ ସବୁ କ'ଣ ?"

Digitized by srujanika@gmail.com

"ସଙ୍କଟ ଯେ ଅତି ଭୟଙ୍କର ସେଥିରେ ସନ୍ଦେହ ନାହିଁ ।"

"ତା'ହେଲେ ଯେ ସଙ୍କଟ ସବୁ କ'ଣ ? ଏଇ କେ, କେ, କେ, କଏ ଆଉ ଯେ କାହିଁକି ଏଇ ପରିବାର ପଛରେ ଲାଗିଛି ?"

ପାଖ ଥାକରୁ ଆମେରିକା ଜ୍ଞାନକୋଷର 'କେ' ଅକ୍ଷର ଖଣ୍ଡଟି ଉଠାଇ ଆଣି ସେ କହିଲେ—"ଏଇ କେଶ୍ କଥା ଭାବିବାକୁ ହେଲେ ଆମ ପାଖରେ ଯାହା କିଛି ତଥ୍ୟ ଅଛି ତାକୁ ସବୁ ଆମେ ଏକାଠି କରିବା ଆବଶ୍ୟକ । ପରିସ୍ଥିତିଟାକୁ ଆଲୋଚନା କରିବା ଆଉ ଦେଖିବା ସେଥିରୁ ଆମେ କି ସିଦ୍ଧାନ୍ତ ପାଇପାରୁଛେ । ପ୍ରଥମେ ଆମକୁ ନିଶ୍ଚିତଭାବେ ଧରିନେବାକୁ ହେବ ଯେ କର୍ଣ୍ଣେଲ ଓପେନ୍‌ସ ଆମେରିକା ଛାଡ଼ିବା ପଛରେ କିଛି ଗୂଢ଼ କାରଣ ରହିଛି । ଇଂଲଣ୍ଡରେ ସେ ଖୁବ୍ ନିରୋଳାରେ ରହିବାକୁ ଅତି ଭଲ ପାଉଥିଲେ । ସେଥିରୁ ଜଣାଯାଉଛି ଯେ ସେ କୌଣସି ଲୋକ ବା କୌଣସି ଜିନିଷକୁ ଭୟ କରୁଥିଲେ । ତେଣୁ ଆମେ ସ୍ୱୀକାର କରିନେବା ଯେ କୌଣସି ଲୋକ ବା କୌଣସି ଜିନିଷର ଭୟ ତାଙ୍କୁ ଆମେରିକାରୁ ତଡ଼ି ଦେଇଛି । କାହାକୁ ସେ ଭୟ କରୁଥିଲେ ସେକଥା ଆମେ ତାଙ୍କ ପାଖକୁ ଆଉ ତାଙ୍କ ଉତ୍ତରାଧିକାରୀଙ୍କ ପାଖକୁ ଆସିଥିବା ଚିଠିରୁ ବାହାର କରିବା । ତୁମେ ଚିଠିଗୁଡ଼ାକର ଡାକ ମୋହରକୁ ଲକ୍ଷ୍ୟକରିଛ ?"

"ହଁ, ପ୍ରଥମଟା ପଣ୍ଡିଚେରି, ଦ୍ୱିତୀୟଟା ଡଣ୍ଡି ଆଉ ତୃତୀୟଟା ଲଣ୍ଡନ ।"

"ଖାଲି ଲଣ୍ଡନ ନୁହେଁ, ପୂର୍ବ ଲଣ୍ଡନ । ଏଥିରେ ତୁମେ କ'ଣ ଅନୁମାନ କରୁଛ ?"

"ସେ ସବୁ ଜାହାଜ ବନ୍ଦର । ଚିଠିର ଲେଖକ କୌଣସି ଜାହାଜରୁ ଲେଖିଛି ।"

"ଚମତ୍କାର । ଆମେ ତେବେ ଗୋଟେ ସୂତ୍ର ପାଇଗଲେ । ଲେଖକ ଯେ ଜାହାଜରୁ ଚିଠି ଲେଖିଛି ଏଥିରେ ସନ୍ଦେହ ନାହିଁ । ଏଥର ଆଉଗୋଟେ କଥା ବିଚାର କରିବା । ପଣ୍ଡିଚେରିରୁ ଆମନ ଆସିବା ପରେ ମାତ୍ର ସପ୍ତାହ ବିତିଗଲା । ତାପରେ ସେମାନେ ତାଙ୍କ କାମ କରି ନେଲେ । ଡଣ୍ଡିରୁ

Digitized by srujanika@gmail.com

କିନ୍ତୁ, ଚିଠି ଆସିବାର ମୋଟେ ତିନି ସପ୍ତାହ ପରେ ଘଟଣା ଘଟିଲା । ଏଥିରୁ କିଛି ବୁଝିପାରୁଛ ?"

"ହଁ, ସେମାନଙ୍କୁ ବହୁତ ଦୂରରୁ ଆସିବାକୁ ହୋଇଛି ।"

"କିନ୍ତୁ ଚିଠିଟା ବି ତ ବହୁତ ଦୂରରୁ ଆସିଛି ।"

"ତାହେଲେ ମୁଁ ଆଉ କିଛି ଜାଣିପାରୁନାହିଁ ।"

"ଗୋଟେ କଥା ଅନ୍ତତଃ ଅନୁମାନ କରାଯାଇପାରେ । ଏଇ ଲୋକ ବା ଲୋକମାନେ ଯେଉଁ ଜାହାଜରୁ ଚିଠି ଦେଇଛନ୍ତି ତାହା ପାଲ୍‌ଟଣା ଜାହାଜ । ଦେଖାଯାଉଛି ଯେ ସେମାନେ ତାଙ୍କ ଉଦ୍ଦେଶ୍ୟ ପୂର୍ଣ୍ଣ କରିବା ପୂର୍ବରୁ ଆଗେ ଆଗେ ଏ ଚିଠି ପଠାଉଛନ୍ତି । ତେଣୁ ତଣ୍ଡିରୁ ଚିଠିଟା ଆସିବାର ଖୁବ୍ କମ୍ ସମୟ ପରେ କାମଟା ସେମାନେ କରି ନେଇଛନ୍ତି । ସେମାନେ ପଣ୍ଡିଚେରିରୁ ଯଦି ବାଷ୍ପୀୟ ଜାହାଜରେ ଆସିଥାନ୍ତେ ତେବେ ତାଙ୍କ ଚିଠି ପହଞ୍ଚିବା ସାଙ୍ଗେ ସାଙ୍ଗେ ସେମାନେ ବି ପହଞ୍ଚିଥାନ୍ତେ । କିନ୍ତୁ ସାତ ସପ୍ତାହ ବିତିଗଲା । ମୁଁ ଭାବୁଛି ଚିଠିଟା ଡାକ ଜାହାଜରେ ଆସିଛି ଆଉ ଚିଠି ଲେଖକ ପାଲ୍‌ଟଣା ଜାହାଜରେ ଆସିଛି । ତେଣୁ ଏ ସାତ ସପ୍ତାହର ବ୍ୟବଧାନ ।"

"ତା ସମ୍ଭବ ।"

"ସମ୍ଭବ ନୁହେଁ ଏକ ପ୍ରକାର ନିଶ୍ଚିତ । ତେଣୁ ବର୍ତ୍ତମାନ କେଶ୍‌ଟା କେତେ ଜରୁରୀ ତୁମେ ଜାଣି ପାରୁଥିବ । ସେଥିପାଇଁ ମୁଁ ତରୁଣ ଓପେନସଙ୍କୁ ସାବଧାନ କରି ଦେଇଛି । ଏଥର ଚିଠିଟା ଲଣ୍ଡନରୁ ଆସିଛି । ତେଣୁ ସେମାନଙ୍କର ବିଳମ୍ବ ହେବ ବୋଲି ଆଶା କରାଯାଇପାରେନା ।"

"ହେ ଭଗବାନ ! ଏଇ ନିଷ୍ଠୁର ହତ୍ୟାର ଉଦ୍ଦେଶ୍ୟ କ'ଣ ?"

"ଓପେନସ ଯେଉଁ କାଗଜଗୁଡ଼ା ନେଇ ଆସିଥିଲେ ସେଗୁଡ଼ା ଏଇ ଲୋକ ବା ଲୋକମାନଙ୍କ ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ । ମୁଁ ଭାବୁଛି ଏହା ଜଣେ ଲୋକର କାମ ନୁହେଁ । ଏଥିରେ ନିଶ୍ଚୟ ଏକାଧିକ ଲୋକ ଅଛନ୍ତି । ଜଣେ ଲୋକ ଏମିତି ଦୁଇଦୁଇଟା ହତ୍ୟାକରି କରୁଣରଙ୍କ ଆଖିରେ ଧୂଳି ଦେଇ ପାରିବ ନାହିଁ । ଏଥିରେ ଦଳେ ଲୋକ ଅଛନ୍ତି । ଏଇ କାଗଜ ଯାହା ପାଖରେ ଥାଉନା କାହିଁକି, ସେମାନେ ତାକୁ ନେବା ପାଇଁ ଲାଗିପଡ଼ିବେ ।

Digitized by srujanika@gmail.com

ତେଣୁ ତୁମେ ଏବେ ଜାଣିପାରୁଥିବ ଯେ କେ, କେ, କେ କୌଣସି ଜଣେ ଲୋକର ଦସ୍ତଖତ ନୁହେଁ, ବରଂ ଗୋଟେ ଦଳର ସାଙ୍କେତିକ ଚିହ୍ନ ।

"କିନ୍ତୁ କେଉଁ ଦଳର ?"

ଟିକିଏ ଚୁପା କଣ୍ଠରେ ହୋମସ୍ କହିଲେ, "ତୁମେ କୁ କ୍ଲକ୍ସ କ୍ଲାନ ବିଷୟ କେବେ ଶୁଣିନାହଁ ?"

"ନା, ଶୁଣିନାହିଁ ।"

ହୋମସ୍ ଆଣ୍ଠୁ ଉପରେ ବହିଟା ରଖି ପୃଷ୍ଠା ଓଲଟାଇଲେ । ଗୋଟାଏ ପୃଷ୍ଠା ଦେଖାଇ ସେ କହିଲେ, "ଏଇ ଦେଖ; କୁ, କ୍ଲକ୍ସ, କ୍ଲାନ୍ । ଏଇ ନାଁଟା ରାଇଫଲ୍ ଫୁଟାଇବା ଶବ୍ଦରୁ ଗଢ଼ାଯାଇଛି । ଆମେରିକାର ଗୃହଯୁଦ୍ଧ ପରେ ଦକ୍ଷିଣାଞ୍ଚଳର ଦଳେ ବିଦ୍ରୋହୀ ସୈନିକଙ୍କଦ୍ୱାରା ଏଇ ଗୁପ୍ତଦଳ ଗଢ଼ାଯାଇଥିଲା । ଖୁବ୍ ଶୀଘ୍ର ରାଜ୍ୟର ଚାରିଆଡ଼େ ଏହାର ଶାଖା ସବୁ ଖୋଲିଗଲା । ଏ ଦଳର ଶକ୍ତି ରାଜନୈତିକ ଉଦ୍ଦେଶ୍ୟରେ ଖଟାଗଲା । କାମହେଲା ନିଗ୍ରୋ ଭୋଟଦାତାମାନଙ୍କୁ ଭୟଭୀତ କରିବା ଏବଂ ଯେଉଁମାନେ ତାଙ୍କର ବିରୋଧ କଲେ ସେମାନଙ୍କୁ ହତ୍ୟା କରିବା କିମ୍ବା ରାଜ୍ୟରୁ ତଡ଼ିବା । ଏମାନେ ଯେଉଁ ଲୋକ ବିରୁଦ୍ଧରେ ଯାଉଥିଲେ ପ୍ରଥମେ ତା ପାଖକୁ ଗୋଟେ ଚିଠି ପଠାଇ ସାବଧାନ କରାଇଦେଉଥିଲେ । ଚିଠି ସାଥିରେ ସେମାନେ ଗୋଟେ ବିଚିତ୍ର ସଙ୍କେତ ବି ପଠାଉଥିଲେ । ଏଇ ସଙ୍କେତ କେତେବେଳେ ଖଣ୍ଡେ ଡାଳ, କେତେବେଳେ ଓକ୍ ପତ୍ର ଆଉ କେତେବେଳେ ବା କମଳା ଖଣ୍ଡ । ଏହାକୁ ପାଇବା ଲୋକ ତାର ପୂର୍ବ ସ୍ୱଭାବ ପରିତ୍ୟାଗ କରୁଥିଲା କିମ୍ବା ଦେଶ ଛାଡ଼ି ପଳାଉଥିଲା । ଯଦି ସେ ସାହସ ବାନ୍ଧି ରହିଲା ତେବେ ଏକ କଳ୍ପନାତୀତ ଉପାୟରେ ତାର ମୃତ୍ୟୁ ହେଉଥିଲା । ଏ ଦଳର କାର୍ଯ୍ୟକଳାପ ଏପରି ନିର୍ଭୁଲ ଆଉ ଶୃଙ୍ଖଳିତ ଥିଲା ଯେ, କେହି ଲୋକ ତାଙ୍କ ହାତୁଡ଼ରୁ ବର୍ତ୍ତିପାରୁନଥିଲା । ଯୁକ୍ତରାଷ୍ଟ୍ର ସରକାର ଏବଂ ନାଗରିକମାନଙ୍କର ସମସ୍ତ ଚେଷ୍ଟା ସତ୍ତ୍ୱେ ଏ ଦଳ ବେଶ୍ ଆଗେଇ ଚାଲିଲା । ହଠାତ୍ ୧୮୬୯ ମସିହାରେ ଏ ଦଳ ଭାଙ୍ଗିଗଲା । ତା ପରେ ଅବଶ୍ୟ କେଉଁଠି କେମିତି ଦି' ଖଁ ଗୋଟେ ଅଧେ ଘଟଣା ଘଟିଥିବ ।"

Digitized by srujanika@gmail.com

ବନ୍ଧୁଟା ତଳେ ରଖିଦେଇ ହୋମସ୍ କହିଲେ, "ଗୋଟାଏ କଥା ଲକ୍ଷ କର । ଏଇ ଦଳ ହଠାତ୍ ଭାଙ୍ଗି ଯିବା ଆଉ ଓପେନ୍‌ସ ସେମାନଙ୍କ କାଗଜ-ପତ୍ର ଧରି ଆମେରିକାରୁ ଚାଲିଯିବା ଏକ ସମୟରେ ଘଟିଛି । ଦୁଇ ଘଟଣା ଭିତରେ କାର୍ଯ୍ୟ କାରଣ ସମ୍ବନ୍ଧ ଥାଇପାରେ । ତେଣୁ ସେ ଏବଂ ତାଙ୍କ ପରିବାର ପଛରେ ଏଇ ଦଳ ଗୋଡ଼ାଇବା ଆଶ୍ଚର୍ଯ୍ୟ ନୁହେଁ । ଏଇ ରେଜିଷ୍ଟର ଆଉ ଡାଏରୀ ହୁଏତ ଆମେରିକାର ଦକ୍ଷିଣ ଭାଗର କେତେକ ବିଶିଷ୍ଟ ନାଗରିକଙ୍କୁ ଦୋଷୀ ସାବ୍ୟସ୍ତ କରାଇଦେବ । ତେଣୁ ଏଗୁଡ଼ିକ ପୁଣି ଫେରି ନପାଇବାଯାଏ ସେମାନଙ୍କୁ ରାତିରେ ନିଦ ହେଉନଥିବ ।"

"ଆମେ ତା'ହେଲେ ଯେଉଁ ଡାଏରୀ ପୃଷ୍ଠାଟା ଦେଖିଲେ—?"

"ହଁ, ମୋର ମନେଅଛି । ଲେଖାଥିଲା, 'କମଲାଖଣ୍ଡ କ, ଖ ଏବଂ ଗ ତାପାଖକୁ ପଠାଗଲା ।' ତା' ଅର୍ଥ ଏ ଦଳର ସାବଧାନ ସଙ୍କେତ ତାଙ୍କ ପାଖକୁ ପଠାଗଲା । ତାପରେ ପରେ ଲେଖା ଅଛି, 'କ, ଖ ସଫା ।' ଅର୍ଥାତ୍ ଦେଶ ଛାଡ଼ି ଚାଲିଗଲେ । ଶେଷରେ 'ଗ'କୁ ଦେଖାଗଲା, ଅର୍ଥାତ୍ 'ଗ'କୁ ହତ୍ୟା କରାଗଲା । ଯାହାହେଉ ମୋର ବିଶ୍ୱାସ ମୁଁ ଯାହା କହୁଛି ତା କଲେ ଯୁବକ ଓପେନ୍‌ସ ରକ୍ଷା ପାଇଯାଇପାରିବ । ସେଇ ହେଲା ଏକମାତ୍ର ପନ୍ଥା । ଆଜି ରାତିରେ ଆମର ଆଉ କିଛି କରିବାର ନାହିଁ । ମୋତେ ମୋ ଭାଓଲିନ୍‌ଟା ଦିଅ ।"

ସକାଳକୁ ପାଗ ସଫା ହୋଇଗଲା । ପ୍ରଭାତ ସୂର୍ଯ୍ୟର କିରଣ ଲଣ୍ଡନ ସହର ଉପରେ ବିଛେଇ ହୋଇ ପଡ଼ୁଥାଏ । ମୁଁ ତଳକୁ ଆସିଲାବେଳକୁ ସେରଲକ୍ ହୋମସ୍ ଜଳଖିଆ ଖାଇବା ଆରମ୍ଭ କରି ଦେଇଥାନ୍ତି । ହସି ହସି ସେ କହିଲେ, "କ୍ଷମା କରିବ ଡାକ୍ତର ! ତୁମକୁ ଅପେକ୍ଷା କରି ପାରିଲି ନାହିଁ । ଦେଖୁଛି ଓପେନ୍‌ସଙ୍କ କେଶ୍‌ରେ ଆଜି ଦିନସାରା ମୋତେ କାର୍ଯ୍ୟ ବ୍ୟସ୍ତ ରହିବାକୁ ପଡ଼ିବ ।"

"ତୁମ କାର୍ଯ୍ୟପନ୍ଥା କ'ଣ ଠିକ୍ କରିଛ ?"

"ମୋର ପ୍ରଥମ ଅନୁସନ୍ଧାନ ଫଳାଫଳ ଉପରେ ତାହା ନିର୍ଭର କରୁଛି । ଶେଷରେ ମୋତେ ହୁଏତ ହରସାମ୍ ଯିବାକୁ ପଡ଼ିପାରେ ।"

Digitized by srujanika@gmail.com

"ପ୍ରଥମେ ତୁମେ ସେଠିକି ଯିବନାହିଁ ?"

"ନା, ମୁଁ ଏଇ ସହରରେ ପ୍ରଥମେ କାମ ଆରମ୍ଭ କରିବି । ହଁ, କଲିଂବେଲ୍‌ଟା ବଜାଅ, ଘରକରଣୀ ତୁମପାଇଁ କଫି ନେଇ ଆସିବ ।"

ମୁଁ କଫି ପାଇଁ ଅପେକ୍ଷା କଲି । ଟେବୁଲ୍ ଉପରେ ସେଦିନର ଖବର କାଗଜଟା ଥୁଆ ହୋଇଥାଏ । ସେଟା ଖୋଲା ହୋଇନଥିଲା । ମୁଁ ସେଟା ନେଇ ତା ଉପରେ ଆଖି ବୁଲାଇ ଆଣିଲି । ଗୋଟାଏ ଜାଗାରେ ମୋ ଆଖି ଅଟକିଗଲା । ଚିତ୍କାର କରି କହିଲି, "ହୋମସ୍, ତୁମର ଖୁବ୍ ଡେରି ହୋଇଗଲା ।"

କପ୍‌ଟା ତଳେ ଥୋଇଦେଇ ସେ କହିଲେ, "ସତେ ! ମୁଁ ସେ ଆଶଙ୍କା କରୁଥିଲି । ଘଟଣାଟା କେମିତି ଘଟିଲା ?" ସେ ଖୁବ୍ ଧୀର ସ୍ଥିର ଭାବରେ କଥା କହୁଥିଲେ ମଧ୍ୟ ଦେଖିଲି ତାଙ୍କ ମନରେ ଖୁବ୍ ଦୁଃଖ । ମୋ ଆଖିରେ ଓପେନ୍‌ସ ନାଁଟା ପଡ଼ିଗଲା । ଲେଖାଥିଲା, "ଓ୍ୱାଟରଲୁ ବ୍ରିଜ୍ ନିକଟରେ ଦୁର୍ଘଟଣା । କାଲି ରାତିରେ ପୋଲିସ ସିପାହୀ କୁକ୍ ଓ୍ୱାଟରଲୁ ବ୍ରିଜ୍‌ପାଖରେ ଡ୍ୟୁଟିରେ ଥିଲାବେଳେ ରାତି ନଅଟାରୁ ଦଶଟା ଭିତରେ କେହି ଜଣେ ସାହାଯ୍ୟ ପାଇଁ ବିକଳ ହୋଇ ଚିତ୍କାର କରିବାର ଶୁଣି ପାରିଲେ । ତାପରେ ପାଣି ଭିତରେ କିଛି ପଡ଼ିବାର ଶବ୍ଦ ଶୁଣି ପାରିଲେ । ଝଡ଼ରାତି, ଭୀଷଣ ଅନ୍ଧାର । ବହୁ କଷ୍ଟରେ ପାଣିରେ ପଡ଼ିଯାଇଥିବା ଲୋକର ମୃତଦେହକୁ ଜଳଭିତରୁ ଉଦ୍ଧାର କରାଗଲା । ମୃତ ବ୍ୟକ୍ତିର ପକେଟରେ ଖଣ୍ଡେ ଲଫାଫା ଥିଲା । ସେଥିରୁ ଜଣାଗଲା ତାଙ୍କ ନାଁ ଜନ୍ ଓପେନ୍‌ସ ଆଉ ଘର ହରସାମ୍‌ରେ । ଅନୁମାନ କରାଯାଏ ଯେ ଶେଷ ଟ୍ରେନ୍ ଧରିବାପାଇଁ ବ୍ୟଗ୍ର ହୋଇ ଓ୍ୱାଟରଲୁ ଷ୍ଟେସନକୁ ଯାଉଥିଲେ । ଘନ ଅନ୍ଧାର ଆଉ ତରତରରେ ଯାଉଥିବା ଯୋଗୁଁ ସେ ବାଟ ଛାଡ଼ି ଅବାଟକୁ ଚାଲିଗଲେ ଏବଂ ପାଣିରେ ପଡ଼ିଗଲେ । ତାଙ୍କ ଦେହରେ କୌଣସି ଆଘାତର ଚିହ୍ନ ନାହିଁ । ତେଣୁ ସେ ଯେ ଗୋଟାଏ ଦୁର୍ଘଟଣାର ଶିକାର ହୋଇଛନ୍ତି ଏଥିରେ କିଛି ସନ୍ଦେହ କରାଯାଇନପାରେ ।"

Digitized by srujanika@gmail.com

କେତେ ସମୟ ଯାଏ ଆମେ ଚୁପ୍ ହୋଇ ବସି ରହିଲୁ । ହୋମସ୍‌ଙ୍କୁ ଏତେ ଦୁଃଖିତ ଆଉ ବିବ୍ରତ ହେବା ମୁଁ କେବେ ଦେଖିନାହିଁ । ଶେଷରେ ସେ କହିଲେ, "ଘଟଣାଟା ମୋ ସମ୍ମାନରେ ଆଘାତ ଆଣିଛି । ବର୍ତ୍ତମାନ ଏଟା ମୋର ବ୍ୟକ୍ତିଗତ ଘଟଣା ହୋଇଯାଇଛି । ଯଦି ଭଗବାନଙ୍କ ଦୟାରୁ ମୋର ଜୀବନଥାଏ ମୁଁ ଦଳକୁ ଠିକଣା କରିବି । ବିଚରା ମୋ ପାଖକୁ ସାହାଯ୍ୟପାଇଁ ଆସିଲା, ମୁଁ ତାକୁ ମରଣମୁହଁକୁ ପଠାଇଦେଲି ।" ସେ ଚଉକିରୁ ଉଠିପଡ଼ି ଖୁବ୍ ଉତ୍ତେଜିତ ହୋଇ ଘରର ଏପାଖ ସେପାଖ ଘୂରି ବୁଲିଲେ । ତାଙ୍କ ମୁହଁ ରାଗରେ ଜଳୁଥାଏ । କିଛିକ୍ଷଣ ପରେ ସେ କହିଲେ, "ଶୟତାନଗୁଡ଼ା ଖୁବ୍ ଧୂର୍ତ୍ତ । ସେ ଜାଗାରେ ସେମାନେ କେମିତି ଏଡ଼େବଡ଼ କାଣ୍ଡ କରିପାରିଲେ । ଷ୍ଟେସନକୁ ସିଧା ଯିବା ରାସ୍ତାରେ ତ ନଜରବନ୍ଦ ପଡ଼େନାହିଁ । ସେତେ ରାତରେ ମଧ୍ୟ ବ୍ରିଜ୍‌ରେ ଲୋକ ଗହଳି ଥିବ । ତଥାପି ସେମାନେ ତାଙ୍କ କାମ କରିନେଲେ । ହେଲେ ଓ୍ୱାଟସନ୍, ଆମେ ଦେଖିବା ଶେଷରେ କିଏ ଜିତୁଛି । ମୁଁ ବର୍ତ୍ତମାନ ବାହାରକୁ ଯାଉଛି ।"

"କଣ ପୋଲିସ୍ ପାଖକୁ ?"

"ନା, ମୁଁ ନିଜେ ମୋର ପୋଲିସ୍ । ମୁଁ ଯେତେବେଳେ ଜାଲ ବୁଣୁଛି ତାଙ୍କୁ ମୁଁ ଧରିବି । ତାପରେ ପୋଲିସ୍ ସେମାନଙ୍କୁ ନେଇପାରେ ।"

ଦିନସାରା ମୁଁ ମୋ ଡାକ୍ତରୀ କାମରେ ବ୍ୟସ୍ତ ରହିଲି । ରାତି ଡେରିରେ ବେକର୍ ଷ୍ଟ୍ରିଟ୍‌କୁ ଫେରିଲି । ସେରଲକ୍ ହୋମସ୍ ସେ ଯାଏ ଫେରିନଥାନ୍ତି । ପ୍ରାୟ ଦଶଟାବେଳକୁ ସେ ଫେରିଲେ । ବଡ଼ କ୍ଲାନ୍ତ ଆଉ ମଳିନ ଦେଖାଯାଉଥାନ୍ତି । ସେ ସିଧା ଆଲମିରା ପାଖକୁ ଯାଇ ଖଣ୍ଡେ ରୁଟି ଆଣି ପେଟୁଙ୍କ ପରି ଗିଳିବାରେ ଲାଗିଗଲେ ।

"ଖୁବ୍ ଭୋକ ହେଉଛି ନିଶ୍ଚୟ ।" ମୁଁ କହିଲି ।

"ପେଟ ଜଳି ଯାଉଛି । ଖାଇବାକଥା ମୋର ମନେ ନ ଥିଲା । ସକାଳୁ ଏଯାଏ କିଛି ଖାଇନାହିଁ ।"

"କିଛି ?"

"ମୋଟେ ନୁହେଁ । ଖାଇବାକଥା ଭାବିବାକୁ ମୋର ବେଳ ନଥିଲା ।"

Digitized by srujanika@gmail.com

"ଆଉ, କାମରେ କେତେଦୂର ଆଗେଇଲ ?"

"ଯଥେଷ୍ଟ ।"

"କୌଣସି ସୂତ୍ର ପାଇଲ ?"

"ସେମାନେ ମୋ ହାତମୁଠାରେ । ତରୁଣ ଓପେନ୍‌ସ ହତ୍ୟାର ପ୍ରତିଶୋଧ ବେଶି ଡେରି ହେବନାହିଁ । ବୁଝିଲ ଓ୍ୱାଟ୍‌ସନ୍, ସେମାନଙ୍କ ଶୟତାନ ସଙ୍କେତ ତାଙ୍କଉପରେ ପ୍ରୟୋଗ କରିବା । ମୁଁ ଭାବି ଭାବି ସେଇଆ ଠିକ୍ କରିଛି ।"

"ତୁମ କଥାର ଅର୍ଥ କ'ଣ ?"

ସେ କାଚ୍ଚ ଆଲମିରାରୁ ଖଣ୍ଡେ କମଳା ଆଣି ଚିକିଟିକି କରି କାଟି ପକାଇଲେ । ସେଥିରୁ ରସଯାକ ଚପୁଡ଼ି ବାହାର କରିଦେଲେ । ସେଥିରୁ ପାଞ୍ଚଖଣ୍ଡ କମଳା ନେଇ ସେ ଗୋଟେ ଲଫାଫାରେ ପୂରାଇଲେ । ଲଫାପା ଭିତର ପାଖରେ ଲେଖିଲେ, "ଜନ୍ ଓପେନ୍‌ସ ତରଫରୁ ସେର୍‌ଲକ୍ ହୋମସ୍ ।" ତାପରେ ଲଫାଫା ବନ୍ଦ କରି ତା ଉପରେ ଠିକଣା ଲେଖିଲେ, "କ୍ୟାପ୍‌ଟେନ କେମସ୍ କାଲ୍‌ହୁନ୍, ଲୋନ୍‌ଷ୍ଟାର ଜାହାଜ, ସାଭନା, ଜର୍ଜିଆ ।"

"ସେ ବନ୍ଦରରେ ପହଞ୍ଚିଲବେଳକୁ ଏ ଚିଠି ତା ଅପେକ୍ଷାରେ ଥିବ । ତରୁଣ ଓପେନ୍‌ସ ପାଇଥିବା ଚିଠି ପରି ଏ ଚିଠି ତା ଭାଗ୍ୟର ଅଗ୍ରଦୂତ ବୋଲି ସେ ଜାଣିବ ।"

"ଏଇ କ୍ୟାପ୍‌ଟେନ୍ କାଲ୍‌ହୁନ୍ କିଏ ?"

"ଗୋଟେ ଶୟତାନ୍ ଦଳର ନେତା । ଅନ୍ୟମାନେ ବି ମୋ ହାତରୁ ଖସିଯାଇ ପାରିବେ ନାହିଁ । ତେବେ କାଲ୍‌ହୁନ୍ କଥା ଆଗ ।"

"ତୁମେ କେମିତି ଏ କଥା ଖୋଜି ବାହାର କଲ ?"

ସେ ଖଣ୍ଡେ ବଡ଼ କାଗଜ ବାହାର କଲେ । ସେଥିରେ ଗୁଡ଼ାଏ ତାରିଖ ଆଉ ନାଁ ଲେଖାଥିଲା । ସେଇଟା ଦେଖାଇ କହିଲେ, "ଆଜି ଦିନଯାକ ମୁଁ ଲଣ୍ଡନର ଲଏଡ୍‌ସ ଏକ୍ସଚେଞ୍ଜରେ ବସିକି ଜାହାଜ ବିଷୟକ ରେଜିଷ୍ଟର ଆଉ ଫାଇଲ୍ ପତ୍ରରୁ ବାହାର କରିଛି । [illegible] ମସିହା ଜାନୁଆରୀ,

ଫେବୃୟାରୀ ମାସରେ ଯେଉଁ ସବୁ ଜାହାଜ ପଣ୍ଡିଚେରୀ ବନ୍ଦରକୁ ଯାଇଛି ତାର ଭବିଷ୍ୟତ ଗତିପଥ ଆଉ କର୍ମପନ୍ଥା ସଂଗ୍ରହ କରିଛି । ସେ ସମୟରେ ସେ ବନ୍ଦରକୁ ଛତିଶିଟା ମାଲ୍ ଜାହାଜ ଯାଇଛି । ସେମାନଙ୍କ ଭିତରୁ ଏଇ ଲୋନ୍‌ଷ୍ଟାର୍ ମୋ ଦୃଷ୍ଟିରେ ପଡ଼ିଲା । କାରଣ ଯଦିଓ ଏ ଜାହାଜ ଲଣ୍ଡନରୁ ଛାଡ଼ିଛି ତଥାପି ତା ନାଁଟା ଆମେରିକାର ଗୋଟେ ରାଜ୍ୟର ନାଁ । ମୁଁ ଜାଣିଲି ଜାହାଜଟା ନିଶ୍ଚୟ ଆମେରିକାର ।"

"ତା ପରେ ?"

"ମୁଁ ଡଣ୍ଡି ବନ୍ଦରର କାଗଜ ପତ୍ର ଲେଖିଲି । ୧୮୮୫ ମସିହା ଜାନୁୟାରୀ ମାସରେ ଲୋନ୍‌ଷ୍ଟାର ସେଠି ଥିବାର ଜାଣିଲି । ମୋ ସନ୍ଦେହ ଆହୁରି ଦୃଢ଼ ହେଲା । ତା ପରେ ବର୍ତ୍ତମାନ ଲଣ୍ଡନ ବନ୍ଦରରେ ଥିବା ଜାହାଜ ବିଷୟରେ ଅନୁସନ୍ଧାନ କଲି । ଲୋନ୍‌ଷ୍ଟାର୍ ଗଲ ସପ୍ତାହରେ ସେଠିକି ଆସିଥିଲା । ମୁଁ ଆଲ୍‌ବର୍ଟ ପୋତାଶ୍ରୟକୁ ଗଲି । ଦେଖିଲି ସକାଳୁ ଲୋନ୍‌ଷ୍ଟାର୍ ସେଠୁ ସାଭାନା ଉଦ୍ଦେଶ୍ୟରେ ଚାଲିଯାଇଛି । ଗ୍ରେଭ୍‌ସ୍ ଏଣ୍ଡ୍‌କୁ ତାର କରି ବୁଝିଲି ଯେ ଅଳ୍ପ ସମୟ ପୂର୍ବରୁ ଲୋନ୍‌ଷ୍ଟାର୍ ସେବାଟେ ଚାଲିଯାଇଛି ।"

"ତୁମେ ତାହେଲେ କ'ଣ କରିବ ?"

"ସେ ମୋ ହାତରୁ ଖସିଯାଇ ପାରିବ ନାହିଁ । ମୁଁ ଜାଣିବାକୁ ପାଇଛି ଯେ ସେ ଆଉ ଜାହାଜର ଦୁଇଜଣ ମେଟ୍ ଆମେରିକାର ଲୋକ । ଅନ୍ୟମାନେ ଫିନ୍‌ଲାଣ୍ଡ ଆଉ ଜର୍ମାନୀ ଲୋକ । ସେ ତିନିଜଣଯାକ କାଲି ରାତି ଜାହାଜ ଛାଡ଼ି ଆସିଥିଲେ । ମାଲ୍‌ବୋଝେଇ କରୁଥିବା ଲୋକଙ୍କଠାରୁ ମୁଁ ଏ କଥା ବୁଝିଛି । ତାଙ୍କ ପାଲ୍‌ଟଣା ଜାହାଜ ସାଭାନାରେ ପହଞ୍ଚିବା ଆଗରୁ ଏ ଚିଠି ଡାକ ଜାହାଜରେ ଯାଇ ପହଞ୍ଚି ସାରିଥିବ । ସାଭାନା ପୋଲିସ୍‌କୁ ଜଣାଇ ଦିଆଯିବ ଯେ ଏଇ ତିନିଜଣ ଲୋକ ହତ୍ୟା ମାମଲାରେ ସମ୍ପୃକ୍ତ । ତାଙ୍କୁ ଏଠିକି ପଠାଇଦିଅ ।"

ମଣିଷର ଅତି ସୁଚିନ୍ତିତ ଯୋଜନା ମଧ୍ୟ ବେଳେବେଳେ ପଣ୍ଡ ହୋଇଯାଏ । ଓପେନ୍‌ସାର ହତ୍ୟାକାରୀମାନେ, ତାଙ୍କଠୁ ଅଧିକ ଚତୁର

Digitized by srujanika@gmail.com

ଆଉ ଦୃଢ଼ ଲୋକ ତାଙ୍କ ପଛରେ ଲଗିଛୁ ବୋଲି ଜାଣିବାକୁ ହୋମସ୍‌ଙ୍କ କମଳାଖଣ୍ଡ ସେମାନଙ୍କ ପାଖରେ ପହଞ୍ଚି ପାରିଲନାହିଁ । ସେବର୍ଷ ବିଷୁବ-ମଣ୍ଡଳୀୟ ବାତ୍ୟା ଖୁବ୍ ପ୍ରବଳ ହେଲ । ଆମେ ଲୋନ୍‌ଷ୍ଟାର୍‌ର ଖବର ପାଇବାପାଇଁ ଅନେକଦିନ ଯାଏ ଅପେକ୍ଷାକଲୁ । କିନ୍ତୁ କିଛି ଖବର ମିଳିଲନାହିଁ । ଶେଷରେ ଶୁଣିଲୁ ଆଟଲାଣ୍ଟିକ୍ ମହାସାଗରର ଢେଉ ଉପରେ ଗୋଟାଏ ଜାହାଜର ପଛଭାଗ ଭାଙ୍ଗି ଭାସୁଥିବାର ଦେଖା ଯାଇଛି । ସେଥିରେ ଏଲ୍, ଏସ୍ ଅକ୍ଷର ଖୋଳା ହୋଇଛି । ଲୋନ୍‌ଷ୍ଟାର୍ ଜାହାଜର ଭାଗ୍ୟ ବିଷୟରେ ଆମେ କେବଳ ସେତିକି ମାତ୍ର ଜାଣୁ ।

Digitized by srujanika@gmail.com

ବକୃତମୁହାଁ ମଣିଷ

ସ୍ୱର୍ଗୀୟ ଇଲିୟାସ୍ ହୁଇଟ୍ନି, ସେଣ୍ଟ ଜର୍ଜ ଧର୍ମବିଜ୍ଞାନ କଲେଜର ଅଧ୍ୟକ୍ଷ ଥିଲେ । ତାଙ୍କ ଭାଇ ଇସା ହୁଇଟ୍ନି ଭୀଷଣ ଗୁଲିଖୋର ହୋଇଗଲେ । କଲେଜରେ ପଢ଼ିବା ବେଳେ ତାଙ୍କର ଏ ବଦଭ୍ୟାସ ହୋଇଗଲା । ଥରେ ସେ ଏକ ସ୍ୱପ୍ନ ଆଉ ରୋମାଞ୍ଚକର ବର୍ଣ୍ଣନା ପଢ଼ୁଥିଲେ । ସେଇ ପ୍ରକାର ଫଳାଫଳ ଘଟାଇବା ପାଇଁ ତାଙ୍କର ଏକ ଅଜବ୍ ଖିଆଲ ହେଲା । ସେ ତାଙ୍କ ତମାଖୁକୁ ଅଫିମ ଅର୍କରେ ବୁଡ଼ାଇ ପାନକଲେ । ଅନ୍ୟମାନଙ୍କ ପରି ସେ ମଧ୍ୟ ଦେଖିଲେ ଯେ ଏ ଅଭ୍ୟାସଟା ଆରମ୍ଭ କରିବା ଖୁବ୍ ସହଜ କିନ୍ତୁ ଛାଡ଼ିବା ସହଜ ନୁହେଁ । ଅନେକ ବର୍ଷଯାଏ ସେ ଏଇ ନିଶାର ଗୋଲାମ ହୋଇ ରହିଲେ । ତାଙ୍କ ବନ୍ଧୁବାନ୍ଧବମାନେ ଏଥିରେ ବଡ଼ ଭୀତ ଆଉ ଦୁଃଖିତ ହେଲେ । ଏବେ ବି ତାଙ୍କ ମୁହଁ ହଳଦିଆ, ଆଖିପତା ଖୋଲାପରି ।

ଦିନେ ରାତିରେ—ସେଟା ୧୮୮୯ ମସିହା ଜୁନ୍ ମାସ । ମୋ ଘରର କଲିଂବେଲ୍ ବାଜି ଉଠିଲା । ସେତେବେଳକୁ ମୁଁ ହାଇମାରି ଘଣ୍ଟାଏ ଆଡ଼କୁ ଶୁଇଁ ଥିଲି । ଉଠି ଚଉକିରେ ବସିଲି । ମୋ ସ୍ତ୍ରୀ କ'ଣ ଗୋଟେ ସିଲେଇ କରୁଥିଲେ । ଛୁଞ୍ଚିସୂତା ଥୋଇ ଦେଇ ସେ ବିରକ୍ତିଭାବ ପ୍ରକାଶକରି କହିଲେ, "କେହି ରୋଗୀ ହେବ । ତୁମକୁ ବାହାରକୁ ଯିବାକୁ ପଡ଼ିବ ।" ମୁଁ ବି ବିରକ୍ତ ହେଲି । ଦିନସାରା କାମ କରି କରି କ୍ଲାନ୍ତ ହୋଇପଡ଼ିଥାଏ । କବାଟ ଖୋଲିବା ଶବ୍ଦ, ଖୁବ୍ ତରତରିଆ କଥା କେତେପଦ ଆଉ ଶେଷରେ ଗାଲିଚା ଉପରେ ଚଞ୍ଚଳ ପାଦ ଶବ୍ଦ ଶୁଭାଗଲା । ଆମ ଶୋଇବା ଘରର ଦରଜା ଖୋଲି ଜଣେ ଭଦ୍ରମହିଳା ଭିତରକୁ ପଶି ଆସିଲେ । ତାଙ୍କ ଦେହରେ କଳାରଙ୍ଗର ପୋଷାକ ଆଉ ମୁଣ୍ଡରେ ଗୋଟେ କଳା ଓଢ଼ଣୀ । ସେ କହିଲେ, "ଏତେ ରାତିରେ ଆସି ହଇରାଣ କଲି । କ୍ଷମା କରିବେ ।" ତାପରେ ହଠାତ୍ ଅଧୈର୍ଯ୍ୟ ହୋଇ, ଆମକୁ ଧାଇଁଆସି ଦୁଇବାହୁ ମୋ

Digitized by srujanika@gmail.com

ସ୍ତ୍ରୀଙ୍କ ବେକରେ ଛନ୍ଦି କରି କରି ହୋଇ କାନ୍ଦିଉଠିଲେ । ପୁଣି କହିଲେ, "ମୁଁ ବଡ଼ ବିପଦରେ ପଡ଼ିଛି । ମୋତେ ଟିକିଏ ସାହାଯ୍ୟ କର ।"

ତାଙ୍କ ମୁହଁର ଓଢ଼ଣାଟା ଉଠାଇ ଦେଇ ମୋ ସ୍ତ୍ରୀ କହିଲେ, "ଆରେ କେଟ୍ ତୁଇଟନ୍ ଯେ ! ତୁ ତ ମୋତେ ଚମକାଇ ଦେଲୁ । ତୁ ଆସିଲା-ବେଳେ ମୁଁ ମୋଟେ ଚିହ୍ନି ପାରିଲିନାହିଁ ।"

"କଣ କରିବି ମୁଁ କିଛି ଠିକ୍ କରି ପାରିଲି ନାହିଁ । ତେଣୁ ସିଧା ତୋ ପାଖକୁ ଆସିଲି ।"

ଏମିତି ବରାବର ହୁଏ । ପକ୍ଷୀମାନେ ବସାଘରକୁ ଆସିଲା ପରି ଯେଉଁ ଲୋକମାନେ କିଛି ଅସୁବିଧାରେ ପଡ଼ନ୍ତି ସେମାନେ ମୋ ସ୍ତ୍ରୀଙ୍କ ପାଖକୁ ଆସିଥାନ୍ତି । ମୋ ସ୍ତ୍ରୀ କହିଲେ, "ଆସିଲୁ ଭଲ କଲୁ । ଏଇଠି ବସ । ଆଉ ଘଟଣାଟା କ'ଣ ଆମକୁ କହ । ଯଦି କହିବୁ କେମସଙ୍କୁ ଅନ୍ୟ ଘରକୁ ପଠାଇ ଦେବି ।"

"ନା, ନା, ମୁଁ ତ ଡାକ୍ତରଙ୍କ ଉପଦେଶ ଆଉ ସାହାଯ୍ୟ ଚାହେଁ । କଥାଟା ହେଲା ଇସା ବିଷୟରେ । ଦି ଦିନ ହେଲା ସେ ଘରକୁ ଫେରି ନାହାନ୍ତି । ମୋତେ ବଡ଼ ଭୟ ଲାଗୁଛି ।"

ତାଙ୍କ ସ୍ୱାମୀଙ୍କ ବିଷୟରେ ଆମକୁ କହିବା ଏଇଟା ପ୍ରଥମ ନୁହେଁ । ଡାକ୍ତର ହିସାବରେ ମୋତେ, ସାଙ୍ଗ ଆଉ ସହପାଠିନୀ ହିସାବରେ ମୋ ସ୍ତ୍ରୀଙ୍କୁ ସେ ଆଗରୁ କେତେଥର କହିଛନ୍ତି । ଆମେ ତାଙ୍କୁ ଯଥାସମ୍ଭବ ଆଶ୍ୱାସନା ଦେଲୁ । ଭବିଲି, ତାଙ୍କ ସ୍ୱାମୀ କେଉଁଠି ସେ ଜାଣନ୍ତି ତ ? ଆମେ ତାଙ୍କୁ ଫେରାଇ ଆଣିବା କ'ଣ ସମ୍ଭବ ?

ଜଣାଗଲା ତା ସମ୍ଭବ । ସେ ନିଶ୍ଚିତ ଖବର ପାଇଥିଲେ ଯେ ଏବେ କେତେଦିନ ହେଲା ଯେତେବେଳେ ତାଙ୍କ ସ୍ୱାମୀଙ୍କ ମନରେ ଆଲୋଡ଼ନ ଆସେ ସେ ସହରର ପୂର୍ବ ମୁଣ୍ଡରେ ଥିବା ଗୋଟେ ଘୁଲିଖଟିକୁ ଚାଲିଯା'ନ୍ତି । ଆଜିଯାଏ ତାଙ୍କ ନିଶାଖିଆଟା ଦିନକରେ ଶେଷ ହୋଇ ଯାଉଥିଲା । ସନ୍ଧ୍ୟାବେଳକୁ ସେ ଟାଣି ଓଟାରି ହୋଇ ଟଳି ଟଳି ଘରକୁ ଫେରୁଥିଲେ । ଏଥର କିନ୍ତୁ ନିଶାର କୋରଟା ଅଠଚାଳିଶ ଘଣ୍ଟାଯାଏ ଚାଲିଥିଲା ।

Digitized by srujanika@gmail.com

ଏତେବେଳକୁ ସେ ହୁଏତ ଗୁଲ୍‌ଖଟିର ସେ ଅପରିଷ୍କାର ଜାଗାରେ ଶୋଇ ପଡ଼ିଥିବେ । ସେଇଠି ସେ ନିଶ୍ଚୟ ଥିବେ ବୋଲି କେଟ୍ ନିଶ୍ଚିତ । ଜାଗାଟା ହେଲା 'ବାର ଅଫ୍ ଗୋଲ୍ଡ଼' । କିନ୍ତୁ କେଟ୍ କ'ଣ କରିପାରିବେ । ଜଣେ ନାରୀ ହୋଇ ସେ ଜାଗାକୁ ଯାଇ ଗୁଣ୍ଡାଙ୍କ ମେଳରୁ ତାଙ୍କ ସ୍ୱାମୀଙ୍କୁ ଆଣିବେ କିପରି ?

ଏଇ ହେଲା ଘଟଣା । ଏହାର ପ୍ରତିକାରର ମାତ୍ର ଗୋଟାଏ ବାଟ ଥିଲା । ଭାବିଲି ମୁଁ କେଟ୍‌ଙ୍କୁ ସେ ଜାଗାକୁ ନେଇଗଲେ ହେବ । ପୁଣି ଭାବିଲି ତାଙ୍କର ଯିବା ଦର୍କାର କ'ଣ ? ମୁଁ ଇସା ହୁଇଟ୍‌ନିଙ୍କ ଚିକିତ୍ସକ । ତେଣୁ ତାଙ୍କ ଉପରେ ମୋର ଯଥେଷ୍ଟ ପ୍ରଭାବ ଥିଲା । ମୁଁ ଏକା ଗଲେ କାମଟା ହାସଲ କରି ପାରିବି । ମୁଁ କେଟ୍‌ଙ୍କୁ ପ୍ରତିଶ୍ରୁତି ଦେଲି ଯେ ତାଙ୍କ ସ୍ୱାମୀ ଯଦି ସେ ଜାଗାରେ ଥିବେ ତେବେ ଦୁଇଘଣ୍ଟା ଭିତରେ ଗୋଟେ ଗାଡ଼ିରେ ମୁଁ ତାଙ୍କୁ ଘରକୁ ପଠାଇଦେବି । ଦଶମିନିଟ୍ ଭିତରେ ମୁଁ ଆରାମଦାୟକ ଘରଗୁଡ଼ି ଗୋଟେ ଗାଡ଼ିରେ ପୂର୍ବଦିଗକୁ ଏକ ଅଦ୍ଭୁତ କାମରେ ବାହାରିଲି । କିନ୍ତୁ ଏହା କେତେଦୂର ଅଦ୍ଭୁତ ତାହା ଭବିଷ୍ୟତ ହିଁ ଦେଖାଇବ ।

ମୋ ଅଭିଯାନର ପ୍ରଥମ ସୋପାନରେ କିଛି ଅସୁବିଧା ଘଟିଲା ନାହିଁ । ଗୁଲ୍‌ଖଟିଟା ଲଣ୍ଡନ ବ୍ରିଜ୍‌ର ପୂର୍ବ ଦିଗରେ । ନଈର ଉତ୍ତର କୂଳରେ ମାଲ୍ ଲଦିବା ଆଉ ଉତାରିବା ପାଇଁ ଧାଡ଼ି ଧାଡ଼ି ଘାଟ । ତା ପଛରେ ଲୁଚି ରହିଛି ଏଇ ଖଟିଟା ; ଗୋଟେ ପୋଷାକ ଦୋକାନ ଆଉ ଗୋଟେ ମଦ ଦୋକାନ ମଝିରେ ଧାଡ଼ିଏ ପାହାଚ, ଗୁମ୍ଫାପରି ଗୋଟେ ଜାଗାକୁ ଉଠି ଯାଇଛି । ସେଇଟା ଗୁଲ୍‌ଖଟି । ଗାଡ଼ିବାଲାକୁ ଅପେକ୍ଷା କରିବାକୁ କହି ମୁଁ ପାହାଚ ଉପରେ ଉଠିଗଲି । ମାତାଲ୍‌ଗୁଡ଼ାଙ୍କ ଧାଦ ଲାଗି ଲାଗି ପାହଚର ମଝିଟା ଖୋଳହୋଇ ଗଲାଣି । ଉପରେ ତୈଳବତୀ ଜଳୁଥାଏ । ସେଇ ଆଲୁଅରେ ଦରଜାର ଖିଳିକିଟା ପାଇଗଲି । ଦରଜା ଖୋଲି ଗୋଟେ ଲମ୍ବା ଆଉ ଅଳ୍ପ ଉଚା ଘରଭିତରେ ପଶିଲି । ଗୁଲି ଧୂଆଁରେ ଘରର ପଟା ଗୁଡ଼ିକ କଳା ପଡ଼ିଯାଇଛି ।

Digitized by srujanika@gmail.com

ସେଇ ଫିକା ଆଲୁଅରେ କେତେଗୁଡ଼ାଏ ଲୋକ ବିଚିତ୍ର ଭଙ୍ଗିରେ ପଡ଼ିଥିବାର ଦେଖାଗଲା । କାହା କାନ୍ଧ ତଳକୁ ବାଙ୍କି ଯାଇଛି, କାହା ଆଣ୍ଠୁ ଧନୁପରି ବଙ୍କା, କାହା ମୁଣ୍ଡ ପଛକୁ ହାଲିପଡ଼ି ଥୋଡ଼ି ଉପରକୁ ହୋଇଛି । ଏଠୁ ସେଠୁ ଗୋଟେ ଗୋଟେ ଜୁଳୁଜୁଳୁ ଆଖି ମୋ' ଉପରେ ପଡ଼ୁଥାଏ । ଅନ୍ଧାର ଭିତରେ ମଝିରେ ମଝିରେ ହୁକାର ମିଟିମିଟି ଆଲୁଅ ଦେଖା-ଯାଉଥାଏ । ଅଧିକାଂଶ ଲୋକ ଚୁପ୍ ହୋଇ ପଡ଼ିଥାନ୍ତି । ଆଉ କେତେକ ଆପେ ଗୁଣୁ ଗୁଣୁ ହେଉଥାନ୍ତି । କେତେଜଣ ନିଜ ଭିତରେ ଫୁସୁଫୁସୁ ହୋଇ କଥା ହେଉଥାନ୍ତି କିନ୍ତୁ କେହି କାହାର କଥାକୁ ଧ୍ୟାନ ଦେଲାପରି ଜଣାଯାଉ ନଥାଏ । ଘରର ସେପାଖ ମୁଣ୍ଡରେ ଗୋଟେ କଡ଼େଇରେ କୋଇଲା ନିଆଁ ଜଳୁଥାଏ । ତା'ପାଖରେ ଗୋଟେ ତିନିଗୋଡ଼ିଆ କାଠ-ଟୁଲ୍ ଉପରେ ଜଣେ ଡେଙ୍ଗା, ପତଳା ବୁଢ଼ାଲୋକ ବସିଥାଏ । ସେ ଆଣ୍ଠୁ ଉପରେ କହୁଣି ଭରା ଦେଇ ଦୁଇ ହାତ ମୁଠା ଉପରେ ମୁହଁଟା ଥୋଇ ନିଆଁ ଆଡ଼କୁ ଚାହିଁଥାଏ ।

ମୁଁ ଘରଭିତରେ ପଶିବା ମାତ୍ରେ ଜଣେ ଚାକର ଗୋଟାଏ ହୁକା ଧରି ମୋ ପାଖକୁ ଧାଇଁ ଆସିଲା । ପାଖରେ ଖାଲିଥିବା ଗୋଟେ ଜାଗା ମୋତେ ଦେଖାଇ ଦେଲା । କହିଲି, "ଧନ୍ୟବାଦ । ମୋର ଦର୍କାର ନାହିଁ । ଜଣେ ବନ୍ଧୁ ଇସା ହୁଇଟ୍ନି ଏଠି ଅଛନ୍ତି । ତାଙ୍କ ସାଥିରେ ମୋର କଥାଅଛି ।"

ମୋ ଡାହାଣ କଡ଼େ କେହି ହଲ୍‌ଚଲ୍ ହେବାର ଶବ୍ଦ ହେଲା । ଅନ୍ଧାର ଭିତରେ ଚାହିଁ ଦେଖିଲି ହୁଇଟ୍ନି ବସିଛନ୍ତି । ମୁହଁ କଳାପଡ଼ିଯାଇଛି, ଜାମାପଟା ଛିଣ୍ଡା; ମୁଣ୍ଡବାଳ ଝାମ୍ପୁରା । ମୋତେ ଦେଖି ଧାବଡ଼େଇ ଗଲେ । ତା'ପରେ ମୋଆଡ଼େ ଚାହିଁ କହିଲେ, "ଭଗବାନ, ୱାଟ୍‌ସନ୍ ଯେ ! ବର୍ତ୍ତମାନ ସମୟ କେତେ ୱାଟ୍‌ସନ୍ ?"

"ପାଖାପାଖି ଏଗାରଟା ।"

"କି ବାର ?"

"ଶୁକ୍ରବାର, ଜୁନ୍ ୧୯ ତାରିଖ ।"

Digitized by srujanika@gmail.com

"ହେ ପ୍ରଭୁ ! ମୁଁ ତ ଭାବୁଛି ଆଜି ବୁଧବାର । ନା, ନା, ଆଜି ବୁଧବାର । ମୋତେ ଏମିତି ଠକି ଡରାଉଛ କାହିଁକି ?" ସେ ହାତ ଉପରେ ମୁହଁ ରଖି କାନ୍ଦିବାକୁ ଆରମ୍ଭ କଲେ ।

"ମୁଁ କହୁଛି ଆଜି ଶୁକ୍ରବାର । ଦୁ'ଦିନ ହେଲା ତୁମ ସ୍ତ୍ରୀ ତୁମକୁ ଖୋଜି ଖୋଜି ବ୍ୟସ୍ତ ହୋଇ ପଡ଼ିଲେଣି । ତୁମକୁ ଲାଜ ଲାଗୁନାହିଁ ?"

"ମୁଁ ବାସ୍ତବିକ୍ ବଡ଼ ଲଜ୍ଜିତ । କିନ୍ତୁ ତୁମେ ମିଛ କହୁଛ ୱାଟ୍‌ସନ୍ । ମୋଟେ କେତେ ଘଣ୍ଟା ହେଲା ମୁଁ ଏଠିକି ଆସିଛି ଆଉ ମୋଟେ ତିନି ଗୋଟା ହୁକା ଟାଣିଛି । ଯାହାହେଉ ମୁଁ ତୁମ ସାଥିରେ ଘରକୁ ଯିବି । ବିଚାରୀ କେଟ୍ ବଡ଼ ବ୍ୟସ୍ତ ହେଉଥିବ । ତୁମ ଗାଡ଼ି ଅଛି ?"

"ହଁ, ବାହାରେ ଅପେକ୍ଷା କରିଛି ।"

"ତାହେଲେ ମୁଁ ଯିବି । ମୋର କେତେ ପଇସା ଦେବା କଥା ଟିକିଏ ବୁଝ । ମୁଁ କିଛି କରି ପାରିବି ନାହିଁ ।"

ଦୁଇ ପାଖରେ ଦୁଇ ଧାଡ଼ି ଲୋକ ଶୋଇଛନ୍ତି । ତାଙ୍କ ମଝିରେ ଥିବା ଅଣଓସାରିଆ ବାଟଦେଇ ମୁଁ ମ୍ୟାନେଜରଙ୍କୁ ଦେଖିବାକୁ ଗଲି । ଭୁଲର ନାକଫଟା ଗନ୍ଧ । ମୁଁ ପ୍ରାୟ ନିଶ୍ୱାସ ବନ୍ଦ କରି ଦେଇଥାଏ । ନିଆଁ କଡ଼େଇ ପାଖରେ ବସିଥିବା ଡେଙ୍ଗାଲୋକ ପାଖଦେଇ ଗଲାବେଳେ ମୋ କୁରୁତାଟା ଟିକେ ଟାଣି ହୋଇଗଲା ଆଉ ଫୁସ୍‌ଫୁସ୍ ଶବ୍ଦରେ ଶୁଣାଗଲା, "ମୋତେ ଡେଇଁ ଚାଲିଯାଅ, ତାପରେ ପଛକୁ ବୁଲି ମୋଆଡ଼େ ଚାହିଁବ ।" କଥାଗୁଡ଼ା ମୋ କାନକୁ ପରିଷ୍କାର ଶୁଭୁଛି । ମୁଁ ଚାହିଁଲି । ପାଖରେ ବସି-ଥିବା ସେଇ ବୁଢ଼ା ଲୋକ ନିଶ୍ଚୟ ଏହା କହୁଥିବ । କିନ୍ତୁ ଦେଖିଲି ସେ ସେମିତି ନିଶାରେ ଘାରିହୋଇ ବସିଛି । ହୁକା ନଳିଟା ତା ଆଣ୍ଠୁ ଭିତରେ ପଡ଼ିଛି । ଅବସନ୍ନ ଆଙ୍ଗୁଠିରୁ ତଳକୁ ଖସି ଆସିଛି । ମୁଁ ଦୁଇପାହୁଣ୍ଡ ଆଗକୁ ଚାଲିଯାଇ ପଛକୁ ଚାହିଁଲି । ଯାହା ଦେଖିଲି ନିଜ ଆଖିକୁ ବିଶ୍ୱାସ କରିପାରିଲି ନାହିଁ । ସେଇ ବୁଢ଼ାଲୋକର ରୂପ ବଦଳିଯାଇଛି । କୁଞ୍ଚିତ ଚମଡ଼ା ନାହିଁ । ଆଖି ଦୁଇଟା ବେଶ୍ ଉଜ୍ଜ୍ୱଳ ଦେଖାଯାଉଛି । ମୋ ବନ୍ଧୁ ଅଦ୍ଭୁତ ମୁହଁକୁ ଦେଖି ନିଆଁ ପାଖରେ ବସିଛନ୍ତି ଶେରଲକ୍ ହୋମସ୍ ।

Digitized by srujanika@gmail.com

ତାଙ୍କ ପାଖକୁ ଯିବାପାଇଁ ସେ ମୋତେ ଠାରିଲେ । ଅନ୍ୟ ଲୋକଙ୍କ ଆଡ଼କୁ ସେ ପିଠି କରିଥାନ୍ତି ।

ଖୁବ୍ ଆସ୍ତେ ଫୁସ୍‌ଫୁସ୍ କରି ମୁଁ କହିଲି, "ହୋମସ୍, ତୁମେ ଏ ଗୁଲି ଖଟିରେ କ'ଣ କରୁଛ ?"

"ଖୁବ୍ ଧୀରେ କୁହ," ସେ ଉତ୍ତରଦେଲେ । "ମୋ କାନ୍ ବେଶ୍ ଭଲ ଅଛି । ତୁମ ସେଇ ମାତାଲ୍ ବନ୍ଧୁଙ୍କୁ ବିଦାକରିଦେଇ ଆସିଲେ ମୁଁ ତୁମ ସାଥିରେ କିଛି କଥାବାର୍ତ୍ତା କରିବି ।"

"ବାହାରେ ମୁଁ ଗୋଟେ ଗାଡ଼ି ରଖେଇ ଆସିଛି ।"

"ତା ହେଲେ ତାଙ୍କୁ ସେ ଗାଡ଼ିରେ ଘରକୁ ପଠାଇ ଦିଅ । ସେ ଖୁବ୍ ଶିଥିଳ ହୋଇ ପଡ଼ିଛନ୍ତି । ତେଣୁ ଆଉ କିଛି ଗୋଳମାଳ କରିବାର ଆଶଙ୍କା ନାହିଁ । ଗାଡ଼ିବାଲା ହାତରେ ତୁମ ସ୍ତ୍ରୀଙ୍କ ପାଖକୁ ଖଣ୍ଡେ ଚିଠି ଲେଖିଦେବ । ଲେଖିବ ଗୋଟେ କାମରେ ମୋ ପାଖରେ ରହିଗଲି । ବାହାରେ ଅପେକ୍ଷା କରିବ । ମୁଁ ପାଞ୍ଚ ମିନିଟ୍‌ରେ ତୁମ ପାଖକୁ ଯିବି ।"

ହୋମସ୍‌ଙ୍କ ଅନୁରୋଧ ଏଡ଼େଇ ଦେବା ମୋଠାରେ ଅସମ୍ଭବ । ଖାଲି ହୁଇଟ୍ନିଙ୍କୁ ନେଇ ଗାଡ଼ି ଭିତରେ ବସାଇ ଦେଲେ ମୋ କାମ ଶେଷ । ତା ପରେ ବନ୍ଧୁ ସେର୍‌ଲକ୍ ହୋମସ୍‌ଙ୍କ ଏ ଅଭିଯାନରେ ତାଙ୍କ ସାଥିରେ ଯୋଗ ଦେବାଠୁ ବଳି ଆଉ ମଜା କଥା କ'ଣ ଅଛି ? ଅଳ୍ପ ସମୟ ଭିତରେ ମୁଁ ଚିଠି ଲେଖି, ହୁଇଟ୍ନିଙ୍କ ପଇସା ଚୁକ୍ତି କରିଦେଇ ତାଙ୍କୁ ନେଇ ଗାଡ଼ିରେ ବସାଇ ଦେଲି । ଗାଡ଼ି ଅନ୍ଧାରରେ ଆଗକୁ ଚାଲିଗଲା । ମୁହୂର୍ତ୍ତିକ ପରେ ଗୁଲିଖଟି ଭିତରୁ ଜଣେ ଜରାଜୀର୍ଣ୍ଣ ବୁଢ଼ା ବାହାରି ଆସିଲେ । ସେ ସେର୍‌ଲକ୍ ହୋମସ୍ । ଆମେ ସେ ଗଳିରେ ଆଗେଇ ଚାଲିଲୁ । ଦୁଇଟା ଗଳି ପାର ହେବା ଯାଏ ସେ ଠେଲା ଠେଲା ଲଇଁ ଲଇଁ ଚାଲିଥାନ୍ତି । ତା ପରେ ଚାରିଆଡ଼କୁ ଚାହିଁ ସେ ଦେହ ସଳଖ କରି ମନ ପୂରାଇ ହସି ଉଠିଲେ ।

କହିଲେ, "ତୁମେ ଭାବୁଥିବ ୱାଟ୍‌ସନ୍, କୋକେନ୍ ସାଙ୍ଗକୁ ମୁଁ ଗୁଲି ଆଉ ଅନ୍ୟ ସବୁ ନିଶା ଆରମ୍ଭ କରିଦେଇଛି ।"

Digitized by srujanika@gmail.com

"ତା ନୁହେଁ ଯେ ତେବେ ତୁମକୁ ସେଠି ଦେଖି ମୁଁ ଆଶ୍ଚର୍ଯ୍ୟ ହୋଇଗଲି ।"

"ମୁଁ କିନ୍ତୁ ତୁମକୁ ଦେଖି ବେଶୀ ଆଶ୍ଚର୍ଯ୍ୟ ହେଲି ।"

"ମୁଁ ଜଣେ ବନ୍ଧୁଙ୍କୁ ଖୋଜିବାକୁ ଆସିଥିଲି ।"

"ଆଉ ମୁଁ ଜଣେ ଶତ୍ରୁକୁ ।"

"ଶତ୍ରୁ ?"

"ହଁ ମୋର ଜଣେ ପୁରୁଣା ଶତ୍ରୁ । ବରଂ ଶିକାର କହିଲେ ଭଲ ହେବ । ମୋଟ ଉପରେ ଓ୍ୱାଟ୍‌ସନ୍, ମୁଁ ଗୋଟେ ବିଶିଷ୍ଟ ଅନୁସନ୍ଧାନରେ ଲାଗିଛି । ଏଇ ଗୁଲିଆ ମାତାଲଙ୍କ ଅସଂଲଗ୍ନ କଥାବାର୍ତ୍ତାରୁ ମୁଁ ଡାର କିଛି ସୂତ୍ର ପାଇବାର ଆଶା । ସେ ଖଟି ଭିତରେ ଯଦି ମୁଁ ଚିହ୍ନା ପଡ଼ିଯାଇଥାନ୍ତି ମୋ ଦଫା ରଫା ହୋଇଯାଇଥାନ୍ତା । ସେଉଁଲୋକ ଏ ଖଟିର ମାଲିକ ସେ ଜଣେ ପୁରୁଣା ସୈନିକ । ମୁଁ ଆଗରୁ ଏ ଖଟିକୁ ମୋ କାମରେ ଲଗାଇଛି । ତେଣୁ ସେ ଶୟତାନ ମୋ ଉପରେ ପ୍ରତିଶୋଧ ନେବା ପାଇଁ ପଣ କରିଛି । ଏ ଘରର ପଛ ପାଖରେ ନଦୀଘାଟର ଗୋଟେ କଣକୁ ଲାଗି ଗୋଟେ ଛୋଟ୍ ଦରଜା ଅଛି । ଅନ୍ଧାର ରାତିରେ ସେ ବାଟେ ଯାହାସବୁ ଯାଏ ସେକଥା ସେଇ ଦରଜା କହିବ ।"

"କ'ଣ କହିଲ, ମୃତଦେହ ନୁହେଁ ତ ?"

"ହଁ ଓ୍ୱାଟ୍‌ସନ୍, ମୃତଦେହ । ଏଠି ଯେତେ ଲୋକ ମରିଛନ୍ତି, ଆମେ ଯଦି ଗୋଟିଏ ମୃତଦେହ ପିଛା ହଜାରେ ପାଉଣ୍ଡ ପାଇଥାନ୍ତେ, ତେବେ ଅମୀର ହୋଇ ସାରନ୍ତେଣି । ନଦୀକୂଳରେ ଏଟା ହେଲା ସବୁଠୁ କଦର୍ଯ୍ୟ ମରଣ ଫାନ୍ଦ । ମୋର ସନ୍ଦେହ ନେଭିଲ୍ କ୍ଲେୟାର୍ ଏ ଭିତରକୁ ଆସିଛନ୍ତି ଆଉ ଏଠୁ ଫେରିବେ ନାହିଁ । ମୋ ଗାଡ଼ି ବୋଧେ ଏଇ ପାଖରେ ଅଛି ।" ସେ ମୁହଁରେ ଦୁଇଟା ଆଙ୍ଗୁଠି ଦେଇ ଅନ୍ତେ ହୁଇସିଲ୍ ବଜାଇଲେ । ତାଙ୍କ ସଙ୍କେତର ଉତ୍ତରରେ ଟିକିଏ ଦୂରରୁ ସେଇପରି ହୁଇସିଲ୍ ଶବ୍ଦ ଶୁଭିଲା । ତାପରେ ଗାଡ଼ି ଚକ ଆଉ ଘୋଡ଼ା ଟାପୁ ଶବ୍ଦ ଶୁଣାଗଲା ।

Digitized by srujanika@gmail.com

ଅନ୍ଧାର ଭିତରୁ ଗୋଟେ ଉଚ୍ଚା ଘୋଡ଼ାଗାଡ଼ି ଆସିଲା । ହୋମସ୍ କହିଲେ, "ତୁମେ ମୋ ସାଥିରେ ଯିବ ନାହିଁ ଓ୍ୱାଟ୍‌ସନ୍ ?"

"ଯଦି ମୁଁ କିଛି ଦରକାରରେ ଆସିବ ।"

ତୁମ ପରି ଜଣେ ବିଶ୍ବସ୍ତ ବନ୍ଧୁ ଯଥେଷ୍ଟ ଦରକାରରେ ଆସିବ । ତା ଛଡ଼ା ତୁମେ ମୋ କେଶ୍ ଗୁଡ଼ାକର ଇତିହାସ ଲେଖକ । ସେଡ଼ାର୍‌ରେ ମୋ କୋଠରୀରେ ଦୁଇଜଣଙ୍କ ପାଇଁ ବ୍ୟବସ୍ଥା ଅଛି ।"

"ସେଡ଼ାର୍ ?"

"ହଁ, ସେଟା ହେଲା ମିଷ୍ଟର୍ କ୍ଲେୟାର୍‌ଙ୍କ ଘର । ମୁଁ ସେଇଠି ରହି ମୋ ଅନୁସନ୍ଧାନ ଚଳେଇଛି ।"

"କିନ୍ତୁ ଜାଗାଟା କେଉଁଠି ?"

"କେଣ୍ଟ୍ ଇଲ୍‌ରେ । ଏଠୁ ଆମକୁ ସାତ ମାଇଲ ଯିବାକୁ ହେବ ।"

"କିନ୍ତୁ ମୁଁ ତ କିଛି ବୁଝିପାରୁ ନାହିଁ ।"

"ତା ସତ । ତେବେ ଶୀଘ୍ର ସବୁ ଜାଣି ପାରିବ । ଏଇ ଗାଡ଼ି ଭିତରକୁ ଚାଲିଯାଅ । ଆଚ୍ଛା ଜନ୍; ତୁମେ ଏଥର ଯାଇପାର । ଏଇ ନିଅ ଅଧ କ୍ରାଉନ୍, କାଲି ଏଗାରଟା ବେଳେ ମୋସାଙ୍ଗେ ଦେଖା କରିବ ।"

"ହୋମସ୍ ଘୋଡ଼ାକୁ ଚାବୁକବାଡ଼େଇଲେ । ସେଇ ଅନ୍ଧାର ନିର୍ଜନଗଳି ରାସ୍ତାରେ ଗାଡ଼ି ଚାଲିଲା । ଆସ୍ତେ ଆସ୍ତେ ରାସ୍ତା ଚଉଡ଼ା ହେଲା । ଶେଷରେ ଗୋଟେ ପୋଲ୍ ଉପରେ ଗାଡ଼ି ପହଞ୍ଚିଲା । ତା ଆର ପାଖେ ପୁଣି ନିର୍ଜନ ରାସ୍ତା । ଆକାଶ ମେଘାଚ୍ଛନ୍ନ । ହୋମସ୍ ଘୋଡ଼ାକୁ ଅଡ଼ାଉଥାନ୍ତି । ମୁଁ ଚୁପ୍‌ଚାପ୍ ବସି ଏଇ ନୂଆ ଅଭିଯାନ କଥା ଜାଣିବାକୁ ଉତ୍ସୁକ ହେଉଥାଏ । ଆମେ କେତେ ମାଇଲ ଗାଡ଼ି ଚଳେଇ ଆସିଲୁ । ତା ପରେ ହୋମ୍ ଝାଡ଼ି ହୋଇ ସଳଖି ବସି ତାଙ୍କ ପାଇପ୍ ଲଗାଇଲେ । ତାଙ୍କ କାମରେ ସେ ଯେମିତ ସନ୍ତୁଷ୍ଟ ।

କହିଲେ, "ଚୁପ୍‌ଚାପ୍ ବସି ରହିବା ତୁମର ଗୋଟେ ବଡ଼ ଗୁଣ ଓ୍ୱାଟ୍‌ସନ୍ । ମୁଁ ଭାବୁଥିଲି ଭଦ୍ରମହିଳାଙ୍କ ସାଥିରେ ଦେଖା ହେଲେ ତାଙ୍କୁ କ'ଣ କହିବ ?"

Digitized by srujanika@gmail.com

"ତୁମେ ଭୁଲି ଯାଉଛ, ମୁଁ ଏ ବିଷୟରେ କିଛି ଜାଣେନା ।"

"ଅମେଲରେ ପହଞ୍ଚିବା ପୂର୍ବରୁ ମୁଁ ତୁମକୁ ଘଟଣାଟା କହିଦେଇ ପାରିବି । ଘଟଣାଟା ଖୁବ୍ ସହଜ ଜଣାଯାଉଥିଲେ ବି ମୁଁ କିଛି ତଥ୍ୟ ପାଇ ପାରୁନାହିଁ । ଅବଶ୍ୟ ଗୁଡ଼ାଏ ସୂତ୍ର ଅଛି କିନ୍ତୁ ମୋ ହାତକୁ ଗୋଟେ ବି ଆସି ପାରୁନାହିଁ । ମୁଁ ସଂକ୍ଷେପରେ ଘଟଣାଟା ତୁମକୁ କହୁଛି । ହୁଏତ ମୁଁ ଯେଉଁଠି ପୂରା ଅନ୍ଧାରରେ ତମେ ସେଠି ଆଲୁଅର ଶିଖା ପାଇପାର ।"

"ତେବେ ଘଟଣାଟା କହ ।"

"କେତେ ବର୍ଷ ପୂର୍ବେ, ୧୮୮୫ ମସିହା ମେ ମାସରେ ଲିକୁ ଜଣେ ଭଦ୍ରଲୋକ ଆସିଥିଲେ । ତାଙ୍କ ନାଁ ନେଭିଲ୍ କ୍ଲେୟାର୍ । ତାଙ୍କ ପାଖରେ ଯଥେଷ୍ଟ ପଇସାପତ୍ର ଥିଲା । ସେ ଗୋଟେ ବଡ଼ ଘର କିଣି, ବାଡ଼ି ବଗିଚା କରି ବେଶ୍ ଆଡ଼ମ୍ବରରେ ରହିଲେ । ଆସ୍ତେ ଆସ୍ତେ ପାଖ ପଡ଼ୋଶୀଙ୍କ ସାଥିରେ ତାଙ୍କର ବନ୍ଧୁତା ଜମିଉଠିଲା । ୧୮୮୭ ଖ୍ରୀଷ୍ଟାବ୍ଦରେ ସେ ସ୍ଥାନୀୟ ଜଣେ ମଦ ବ୍ୟବସାୟୀଙ୍କ ଝିଅକୁ ବିବାହ କଲେ । ଏବେ ତାଙ୍କର ଦୁଇଟି ପିଲା । ସେ କିଛି ବ୍ୟବସାୟ କରୁନଥିଲେ କିନ୍ତୁ କେତେକ କମ୍ପାନୀରେ ବଡ଼ ଅଂଶୀଦାର ଥିଲେ । ପ୍ରତିଦିନ ସକାଳେ ସେ ସହରକୁ ଯାଆନ୍ତି ଆଉ ପାଞ୍ଚଟା ଚଉଦ ମିନିଟ୍‌ରେ କାନନ୍ ଷ୍ଟ୍ରୀଟ୍‌ରୁ ଫେରନ୍ତି । ତାଙ୍କର ବର୍ତ୍ତମାନ ବୟସ ସଇଁତିରିଶି ବର୍ଷ । ଲୋକ ହିସାବରେ ସେ ଖୁବ୍ ଭଲ, ଶାନ୍ତଶିଷ୍ଟ । ଜଣେ ଆଦର୍ଶ ସ୍ୱାମୀ ଆଉ ସ୍ନେହଶୀଳ ପିତା । ପାଖ ଆଖ ଜଣାଶୁଣା ଲୋକେ ସମସ୍ତେ ତାଙ୍କୁ ଭଲ ପାଆନ୍ତି । ତାଙ୍କର ଆର୍ଥିକ ଅବସ୍ଥା ବି ଭଲ ।

"ଗଲା ସୋମବାର ଦିନ ମିଷ୍ଟର କ୍ଲେୟାର୍ ସବୁଦିନ ଅପେକ୍ଷା ସଅଳ ସହରକୁ ବାହାରିଲେ । ଗଲାବେଳେ କହିଗଲେ ତାଙ୍କର ଦୁଇଟା ଜରୁରୀ କାମ ଅଛି । ଆସିଲାବେଳେ ସାନପୁଅ ପାଇଁ ଗୋଟେ ଗ୍ରେଟ ଖେଳଣା ବାକ୍ସ ଆଣିବେ । ସେ ଯିବା ପରେ ତାଙ୍କ ସ୍ତ୍ରୀ ଗୋଟେ ଟେଲିଗ୍ରାମ୍ ପାଇଲେ । ସେଥିରେ ଲେଖାଥିଲା ତାଙ୍କର ଗୋଟେ ଗ୍ରେଟ ମୂଲ୍ୟବାନ୍ ପାର୍ସଲ୍ ଆବରଡ଼ିନ୍ ଜାହାଜ କମ୍ପାନୀ ଅଫିସରେ ପହଞ୍ଚିଛି । ଏଇ ପାର୍ସଲ୍ ଅପେକ୍ଷାରେ ସେ ଆଶା କରୁଥିଲେ । ଏଇ ଜାହାଜ କମ୍ପାନୀର ଅଫିସ

Digitized by srujanika@gmail.com

ଫ୍ରେସ୍‌ନୋ ଷ୍ଟ୍ରୀଟ୍‌ରେ । ଏହି ଷ୍ଟ୍ରୀଟ୍ ଗୁଲ୍‌ଖଟି ଥିବା ଉପର ସ୍ୱାନ୍‌ଡାମ୍ ଗଳିର ଗୋଟିଏ ଶାଖା । ଶ୍ରୀମତୀ କ୍ଲେସ୍ୱାର ଖିଆପିଆ ସାରି ସହରକୁ ବାହାରିଲେ । ବାଟରେ କିଛି ଜିନିଷ କିଣାକିଣିକରି କମ୍ପାନୀ ଅଫିସ୍‌ରେ ପହଞ୍ଚିଲେ । ସେଠୁ ପାର୍ସଲ୍‌ଟା ଆଣି ୪ ଘଣ୍ଟା ୩୫ ମିନିଟ୍ ବେଳେ ଏଇ ସ୍ୱାନ୍‌ଡାମ୍ ଗଳି ଦେଇ ଷ୍ଟେସନ ଆଡ଼କୁ ଚାଲି ଚାଲି ଫେରିଲେ । ଏ ଯାଏ ମୋ କଥା ବୁଝିଲତ ?”

“ହଁ, ପରିଷ୍କାର ବୁଝିଲି ।”

“ତୁମର ମନେ ପଡୁଥିବ, ସୋମବାରଦିନ ପ୍ରବଳ ଖରା ଆଉ ଗରମ ହେଉଥିଲା । ଶ୍ରୀମତୀ କ୍ଲେସ୍ୱାର ଧୀରେ ଧୀରେ ଚାଲୁଥାନ୍ତି । ଚାରିପାଖକୁ ଚାହୁଁଥାନ୍ତି, କାଳେ କେଉଁଠି ଘୋଡ଼ାଗାଡ଼ିଟାଏ ମିଳିଯିବ । ଏଇ ସ୍ୱାନ୍‌ଡାମ୍ ଗଳିରେ ଚାଲି ଚାଲି ଆସୁଥିବା ବେଳେ ହଠାତ୍ ସେ ଏକ ଚିତ୍କାର ଶୁଣିଲେ । ଉପରକୁ ଚାହିଁ ଗୋଟିଏ ଘରର ଦୋମହଲାର ଝରକା ପାଖରେ ତାଙ୍କ ସ୍ୱାମୀଙ୍କୁ ଦେଖିଲେ । ଜଣାଗଲା ସେ ଯେମିତି ତାଙ୍କୁ କିଛି ଠାରୁଛନ୍ତି । ଝରକାଟା ଖୋଲାଥିଲା । ସେ ପରିଷ୍କାର ଭାବେ ତାଙ୍କ ସ୍ୱାମୀଙ୍କ ମୁହଁ ଦେଖିଛନ୍ତି । ମୁହଁରେ ପୂରା ଉତ୍ତେଜନାର ଭାବ । ସେ କ୍ରୋଧାନ୍ଧପରି ହାତ ହଲାଉଥିଲେ । ହଠାତ୍ ସେ ସେଠାରୁ ଅନ୍ତର୍ଦ୍ଧାନ ହୋଇଗଲେ । ଶ୍ରୀମତୀ କ୍ଲେସ୍ୱାରଙ୍କୁ ଜଣାଗଲା କେହି ଯେମିତି ପଛଆଡ଼ୁ ଜୋର୍‌କରି ତାଙ୍କୁ ଭିଡ଼ିନେଲା । ଆଉ ଗୋଟିଏ ଜିନିଷ ତାଙ୍କ ଆଖିରେ ପଡ଼ିଗଲା । ତାଙ୍କ ସ୍ୱାମୀ ସହରକୁ ଗଲାବେଳେ ଯେଉଁ କଳାକୋଟ୍ ପିନ୍ଧିଥିଲେ ସେଟା ତାଙ୍କ ଦେହରେ ଥିଲେ ମଧ୍ୟ ବେକରେ ଟାଇ ନଥିଲା ।

ଶ୍ରୀମତୀ କ୍ଲେସ୍ୱାର୍ ନିଶ୍ଚିତ ରୂପେ ଜାଣିଲେ ଯେ ତାଙ୍କ ସ୍ୱାମୀ କିଛି ଅସୁବିଧାରେ ପଡ଼ିଛନ୍ତି । ସେ ପାହାଚ ଦେଇ ସେ ଘର ଆଡ଼କୁ ଧାଇଁଲେ । ଘରଟା ହେଲା ସେଇ ଗୁଲ୍‌ଖଟି ଯେଉଁଠି ତୁମେ ମୋତେ ଭେଟିଲ । ସାମନା ଘର ଭିତରେ ଦୌଡ଼ିଯାଇ ସେ ପାହାଚରେ ଉପରକୁ ଉଠିବାକୁ ଚେଷ୍ଟା କଲେ ଓ ପାହାଚ ତଳେ ସେଇ ଶୟତାନ ଖଟିମାଲିକକୁ ହାବୁଡ଼ିଲେ । ସେ ତାଙ୍କୁ ବାଧାଦେଇ ଘରୁ ରାସ୍ତା ଉପରକୁ ବାହାର କରିଦେଲା । ସନ୍ଦେହ ଆଉ ଭୟରେ ସେ ପାଗଳପରି ରାସ୍ତାରେ ଧାଇଁଲେ ।

Digitized by srujanika@gmail.com

ଭାଗ୍ୟକୁ ଫ୍ରେସ୍‌ନୋ ଗଳିରେ ସେ କେତେ ଜଣ କନେଷ୍ଟବଲ୍ ଆଉ ଜଣେ ଇନ୍‌ସ୍‌ପେକ୍ଟରଙ୍କୁ ଭେଟିଲେ । ଦୁଇଜଣ କନେଷ୍ଟବଲ୍ ଆଉ ଇନ୍‌ସ୍‌ପେକ୍ଟରଙ୍କ ସାଥିରେ ସେ ଫେରିଲେ । ମାଲିକଙ୍କ ବାରମ୍ବାର ପ୍ରତିବୋଧ ସତ୍ତ୍ୱେ ସେମାନେ ମିଷ୍ଟର୍ କ୍ଲେୟାର ଦେଖା ଯାଇଥିବା କୋଠରିକୁ ଗଲେ । ସେଠି ତାଙ୍କର ଚିହ୍ନବର୍ଣ୍ଣ ନଥିଲା । ସାରା ଦୋମହଲାରେ କେହି ଲୋକ ନଥିଲେ । କେବଳ ଜଣେ ବିକୃତ ଗ୍ଲେଟା ଦୁଃଷ୍ଟଲୋକ ଥିଲା । ଜଣାଗଲା ସେ ସେଠି ବରାବର ରହେ । ସେ ଆଉ ମାଲିକ ଦୁହେଁ ଶପଥ କରି କହିଲେ ଯେ ସେ ଘରେ ସାରା ଉପରବେଳା ଆଉ କେହି ଲୋକ ନ ଥିଲା । ଏମିତି ଦୃଢ଼ ଭାବରେ ସେ ଏକଥା କହିଲେ ଯେ ଇନ୍‌ସ୍‌ପେକ୍ଟର ପ୍ରାୟ ବିଶ୍ୱାସ କରିନେଲେ ଶ୍ରୀମତୀ କ୍ଲେୟାର ଭ୍ରମରେ ପଡ଼ିଯାଇଛନ୍ତି । ଏତିକିବେଳେ ଶ୍ରୀମତୀ କ୍ଲେୟାର ଚିତ୍କାର କରି ଟେବୁଲ ଉପରେ ଥିବା ଗୋଟେ ଗ୍ଲେଟ ବାକ୍ସ ଆଡ଼କୁ ଧାଇଁଗଲେ, ଆଉ ତା ଢାଙ୍କୁଣିଟା ଖୋଲିଦେଲେ । ତା ଭିତରୁ ପିଲାଙ୍କ ଖେଳଣା ଖସିପଡ଼ିଲା । ଏଇ ଖେଳଣା ଆଣିବା ପାଇଁ ମିଷ୍ଟର୍ କ୍ଲେୟାର କହିଥିଲେ ।

"ଏଇ ଆବିଷ୍କାର ଆଉ ସେ ଗ୍ଲେଟା ଲୋକର ଗୋଳମାଳିଆ ଭଙ୍ଗିରୁ ଇନ୍‌ସ୍‌ପେକ୍ଟର ଜାଣିଲେ ଯେ ଘଟଣାଟା ଗୁରୁତର । ପ୍ରତ୍ୟେକ ଘର ଭଲଭାବେ ପରୀକ୍ଷା କରି ଦେଖାଗଲା । ସେଥିରୁ ଏକ ଜଘନ୍ୟ ଅପରାଧର ସୂଚନା ମିଳିଲା । ସାମନା କୋଠରିଟା ବୈଠକଖାନା—ସାଦାସିଧା ସାଜସଜା । ତା' ଭିତରଦେଇ ଗଲେ ଗୋଟିଏ ଗ୍ଲେଟ ଶୋଇବା ଘର । ଘରଟା ନଈକୂଳ ଗୋଟେ ଘାଟର ଠିକ୍ ପଛ ପାଖେ । ନଈ ଘାଟ ଆଉ ଏଇ ଘରର ଝରକା ମଝିରେ ଗୋଟେ ଅଣଓସାରିଆ ଜାଗା । ନଈରେ ଢେଉ ନଥିବାବେଳେ ଏ ଜାଗା ଶୁଖିଲା ପଡ଼ିଥାଏ, କିନ୍ତୁ ଢେଉ ହେଲାବେଳେ ଏଠି ଚାରିପାଞ୍ଚଫୁଟ ପାଣି ହୋଇଯାଏ । ଶୋଇବା ଘରର ଝରକାଟା ବେଶ୍ ଚଉଡ଼ା ଆଉ ତଳ ପାଖରୁ ଖୋଲେ । ଘରଟା ପରୀକ୍ଷା କଲାବେଳେ ଝରକାର ବନ୍ଧ ଉପରେ ରକ୍ତର ଦାଗ ଦେଖାଗଲା । ତା'ଛଡ଼ା ଘରର କାଠ ମେଜିଆ ଉପରେ ଏଠିସେଠି ରକ୍ତ ଟୋପା ପଡ଼ିଥିଲା । ସାମନା

Digitized by srujanika@gmail.com

ଘରର ଗୋଟେ ପରଦା ପଛ ପାଖେ ମିଷ୍ଟର୍ ନେଭିଲ୍ କ୍ଲେୟାର୍‌ଙ୍କ ଲୁଗାପଟା ଲୁଚା ହୋଇଥିଲା । କେବଳ ତାଙ୍କ କୋଟ୍‌କୁ ଛାଡ଼ି ଜୋତା, ମୋଜା, ଟୋପି, ଘଣ୍ଟା ସବୁ ସେଠି ଥିଲା । କୌଣସି ଆକ୍ରମଣ ବା ବଳପ୍ରୟୋଗର ଚିହ୍ନ ତାଙ୍କ ପୋଷାକପତ୍ରରେ ନ ଥିଲା । ନେଭିଲ୍ କ୍ଲେୟାର୍‌ଙ୍କର ଆଉ କିଛି ଚିହ୍ନ ସେଠି ନ ଥିଲା । ସେ ସେଇ ଝରକାବାଟେ ଖସିଯାଇଥିବାର ସମ୍ଭାବନା । ଝରକା ବାହାର ସେ ରକ୍ତଚିହ୍ନରୁ ଜଣାଯାଏ ଯେ ସେ ପହଁରି ପହଁରି ନିଜକୁ ରକ୍ଷା କରିବା ଅସମ୍ଭବ; କାରଣ ଏଇ ଦୁର୍ଘଟଣା ଘଟିବାବେଳେ ନଈରେ ଖୁବ୍ ଉଚ୍ଚ ଢେଉ ହେଉଥିଲା ।

"ଏଥର ଏ ଘଟଣାରେ ଯେଉଁ ଦୁର୍ବୃତ୍ତମାନେ ସଂଶ୍ଳିଷ୍ଟ ଥିବାର ଅନୁମାନ, ତାଙ୍କ କଥା କହେ । ମ୍ୟାନେଜର୍‌ର ପୂର୍ବ ଇତିହାସ ବଡ଼ ଜଘନ୍ୟ । କିନ୍ତୁ ଶ୍ରୀମତୀ କ୍ଲେୟାର୍‌ଙ୍କ କଥା ଅନୁସାରେ ସେ ତାଙ୍କ ସ୍ୱାମୀଙ୍କୁ ଝରକା ପାଖରେ ଦେଖିବାର ଅଳ୍ପ କେତେ ସେକେଣ୍ଡ ଭିତରେ ମ୍ୟାନେଜର୍‌କୁ ସିଁଡ଼ିତଳେ ଥିବାର ଦେଖିଛନ୍ତି । ତେଣୁ ଏ ଅପରାଧରେ ସେ କେବଳ ସାହାଯ୍ୟକାରୀ ହୋଇପାରେ । ସେ କହେ ଯେ, ସେ ଏସବୁ ବିଷୟ କିଛି ଜାଣେନା । ସେ ଘରେ ରହୁଥିବା ହଗ୍‌ବୁନ୍‌ର କାର୍ଯ୍ୟକଳାପ ବିଷୟରେ ସେ ଅଜ୍ଞ । ନିରୁଦ୍ଦିଷ୍ଟ ଭଦ୍ରଲୋକଙ୍କ ପୋଷାକପତ୍ର ସେଠିକି କେମିତି ଆସିଲା ସେ କହିପାରିବ ନାହିଁ ।

"ମ୍ୟାନେଜର ବିଷୟରେ ଏତିକି । ଏଥର ଗୁଲ୍‌ଖଟିର ଦୋମହଲରେ ରହୁଥିବା ସେଇ ଲୋକଟା କଥା । ସେ ନିଶ୍ଚୟ ନେଭିଲ୍ କ୍ଲେୟାରଙ୍କୁ ଦେଖିଥିବା ସର୍ବଶେଷ ଲୋକ । ତା' ନାଁ ହଗ୍‌ବୁନ୍ । ଯେଉଁ ଲୋକେ ବରାବର ସହରକୁ ଯାଆନ୍ତି ସେମାନେ ହଗ୍‌ବୁନ୍‌ର କଦର୍ଯ୍ୟ ମୁହଁ ସାଥିରେ ପରିଚିତ । ତା'ର ବ୍ୟବସାୟ ଭିକ ମାଗିବା; କିନ୍ତୁ ପୋଲିସ୍ ଆଇନ୍‌କୁ ଫାଙ୍କିବା ପାଇଁ ସେ ମହମବତି ବିକିବାର ଛଳନା କରେ । ଏକ ଗଳି ମୋଡ଼ରେ କେତେଟା ମହମବତି ଧରି ସେ ବସେ । ପାଖରେ ମଇଳା ଚମଡ଼ାଟୋପିଟା ପକାଇଦେଇଥାଏ । ଲୋକଟାକୁ ଦେଖିଲେ ବିକଳ ଲାଗେ । ତେଣୁ ଲୋକେ ଦୟା କରି ତା' ଟୋପିରେ କିଛି ପଇସା ପକାଇ-

Digitized by srujanika@gmail.com

ହଅନ୍ତି । ମୁଁ ଲୋକଟାକୁ କେତେ ଥର ଲକ୍ଷ୍ୟ କରିଛି । ତା'ର ବ୍ୟବସାୟ କ'ଣ ଜାଣିବାକୁ ସେତେବେଳେ ଚିନ୍ତା କରି ନ ଥିଲି । ଖୁବ୍ କମ୍ ସମୟରେ ତା'ର ଯାହା ରୋଜଗାର ମୁଁ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଛି । ତା' ଚେହେରାଟା ଏମିତ ଯେ କୌଣସି ଲୋକ ତାକୁ ଲକ୍ଷ୍ୟ ନ କରି ଚାଲି ଯାଇପାରନ୍ତି ନାହିଁ । ମୁଣ୍ଡରେ କେରାଏ ପାଚିଲାବାଳ, ମଇଳା ମୁହଁ, ସେଥିରେ ଗୋଟେ ମସ୍ତବଡ଼ ଖଣ୍ଡିଆ ଘା । ଥୋଡ଼ିଟା କୁକୁର ମୁହଁ ପରି । ଆଖିଦୁଇଟା କଳା କଳା, ମୁଣ୍ଡବାଳର ଠିକ୍ ଓଲଟା । ଭିଖାରି ଦଳ ଭିତରେ ସେ ବାରିହୋଇ ପଡ଼େ । ବୁଦ୍ଧିରେ ବି ସେ ସମସ୍ତଙ୍କଠାରୁ ଅଲଗା । ଏଇ ଲୋକ ସେ ଗୁଲିଖଟିରେ ଘର ନେଇ ରହିଛି, ଆଉ ଆମେ ଯେଉଁ ଲୋକଙ୍କୁ ଖୋଜୁଛେ ତାଙ୍କୁ ସେ ଦେଖିଥିବା ସର୍ବଶେଷ ଲୋକ ।''

ମୁଁ କହିଲି, ''କିନ୍ତୁ ଲୋକଟା ଟ୍ରେଟା, ଲେଙ୍ଗଡ଼ା । ଜଣେ ସୁସ୍ଥ ଯୁବକ ବିରୁଦ୍ଧରେ ସେ ଏକା କ'ଣ କରିପାରିଥିବ ?''

''ସେ ଟ୍ରେଟା—ଏଇ ଦୃଷ୍ଟିରୁ ଯେ ସେ ଟ୍ରେଟେଇ ଟ୍ରେଟେଇ ଚାଲେ; ଆଉ ସବୁ ଦିଗରୁ ସେ ବେଶ୍ ଶକ୍ତିଶାଳୀ ଆଉ ସୁସ୍ଥ । ତୁମର ଡାକ୍ତରୀ ଅଭିଜ୍ଞତାରୁ ତୁମେ ଜାଣିଥିବ ୱାଟ୍‌ସନ୍ ଯେ, ଶରୀରର ଗୋଟେ ଅଙ୍ଗ ଦୁର୍ବଳ ହୋଇଗଲେ ତା'ର ପୂରଣ ପାଇଁ ଅନ୍ୟ ଅଙ୍ଗରେ ଅଧିକ ଶକ୍ତି ଆସିଥାଏ ।''

''ହଉ, ତୁମ କଥା କୁହ ।''

''ଝରକା ଉପରେ ରକ୍ତଦାଗ ଦେଖି ଶ୍ରୀମତୀ କ୍ଲେୟାର ଚେତା ହରାଇ ପଡ଼ିଗଲେ । ପୋଲିସ ତାଙ୍କୁ ଘରକୁ ନେଇଗଲେ; କାରଣ ଅନୁସନ୍ଧାନରେ ତାଙ୍କର ଉପସ୍ଥିତି କିଛି ସାହାଯ୍ୟ କରିବ ନାହିଁ । ଏ କେଶ୍ ଦାୟିତ୍ୱରେ ଥିବା ଇନସ୍‌ପେକ୍ଟର ବାର୍‌ଟନ୍ ସେ ଜାଗାଟାକୁ ତନ୍ନତନ୍ନ କରି ପରୀକ୍ଷା କଲେ; କିନ୍ତୁ ଘଟଣାଟା ଜାଣିବା ପାଇଁ କିଛି ତଥ୍ୟ ପାଇଲେ ନାହିଁ । ବୁନ୍‌କୁ ସାଙ୍ଗେ ସାଙ୍ଗେ ଆରେଷ୍ଟ ନ କରି ସେ ଅବଶ୍ୟ ଭୁଲ୍ କଲେ । ଯେଉଁ କେତେ ମିନିଟ୍ ସମୟ ସେ ପାଇଗଲା ସେ ଭିତରେ ତା' ସାଥି ସେଇ ମ୍ୟାନେଜର୍ ସଙ୍ଗେ କଥାବାର୍ତ୍ତା ହୋଇପାରିଥିବ । ଏ ଭୁଲଟା

Digitized by srujanika@gmail.com

ଅବଶ୍ୟ ଚଞ୍ଚଳ ସୁଧାର ନିଆଗଲା । ବ୍ରୁନ୍‌କୁ ଆରେଷ୍ଟ କରାଗଲା ଏବଂ ଖାନତଲାସ ମଧ୍ୟ କରାଗଲା; କିନ୍ତୁ ତାକୁ ଅଭିଯୁକ୍ତ କରିବା ଭଳି କିଛି ତା'ଠାରୁ ମିଳିଲା ନାହିଁ । ଅବଶ୍ୟ ତା' କୁରୁତାର ଡାହାଣ ହାତରେ ରକ୍ତ ଲାଗିଥିଲା । କିନ୍ତୁ ସେ ତା' ଆଙ୍ଗୁଠି ଦେଖାଇଲା । ନଖ ପାଖରୁ ଆଙ୍ଗୁଠି କଟିଯାଇଛି । ସେଇଥିରୁ ରକ୍ତ ଲାଗିଛି ବୋଲି ସେ କହିଲା । ଆହୁରି ମଧ୍ୟ ସେ କହିଲା ଯେ ଅଳ୍ପ ସମୟ ପୂର୍ବରୁ ସେ ଝରକା ପାଖକୁ ଯାଇଥିଲା । ଝରକାରେ ଲାଗିଥିବା ରକ୍ତ ନିଶ୍ଚୟ ତା ଆଙ୍ଗୁଠିରୁ ଲାଗିଥିବ । ସେ ନେଭିଲ୍ କ୍ଲେୟାରଙ୍କୁ କେବେ ଦେଖିଥିବା ଦୃଢ଼ଭାବେ ଅସ୍ୱୀକାର କଲା । ସେ ଘରକୁ କ୍ଲେୟାରଙ୍କ ପୋଷାକ କେମିତି ଆସିଲା, ସେ ରହସ୍ୟ ତାକୁ ଜଣାନାହିଁ । ଶ୍ରୀମତୀ କ୍ଲେୟାର ଝରକା ପାଖରେ ତାଙ୍କ ସ୍ୱାମୀଙ୍କୁ ଦେଖିଥିବା ବିଷୟରେ ସେ କହିଲା ଯେ ଶ୍ରୀମତୀ କ୍ଲେୟାର ହୁଏତ ସ୍ୱପ୍ନ ଦେଖିଥିବେ କିମ୍ବା ତାଙ୍କ ମୁଣ୍ଡ ଖରାପ ଥିବ । ତାକୁ ଥାନାକୁ ନିଆଗଲା । ଇନସ୍‌ପେକ୍ଟର ସେ ଜାଗାରେ ରହିଲେ । ଆଶା, ଢେଉ କମିଗଲେ ହୁଏତ କିଛି ସୂତ୍ର ମିଳିପାରେ ।

"ସୂତ୍ର ମିଳିଲା ମଧ୍ୟ । କିନ୍ତୁ ସେମାନେ ଯାହା ଆଶା କରୁଥିଲେ ତାହା ମିଳିଲା ନାହିଁ । ଢେଉ କମିବା ପରେ ନେଭିଲ୍ କ୍ଲେୟାରଙ୍କ ମୃତ ଦେହ ପରିବର୍ତ୍ତେ ସେମାନେ ପାଇଲେ ତାଙ୍କ କୋଟ୍ । ସେଇଟାକୁ ସାଙ୍ଗେ ସାଙ୍ଗେ ଖୋଜିପକାଇଲେ । କୋଟ୍ ପକେଟରୁ କ'ଣ ମିଳିଥିବ ଅନୁମାନ କର ।"

"ମୁଁ କିଛି ଭାବିପାରୁନାହିଁ ।"

"ମୁଁ ଜାଣିଥିଲି, ତୁମେ ଅନୁମାନ କରିପାରିବନାହିଁ । ପେନି ଆଉ ଅଧାପେନି ମୁଦ୍ରାରେ ସବୁ ପକେଟ୍ ଭର୍ତ୍ତି ହୋଇଥିଲା । ସମୁଦାୟ ୪୨୧ଟା ପେନି ଆଉ ୨୭୦ଟା ଅଧାପେନି । ତେଣୁ କୋଟ୍‌ଟା ଢେଉରେ ଭାସିଯାଇ ପାରିଲା ନାହିଁ । କିନ୍ତୁ ଗୋଟେ ମୃତ ଶରୀର କଥା ଅଲଗା । ସେ ଘର ଆଉ ନଦୀଘାଟ ମଧ୍ୟରେ ପ୍ରତିକୂଳ ସ୍ରୋତ ପ୍ରବଳ । ତେଣୁ ଅନୁମାନ, ଓଜନ ହେତୁ କୋଟ୍‌ଟା ସେଠି ରହିଗଲା ଅଥଚ ଉଲଗ୍ନ ଶରୀରଟା ନଦୀ ଭିତରକୁ ଟାଣିହୋଇଗଲା ।"

Digitized by srujanika@gmail.com

"ତୁମେ ପରା କହିଲ, କ୍ଲେୟାରଙ୍କର ଆଉ ସବୁ ପୋଷାକପତ୍ର ସେ ଘର ଭିତରେ ଥିଲା । ତେବେ ସେ କ'ଣ ଖାଲି କୋଟ୍‌ଟା ପିନ୍ଧିଥିଲେ ?"

"ନା, ତା' ନୁହେଁ । ତେବେ ଦେଖିଲ ମାତ୍ରେ ଘଟଣାଟା ସମ୍ବନ୍ଧରେ, ଗୋଟେ ଭ୍ରାନ୍ତ ଧାରଣା ସୃଷ୍ଟି ହୋଇଯିବ । ମନେକର ଏଇ ଲୋକ ବ୍ରୁନ୍ ନେଭିଲ୍ କ୍ଲେୟାରଙ୍କୁ ଝରକାବାଟେ ପେଲିଦେଲା । କେହି ଲୋକ ତାହା ଦେଖିବା ପାଇଁ ସେଠି ନାହିଁ । ତା'ପରେ ସେ କ'ଣ କରିବ ? ସେ ନିଶ୍ଚୟ ଭାବିଥିବ ଯେ କ୍ଲେୟାରଙ୍କ ପୋଷାକଗୁଡ଼ା ଥିଲେ ଘଟଣାଟା ଜଣାପଡ଼ିଯାଇପାରେ । ତେଣୁ ସେ ସେଗୁଡ଼ାକ ସଫା କରିଦେବାକୁ ନିଶ୍ଚୟ ଚେଷ୍ଟା କରିବ । ତେଣୁ ସେ କୋଟ୍‌ଟା ନେଇଯାଇ ଫିଙ୍ଗି ଦେବାକୁ ବସିଥିବ । ସେତିକିବେଳେ ତା ମନରେ ଆସିଥିବ ଯେ କୋଟ୍‌ଟା ପାଣିରେ ନ ବୁଡ଼ି ଭାସିବ । ସମୟ ଖୁବ୍ କମ୍; କାରଣ ତଳେ ପାଟି ଶୁଣାଗଲା । ଶ୍ରୀମତୀ କ୍ଲେୟାର ଉପରକୁ ଆସିବାଲାଗି ପାଟିତୁଣ୍ଡ କରୁଥାନ୍ତି । ଏହା ବ୍ୟତୀତ ତା' ସାଥି ସେଇ ମ୍ୟାନେଜରଠାରୁ ପୋଲିସ୍ ସେଠିକି ଆସୁଥିବା କଥା ସେ ଶୁଣିଥିବ । ଆଉ ମୁହୂର୍ତ୍ତେ ସମୟ ନଷ୍ଟ କରିବା କଥା ନୁହେଁ । ସେ ଭିକ ମାଗି ଯାହାକିଛି ପଇସା ଜମାକରି ଲୁଚାଇ ରଖିଥିଲା ତାକୁ ଭିତରରେ ନେଇଆସି କୋଟ୍ ପକେଟରେ ଭର୍ତ୍ତି କରି ଦେଇଥିବ । ତା'ପରେ କୋଟ୍‌ଟା ବାହାରକୁ ଫିଙ୍ଗିଦେଇଥିବ । ଅନ୍ୟ ଲୁଗାପଟାଗୁଡ଼ା ମଧ୍ୟ ସେ ସେଇଆ କରିଥାନ୍ତା । କିନ୍ତୁ ତଳେ ସେ ପାଦଶବ୍ଦ ଶୁଣିପାରିଥିବ । ତେଣୁ ପୋଲିସ ଯାଇ ପହଞ୍ଚିବା ପୂର୍ବରୁ ସେ କେବଳ ଝରକାଟା ବନ୍ଦ କରିଦେବାକୁ ସମୟ ପାଇଥିବ ।"

"ଏ କଥା ନିଶ୍ଚୟ ଯୁକ୍ତିସଗତ ।"

"ଅନ୍ୟ କିଛି ତଥ୍ୟ ନଥିବାରୁ ଆମେ ବର୍ତ୍ତମାନ ଏଇ ତଥ୍ୟ ଗ୍ରହଣ କରିନେବା । ମୁଁ କହୁଛି, ବ୍ରୁନ୍‌କୁ ଆରେଷ୍ଟ କରି ଥାନାକୁ ନିଆଗଲା; କିନ୍ତୁ ଦେଖାଗଲା ଆଗରୁ ତା ବିରୁଦ୍ଧରେ କିଛି ନାହିଁ । ବହୁବର୍ଷ ହେଲା ସେ ଏମିତି ଭିକ ମାଗୁଛି ବୋଲି ସମସ୍ତେ ଜାଣନ୍ତି । ସେ ଖୁବ୍ ଶାନ୍ତ ଆଉ ନିରୀହ । ବର୍ତ୍ତମାନ ସୁଦ୍ଧା ଘଟଣା ହେଲା ଏଇଆ । ପ୍ରଶ୍ନ ହେଲା, ନେଭିଲ୍

Digitized by srujanika@gmail.com

କ୍ଲେସ୍ମାର ସେ ଗୁଲ୍‌ଖଟିରେ କ'ଣ କରୁଥିଲେ ? ସେ ବର୍ତ୍ତମାନ କେଉଁଠି ଏବଂ ତାଙ୍କର କ'ଣ ହୋଇଛି ? ତାଙ୍କ ନିରୁଦ୍ଦିଷ୍ଟ ହେବାରେ ହଗ୍‌ବୁନ୍‌ର କି ପ୍ରକାର ହାତ ଅଛି ? ଏସବୁର ସମାଧାନ ଆବଶ୍ୟକ । ମାନୁଛି, ମୋ ଅନୁଭୂତିରେ ଏମିତି କେଶ୍ ମୋଟେ ଆସିନି । ପ୍ରଥମରୁ କେଶ୍‌ଟା ଖୁବ୍ ସହଜ ଜଣାପଡ଼ୁଥିଲେ ମଧ୍ୟ ଏହା ଖୁବ୍ ଜଟିଳ ।"

"ବେକର୍‌ଷ୍ଟ୍ରୀଟ୍‌ର ତୁମ ଅଫିସରୁ ତ ତୁମେ ଏ କେଶ୍‌ଟା ପରିଚାଳନା କରିପାରନ୍ତ ?"

"ନା, କେତେଗୁଡ଼ାଏ ଅନୁସନ୍ଧାନ ଏଠି କରିବାକୁ ପଡ଼ିବ । ଶ୍ରୀମତୀ କ୍ଲେସ୍ମାର ମୋତେ ଦୁଇ ବଖରା ଘର ଛାଡ଼ି ଦେଇଛନ୍ତି । ମୋର ବନ୍ଧୁ ଆଉ ସହକର୍ମୀଙ୍କୁ ସେ ନିଷ୍ଟୟ ଖୁବ୍ ଆଦରରେ ଗ୍ରହଣ କରିବେ । ତାଙ୍କ ସ୍ୱାମୀଙ୍କ ବିଷୟରେ କିଛି ଖବର ମୁଁ ଏଯାଏ ପାଇପାରିନାହିଁ । ତେଣୁ ତାଙ୍କୁ ଦେଖାକରିବାକୁ ଭଲ ଲାଗୁନାହିଁ । ଏଇ ତ ଆମେ ଆସି ପହଞ୍ଚିଗଲେ ।"

ଗୋଟାଏ ଖୁବ୍ ବଡ଼ ଘର ଆଗରେ ଆମ ଗାଡ଼ି ରହିଲା । ଜଣେ ଚାକର ଚାଲି ଆସି ଘୋଡ଼ାଟାକୁ ଧରିଲା । ଆମେ ଗାଡ଼ିରୁ ଓହ୍ଲାଇ ପଡ଼ିଲୁ । ହୋମସ୍‌ଙ୍କ ପଛେ ପଛେ ମୁଁ ଘରଆଡ଼କୁ ଚାଲିଲି । ଆମେ ପହଞ୍ଚିବାକ୍ଷଣି ଘର ଦରଜା ଖୋଲିଗଲା । ମିସେସ୍ କ୍ଲେସ୍ମାର ବ୍ୟଗ୍ର ଭାବରେ ବାହାରକୁ ଆସି ପଚାରିଲେ, "କିଛି ଭଲ ଖବର ?"

"ନା" । ହୋମସ୍ ଉତ୍ତର ଦେଲେ ।

"କିଛି ଖରାପ ଖବର ।"

"ନା ।"

"ଭଗବାନଙ୍କ ଇଚ୍ଛା ! ହଉ, ଭିତରକୁ ଆସନ୍ତୁ । ଆପଣ ସାରାଦିନ କାମରେ ବ୍ୟସ୍ତ ରହି କ୍ଲାନ୍ତ ହୋଇପଡ଼ିଥିବେ ।"

"ଏ ମୋର ବନ୍ଧୁ ଡାକ୍ତର ଉଆଟ୍‌ସନ୍ । ମୋର ଅନେକ କେଶ୍‌ରେ ସେ ମୋତେ ଯଥେଷ୍ଟ ସାହାଯ୍ୟ କରିଛନ୍ତି । ସୁଯୋଗକୁ ତାଙ୍କ ସାଥିରେ ଦେଖାହେଲା । ଏଇ ଅନୁସନ୍ଧାନରେ ସାହାଯ୍ୟ କରିବା ପାଇଁ ମୁଁ ତାଙ୍କୁ ସାଥିରେ ନେଇଆସିଛି ।"

Digitized by srujanika@gmail.com

ଭଦ୍ରମହିଳା ଆଦରରେ ମୋ ହାତ ଧରିପକାଇ କହିଲେ, "ଆପଣ ଆସିଥିବାରୁ ମୁଁ ବିଶେଷ ଆନନ୍ଦିତ । ଆମର ବ୍ୟବସ୍ଥାରେ କିଛି ତ୍ରୁଟି ଥିଲେ କ୍ଷମା କରିବେ । ଦେଖୁଛନ୍ତି ତ, ଆମ ଉପରେ ହଠାତ୍ କି ବିପଦ ପଡ଼ିଯାଇଛି ।"

"ମୁଁ ଅନେକ ଦିନ କ୍ୟାମ୍ପରେ କଟାଇଛି । ନହେଲେ ବି କ୍ଷମାର କିଛି ପ୍ରଶ୍ନ ନାହିଁ । ମୁଁ ଯଦି ଆପଣଙ୍କୁ କିମ୍ବା ମୋ ବନ୍ଧୁଙ୍କୁ କିଛି ସାହାଯ୍ୟ କରିପାରେ ତେବେ ବିଶେଷ ସୁଖୀ ହେବି ।"

ଆମେ ଖାଇବା ଘରକୁ ଗଲୁ । ଟେବୁଲ୍ ଉପରେ ଖାଦ୍ୟ ରଖାଯାଇଥାଏ । ଭଦ୍ରମହିଳା କହିଲେ, "ମିଷ୍ଟର୍ ସେରଲକ୍ ହୋମସ୍, ଆପଣଙ୍କୁ ଗୋଟେ ଦି'ଟା ପ୍ରଶ୍ନ ପଚାରିବି । ଦୟାକରି ତା'ର ଖୋଲଖୋଲ ଉତ୍ତର ଦେବେ ।"

"ନିଶ୍ଚୟ ।"

"ମୋ ମନରେ କି ଭାବ ଆସିବ ଚିନ୍ତା କରନ୍ତୁ ନାହିଁ । ମୁଁ ସହଜରେ ଭାଙ୍ଗିଯିବା ଲୋକ ନୁହେଁ । ମୁଁ କେବଳ ଆପଣଙ୍କର ପ୍ରକୃତ ମତାମତ ଜାଣିବାକୁ ଚାହେଁ ।"

"କେଉଁ ବିଷୟରେ ?"

"ସତ କହନ୍ତୁ, ଆପଣ କ'ଣ ବିଶ୍ୱାସ କରୁଛନ୍ତି ଯେ ନେଭିଲ୍ ବଞ୍ଚିଛନ୍ତି ?"

ପ୍ରଶ୍ନଟା ଶୁଣି ହୋମସ୍ ଟିକିଏ ଇତସ୍ତତଃ ହୋଇପଡ଼ିଲେ । ଭଦ୍ରମହିଳା ପୁଣି ପଚାରିଲେ, "ସତ କୁହନ୍ତୁ, କ'ଣ ଆପଣଙ୍କର ବିଶ୍ୱାସ ?"

"ସତ କହିବାକୁ ହେଲେ, ମୋର ବିଶ୍ୱାସ ସେ ବଞ୍ଚିନାହାନ୍ତି ।"

"ଆପଣ ତେବେ ଭାବୁଛନ୍ତି ସେ ମୃତ ?"

"ହିଁ ।"

"ତାଙ୍କୁ ହତ୍ୟା କରାଯାଇଛି ?"

"ମୁଁ ସେକଥା କହୁନାହିଁ । ତେବେ ବୋଧହୁଏ ହତ୍ୟା କରାଯାଇଛି ।"

"କେଉଁ ଦିନ ତାଙ୍କର ମୃତ୍ୟୁ ହେଲା ?"

Digitized by srujanika@gmail.com

"ସୋମବାର ଦିନ ।"

"ତାହେଲେ ଦୟାକରି ମୋତେ ବୁଝାଇ ଦିଅନ୍ତୁ, ମୁଁ କେମିତି ଆଜି ତାଙ୍କ ପାଖରୁ ଚିଠି ପାଇଲି ।"

ହୋମସ୍ ଚଉକିରୁ ଡେଇଁପଡ଼ିଲେ । ସତେ ଯେମିତି ତାଙ୍କ ଦେହରେ ବିଜୁଳିଶକ୍ତି ଲାଗିଗଲା । ପଚାରିଲେ, "କ'ଣ କହିଲେ, ଆଜି ?"

"ହଁ, ଆଜି । ଏଇ ସେ ଚିଠି ।"

"ମୁଁ ସେଟା ଦେଖିପାରିବି ?"

"ନିଶ୍ଚୟ ।"

ଖୁବ୍ ଉଦ୍‌ଗ୍ରୀବ ହୋଇ ଚିଠିଟା ନେଇ ସେ ଟେବୁଲ୍ ଉପରେ ରଖିଲେ । ଲ୍ୟାମ୍ପ୍‌ଟା ପାଖକୁ ଟାଣିଆଣିଲେ । ମୁଁ ଚଉକିରୁ ଉଠିଯାଇ ତାଙ୍କ କାନ୍ଧ ଉପରେ ଲଇଁପଡ଼ି ରହିଥାଏ । ଲଫାଫାଟା ଖୁବ୍ ମଇଳା ଆଉ ତା' ଉପରେ ଗ୍ରେଭସ୍‌ଏଣ୍ଡ ଡାକଘରର ମୋହର ଆଉ ସେଇ ଦିନର ତାରିଖ; ବରଂ ତା ପୂର୍ବଦିନର ତାରିଖ କହିଲେ ଠିକ୍ ହେବ । କାରଣ ସେତେବେଳକୁ ରାତି ବାରଟାରୁ ବଳି ଯାଇଥିଲା ।

ଗୁଣୁଗୁଣୁ ହୋଇ ହୋମ୍ସ କହିଲେ, "ବଡ଼ କଦର୍ଯ୍ୟ ଲେଖା । ଏଇଟା କେବେ ଆପଣଙ୍କ ସ୍ୱାମୀଙ୍କ ହାତଲେଖା ନୁହେଁ ।"

"ନା, କିନ୍ତୁ ଭିତର ଚିଠିଟା ତାଙ୍କ ହାତଲେଖା ।"

"ଆଉ ଗୋଟେ କଥା ମୁଁ ଦେଖିପାରୁଛି । ଯେ କେହି ଲଫାପା ଉପର ଠିକଣାଟା ଲେଖିଥାଉନା କାହିଁକି ତାକୁ ଠିକଣାଟା ବୁଝି ଲେଖିବାକୁ ପଡ଼ିଛି ।"

"ଆପଣ କେମିତି ଜାଣିଲେ ?"

"ଏଇ ଦେଖନ୍ତୁ । ନାଁଟା ପୂରା କଳା ଦେଖାଯାଉଛି; କାରଣ କାଳିଟା ଆପେ ଆପେ ଶୁଖିଯାଇଛି । କିନ୍ତୁ ଠିକଣାଟା ଲେଖି ସେ ଶୁପା କାଗଜରେ ତାକୁ ଶୁଷିଦେଇଛି । ତେଣୁ ସେ ଅକ୍ଷରଗୁଡ଼ା ଟିକିଏ ଫିକା । ସେ ଯଦି ନାଁ ଆଉ ଠିକଣା ଏକାବେଳେ ଲେଖି ଶୁପିଥାଆନ୍ତା, ତେବେ କୌଣସି ଅକ୍ଷର ଅଧିକ କଳା ହୋଇନଥାଆନ୍ତା, ତେଣୁ ସେ ଲୋକ ପ୍ରଥମେ ନାଁଟା ଲେଖିଛି ।

Digitized by srujanika@gmail.com

କିଛିସମୟ ପରେ ଠିକଣାଟା ଲେଖିଛି; କାରଣ ଠିକଣାଟା ତା'ର ସେତେ ପରିଚିତ ନୁହେଁ । ଏଟା ଅବଶ୍ୟ ଏକ ଛୋଟ ଘଟଣା । କିନ୍ତୁ କେବେ କେବେ ଏଇ ଛୋଟ ଘଟଣାର ଗୁରୁତ୍ୱ ଖୁବ୍ ବେଶୀ । ହଉ, ଏଥର ଚିଠିଟା ଦେଖିବା । ଏ କ'ଣ ଲଫାପା ଭିତରେ ଆଉ ଗୋଟେ ମୁଣି ?"

"ହଁ, ସେଥିରେ ଗୋଟେ ମୁଦି ଥିଲା । ତାଙ୍କ ନାମାଙ୍କିତ ମୁଦି ?"

"ଆପଣ ନିଶ୍ଚିତ, ଏଟା ଆପଣଙ୍କ ସ୍ୱାମୀଙ୍କ ହସ୍ତାକ୍ଷର ?"

"ହଁ, ସେ ତରତରରେ ଲେଖିବା ହସ୍ତାକ୍ଷର । ଏଟା ତାଙ୍କ ସାଧାରଣ ହସ୍ତାକ୍ଷରଠାରୁ ଭିନ୍ନ । କିନ୍ତୁ ମୁଁ ଠିକ୍ ଜାଣେ, ଏଟା ତାଙ୍କ ହସ୍ତାକ୍ଷର ।"

ହୋମସ୍ ଚିଠିଟା ପଢ଼ିଲେ । ଲେଖାଥିଲା, "ସ୍ନେହର—, କିଛି ଭୟ କରିବ ନାହିଁ । ସବୁ ଠିକ୍ ହୋଇଯିବ । ଗୋଟାଏ ବଡ଼ ଭୁଲ ହୋଇ-ଯାଇଛି । ତାକୁ ସୁଧାରିବାକୁ କିଛି ସମୟ ଲାଗିବ । ଧୈର୍ଯ୍ୟ ଧରି ଅପେକ୍ଷା କର ।—ନେଭିଲ୍ ।

"ହୁଁ, ଆଠଭାଙ୍ଗିଆ ନୋଟଖାତାର ଖଣ୍ଡେ କାଗଜରେ ପେନ୍‌ସିଲ୍‌ରେ ଲେଖାଯାଇଛି । ଗ୍ରେଭ୍‌ସ୍‌ଏଣ୍ଡ ଡାକଘରେ ଆଜି ଚିଠିଟା ପକାଯାଇଛି । ଯେ ଚିଠିଟା ପକାଇଛି ତା' ବୁଢ଼ା ଆଙ୍ଗୁଠି ଖୁବ୍ ଅପରିଷ୍କାର ଥିଲା । ଅଠା ଦିଆଯାଇ ଲଫାପା ବନ୍ଦ କରାଯାଇଛି । ଯେଉଁ ଲୋକ ବନ୍ଦ କରିଛି ସେ ତମାଖୁ ଖାଉଥିଲା । ଆଚ୍ଛା, ଏଟା ଆପଣଙ୍କ ସ୍ୱାମୀଙ୍କ ହସ୍ତାକ୍ଷର ବୋଲି ଆପଣଙ୍କର କିଛି ସନ୍ଦେହ ନାହିଁ ?"

"ମୋଟେ ସନ୍ଦେହ ନାହିଁ । ନେଭିଲ୍ ଏ ଚିଠି ଲେଖିଛନ୍ତି ।"

"ଆଉ ଏ ଚିଠି ଆଜି ଗ୍ରେଭସ୍‌ଏଣ୍ଡ ଡାକଘରେ ପଡ଼ିଛି । ଦେଖନ୍ତୁ ଶ୍ରୀମତୀ ଚେଣ୍ଟ୍‌ଲେୟାର ! ଘନଘୋର ଅନ୍ଧାରରେ ଏବେ ଆଶାର ଆଲୋକ ଦେଖାଯାଉଛି । ଅବଶ୍ୟ ବିପଦଟା ସମ୍ପୂର୍ଣ୍ଣ ଦୂର ହୋଇଯାଇଛି ବୋଲି ମୁଁ କହିପାରୁ ନାହିଁ ।"

"କିନ୍ତୁ ସେ ନିଶ୍ଚୟ ବଞ୍ଚିଥିବେ ମିଷ୍ଟର୍ ହୋମସ୍ !"

Digitized by srujanika@gmail.com

"ହଁ, ଯଦି ଆମକୁ ଭୁଲରେ ପକାଇବାକୁ ଏ ଚିଠିଟା ଜାଲ୍ ହୋଇ ନ ଥାଏ । ମୁଦିଟାରୁ ଅବଶ୍ୟ କିଛି ଜଣାଯାଉନାହିଁ । ସେଟା କେହି ତାଙ୍କଠାରୁ ନେଇଯାଇଥାଇପାରେ ।"

"କିନ୍ତୁ ଲେଖାଟା ତାଙ୍କ ନିଜ ହାତଲେଖା ।"

"ହେଲା ! ତେବେ ଏଟା ସୋମବାର ଦିନ ଲେଖା ହୋଇ ଆଜି ଡାକଘରେ ଦିଆଯାଇଥାଇପାରେ ।"

"ସେଟା ସମ୍ଭବ ।"

"ଯଦି ତା ହୁଏ, ଏ ଭିତରେ ଅନେକ କିଛି ଘଟିଯାଇଥାଇପାରେ ।"

"ଆପଣ ମୋତେ ନିରୁତ୍ସାହ କରନ୍ତୁ ନାହିଁ ମିଷ୍ଟର ହୋମସ୍ ! ମୋ ମନ କହୁଛି ସେ ଭଲରେ ଅଛନ୍ତି । ଆମ ଭିତରେ ଏତେ ଗାଢ଼ ସ୍ନେହ ଯେ ତାଙ୍କର କିଛି ଅମଙ୍ଗଳ ଘଟିଲେ ମୁଁ ନିଶ୍ଚୟ ଜାଣିପାରନ୍ତି । ଯେଉଁ ଦିନ ତାଙ୍କ ସାଥିରେ ମୋର ଶେଷ ଦେଖା ସେଦିନ ସେ ଶୋଇବାଘରେ ତାଙ୍କ ହାତ କଟିଗଲା । ମୁଁ ତଳେ ଖାଇବା ଘରେ ଥିଲି । ତଥାପି ତାଙ୍କର କିଛି ଘଟିଛି ବୋଲି ନିଶ୍ଚିତ ହୋଇ ମୁଁ ସାଙ୍ଗେ ସାଙ୍ଗେ ଉପରକୁ ଧାଇଁଗଲି । ଆପଣ କ'ଣ ଭାବୁଛନ୍ତି, ତାଙ୍କର ମୃତ୍ୟୁ ହୋଇଥିଲେ ମୋ ମନରେ ପ୍ରତିକ୍ରିୟା ହୁଅନ୍ତା ନାହିଁ ?"

"ଏ ଚିଠିଟା ନିଶ୍ଚୟ ଆପଣଙ୍କ ମତକୁ ଦୃଢ଼ ସମର୍ଥନ କରୁଛି । ତେବେ ଆପଣଙ୍କ ସ୍ୱାମୀ ଯଦି ଜୀବିତ ଅଛନ୍ତି ଓ ଚିଠି ଲେଖିବାକୁ ସମର୍ଥ, ସେ ଆପଣଙ୍କ-ଠାରୁ ଦୂରରେ ରହିଛନ୍ତି କାହିଁକି ?"

"ମୁଁ କିଛି ଭାବିପାରୁନାହିଁ ।"

"ସୋମବାର ଦିନ ଯିବା ପୂର୍ବରୁ ସେ ଆପଣଙ୍କୁ ଆଉ କିଛି କହି ନଥିଲେ ?"

"ନା ।"

"ଆପଣ ତାଙ୍କୁ ସ୍ୱାନ୍‌ଡାମ୍ ଗଳିରେ ଦେଖି ବିସ୍ମିତ ହୋଇଗଲେ ?"

"ହଁ, ମୁଁ ଖୁବ୍ ବିସ୍ମିତ ହୋଇଗଲି ।"

"ସେ ଝରକାଟା ଖୋଲାଥିଲା ?"

Digitized by srujanika@gmail.com

"ହଁ ।"

"ତେବେ ସେ ଆପଣଙ୍କୁ ଡାକିପାରିଥାନ୍ତେ ?"

"ହଁ, ପାରିଥାନ୍ତେ ।"

"କିନ୍ତୁ ଆପଣ କହୁଥିଲେ ସେ କେବଳ ଗୋଟାଏ ଅସ୍ପଷ୍ଟ ଚିତ୍କାର କଲେ ।"

"ହଁ ।"

"ଆପଣ ଭାବିଲେ ସେ ସାହାଯ୍ୟ ପାଇଁ ଡାକୁଛନ୍ତି ?"

"ହଁ, ସେ ତାଙ୍କ ହାତ ଟେକି ହଲାଉଥିଲେ ।"

"ଚିତ୍କାରଟା ହୁଏତ ବିସ୍ମୟରେ ହୋଇଥାଇପାରେ । ଅପ୍ରତ୍ୟାଶିତ ଭାବେ ସେଠି ଆପଣଙ୍କୁ ଦେଖି ସେ ଏପରି କରିଥାଇ ପାରନ୍ତି ?"

"ତା ସମ୍ଭବ ।"

"ଆପଣ ଭାବିଲେ ତାଙ୍କୁ କେହି ପଛକୁ ଟାଣିନେଲା ?"

"ହଁ, ସେ ହଠାତ୍ ସେଠୁ ଉଭେଇଗଲେ ।"

"ସେ ହୁଏତ ପଛକୁ ହଟିଯାଇପାରିଥାନ୍ତି । ଆପଣ ସେ ଘରେ ଆଉ କାହାକୁ ଦେଖିନାହାନ୍ତି ?"

"ନା, କିନ୍ତୁ ସେଇ କଦାକାର ଭିଖାରିଟା ସେ ଘରେ ଥିଲା ବୋଲି ସ୍ୱୀକାର କରିଛି । ଆଉ ସେ ମ୍ୟାନେଜରଟା ପାହାଚ ତଳେ ଥିଲା ।"

"ଠିକ୍ ଅଛି । ଆପଣ ଦେଖିବା ବେଳେ ଆପଣଙ୍କ ସ୍ୱାମୀ ତାଙ୍କ ସାଧାରଣ ପୋଷାକ ପିନ୍ଧିଥିଲେ ?"

"କିନ୍ତୁ ତାଙ୍କ ଟାଇ ନ ଥିଲା । ମୁଁ ତାଙ୍କ ଖାଲିଗଳା ପରିଷ୍କାର ଦେଖିଛି ।"

"ସେ ଆଗରୁ କେବେ ସ୍ୱାନ୍‌ଡାମ୍ ଗଳି କଥା କହୁଥିଲେ ?"

"କେବେ ନୁହେଁ ।"

"ସେ ଅଫିମ ଖାଇବାର କିଛି ଲକ୍ଷଣ ଆପଣ କେବେ ଦେଖିଛନ୍ତି ?"

"ନା ।"

Digitized by srujanika@gmail.com

"ଧନ୍ୟବାଦ । ଏଇ କେତେଟା କଥା ମୁଁ ଭଲରୂପେ ଜାଣିବାକୁ ଚାହୁଁଥିଲି । ଏଥର ଆମେ ଖିଆପିଆ କରି ଟିକିଏ ଶୋଇବା, କାରଣ କାଲି ଦିନସାରା କାମରେ ବ୍ୟସ୍ତ ରହିବାକୁ ପଡ଼ିବ ।"

ଆମ କୋଠରୀଟା ବେଶ୍ ବଡ଼ ଆଉ ସେଠି ଦୁଇଟା ବିଛଣା ଥିଲା । ମୁଁ ବଡ଼ କ୍ଳାନ୍ତ ହୋଇଯାଇଥିଲି । ତେଣୁ ଚଞ୍ଚଳ ବିଛଣାରେ ପଡ଼ିଗଲି । ସେରଲକ୍ ହୋମସ୍ କିନ୍ତୁ ଭିନ୍ନ ଧରଣର ଲୋକ । କୌଣସି ଗୋଟେ ସମସ୍ୟା ସମାଧାନ ନହେବା ଯାଏ କିମ୍ବା ତାଙ୍କ ତଥ୍ୟ ଭୁଲ ବୋଲି ହୃଦୟଙ୍ଗମ ନ ହେବା ଯାଏ ସେ ଦିନ ଦିନ ଧରି ଅନିଦ୍ରା ରହିପାରନ୍ତି । ମୁଁ ବୁଝିଲି, ସେ ରାତିସାରା ବସି ରହିବା ପାଇଁ ଯୋଗାଡ଼ କରୁଛନ୍ତି । ସେ ତାଙ୍କ ରାତି ପୋଷାକ ପିନ୍ଧିନେଲେ । ତା'ପରେ ଘରସାରା ବୁଲି ଖଟ, ସୋଫା, ଚଉକି ଉପରୁ ତକିଆ ସବୁ ନେଇ ଜମାକରି ଗୋଟେ ଆସନ ତିଆରିନେଲେ । ତା ଉପରେ ଗୋଡ଼ ଛନ୍ଦି ବସିଗଲେ । ପାଖରେ ଗୋଟେ ଆଉନ୍ସ ତମାଖୁ ଆଉ ଘୁଡ଼ାଏ ଦିଆସିଲି । ଦୁଇ ଓଠ ମଝିରେ ଗୋଟେ ପୁରୁଣା ପାଇପ୍ । ଆଖି ଦୁଇଟା ଛାତର ଗୋଟେ କଣରେ ନିବଦ୍ଧ । ସେଇପରି ସେ ବସି-ରହିଲେ ଆଉ ମୁଁ ଗାଢ଼ନିଦରେ ଶୋଇପଡ଼ିଲି ।

ହଠାତ୍ ଗୋଟେ ପାଟି ଶୁଣି ମୋ ନିଦ ଭାଙ୍ଗିଗଲା । ଦେଖିଲି ସୂର୍ଯ୍ୟ-କିରଣ ଘର ଭିତରେ ପଡ଼ୁଛି । ହୋମସ୍ ସେମିତି ବସିଛନ୍ତି । ମୁହଁର ପାଇପ୍‌ରୁ ଧୂଆଁ ବାହାରୁଛି ।

"ଉଠିଲ ୱାଟ୍‌ସନ୍ ?" ସେ ପଚାରିଲେ ।

"ହଁ ।"

"ଟିକିଏ ବାହାରେ ବୁଲିଆସିବା ?"

"ନିଶ୍ଚୟ ।"

"ତାହେଲେ ପୋଷାକ ପିନ୍ଧିନିଅ । କେହି ଏଯାଏ ଉଠିନାହାନ୍ତି । ତେବେ ଘୋଡ଼ାରଖୁଆଳ ପିଲା ଯେଉଁଠି ଶୁଏ, ମୁଁ ଜାଣିଛି । ଗାଡ଼ି ଶୀଘ୍ର ପ୍ରସ୍ତୁତ ହୋଇଯିବ ।"

Digitized by srujanika@gmail.com

କଥା କହୁ କହୁ ସେ ମନେ ମନେ ହସୁଥାନ୍ତି । ତାଙ୍କ ଆଖି ବେଶ୍ ଉଜ୍ଜ୍ୱଳ ଦେଖାଯାଉଥାଏ । ଗଲା ରାତିର ଚିନ୍ତାଶୀଳ ଲୋକଠାରୁ ସେ ସମ୍ପୂର୍ଣ୍ଣ ଭିନ୍ନ । ପୋଷାକ ପିନ୍ଧୁ ପିନ୍ଧୁ ମୁଁ ଘଣ୍ଟାଟା ଆଡ଼େ ନଜର ପକାଇଲି —ମୋଟେ ସାଢ଼େଚାରଟା । ତେଣୁ କେହି ନ ଉଠିବା ବିଚିତ୍ର ନୁହେଁ । ମୁଁ ପୋଷାକ ପିନ୍ଧସାରିଲା ବେଳକୁ ହୋମସ୍ ଫେରି ଆସି କହିଲେ, "ଗାଡ଼ି ପ୍ରସ୍ତୁତ ।"

ଜୋତା ପିନ୍ଧୁ ପିନ୍ଧୁ ସେ କହିଲେ, "ମୋର ଗୋଟେ ଅନୁମାନ ମୁଁ ପରୀକ୍ଷା କରିବାକୁ ଚାହେଁ । ମୁଁ ଭାବୁଛି ଉଆଟ୍‌ସନ, ଯେ ଇଉରୋପର ସବୁଠୁ ବଡ଼ ବୋକା ପାଖରେ ତୁମେ ଠିଆ ହୋଇଛ । ମୋତେ ଏ ଜାଗାରୁ ଚରିଙ୍ଗ୍‌କ୍ରସକୁ ତଡ଼ିଦେବା କଥା । ଯାହାହେଉ ଏ ଘଟଣାର ଚାବି ମୁଁ ଏବେ ପାଇଯାଇଛି ।"

ହସି ହସି ମୁଁ କହିଲି, "ଚାବିଟା କେଉଁଠୁ ପାଇଲ ?"

"ଗାଧୁଆଘରୁ ।"

ମୋ ଆଖିରେ ଅବିଶ୍ୱାସର ଚିହ୍ନ ଦେଖି ସେ ପୁଣି କହିଲେ, "ହଁ, ହଁ । ମୁଁ ଥଟ୍ଟା କରୁନାହିଁ । ମୁଁ ଗାଧୁଆଘରକୁ ଯାଇଥିଲି ଆଉ ସେଠୁ ଚାବିଟା ଆଣି ମୋ ଏଇ ଗ୍ଲାଡ୍‌ଷ୍ଟୋନ ବ୍ୟାଗରେ ରଖିଛି । ଆସ, ଆମେ ଦେଖିବା ଚାବିଟା ତାଲାରେ ଠିକ୍ ଲାଗୁଛି କି ନାହିଁ ।"

ଆମେ ଖୁବ୍ ଚୁପ୍‌ଚାପ୍ ତଳକୁ ଚାଲିଗଲୁ । ରାସ୍ତାରେ ଗାଡ଼ି ଠିଆ ହୋଇଥିଲା । ଆମେ ବସିବା ପରେ ହୋମସ୍ ଘୋଡ଼ାଟାକୁ ଅଡ଼େଇଲେ । ଲଣ୍ଡନ ରାସ୍ତାରେ ଗାଡ଼ି ଆଗେଇ ଚାଲିଲା । କେତେଟା ପରିବାଗାଡ଼ି ସହର ଆଡ଼କୁ ଯାଉଥାଏ । ତା ଛଡ଼ା ଦୁଇ ପାଖର ଗାଁ ନିସ୍ତବ୍ଧ । ସ୍ୱପ୍ନର ଏକ ସହର ପରି ନୀରବ; ନିର୍ଜ୍ଜନ ।

"କେତେଗୁଡ଼ାଏ ବିଷୟରେ କେଶ୍‌ଟା ଅତି ଅସାଧାରଣ । ମୁଁ ସ୍ୱୀକାର କରୁଛି, ମୁଁ ବି ଏ ବିଷୟରେ ପୂରା ଅନ୍ଧାରରେ ରହିଗଲି । ଯାହା ହେଉ ଗୋଟାଏ ବିଷୟ ନଜାଣିବାଠାରୁ ବିଳମ୍ବରେ ଜାଣିବା ନିଶ୍ଚୟ ଭଲ ।" ହୋମସ୍ କହିଲେ ।

Digitized by srujanika@gmail.com

ସହରର ବିଭିନ୍ନ ରାସ୍ତାଦେଇ ଆମେ ବାଓ ଷ୍ଟ୍ରୀଟ୍‌ରେ ପହଞ୍ଚିଲୁ । ପୋଲିସ୍ ମହଲରେ ହୋମସ୍ ଜଣାଶୁଣା । ଫାଟକ ପାଖରେ ଥିବା କନେଷ୍ଟବଲ୍ ଦୁ'ଜଣ ଆସି ସାଲ୍ୟୁଟ୍ କଲେ । ଜଣେ ଘୋଡ଼ାଟାକୁ ଧରିଲା, ଆଉ ଜଣେ ଆମକୁ ଭିତରକୁ ନେଇଗଲା ।

"କିଏ ଡିଉଟିରେ ଅଛନ୍ତି ?" ହୋମସ୍ ପଚାରିଲେ ।

"ଇନସ୍‌ପେକ୍ଟର ବ୍ରାଡ୍‌ଷ୍ଟ୍ରୀଟ ।"

"ଆଚ୍ଛା । ଏଇ ତ ବ୍ରାଡଷ୍ଟ୍ରୀଟ ! କେମିତି ଅଛ ? ମୋର ତୁମ ସାଥିରେ ଟିକିଏ କଥାବାର୍ତ୍ତା ଥିଲା ।"

"ନିଶ୍ଚୟ ମିଷ୍ଟର ହୋମସ୍ ! ମୋ କୋଠରିକୁ ଆସନ୍ତୁ ।"

ଛୋଟ ଅଫିସ୍ ରୁମ୍‌ଟିଏ । ଟେବୁଲ୍ ଉପରେ ଗୋଟେ ବଡ଼ ଖାତା । କାନ୍ଥଦେହରେ ଟେଲିଫୋନ୍ ।

ଟେବୁଲ ପାଖରେ ବସି ବ୍ରାଡ୍‌ଷ୍ଟ୍ରୀଟ କହିଲେ, "ଆପଣଙ୍କ ପାଇଁ ମୁଁ କ'ଣ କରିପାରେ ?"

"ମୁଁ ସେଇ ଭିଖାରି ବୁନ୍ ବିଷୟରେ ଆସିଛି । ମିଷ୍ଟର ନେଭିଲ୍ କ୍ଲେୟାରଙ୍କ ନିରୁଦ୍ଦିଷ୍ଟ ହେବା ଘଟଣାରେ ତାକୁ ଅଭିଯୁକ୍ତ କରାଯାଇଛି ।"

"ହଁ, ଆହୁରି ଅନୁସନ୍ଧାନ କରିବା ପାଇଁ ତାକୁ ପୁଣି ହାଜତକୁ ଅଣାଯାଇଛି ।"

"ସେ କଥା ମୁଁ ଶୁଣିଛି । ସେ ଏଠି ଅଛି ?"

"ହଁ, ହାଜତଘରେ ।"

"କିଛି ଗୋଳମାଳ କରୁନାହିଁ ?"

"ନା, କିନ୍ତୁ ବଦ୍‌ମାସଟା ନିହାତି ଅପରିଚ୍ଛନ୍ନ । ଆମେ ବହୁତ ଚେଷ୍ଟାକର ତା ହାତ ଦୁଇଟା ଧୋଇପାରିଛୁ । ତା ମୁହଁଟା କଂସାରି ମୁହଁପରି କଳା । ତା ବିଚାର ସରିଲେ ତାକୁ ପୂରା ଗାଧୋଇଦେବାକୁ ପଡ଼ିବ ।"

"ମୁଁ ଟିକିଏ ତାକୁ ଦେଖିବାକୁ ଚାହେଁ ।"

"ହଉ, ଆସନ୍ତୁ । ଆପଣଙ୍କ ବ୍ୟାଗ୍‌ଟା ଏଇଠି ଥାଉ ।"

"ନା, ବ୍ୟାଗ୍‌ଟା ମୁଁ ସାଙ୍ଗରେ ନେବି ।"

Digitized by srujanika@gmail.com

"ହେଲା, ଏଇବାଟେ ଆସନ୍ତୁ ।"

ସେ ଆମକୁ ବାଟ କଢ଼ାଇନେଲେ । ଗୋଟାଏ କୋଠରି ପାଖରେ ଠିଆହୋଇ କବାଟ ଉପର ଲୁହାଜାଲି ଫାଙ୍କରେ ସେ ଭିତରକୁ ଚାହିଁ କହିଲେ, "ଲୋକଟା ଶୋଇ ପଡ଼ିଛି । ଆପଣ ତାକୁ ଦେଖିପାରନ୍ତି ।"

ଆମେ ଦୁହେଁ ସେଇ ଲୁହାଜାଲି ଫାଙ୍କରେ ଚାହିଁଲୁ । ବନ୍ଦୀ ନିଘୋଡ଼ ନିଦରେ ଶୋଇଥିଲା । ତା ମୁହଁଟା ଆମ ଆଡ଼କୁ ହୋଇଥାଏ । ଦେହରେ ମଇଳା ଚିରଣ୍ଡା ଜାମା, ଚିରା କୋଟ୍ ତଳୁ ଦେଖାଯାଉଥାଏ । ପ୍ରକୃତରେ ଲୋକଟା ଅତି କଦର୍ଯ୍ୟ, ଅପରିଷ୍କାର । ଆଖିଠୁ ଓଠଯାଏ ଗୋଟାଏ ବଡ଼ କଟାଦାଗ । ଘା'ଟା ଶୁଖିବାରେ ଓଠଟା ଉପରକୁ ଟାଣି ହୋଇଯାଇଛି । ତିନିଟା ଦାନ୍ତ ପଦାକୁ ଦେଖାଯାଉଛି । ଆଖି ଆଉ କପାଳ ଉପରେ ବାଳ ଖୁବ୍ ନାଲି ।

"ଲୋକଟା ଖୁବ୍ ସୁନ୍ଦର ।" ପରିହାସ କରି ଇନସ୍‌ପେକ୍ଟର କହିଲେ । ହୋମସ୍ ଉତ୍ତର ଦେଲେ, "ଭଲ ଭାବରେ ଧୋଇ ହେବା ତାର ଦରକାର ହେଉଛି । ସେଇ ଧାରଣା ନେଇ ମୁଁ ସବୁ ଜିନିଷ ନେଇ ଆସିଛି ।" ତାଙ୍କ ବ୍ୟାଗ୍‌ଟା ଖୋଲି ସେ ଖଣ୍ଡେ ବଡ଼ ଗାଧୁଆ ସ୍ପଞ୍ଜ ବାହାର କଲେ । ମୁଁ ଦେଖି ଆଶ୍ଚର୍ଯ୍ୟ ହୋଇଗଲି । ହସି ହସି ଇନସ୍‌ପେକ୍ଟର କହିଲେ, "ଆପଣ ବେଶ୍ ମଉଜିଆ ଲୋକ ।"

"ଦୟାକରି ତୁମେ ଯଦି ଏ କବାଟଟା ଧୀରେ ଖୋଲିଦେବ ତାହେଲେ ଦେଖିବ ଆମେ ତାକୁ ବେଶ୍ ସୁନ୍ଦର କରିଦେଇ ପାରିବା ।" ହୋମସ୍ କହିଲେ ।

ଇନସ୍‌ପେକ୍ଟର ତାଲାଟା ଖୋଲିଦେଲେ । ନିଃଶବ୍ଦରେ ଆମେ ସେ କୋଠରି ଭିତରେ ପଶିଲୁ । ଲୋକଟା କଡ଼ ବୁଲେଇ ପୁଣି ଗାଢ଼ନିଦରେ ଶୋଇଗଲା । ହୋମସ୍ ପାଣି ବାଲ୍‌ଟିରେ ସ୍ପଞ୍ଜଟାକୁ ବୁଡ଼ାଇ ବନ୍ଦୀର ମୁହଁରେ ଜୋର୍‌ରେ ଘଷିଲେ । ଟିକିଏ ପରେ କହିଲେ, "ଆପଣମାନେ ବର୍ତ୍ତମାନ 'ଲି'ର ମିଷ୍ଟର୍ ନେଭିଲ୍ କ୍ଲେୟାରଙ୍କୁ ଦେଖନ୍ତୁ ।"

ମୋ ଜୀବନରେ ମୁଁ ଏମିତିକା ଦୃଶ୍ୟ ଦେଖିନାହିଁ । ସ୍ପଞ୍ଜଟା ଘଷିବା

Digitized by srujanika@gmail.com

ଫଳରେ, ଗଛରୁ ବକଲା ଗ୍ରୁଡ଼ିଲା ପରି ଲୋକଟାର ମୁହଁ ପରିଷ୍କାର ହୋଇଗଲା । ସେ କଟା ଦାଗ, ବଙ୍କା ଓଠ ସବୁ କୁଆଡ଼େ ଚାଲିଗଲା । ଟିକିଏ ଟାଣିଦେବାରୁ ସେ ନାଲିବାଳ କେଶ୍‌ରାକ ଖସିଆସିଲା । ଆମ ଆଗରେ ଖଟ ଉପରେ ଜଣେ ସୁନ୍ଦର ଭଦ୍ରଲୋକ । ଦେହର ରଙ୍ଗ ଚିକ୍‌କଣ, ମୁଣ୍ଡରେ କଳା ବାଳ । ମୁହଁ ଦୁଃଖରେ ମଳିନ ଦିଶୁଥାଏ । ଆଖିମଳି ମଳି ସେ ଆମ ଆଡ଼କୁ ଚାହିଁ ବିଚଳିତ ହୋଇଗଲେ । ତାପରେ ହଠାତ୍ ସେ ଧରାପଡ଼ି-ଯାଇଥିବା ଜାଣିପାରି ଏକ ଦୀର୍ଘ ଚିତ୍କାର କରି ତକିଆ ଉପରେ ମୁହଁମାଡ଼ି ପଡ଼ିଗଲେ । ଇନସ୍‌ପେକ୍ଟର କହି ଉଠିଲେ, "ଭଗବାନ୍ ! ଏ ତ ସେଇ ନିରୁଦ୍ଦିଷ୍ଟ ଭଦ୍ରଲୋକ । ତାଙ୍କ ଫଟୋରୁ ମୁଁ ଚିହ୍ନିପାରୁଛି ।"

ନିଜକୁ ଭାଗ୍ୟ ହାତରେ ଛାଡ଼ିଦେବା ଲୋକ ପରି ବେପରୱା ଭାବରେ ବନ୍ଦୀ କହିଲେ, "ହେଲେ ହେଲା । ମୋ ବିରୁଦ୍ଧରେ ଅଭିଯୋଗ କ'ଣ ?"

ଇନସ୍‌ପେକ୍ଟର ଉତ୍ତର ଦେଲେ, "ଅଭିଯୋଗ ହେଲା ମିଷ୍ଟର୍ ନେଭିଲ୍ କ୍ଲେୟାରଙ୍କ..., ନା ତା' ହୋଇପାରେନା । ହେଲେ ମୁଁ ସତେଇଶ ବର୍ଷ ପୋଲିସ ବିଭାଗରେ କାମ କଲିଣି, କିନ୍ତୁ ଏ ଘଟଣାରେ ମୁଁ ଅବାକ୍ ହୋଇ ଯାଉଛି ।"

"ମୁଁ ଯଦି ନେଭିଲ୍ କ୍ଲେୟାର ତେବେ ତ କିଛି ଅପରାଧ ଘଟିନାହିଁ । ତେଣୁ ମୋତେ ବେଆଇନ ଭାବରେ ଅଟକ କରାଯାଇଛି ।"

ହୋମସ୍ କହିଲେ, "କିଛି ଅପରାଧ ହୋଇନାହିଁ ସତ, ହେଲେ ଏକ ବିରାଟ ଭୁଲ୍ ହୋଇଛି । ଆପଣ ଆପଣଙ୍କ ସ୍ତ୍ରୀଙ୍କୁ ବିଶ୍ୱାସ କରିଥିଲେ ଭଲ ହୋଇଥାନ୍ତା ।"

"ମୋ ସ୍ତ୍ରୀଙ୍କ କଥା ନୁହେଁ ଯେ, ମୋ ପିଲାଙ୍କ କଥା ମୁଁ ଚିନ୍ତା କରୁଥିଲି । ମୁଁ ଚାହୁଁ ନ ଥିଲି ସେମାନେ ତାଙ୍କ ବାପା ଲାଗି ଅପମାନିତ ହେବେ । ଶେଷରେ ମୁଁ ଧରାପଡ଼ିଗଲି । ଏବେ କ'ଣ କରିବି ?"

ହୋମସ୍ ତାଙ୍କ ପାଖରେ ବସିପଡ଼ି ପିଠିରେ ହାତ ଆଉଁସାଇ କହିଲେ, "ଯଦି କେଶ୍‌ଟା ଅଦାଲତକୁ ଯାଏ ତା ହେଲେ ଚାରିଆଡ଼େ ପ୍ରଚାରିତ ହୋଇ ଯିବ । ଅପରପକ୍ଷରେ ଆପଣ ଯଦି ପୋଲିସ ଆଗରେ ସବୁ ପ୍ରକାଶ କରି

Digitized by srujanika@gmail.com

ବୁଝାଇ ଦେବେ, ଆପଣଙ୍କ ବିରୁଦ୍ଧରେ କିଛି କେଶ୍‌ ନାହିଁ ତେବେ ଘଟଣାଟା ଖବରକାଗଜକୁ ଯିବ ନାହିଁ । ଆପଣ ଆମ ଆଗରେ ଯାହା କହିବେ ଇନସ୍‌ପେକ୍ଟର ବ୍ରାଡ୍‌ଷ୍ଟ୍ରୀଟ୍‌ ଲିପିନେଇ ପୋଲିସ କର୍ତ୍ତୃପକ୍ଷଙ୍କୁ ଜଣାଇବେ । ତା ହେଲେ କେଶ୍‌ଟା ଅଦାଲତକୁ ଯିବନାହିଁ ।''

କରୁଣ ସ୍ୱରରେ କାନ୍ଦଉଠି ବନ୍ଦୀ କହିଲେ, ''ଭଗବାନ୍‌ ଆପଣଙ୍କର ମଙ୍ଗଳ କରନ୍ତୁ । ମୁଁ ବରଂ ଜେଲ୍‌ଯିବି କିମ୍ବା ଫାଶୀ ପାଇବି, କିନ୍ତୁ ମୋର ଏ ହୀନ ରହସ୍ୟ ମୋ ପିଲିଙ୍କ ଉପରେ ଦାଗ ପକାଇବା ମୁଁ ଚାହେଁ ନାହିଁ ।''

''ମୋ ଜୀବନ ଇତିହାସ ଆପଣ ହିଁ ପ୍ରଥମେ ଶୁଣିବେ । ମୋ ବାପା ଚେଷ୍ଟର ଫିଲ୍‌ଡ୍‌ରେ ଜଣେ ସ୍କୁଲ ଶିକ୍ଷକ । ସେଇଠି ମୁଁ ମୋର ଶିକ୍ଷା ଲଭ କଲି । ଯୁବକ ଅବସ୍ଥାରେ ମୁଁ ଅନେକ ଜାଗା ବୁଲିଲି, ଅଭିନେତା ଭାବେ ମଞ୍ଚରେ ଠିଆହେଲି ଏବଂ ଶେଷରେ ଲଣ୍ଡନର ଗୋଟେ ଖବରକାଗଜର ସାମ୍ବାଦିକ ରୂପେ କାମ କଲି । ଦିନେ ସଂପାଦକ ଭିକ୍ଷା ଉପରେ କେତେକ ପ୍ରବନ୍ଧ ଲେଖିବା ପାଇଁ ବିଚାର କଲେ । ମୁଁ ସେ ପ୍ରବନ୍ଧ ଯୋଗାଇବା ପାଇଁ ସ୍ୱତଃ ରାଜି ହେଲି । ସେଇଠୁ ମୋ ଜୀବନର ଏ ଅଭିଯାନ ଆରମ୍ଭ ହେଲା । ଦେଖିଲି, ପ୍ରବନ୍ଧ ପାଇଁ ଉପକରଣ ଯୋଗାଡ଼ କରିବାକୁ ହେଲେ ମୋତେ ଜଣେ ସଉଖିନ୍‌ ଭିଖାରି ସାଜିବାକୁ ହେବ । ଅଭିନୟ କରୁଥିଲିବେଳେ ମୁଁ ରୂପସଜ୍ଜା ଭଲଭାବେ ଶିଖିଯାଇଥିଲି । ଏବେ ତାର ସୁଯୋଗ ନେଇ ମୁଁ ମୋ ମୁହଁକୁ ରଙ୍ଗ କରିଦେଇ ବଡ଼ କରୁଣ କରିଦେଲି । ମୁହଁରେ ଗୋଟେ ଜଟା ଦାଗ କରିଦେଇ ଚମଡ଼ା ରଙ୍ଗର ଖଣ୍ଡେ ପଟି ଦେଇ ଓଠକୁ ବଙ୍କା କରିଦେଲି । ତା' ପରେ ମେଞ୍ଚେ ନାଲି ବାଳ ଲଗାଇ ଛିଣ୍ଡା ମଇଳା ପୋଷାକ ପିନ୍ଧି ମୁଁ ସହରର ଗୋଟେ ଜନଗହଳି ଜଗାରେ ବସିଗଲି । ସାତଘଣ୍ଟା ପରେ ମୁଁ ଘରକୁ ଫେରିଲି । ଦେଖି ଆଶ୍ଚର୍ଯ୍ୟ ହେଲି ଯେ ମୁଁ ଛବିଶ ଶିଲିଂ ଚାରି ପେନ୍‌ସ ପାଇଛି ।

''ମୁଁ ମୋ ପ୍ରବନ୍ଧ ଲେଖିଲି । ତା'ପରେ କେତେ ଦିନ ବିତିଗଲା । ମୁଁ ଆଉ ସେ ବିଷୟରେ କିଛି ଚିନ୍ତା କରିନାହିଁ । କିଛି ଦିନ ପରେ ମୋର

Digitized by srujanika@gmail.com

ଜଣେ ବନ୍ଧୁଙ୍କ ପାଇଁ ଧାର କରିଥିବା ପଚାଶ ପାଉଣ୍ଡ ଶୁଝିବା ପାଇଁ ମୋ ପାଖକୁ ନୋଟିସ୍ ଆସିଲା । ମୋ ବୁଦ୍ଧି ବଣା ହୋଇଗଲା । କେଉଁଠୁ ଏତେ ପଇସା ପାଇବି ? ହଠାତ୍ ମୋ ମୁଣ୍ଡରେ ଗୋଟେ ବୁଦ୍ଧି ଢୁକିଲା । ମୁଁ ଧାର ଦେଇଥିବା ଲୋକଙ୍କୁ କୁହାବୋଲା କରି ପନ୍ଦର ଦିନ ମହଲତ ମାଗିଲି । ମୋ କାମରୁ ଛୁଟି ନେଇ ଭିଖାରିବେଶରେ ସହର ଭିତରେ ଭିଖ ମାଗିବାକୁ ଲାଗିଲି । ଦଶଦିନ ଭିତରେ ମୁଁ ପଇସା ପାଇ ଧାର ଶୁଝିଦେଲି ।

"ଦେଖିଲି କିଛି ପରିଶ୍ରମ ନ କରି, ମୁହଁକୁ ଟିକିଏ ରଙ୍ଗ ଦେଇ ବିକୃତ କରି ବସିଗଲେ ଦିନକରେ ଦୁଇ ପାଉଣ୍ଡ ରୋଜଗାର ହୋଇପାରୁଛି; ଅଥଚ କଠିନ ପରିଶ୍ରମ କରି ସପ୍ତାହରେ ଦୁଇପାଉଣ୍ଡ ପାଇ ସନ୍ତୁଷ୍ଟ ହେବା କେମିତି କଷ୍ଟକର, ଆପଣ ଅନୁମାନ କରିପାରୁଥିବେ । ଗୋଟାଏ ଦିଗରେ ମୋର ମାନସମ୍ମାନ, ଆଉ ଗୋଟେ ଦିଗରେ ପଇସାର ମୋହ ଭିତରେ ଟଣାଓଟରା ଚାଲିଲା । ଖୁବ୍ କିଛି ଦିନ ବିତିଗଲା । ଶେଷରେ ପଇସାର ମୋହ ଜୟଯୁକ୍ତ ହେଲା । ମୁଁ ସାମ୍ବାଦିକ କାମ ଛାଡ଼ି ଦିନ-ଦିନଧରି ରାସ୍ତାକଡ଼ରେ ବସିରହିଲି । ମୋର ବିକୃତ ମୁହଁ ଦେଖି ସମସ୍ତଙ୍କ ମନରେ ଦୟା ଆସିଲା; ଆଉ ମୋ ପକେଟ ପଇସାରେ ଭରିଗଲା । ମୋର ଏଇ ଗୁପ୍ତ କଥା କେବଳ ଜଣେ ଲୋକ ଜାଣିଥିଲା । ସେ ହେଲା ମୁଁ ବସାବାନ୍ଧି ରହିଥିବା ଗୁଳିଖଟିର ସେଇ ମ୍ୟାନେଜର । ପ୍ରତିଦିନ ସକାଳେ ମୁଁ ସେଠୁ ଭିଖାରିବେଶରେ ବାହାରେ । ସନ୍ଧ୍ୟାରେ ପୁଣି ମୋ ନିଜ ବେଶରେ ସହରରେ ବୁଲିବୁଲି କରେ । ଏଇ ମ୍ୟାନେଜରକୁ ମୁଁ ଘରଭଡ଼ା ବାବଦରେ ଯଥେଷ୍ଟ ପଇସା ଦେଉଥିଲି । ତେଣୁ ସେ ମୋ ଗୁପ୍ତ ତଥ୍ୟ ପ୍ରକାଶ କରିବ ନାହିଁ ବୋଲି ମୁଁ ନିଶ୍ଚିତ ଥିଲି ।

"ଅଳ୍ପ ଦିନ ଭିତରେ ମୁଁ ଯଥେଷ୍ଟ ପଇସା ସଞ୍ଚୟ କରିପାରିଲି । ଲଣ୍ଡନର ଗଳିକନ୍ଦିରେ କୌଣସି ଭିଖାରି ବର୍ଷକୁ ସାତଶହ ପାଉଣ୍ଡ ରୋଜଗାର କରିବା ଅସମ୍ଭବ । କିନ୍ତୁ ମୋର ଆୟ ତା'ଠୁ ବେଶୀ ଥିଲା । ମୋର ରୂପସଜ୍ଜା ଆଉ ବନେଇ-ଚୁନେଇ କଥାକହିବା ଯୋଗୁଁ ସହରରେ ମୁଁ ବେଶ୍ ଜଣାଶୁଣା ହୋଇଗଲି । ପ୍ରତିଦିନ ମୋ ପାଖକୁ ପଇସାର ସୁଅ

Digitized by srujanika@gmail.com

ଛୁଟିଲା । ଯେଉଁ ଦିନ ମୋର ଆୟ ଦୁଇ ପାଉଣ୍ଡରୁ କମ୍ ହେଲା ସେଦିନ ଜାଣି ମୋର ଦୁର୍ଭାଗ୍ୟ ।

"ମୋର ଧନ ବଢ଼ିବା ସଙ୍ଗେ ସଙ୍ଗେ ମନରେ ଆଶା ବି ବଢ଼ିଲା । ମୁଁ ମଫସଲରେ ଗୋଟେ ଘର କିଣି ବାହାଘାହା ହୋଇ ରହିଲି । କେହି ମୋ ବ୍ୟବସାୟ ବିଷୟରେ ସନ୍ଦେହ କରିପାରିଲେ ନାହିଁ । ମୋ ସ୍ତ୍ରୀ ଜାଣିଲେ ଯେ ସହରରେ ମୋର ବ୍ୟବସାୟ ଅଛି; କିନ୍ତୁ କି ବ୍ୟବସାୟ ତାଙ୍କୁ ଜଣା ନଥିଲା ।

"ଗଲା ସୋମବାର ଦିନ ମୁଁ ମୋ ଭିଖମଗା କାମ ସାରି, ଗୁଲିଖଟିରେ ମୋ କୋଠରିରେ ପୋଷାକ ବଦଳାଉଥିଲି । ହଠାତ୍ ଝରକାବାଟେ ଗୁହିଁ ଦେଖିଲି ରାସ୍ତାରେ ମୋ ସ୍ତ୍ରୀ । ତାଙ୍କ ଆଖି ଦୁଇଟା ମୋ ଉପରେ ପଡ଼ିଛି । ମୁଁ ବିସ୍ମିତ ଆଉ ଶଙ୍କିତ ହୋଇଗଲି । ବିସ୍ମୟରେ ଚିତ୍କାର କରି ମୁହଁ ଘୋଡ଼ାଇବା ପାଇଁ ହାତ ଦୁଇଟା ଉପରକୁ ଉଠାଇଲି । ତା'ପରେ ମୋର ବିଶ୍ୱସ୍ତ ବନ୍ଧୁ ସେଇ ନ୍ୟାନେକର ପାଖକୁ ଧାଇଁଗଲି । ଉପରକୁ ମୋ ପାଖକୁ କାହାକୁ ଛାଡ଼ିବ ନାହିଁ ବୋଲି କହିଦେଲି । ତଳମହଲାରେ ମୋ ସ୍ତ୍ରୀଙ୍କ ପାଟି ଶୁଭିଲା । ମୁଁ ଜାଣିଥିଲି ସେ ଉପରକୁ ଆସିପାରିବେ ନାହିଁ । ଖୁବ୍ ଶୀଘ୍ର ମୁଁ ବେଶ ବଦଳାଇ ପୁଣି ଭିଖାରି ସାଜିନେଲି । ବେଶଟା ଏତେ ନିଖୁଣ ହୋଇଥିଲା ଯେ ମୋ ନିଜ ସ୍ତ୍ରୀ ମଧ୍ୟ ଚିହ୍ନିପାରିବେ ନାହିଁ । ତା'ପରେ ମନରେ ଆସିଲା, ସେ କୋଠରିଟା ଖାନତଲାସ କରାଯାଇ-ପାରେ । ମୋ ଲୁଗାପଟାଗୁଡ଼ା ଥିଲେ ଅସୁବିଧା ହେବ । ମୁଁ ଜୋର୍‌ରେ ଧକ୍‌କା ମାରି ଝରକଟା ଖୋଲିଦେଲି; ଫଳରେ ମୋ ଆଙ୍ଗୁଠିର କଟା ଘା'ଟା ପୁଣି ଖୋଲିଗଲା । ତା' ପରେ ମୁଁ ମୋ କୋଟଟା ଟାଣିନେଲି । ସେଦିନର ଆୟ ପଇସା କୋଟ୍ ପକେଟ୍‌ରେ ଥିବାରୁ ସେଟା ଓଜନିଆ ହୋଇଥିଲା । ଝରକାବାଟେ ମୁଁ ତାକୁ ବାହାରକୁ ଫିଙ୍ଗିଦେଲି । ସେଇଟା ଟେମ୍‌ସ୍ ନଦୀଗର୍ଭରେ କୁଡିଗଲା । ଅନ୍ୟ ପୋଷାକଗୁଡ଼ିକ ମଧ୍ୟ ମୁଁ ସେମିତି ଫିଙ୍ଗିଦେଇଥାନ୍ତି; କିନ୍ତୁ ପୋଲିସ୍ ଉପରମହଲକୁ ମାଡ଼ି ଆସିଲେ । କିଛି ସମୟ ପରେ ସେମାନେ ମୋତେ ନେଇଗଲେ କ୍ଲେୟାର୍ ବୋଲି ନ ଚିହ୍ନି

Digitized by srujanika@gmail.com

ତାଙ୍କର ହତ୍ୟାକାରୀ ବୋଲି ଆରେଷ୍ଟ କଲେ । ଯାହାହେଉ ମୁଁ ଟିକିଏ ଆଶ୍ୱସ୍ତ ହେଲି ।

"ଆଉ ଅଧିକା କିଛି ବୁଝାଇବାର ଦରକାର ନାହିଁ । ମୁଁ ଠିକ୍ କରିଥିଲି ଯେତେଦିନଯାଏ ସମ୍ଭବ ଏଇ ଛଦ୍ମବେଶରେ ରହିବି । ତେଣୁ ମୁଁ ମୋଟେ ମୁହଁ ଧୋଉ ନ ଥିଲି । ଦେଖିଲି, ମୋ ସ୍ତ୍ରୀ ବଡ଼ ବ୍ୟସ୍ତ ହେବେ । ତେଣୁ ପୋଲିସ୍ ମୋ ଆଡ଼େ ନଜର ନ ରଖିବା ବେଳେ ମୋ ମୁଦିଟା ଆଉ ତରତରରେ ଖଣ୍ଡେ ଚିଠି ଲେଖି ମ୍ୟାନେଜରକୁ ଦେଇଦେଲି । ସେ ଚିଠିରେ ଲେଖିଥିଲି ତାଙ୍କର ଭୟ କରିବା ଦରକାର ନାହିଁ ।"

"ସେ ଚିଠି ମାତ୍ର ଗଲି କାଲି ପହଞ୍ଚିଲା ।"—ହୋମସ୍ କହିଲେ ।

"ଭଗବାନ୍ ! ସପ୍ତାହେ କାଳ ସେ କି ବ୍ୟସ୍ତ ନ ଥିବେ !"

ଇନସ୍‌ପେକ୍ଟର ବ୍ରାଡ଼୍‌ଷ୍ଟ୍ରୀଟ୍ କହିଲେ, "ପୋଲିସ୍ ଏଇ ମ୍ୟାନେଜର ଉପରେ କଡ଼ା ନଜର ରଖିଥିଲା । ତେଣୁ ଚିଠିଟା ଡାକଘରକୁ ପଠାଇବା ତା' ପକ୍ଷେ କଷ୍ଟକର ହୋଇଥିବ । ବୋଧହୁଏ ତା' ଦୋକାନକୁ ଆସିଥିବା କୌଣସି ନାବିକକୁ ସେ ଚିଠିଟା ଦେଇଥିବ; ଆଉ ସେ ନାବିକ କେତେ ଦିନ ଯାଏ ଚିଠିଟା କଥା ଭୁଲିଯାଇଥିବ ।"

କଥାଟାକୁ ସମର୍ଥନ କରି ହୋମ୍ସ୍ କହିଲେ, "ହଁ, ସେଇଆ ହୋଇଛି । ମୋର ସେଥିରେ ସନ୍ଦେହ ନାହିଁ । କିନ୍ତୁ ଭିଖ ମାଗିବା ଯୋଗୁ ଆପଣ କେବେ ଦଣ୍ଡ ପାଇନାହାନ୍ତି ?"

"ହଁ, ଅନେକଥର । କିନ୍ତୁ ଜୋରିମାନାଟା ମୋ ପକ୍ଷରେ କ'ଣ ?"

ବ୍ରାଡ଼୍‌ଷ୍ଟ୍ରୀଟ୍ କହିଲେ, "ଏଇଠି ଏ ଧନ୍ଦା ଶେଷ ହେବା ଦରକାର । ପୋଲିସ୍ ଯଦି କଥାଟାକୁ ଏଣିକରେ ଘୋଡ଼ିଦେବ ତେବେ ହଗ୍‌ବୁନ୍ ନାଁ ଆଜଠୁ ଲୋପ ହୋଇଯିବା ଆବଶ୍ୟକ ।"

"ମୁଁ ଭଗବାନଙ୍କ ନାଁରେ ଶପଥ କରୁଛି ଆଉ ଏ ଲୋକରେ ପଶିବି ନାହିଁ ।"

"ତା'ହେଲେ ଏ ବିଷୟରେ ଆଉ କିଛି ଘଣ୍ଟାଚକଟା କରିବା ବୋଧହୁଏ ଦରକାର ହେବ ନାହିଁ । କିନ୍ତୁ ପୁଣି ଯଦି ଆପଣ ଏ ବେଶରେ

Digitized by srujanika@gmail.com

ଦେଖାଯାନ୍ତୁ, ସବୁକଥା ପଦାରେ ପଡ଼ିଯିବ । ମିଷ୍ଟର୍ ହୋମସ୍, ଏ ଘଟଣାରେ ଆଲୋକପାତ କରିଥିବାରୁ ଆମେ ଆପଣଙ୍କ ପାଖେ କୃତଜ୍ଞ । ତେବେ ମୁଁ ଜାଣିବାକୁ ଚାହେଁ ଆପଣ କେମିତି ଏ ସିଦ୍ଧାନ୍ତରେ ପହଞ୍ଚିଲେ ।"

"ପାଞ୍ଚଟା ତକିଆ ଉପରେ ବସି ଗୋଟାଏ ଆଉନ୍‌ସ୍ ତମାଖୁ ଶେଷ କରିଦେଇ ମୁଁ ଏ ସିଦ୍ଧାନ୍ତରେ ପହଞ୍ଚିଲି । ୱାଟ୍‌ସନ୍, ଆମେ ଏବେ ଚାଲିଗଲେ ଜଳଖିଆ ଖାଇବାବେଳକୁ ବେକର୍ ଷ୍ଟ୍ରୀଟ୍‌ରେ ପହଞ୍ଚିଯିବା ।"

ଚିତ୍ରିତ ପଟି

ଗତ ଆଠ ବର୍ଷ ଭିତରେ ସେରଲକ୍ ହୋମସ୍ ସମାଧାନ କରିଥିବା ସତୁରିରୁ ଅଧିକ କେସ୍ ମୁଁ ଆଲୋଚନା କରିଛି । ମୋ ନୋଟ୍ ଖାତାରେ ସେସବୁ ଟିପିରଖିଛି । ସେଥିରୁ କେତେକ ସୁଖାନ୍ତକ, କେତେକ ଦୁଃଖାନ୍ତକ, ଆଉ ଅଧିକାଂଶ ଅଦ୍ଭୁତ; କିନ୍ତୁ କୌଣସିଟା ସାଧାରଣ ନୁହେଁ । କାରଣ ତାଙ୍କ କାମରେ ନିଜର ବୁଦ୍ଧି କୌଶଳ ଖଟାଇବା ସବୁବେଳେ ତାଙ୍କର ଉଦ୍ଦେଶ୍ୟ । ପଇସା ରୋଜଗାର କରିବା ତାଙ୍କର ଲକ୍ଷ୍ୟ ନ ଥିଲା । ଯେଉଁ ଅନୁସନ୍ଧାନ ଅସାଧାରଣ, ଅବାସ୍ତବ ନୁହେଁ, ସେ ତାହା ଗ୍ରହଣ କରୁ ନ ଥିଲେ । ଏଇ ସବୁ ବିଭିନ୍ନ କେସ୍ ଭିତରୁ ସରେ ଷ୍ଟୋକମୋରାନ୍‌ର ରୟ୍‌ଲଟ୍ ପରିବାର କେସ୍ ପରି କୌଣସିଟା ଅତିମାତ୍ରାରେ ବିଚିତ୍ର ବୋଲି ମୋର ମନେହୁଏନା । ହୋମସ୍ ଆଉ ମୁଁ ପ୍ରଥମେ ପ୍ରଥମେ ସାଥି ହେବା ବେଳେ ସେ ଘଟଣାଟା ଘଟିଥିଲା । ସେତେବେଳକୁ ମୋର ବିବାହ ହୋଇନଥାଏ । ଆମେ ଦୁହେଁ ସାଥି ହୋଇ ବେକର୍ ଷ୍ଟ୍ରୀଟ୍‌ରେ ରହୁଥାଉ । ମୁଁ ବହୁତ ଆଗରୁ ଏ ଘଟଣାଟା ପ୍ରକାଶ କରିପାରିଥାନ୍ତି । କିନ୍ତୁ ସେତେବେଳେ କଥାଟା ଗୋପନ ରଖିବା ପାଇଁ ମୁଁ ଶପଥ କରିଥିଲି । ଯେଉଁ ଭଦ୍ରମହିଳାଙ୍କ ନିକଟରେ ମୁଁ ଏ ଶପଥ କରିଥିଲି, ତାଙ୍କର ଅକାଳ ମୃତ୍ୟୁ ଫଳରେ ଗଲା ମାସରେ ମୁଁ ସେ ଶପଥରୁ ମୁକ୍ତ ହୋଇଛି । ତେଣୁ ଘଟଣାଟା ଏବେ ପ୍ରକାଶ କରିବା ଉଚିତ । କାରଣ ମୁଁ ଦେଖୁଛି ଡାକ୍ତର ଗ୍ରୀମସ୍ ବି ରୟ୍‌ଲଟ୍‌ଙ୍କ ମୃତ୍ୟୁ ବିଷୟରେ ଯେଉଁ ଜନରବ ପ୍ରଚାରିତ ହେଉଛି, ତାହା କଥାଟାକୁ ପ୍ରକୃତ ଘଟଣାଠାରୁ ଆହୁରି ଭୟଙ୍କର କରିଦେବ ।

ସେ ହେଲା ୧୮୮୩ ମସିହା ଏପ୍ରିଲ୍ ମାସର କଥା । ଦିନେ ସକାଳୁ ମୁଁ ଉଠିଲାବେଳକୁ ଦେଖିଲି ସେରଲକ୍ ହୋମସ୍ ପୋଷାକପତ୍ର ପିନ୍ଧି ମୋ ଖଟ ପାଖରେ ଠିଆ ହୋଇଛନ୍ତି । ସାଧାରଣତଃ ସେ ଡେରିରେ ଉଠନ୍ତି ।

Digitized by srujanika@gmail.com

କନ୍ତୁ ଘଣ୍ଟାରେ ମୋଟେ ସାତଟା ବାଜି ପନ୍ଦର ମିନଟ୍ ହୋଇଥିଲା । ମୁଁ ବିସ୍ମୟରେ ତାଙ୍କ ଆଡ଼କୁ ଚାହିଁଲି । ଟିକିଏ ଅସନ୍ତୁଷ୍ଟ ବି ହେଲି । କାରଣ ମୋର ସବୁ ଅଭ୍ୟାସ ନିୟମିତ ଥିଲା ।

"ତୁମକୁ ନିଦରୁ ଉଠାଇଥିବାରୁ ମୁଁ ଦୁଃଖିତ ଓ୍ୱାଟ୍‌ସନ !" ସେ କହିଲେ, "ହେଲେ ଆଜି ଆମ ଉଭୟଙ୍କ ଭାଗ୍ୟ ସମାନ । ଶ୍ରୀମତୀ ହଡ୍‌ସନ୍‌ଙ୍କୁ କେହି ଉଠାଇଲା, ତା'ପରେ ସେ ମୋତେ ଆଉ ମୁଁ ତୁମକୁ···।"

"କଥା କ'ଣ ? କେଉଁଠି ନିଆଁ ଲାଗିଛି ?"

"ନା, ଜାଣେ ମହିଳା ଆସି ପହଞ୍ଚିଛନ୍ତି । ସେ ଜଣେ ତରୁଣୀ; ଆଉ ଖୁବ୍ ବିଚଳିତ ହୋଇ ପଡ଼ିଛନ୍ତି । ତେଣୁ ସେ ଶୀଘ୍ର ମୋ ସାଥିରେ ଦେଖା-କରିବାକୁ ଜିଦ୍ କଲେ । ସେ ବୈଠକଖାନାରେ ଅପେକ୍ଷା କରିଛନ୍ତି । ତରୁଣୀମାନେ ଯଦି ଏତେ ସକାଳୁ ଲଣ୍ଡନ ସହରରେ ବୁଲି ଶୋଇଲା ଲୋକଙ୍କୁ ଉଠାନ୍ତି, ତେବେ ଘଟଣାଟା ନିଶ୍ଚୟ ଗୁରୁତର ବୋଲି ଜାଣିବ । କେଶ୍‌ଟା ଯଦି କୌତୂହଳପ୍ରଦ ହୋଇଥିବ ତେବେ ଆରମ୍ଭରୁ ତାହା ଜାଣିବା ଦରକାର । ତେଣୁ ଭାବିଲି ତୁମକୁ ଉଠାଇବି ।"

"ମୁଁ ତ କେବେହେଲେ ଏ ସୁଯୋଗ ହରାଇବାକୁ ଚାହିଁବି ନାହିଁ ।"

ହୋମସ୍‌ଙ୍କ ଅନୁସନ୍ଧାନ ପଦ୍ଧତି, ଘଟଣାର ବିଶ୍ଳେଷଣ ଆଦିରେ ମୋର ବଡ଼ ଆଗ୍ରହ । ମୁଁ ଖୁବ୍ ଚଞ୍ଚଳ କାମ ସାରି ବାହାରିପଡ଼ିଲି । ଆମେ ବୈଠକଖାନାକୁ ଗଲୁ । ଝରକା ପାଖରେ ଜଣେ ଭଦ୍ରମହିଳା ବସିଥିଲେ । ଦେହରେ କଳା ପୋଷାକ ଆଉ ମୁଣ୍ଡରେ ଗୋଟେ କଳା ଓଢ଼ଣୀ । ଆମକୁ ଦେଖି ସେ ଠିଆ ହୋଇ ପଡ଼ିଲେ । ବେଶ୍ ଖୁସିରେ ହୋମସ୍ କହିଲେ, "ସୁପ୍ରଭାତ ! ମୋ ନାଁ ସେର୍‌ଲକ୍ ହୋମସ୍ । ଇଏ ମୋର ବନ୍ଧୁ ଆଉ ସହକର୍ମୀ ଡାକ୍ତର ଓ୍ୱାଟ୍‌ସନ୍ । ଆପଣ ମୋ ଆଗରେ ଯେମିତି ଖୋଲ୍‌-ଖୋଲା କଥାବାର୍ତ୍ତା କରିବେ ତାଙ୍କ ଆଗରେ ବି ସେମିତି କହିପାରନ୍ତି । ଯାହାହେଉ, ଶ୍ରୀମତୀ ହଡ୍‌ସନ୍ ନିଆଁ ଜାଳିଦେଇ ଯାଇଛନ୍ତି । ଏଇ ନିଆଁ ପାଖକୁ ଆସନ୍ତୁ । ମୁଁ ଆପଣଙ୍କ ପାଇଁ କପେ ଗରମ କଫି ବରାଦ କରୁଛି । କାରଣ ମୁଁ ଦେଖୁଛି ଆପଣ ଥରୁଛନ୍ତି ।"

Digitized by srujanika@gmail.com

ନଆଁ ପାଖକୁ ଘୁଞ୍ଚିଆସି ଖୁବ୍ ଧୀର ସ୍ୱରରେ ଭଦ୍ରମହିଳା କହିଲେ, "ଶୀତ ଯୋଗୁଁ ମୁଁ ଥରୁନାହିଁ ।"

"ତେବେ କାହିଁକି ?"

"ଭୟ ମିଷ୍ଟର ହୋମସ୍, ଅତ୍ୟଧିକ ଭୟ ।" କଥା କହୁ କହୁ ସେ ମୁହଁର ଓଢ଼ଣୀଟା ଟେକିଦେଲେ । ଆମେ ଦେଖିଲୁ ତାଙ୍କ ଅବସ୍ଥା ବାସ୍ତବିକ୍ ବଡ଼ କରୁଣ । ତାଙ୍କ ମୁହଁ ଶେତା ପଡ଼ିଯାଇଛି, ଆଖି ଭୟଭୀତ ଆଉ ଚଞ୍ଚଳ । ଯେପରି ସେ ଏକ ପଶୁ ଶିକାରୀଠାରୁ ଖସି ପଳାଇ ଆସିଛି । ତାଙ୍କ ଚେହେରାରୁ ବୟସ ତିରିଶ ବର୍ଷ ବୋଲି ଅନୁମାନ । ମୁଣ୍ଡର ବାଳ କିନ୍ତୁ ପାଚିଆସିଲାଣି । ସେରଲକ୍ ହୋମସ୍ ଥରେ ତାଙ୍କ ପାଦଠୁ ମୁଣ୍ଡଯାଏ ଚାହିଁନେଲେ ।

ଆଶ୍ୱାସନା ଦେଇ ସେ କହିଲେ, "ଆପଣ ଭୟ କରନ୍ତୁ ନାହିଁ । ଆମେ ଖୁବ୍ ଶୀଘ୍ର ସବୁ ଠିକ୍ କରିଦେବୁ । ଦେଖୁଛି ଆପଣ ସକାଳୁ ଟ୍ରେନ୍‌ରେ ଆସିଛନ୍ତି ।"

"ଆପଣ ତେବେ ମୋତେ ଜାଣନ୍ତି ?"

"ନା, କିନ୍ତୁ ଆପଣଙ୍କ ବାଁ ହାତ ଗ୍ଲୋଭ୍‌ରେ ମୁଁ ଖଣ୍ଡେ ଫେରନ୍ତା ଟିକେଟ୍‌ର ଅଧା ଦେଖୁଛି । ତା ଛଡ଼ା ଆପଣ ଖୁବ୍ ଚଞ୍ଚଳ ବାହାରିଛନ୍ତି; ଆଉ ଷ୍ଟେସନକୁ ଗୋଟେ ଦୁ'ଚକିଆ ଗାଡ଼ିରେ କଚ୍ଚା ରାସ୍ତାରେ ଖଣ୍ଡେ ବାଟ ଆସିଛନ୍ତି ।"

ତରୁଣୀ ଚମକି ପଡ଼ି ବିସ୍ମୟରେ ମୋ ବନ୍ଧୁଙ୍କ ମୁହଁକୁ ଚାହିଁରହିଲେ । ହସି ହସି ହୋମ୍ସ କହିଲେ, "ଏଥିରେ କିଛି ରହସ୍ୟ ବା ଯାଦୁବିଦ୍ୟା ନାହିଁ । ଆପଣଙ୍କ ଜାମାର ବାଁ ହାତରେ ସାତ ଜାଗାରେ କାଦୁଅ-ଛିଟିକା ଲାଗିଛି । ସେଗୁଡ଼ା ବି ନୂଆ ପରି ଦିଶୁଛି । ଦୁ'ଚକିଆ ଗାଡ଼ି ବିନା ଅନ୍ୟ ଗାଡ଼ି ଏମିତି କାଦୁଅ ଛିଟେନାହିଁ । ତା' ଛଡ଼ା ଆପଣଙ୍କୁ ଗାଡ଼ିଚାଳକର ବାଁ ପାଖରେ ବସିବାକୁ ପଡ଼େ ।"

"ଆପଣଙ୍କ ଯୁକ୍ତି ଯାହାହେଉନା କାହିଁକି ଆପଣ ସଂପୂର୍ଣ୍ଣ ଠିକ୍ କହିଛନ୍ତି । ମୁଁ ଛଅଟା ପୂର୍ବରୁ ଘରୁ ବାହାରିଲି । କୋଡ଼ିଏ ମିନିଟ୍ ପରେ

Digitized by srujanika@gmail.com

ଲେଦରହେଡ୍‌ରେ ପହଞ୍ଚି ପ୍ରଥମ ଟ୍ରେନ୍‌ରେ ୱାଟର୍‌ଲୁ ଆସିଲି । ମୁଁ ଆଉ ଏ ଗୁପ ସହି ପାରିବି ନାହିଁ; ଏମିତି ହେଲେ ମୁଁ ପାଗଳ ହୋଇଯିବି । କାହାକୁ ଏ କଥା କହିବାକୁ ମୋର କେହି ନାହିଁ । ମୁଁ ଆପଣଙ୍କ ନାଁ ଶୁଣିଛି । ଦୟାକରି ମୋତେ ସାହାଯ୍ୟ କରନ୍ତୁ । ଆପଣଙ୍କୁ କିଛି ପୁରସ୍କାର ଦେବାର କ୍ଷମତା ବର୍ତ୍ତମାନ ମୋର ନାହିଁ । କିନ୍ତୁ ମାସେ ଦେଢ଼ମାସ ଭିତରେ ମୋର ବିବାହ ହୋଇଗଲେ ମୋ ସମ୍ପତ୍ତି ମୋ ହାତକୁ ଆସିଯିବ । ସେତେବେଳେ ଦେଖିବେ ମୁଁ ଅକୃତଜ୍ଞ ହେବି ନାହିଁ ।''

ହୋମସ୍ କହିଲେ,"ଆପଣଙ୍କୁ ଖୁସିରେ ସାହାଯ୍ୟ କରିବି—ଚିନ୍ତା କରନ୍ତୁ ନାହିଁ । ପୁରସ୍କାର କଥା ଯାହା କହିଲେ, ମୋ କାମ ହିଁ ମୋର ପୁରସ୍କାର । କିନ୍ତୁ ଏଥିରେ ମୋତେ ଯଦି କିଛି ଖର୍ଚ୍ଚ କରିବାକୁ ପଡ଼େ, ସେଇଟା ଆପଣ ସୁବିଧା ଦେଖି ଦେଇପାରନ୍ତି । ଏବେ ଆପଣ ଆମକୁ ସବୁକଥା କହନ୍ତୁ ।''

"ମୋ ଭୟଟା ହେଲା ଅନିର୍ଣ୍ଣିତ; ତେଣୁ ମୋ ଅବସ୍ଥା ବେଶୀ ଭୟଙ୍କର । ମୋ ସନ୍ଦେହ ଅତି ଛୋଟ ଛୋଟ ବିଷୟରେ । ତାହା ଅନ୍ୟକୁ ଅତି ତୁଚ୍ଛ ଜଣାଯିବ । ଏପରିକି ଯାହାଙ୍କଠାରୁ ସାହାଯ୍ୟ ବା ସହାନୁଭୂତି ପାଇବାର ଅଧିକାର ମୋର ଅଛି, ସେ ବି କଥାଗୁଡ଼ାକୁ ଦୁର୍ବଳ ମନର ଅହେତୁକ ଶଙ୍କା ବୋଲି ଭାବନ୍ତି । କିନ୍ତୁ ମୁଁ ଆପଣଙ୍କ କଥା ଶୁଣିଛି ମିଷ୍ଟର ହୋମସ୍ ! ଆପଣ ମଣିଷ ମନ ଭିତରର ବିଭିନ୍ନ କୁଟିଳତା ଦେଖିପାରନ୍ତି । ମୋ ଚାରିପାଖେ ଯେଉଁ ବିପଦ ଘେରିରହିଛି ତା' ଭିତରେ ମୁଁ କେମିତି ଚାଲିବି, ଆପଣ ମୋତେ ଉପଦେଶ ଦେଇ ପାରିବେ ।''

"କହନ୍ତୁ, ମୁଁ ସବୁ ମନଦେଇ ଶୁଣୁଛି ।''

"ମୋ ନାଁ ହେଲେନ୍ ଷ୍ଟୋନର୍ । ମୁଁ ମୋ ସାବତ-ବାପାଙ୍କ ପାଖରେ ରହୁଛି । ସେ ଇଂଲଣ୍ଡର ଷ୍ଟୋକମୋରାନ୍‌ର ବିଖ୍ୟାତ ସାକ୍‌ସନବଂଶର ରୟଲଟ୍ ପରିବାରର ଶେଷ ବଂଶଧର ।''

ମୁଣ୍ଡ ହଲାଇ ହୋମସ୍ କହିଲେ, "ରୟଲଟ୍ ନାଁଟା ମୋର ଜଣାଶୁଣା ।''

"ଏକସମୟରେ ଏଇ ପରିବାର ଇଂଲଣ୍ଡର ଧନୀ ପରିବାର ମଧ୍ୟରୁ ଅନ୍ୟତମ ଥିଲା । ତାଙ୍କର ଏକ ବିରାଟ ଜମିଦାରୀ ଥିଲା । କିନ୍ତୁ ଲଗ ଲଗ

Digitized by srujanika@gmail.com

ଘୃରଜଣ ବଂଶଧର ଅତି ବଦ୍‌ଖର୍ଚ୍ଚି ହେଲେ । ଶେଷ ଜଣକ ଜୁଆ ଖେଳ ସବୁ ଶେଷ କଲେ । ଏ ପରିବାର ସର୍ବସ୍ୱାନ୍ତ ହୋଇଗଲା । ମାତ୍ର କେତେ ଏକର ଜମି ଆଉ ଦୁଇଶହ ବର୍ଷର ପୁରୁଣା ଘରଟା ବ୍ୟତୀତ ଆଉ କିଛି ରହିଲା ନାହିଁ । ଘରଟା ବି ଅନେକ ଟଙ୍କାରେ ବନ୍ଧା ପଡ଼ିଥିଲା । ଶେଷ ଜମିଦାର ସେଠି ଏକ ସମ୍ଭ୍ରାନ୍ତ ଭିଖାରି ଭାବରେ ରହିଲେ । ତାଙ୍କର ଏକମାତ୍ର ପୁଅ । ମୋ ସାବତବାପା ଦେଖିଲେ, ପରିସ୍ଥିତି ସହିତ ନିଜକୁ ଖାପ୍‌ଖୁଆଇ ଚଳିବାକୁ ପଡ଼ିବ । ସେ ଜଣେ ବନ୍ଧୁଙ୍କ ପାଖରୁ କିଛି ପଇସା ଧାର ଆଣି ଡାକ୍ତରୀ ପାଠ ପଢ଼ିଲେ । ତା' ପରେ କଲିକତା ଯାଇ ସେଠି ତାଙ୍କ ବ୍ୟବସାୟ ଆରମ୍ଭ କରି ଖୁବ୍ ଉନ୍ନତି କଲେ । ଥରେ ତାଙ୍କ ଘରେ ଡକାୟତି ହେଲା । ସନ୍ଦେହ କରି ରାଗରେ ସେ ତାଙ୍କ ରାନ୍ଧୁଣିଆକୁ ମାରୁ ମାରୁ ଜୀବନରେ ମାରିଦେଲେ । ଖୁବ୍ କଷ୍ଟରେ ସେ ମୃତ୍ୟୁଦଣ୍ଡରୁ ରକ୍ଷା ପାଇଗଲେ; କିନ୍ତୁ ଅନେକ ଦିନ ତାଙ୍କୁ ଜେଲ୍‌ଦଣ୍ଡ ଭୋଗିବାକୁ ହେଲା । ଶେଷରେ ସେ ଅତି ରୁକ୍ଷ ଆଉ ହତାଶ ହୋଇ ଇଂଲଣ୍ଡ ଫେରିଲେ ।

"ଭାରତରେ ଥିବାବେଳେ ଡାକ୍ତର ରୟ୍‌ଲଟ୍ ମୋ ମା' ଶ୍ରୀମତୀ ଷ୍ଟୋନର୍‌ଙ୍କୁ ବିବାହ କରିଥିଲେ । ମୋ ମା' ବଙ୍ଗଳା ସେନାବାହିନୀର ମେଜର୍ ଜେନେରାଲ ଷ୍ଟୋନର୍‌ଙ୍କ ବିଧବା ତରୁଣୀ ସ୍ତ୍ରୀ । ମୋ ଭଉଣୀ ଜୁଲିଆ ଆଉ ମୁଁ ଯାଆଁଳା । ମା' ପୁଣି ଥରେ ବିବାହ କଲାବେଳକୁ ଆମେ ମୋଟେ ଦୁଇ ବର୍ଷର ଶିଶୁ । ମା'ଙ୍କର ଯଥେଷ୍ଟ ପଇସା ଥିଲା । ସେ ବର୍ଷକୁ ଏକହଜାର ପାଉଣ୍ଡରୁ କମ୍ ପାଉ ନଥିଲେ । ତାହା ସେ ଡାକ୍ତର ରୟ୍‌ଲଟ୍‌ଙ୍କୁ ଦେଇଦେଲେ । ସର୍ତ୍ତ ଥିଲା, ଆମେ ତାଙ୍କ ପାଖରେ ଥିବାଯାଏ ସେ ସବୁ ପଇସା ପାଇଥିବେ । କିନ୍ତୁ ଆମର ବିବାହ ହୋଇଗଲେ ଆମେ ସେଥିରୁ ବର୍ଷକୁ କିଛି କିଛି ପାଇବୁ । ଆମେ ଇଂଲଣ୍ଡକୁ ଫେରିବାର ଅଳ୍ପଦିନ ପରେ ମା' ମରିଗଲେ । ଆଠବର୍ଷ ତଳେ ଗୋଟେ ରେଳ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ହେଲା । ଡାକ୍ତର ରୟ୍‌ଲଟ୍ ଲଣ୍ଡନରେ ରହି ବ୍ୟବସାୟ କରିବା ଛାଡ଼ିଦେଲେ । ଆମକୁ ସାଥିରେ ନେଇ ଷ୍ଟୋକ୍ ମୋରାନରେ ପୂର୍ବପୁରୁଷଙ୍କର ସେ ପୁରୁଣା ଘରେ ଆସି ରହିଲେ । ମାଆଙ୍କର ଯେଉଁ ପଇସା

Digitized by srujanika@gmail.com

ଥିଲା ସେଥିରେ ଆମର ଖର୍ଚ୍ଚବାର୍ଚ୍ଚ ବେଶ୍ ଚଳିଲା । ଆମେ ଖୁବ୍ ଖୁସିରେ ରହିଲୁ ।

"କିନ୍ତୁ ସେତିକିବେଳେ ଆମ ସାବତ-ବାପାଙ୍କର ଏକ ବିରାଟ ପରିବର୍ତ୍ତନ ଆସିଲା । ପାଖପଡ଼ିଶାଙ୍କ ପାଖକୁ ଯାଇ ତାଙ୍କ ସଙ୍ଗେ ବନ୍ଧୁତା କରିବା ପରିବର୍ତ୍ତେ ସେ ସବୁବେଳେ ଘର ଭିତରେ ରହିଲେ; ଘରୁ ବାହାରନ୍ତି ନାହିଁ । ଯଦିବା କେବେ ବାହାରନ୍ତି ତେବେ ଯାହାକୁ ବାଟରେ ଭେଟନ୍ତି ତା ସାଥିରେ କଳି କରନ୍ତି । ରୁକ୍ଷ ସ୍ୱଭାବ ସେ ପରିବାର ଲୋକଙ୍କର ବଂଶଗତ । ମୋ ସାବତ ବାପାଙ୍କଠାରେ ତାର ମାତ୍ରା ଅଧିକ ଥିଲା । ମୁଁ ଭାବେ, ସେ ଅନେକ ଦିନ ଗ୍ରୀଷ୍ମମଣ୍ଡଳରେ ରହିବା ଏହାର କାରଣ । ଅନେକ ଝଗଡ଼ା ହୋଇଗଲା । ଦୁଇଥର ପୋଲିସ୍ ଅଦାଲତକୁ କେଶ୍ ଗଲା । ଶେଷରେ ସେ ଗାଁର ଆତଙ୍କ ହୋଇପଡ଼ିଲେ । ତାଙ୍କୁ ଆସୁଥିବାର ଦେଖିଲେ ଲୋକେ ଡରି ପଳାଇଲେ । କାରଣ ସେ ଖୁବ୍ ରାଗୀ ଆଉ ଖୁବ୍ ବଳୁଆ ମଧ୍ୟ ।

"ଗଲା ସପ୍ତାହରେ ସେ ଗାଁର କମାରକୁ ଗୋଟେ କାନ୍ଥ ଉପରବାଟେ ନାଳକୁ ଫିଙ୍ଗିଦେଲେ । ମୁଁ ଏଠୁ ସେଠୁ ପଇସା ଯୋଗାଡ଼ କରି ଦିଆନିଆ କରିବାରୁ ଘଟଣାଟା ଚାପିଗଲା । ବାରବୁଲା ଯାଯାବରଙ୍କୁ ଛାଡ଼ିଦେଲେ ତାଙ୍କର କେହି ବନ୍ଧୁ ନଥିଲେ । ଏଇ ବାରବୁଲା ଛତରଙ୍କୁ ସେ ତାଙ୍କ ଜମିଦାରୀ ବୋଲାଉଥିବା କେତେ ଏକର ଜାଗାରେ ତମ୍ବୁ ପକେଇ ରହିବାକୁ ଛାଡ଼ିଦିଅନ୍ତି; ଆଉ ତା' ବଦଳରେ ତାଙ୍କ ତମ୍ବୁକୁ ଯାଇ ତାଙ୍କର ଆତିଥ୍ୟ ଗ୍ରହଣ କରନ୍ତି । ବେଳେ ବେଳେ ସେ ସପ୍ତାହ ସପ୍ତାହ ଧରି ଏମାନଙ୍କ ସାଥିରେ ବୁଲନ୍ତି । ଭାରତୀୟ ଜୀବଜନ୍ତୁ ରଖିବାକୁ ମଧ୍ୟ ତାଙ୍କର ଭାରି ଆଗ୍ରହ । ଭାରତରୁ ଜଣେ ବ୍ୟବସାୟୀ ତାଙ୍କ ପାଖକୁ ଏଇ ଜନ୍ତୁ ପଠାନ୍ତି । ଏବେ ସେ ଗୋଟେ ଚିତାବାଘ, ଆଉ ଗୋଟେ ବବୁନ-ମାଙ୍କଡ଼ ରଖିଛନ୍ତି । ଏ ଦୁହେଁ ଘରଆଡ଼େ ବୁଲୁଥାନ୍ତି; ଆଉ ଗାଁଲୋକେ ତାଙ୍କ ମୁନିବଙ୍କୁ ଯେତିକି ଭୟ କରନ୍ତି, ଜନ୍ତୁଙ୍କୁ ବି ସେତିକି ଭୟ କରନ୍ତି ।

Digitized by srujanika@gmail.com

"ଆପଣ ଅନୁମାନ କରିପାରୁଥିବେ ମୋ ଭଉଣୀ ଜୁଲିଆ ଆଉ ମୋ ଜୀବନରେ ସୁଖଶାନ୍ତି ନଥିଲା । ଆମ ଘରେ ଚାକର ରହିବାକୁ କେହି ମଙ୍ଗିଲେ ନାହିଁ । ବହୁତ ଦିନଯାଏ ଆମେ ଘରର ସବୁ କାମଦାମ କଲୁ । ମୋ ଭଉଣୀ ମଲାବେଳକୁ ତାକୁ ମୋଟେ ତିରିଶବର୍ଷ ହୋଇଥିଲା । ତଥାପି ମୋ ମୁଣ୍ଡ-ବାଳ ପରି ତା ମୁଣ୍ଡବାଳ ମଧ୍ୟ ପାଚିଯାଇଥିଲା ।"

"ଆପଣଙ୍କ ଭଉଣୀ ତେବେ ମୃତ ?"

"ହଁ, ଦୁଇବର୍ଷ ତଳେ ତାର ମୃତ୍ୟୁ ହେଲା । ସେଇ ବିଷୟରେ କହିବା ପାଇଁ ମୁଁ ଆପଣଙ୍କ ପାଖକୁ ଆସିଛି; ଆପଣ ବୁଝିପାରୁଥିବେ । ଯେଉଁ ଅବସ୍ଥାରେ ଆମେ ଥିଲୁ ସେଥିରେ ଆମ ବୟସର କାହା ସାଥିରେ ଆମର ଦେଖାହୁଏ ନାହିଁ । ତେବେ ଆମର ଜଣେ ମାଉସୀ ଅଛନ୍ତି—ମୋ ମାଆଙ୍କ ଅବିବାହିତା ଭଉଣୀ କୁମାରୀ ହୋନୋରିଆ । ସେ ହ୍ୟାରୋ ନିକଟରେ ରହୁଛନ୍ତି । ଆମେ ବେଳେବେଳେ ତାଙ୍କ ଘରକୁବୁଲି ଯିବାର ସୁବିଧା ପାଉଥିଲୁ । ଦୁଇବର୍ଷ ତଳେ ଗ୍ରୀଷ୍ମମାସବେଳକୁ ଜୁଲିଆ ତାଙ୍କ ଘରକୁ ଯାଇଥିଲା । ସେଠି ନୌବାହିନୀର ଜଣେ ମେଜରଙ୍କ ସାଥିରେ ତାର ଦେଖାହେଲା ଏବଂ ତାଙ୍କ ସଙ୍ଗେ ବିବାହ ପାଇଁ ସେ ସ୍ଥିର କରିନେଲା । ସେ ଘରକୁ ଫେରିଲାପରେ ମୋ ସାବତ-ବାପା ଏକଥା ଜାଣିଲେ । ସେ କିଛି ଆପତ୍ତି କଲେନାହିଁ; କିନ୍ତୁ ବିବାହ ପାଇଁ ସ୍ଥିର ହୋଇଥିବା ଦିନର ପନ୍ଦର-ଦିନ ପୂର୍ବରୁ ଏ ଦୁର୍ଘଟଣା ଘଟିଲା; ଆଉ ମୋର ଏକମାତ୍ର ସାଥୀକୁ ମୁଁ ହରାଇଲି ।"

ସେର୍ଲକ୍ ହୋମସ୍ ପଛକୁ ଆଉଜି ଆଖି ଦୁଇଟା ବନ୍ଦ କରି ଚଉକିରେ ବସିଥିଲେ । ଆଖି ଅଧା ଖୋଲି ତରୁଣୀଙ୍କୁ ଚାହିଁ କହିଲେ, "ଦୟାକରି ଠିକ୍‌ନଖି ଘଟଣା ସଂକ୍ଷେପରେ କହନ୍ତୁ ।"

"ମୁଁ ଖୁବ୍ ସହଜରେ ତା କରିପାରିବି; କାରଣ ସବୁ ଘଟଣା ମୋ ମନ ଭିତରେ ଜଳଜଳ ହୋଇ ରହିଛି । ମୁଁ ତ କହିଛି, ଜମିଦାରୀର ସେ ଘରଟା ଖୁବ୍ ପୁରୁଣା । ଖଣ୍ଡାଟାର ଗୋଟେ ପାଖ ଘରରେ ଚଳାଚଳ ହୁଏ । ଏଇ ପାଖର ତଳମହଲାରେ ଶୋଇବାଘର । ବୈଠକଖାନାଟା ଖଣ୍ଡାର ମଝିରେ ।

Digitized by srujanika@gmail.com

ଶୋଇବାଘର ଭିତରୁ ପ୍ରଥମଟା ଡାକ୍ତର ରୟ୍‌ଲଟ୍‌ଙ୍କର, ଦ୍ୱିତୀୟଟା ମୋ ଭଉଣୀର, ଆଉ ତୃତୀୟଟା ମୋର । କୌଣସି ଘରୁ ଅନ୍ୟ ଘରକୁ ବାଟ ନାହିଁ । ସବୁ ଘରର ଦରଜା ଗୋଟେ ବାରଣ୍ଡାକୁ । ତିନ ବୃଖରଘାକର ଝରକାଗୁଡ଼ାକ ବାହାର ପଡ଼ିଆ କଡ଼କୁ । ସେଇ ସାଙ୍ଘାତିକ ରାତି । ଡାକ୍ତର ରୟ୍‌ଲଟ୍ ସକାଳ ତାଙ୍କ ଶୋଇବାଘରକୁ ଗଲେ; କିନ୍ତୁ ସେ ଶୋଇନଥାନ୍ତି । ତାଙ୍କ କଡ଼ା ଭାରତୀୟ ସିଗାରେଟ୍ ଗନ୍ଧରେ ମୋ ଭଉଣୀ ବ୍ୟସ୍ତ ହୋଇଗଲା । ତେଣୁ ସେ ତା' କୋଠରି ଛାଡ଼ି ମୋ କୋଠରିକୁ ଆସିଲା । ଆମେ ତା ବାହାଘର ବିଷୟରେ ଗପ କଲୁ । ଏଗାରଟାବେଳକୁ ସେ ଯିବାଲାଗି ଉଠିଲା । ଦରଜା ପାଖରେ ରହିଯାଇ ସେ ମୋଆଡ଼କୁ ଫେରି ଚାହିଁ କହିଲା, "ଆଚ୍ଛା ହେଲେନ୍, କଣଧ ରାତିରେ କେହି ହୁଇସିଲ୍ ବଜାଇବା ତୁ କେବେ ଶୁଣିଛୁ ?"

"ନାଁ, କେବେ ଶୁଣିନାହିଁ ।" ମୁଁ ଉତ୍ତର ଦେଲି ।

"ତୁ ନିଦରେ ଶୋଇ କେବେ ହୁଇସିଲ୍ ବଜାଉନଥିବୁ ?"

"କେବେ ନୁହେଁ; ହେଲେ କାହିଁକି ?"

"ଗଲା କେତେଦିନ ହେଲା ରାତି ପ୍ରାୟ ତିନଟାବେଳେ ମୁଁ ଏକ କ୍ଷୀଣ ଅଥଚ ପରିଷ୍କାର ହୁଇସିଲ୍ ଶବ୍ଦ ଶୁଣୁଛି । ମୋ ନିଦ ଟିକିଏ ପତଳା । ସେ ଶବ୍ଦରେ ମୋ ନିଦ ଭାଙ୍ଗିଯାଉଛି । କେଉଁଠୁ ଶବ୍ଦଟା ଆସୁଛି ମୁଁ ଜାଣିପାରୁନାହିଁ । ବୋଧହୁଏ ଆର ଘରୁ କମ୍ବା ପଡ଼ିଆଆଡ଼ୁ ଶବ୍ଦଟା ଆସୁଥିବ । ଭାବିଲି ତୋତେ ପଚାରିବି, ତୁ କାଳେ ଶୁଣିଥିବୁ ।"

"ନା, ମୁଁ କେବେ ଶୁଣିନି । ତୋଟାରେ ସେ ଯେଉଁ ବାରବୁଲାଗୁଡ଼ା ଅଛନ୍ତି, ତାଙ୍କର କାମ ହୋଇଥିବ ।"

"ସେଇଆ ସମ୍ଭବ । ତେବେ ଯଦି ପଡ଼ିଆଆଡ଼ୁ ଶବ୍ଦଟା ଆସୁଛି, ତୁ ଶୁଣି ନପାରୁଛୁ କେମିତି ?"

"ତୋ ଅପେକ୍ଷା ମୋ ନିଦ ବେଶୀ ଗାଢ଼ ।"

Digitized by srujanika@gmail.com

'ଯାହା ହେଉ ସେଥିରେ କିଛି ଯାଏ ଆସେ ନାହିଁ ।' "ହସି ହସି ସେ ମୋ କୋଠରିର ଦରଜା ବନ୍ଦ କରିଦେଇ ଚାଲିଗଲା । ଟିକିଏ ପରେ ତା କୋଠରି ଦରଜା ଚାବି ପକାଇବା ମୁଁ ଶୁଣିଲି ।"

"ଆଚ୍ଛା, ରାତିରେ ବରାବର କବାଟ ବନ୍ଦ କରିବା କ'ଣ ଆପଣଙ୍କର ଅଭ୍ୟାସ ?"

"ହଁ ।"

"କାହିଁକି ?"

"କହୁଛି ନା, ଡାକ୍ତର ଗୋଟେ ଚିତାବାଘ ଆଉ ଗୋଟେ ବବୁନ୍ ରଖିଛନ୍ତି । ତେଣୁ କବାଟ ବନ୍ଦ ନକଲେ ଆମକୁ ଭୟ ଲାଗେ ।"

"ଠିକ୍ ଅଛି । ଏଥର ଆପଣଙ୍କ କଥା କହନ୍ତୁ ।"

"ସେ ରାତି ମୋତେ ନିଦ ହେଲା ନାହିଁ । ମନରେ କେମିତି ଗୋଟେ ଭୟ ଆସିଲା । ଜାଣନ୍ତି ତ ମୋ ଭଉଣୀ ଆଉ ମୁଁ ଯାଆଁଳା । ତେଣୁ ଆମ ଦୁଇ ଆତ୍ମା ମଧ୍ୟରେ ସଂଯୋଗ କେତେ ସୂକ୍ଷ୍ମ ଜାଣିପାରୁଥିବେ । ସେ ରାତିଟା ବଡ଼ ଭୟଙ୍କର । ବାହାରେ ପ୍ରବଳ ପବନ ସୁସୁ ଗର୍ଜୁଥାଏ । ମୂଷଳ ଧାରାରେ ବର୍ଷା ହେଉଥାଏ । ହଠାତ୍ ଏଇ ଝଡ଼ର ଗର୍ଜନକୁ ଚପି ଏକ ନାରୀକଣ୍ଠର କରୁଣ ଚିତ୍କାର ଶୁଣାଗଲା । ମୁଁ ଜାଣିପାରିଲି ସେଇଟା ମୋ ଭଉଣୀର ସ୍ୱର । ମୁଁ ଦେହରେ ଚାଦରଖଣ୍ଡେ ପକାଇ ବାରଣ୍ଡାକୁ ଧାଇଁଗଲି । ମୁଁ ମୋ କୋଠରିର ଦରଜା ଖୋଲିଲାବେଳେ ଗୋଟେ ଷୀଣ ହୁଇସିଲ୍ ଶବ୍ଦ ଶୁଭିଲା ପରି ଜଣାଗଲା । ତା'ପରେ କିଛି ଧାତୁଦ୍ରବ୍ୟ ଖସି-ପଡ଼ିଲା ପରି ଝଣ୍‌ଝଣ୍ ଶବ୍ଦ ହେଲା । ମୁଁ ଦୌଡ଼ିଯାଇ ଦେଖିଲି ମୋ ଭଉଣୀ କୋଠରିର କବାଟ ଖୋଲା । ଭୟଭୀତ ହୋଇ ମୁଁ ଭିତରକୁ ଚାହିଁଲି । ଭିତରେ କଣ ଅଛି ଜଣାନାହିଁ । ବାରଣ୍ଡାରେ ଜଳୁଥିବା ବତି ଆଲୁଅରେ ଦେଖିଲି ମୋ ଭଉଣୀ ଖୋଲା ଦରଜା ପାଖରେ । ଭୟରେ ତା ମୁହଁ କଳା ପଡ଼ିଯାଇଛି । ସାହାଯ୍ୟ ପାଇଁ ହାତ ଦୁଇଟା ବଢ଼ାଇ ଦେଉଛି । ଦେହଟା ପାରା ମଦୁଆଙ୍କ ପରି ଟଳଟଳ ହେଉଛି । ମୁଁ ଧାଇଁଯାଇ ତାକୁ

Digitized by srujanika@gmail.com

କୁଣ୍ଢାଇ ପକାଇଲି; କିନ୍ତୁ ସେଇ ମୁହୂର୍ତ୍ତରେ ତା ଆଣ୍ଠୁ ଭାଙ୍ଗିଯାଇ ସେ ତଳେ ପଡ଼ିଗଲା । ସେ ଯନ୍ତ୍ରଣାରେ ଛଟପଟ ହୋଇଗଲା ଆଉ ତାର ଅଙ୍ଗ-ପ୍ରତ୍ୟଙ୍ଗ ଭୀଷଣଭାବେ କମ୍ପି ଥାଏ । ପ୍ରଥମେ ମୁଁ ଭାବିଲି ସେ ମୋତେ ଚିହ୍ନିପାରିନାହିଁ; କିନ୍ତୁ ମୁଁ ତାଆଡ଼କୁ ନଇଁପଡ଼ିଲାବେଳକୁ ସେ ଯେଉଁ କରୁଣ ଚିତ୍କାର କଲା, ତାହା ମୁଁ ଭୁଲିପାରିବି ନାହିଁ । କହିଲା, "ହେଲେନ୍ ! ଗୋଟାଏ ପଟି, ଚିହ୍ନିତ ପଟି ।" ଏହା କହି ସେ ଶୂନ୍ୟରେ ଡାକ୍ତରଙ୍କ କୋଠରୀଆଡ଼କୁ ଆଙ୍ଗୁଠି ବଢ଼ାଇଲା । ସେ ଆଉ କିଛି କହିଥାନ୍ତା; କିନ୍ତୁ ହଠାତ୍ ତା ଦେହ ପୁଣି କମ୍ପିଉଠିଲା ଆଉ କଣ୍ଠ ରୁଦ୍ଧ ହୋଇଗଲା । ମୁଁ ପଦାକୁ ଦୌଡ଼ିଯାଇ ବଡ଼ପାଟିରେ ମୋ ସାବତ-ବାପାଙ୍କୁ ଡାକିଲି । ସେ ତାଙ୍କ କୋଠରୀରୁ ଦୌଡ଼ି ଆସିଲେ । ତାଙ୍କ ଦେହରେ ରାତି ଶୋଇବା ପୋଷାକ । ମୋ ଭଉଣୀ ପାଖରେ ପହଞ୍ଚିଲାବେଳକୁ ସେ ଅଚେତ ହୋଇ-ଗଲାଣି । ବାପା ତା ପାଟିରେ ଟିକିଏ ବ୍ରାଣ୍ଡି ଢାଳିଦେଲେ ଆଉ ଗାଁ ଡାକ୍ତରଙ୍କୁ ଡକାଇ ପଠାଇଲେ; କିନ୍ତୁ ସବୁ ବୃଥା ହେଲା । ତା ଚେତା ଫେରିଲା ନାହିଁ, ଆଉ ଶେଷରେ ତା ଜୀବନ ଚାଲିଗଲା । ଏହିପରି ମୋ ଭଉଣୀର ଶୋଚନୀୟ ମୃତ୍ୟୁ ହେଲା ।"

"ଟିକିଏ ରହନ୍ତୁ ।" ହୋମସ୍ କହିଲେ, "ଏଇ ହୁଇସିଲ୍ ଆଉ ଧାତୁ ଦ୍ରବ୍ୟର ଶବ୍ଦ ବିଷୟରେ ଆପଣ ନିଶ୍ଚିତ ?"

"ଗାଁ ଅନୁସନ୍ଧାନକାରୀ କର୍ମଚାରୀ ମୋତେ ସେଇ ପ୍ରଶ୍ନ କରିଥିଲେ । ମୋର ଦୃଢ଼ ଧାରଣା ଯେ ମୁଁ ସେ ଶବ୍ଦ ଶୁଣିଛି । ତେବେ ଝଡ଼ର ଶବ୍ଦ ଆଉ ପୁରୁଣା ଘରଟାର ଧଡ଼ଧାଡ଼ ଶବ୍ଦ ଭିତରେ ମୋର ଭ୍ରମ ହୋଇଥାଇ-ପାରେ ।"

"ଆପଣଙ୍କ ଭଉଣୀ କି ପୋଷାକ ପିନ୍ଧିଥିଲେ ?"

"ସେ ତା ରାତି ଶୋଇବା ପୋଷାକ ପିନ୍ଧିଥିଲା । ତା ଡାହାଣହାତରେ ଖଣ୍ଡେ ଦିଆସିଲି କାଠିର ପୋଡ଼ା ଅଂଶ ଆଉ ବାଁ ହାତରେ ଗୋଟେ ଦିଆସିଲି ଥିଲା ।"

Digitized by srujanika@gmail.com

"ସେଥିରୁ ଜଣାଯାଉଛି ଭସ୍କର ସୂଚନା ପାଇଲାମାତ୍ରେ ସେ ଦଉଆସିଲା କାଠି ଜାଲ ଘୁଣଆଡ଼କୁ ଚାହିଁଥିଲେ । ଏଇଟା ଖୁବ୍ ଗୁରୁତ୍ୱପୂର୍ଣ୍ଣ । ଆଚ୍ଛା, ଅନୁସନ୍ଧାନକାରୀ କର୍ମଚାରୀ କଣ ସିଦ୍ଧାନ୍ତ କଲେ ?"

"ସେ ଖୁବ୍ ଯତ୍ନରେ ଅନୁସନ୍ଧାନ କଲେ । କାରଣ ଡାକ୍ତର ରସ୍କଲଟଙ୍କ ଚରିତ୍ରର କୁଖ୍ୟାତ ଗାଁ ସାରା ବେଶ୍ ଜଣାଥିଲା । କିନ୍ତୁ ମୃତ୍ୟୁର କୌଣସି ସନ୍ତୋଷଜନକ କାରଣ ସେ ଖୋଜି ପାଇଲେ ନାହିଁ । ମୋ ସାକ୍ଷ୍ୟରୁ ଜଣାଗଲା ଯେ କବାଟ ଭିତରୁ ପାଖରୁ ବନ୍ଦ ଥିଲା, ଆଉ ପୁରୁଣା ଝରକାର କବାଟ ଚଉଡ଼ା ଲୁହାଛଡ଼ଦ୍ୱାରା ସବୁଦିନ ପରି ବନ୍ଦ ଥିଲା । ଘୁଣପାଙ୍ଗର କାନ୍ଥ ବେଶ୍ ମଜଭୁତ୍ । ଘରର ମେଜିଆ ମଧ୍ୟ ଭଲଭାବରେ ପରୀକ୍ଷା କରାଗଲା; କିନ୍ତୁ କିଛି ଜଣାଗଲା ନାହିଁ । ତେଣୁ ନିଶ୍ଚିତଭାବେ ଜଣାଗଲା ଯେ ମୃତ୍ୟୁବେଳକୁ ମୋ ଭଉଣୀ ସେ ଘରେ ଏକା ଥିଲା । ତାହା ଛଡ଼ା ତା' ଦେହରେ କୌଣସି ଆଘାତର ଚିହ୍ନ ନଥିଲା ।"

"ବିଷଦ୍ୱାରା ମୃତ୍ୟୁ ହୋଇଥାଇପାରେ ତ ?"

"ଡାକ୍ତରମାନେ ପରୀକ୍ଷା କରିଥିଲେ; କିନ୍ତୁ ବିଷର ସନ୍ଧାନ ମିଳିଲା ନାହିଁ ।"

"ତା'ହେଲେ ତାଙ୍କର କେମିତି ମୃତ୍ୟୁ ହେଲା ବୋଲି ଆପଣ ଭାବୁଛନ୍ତି ?"

"ମୋର ଧାରଣା ଭୟ ଆଉ ଆବେଗରେ ତାର ମୃତ୍ୟୁ ହୋଇଛି । କିନ୍ତୁ କ'ଣ ତାକୁ ଭୟଭୀତ କଲା ମୁଁ କଳ୍ପନା କରିପାରୁନାହିଁ ।"

"ସେତେବେଳେ ତୋଟାରେ ସେ ଯାଯାବରମାନେ ଥିଲେ ?"

"ହଁ, ସେମାନଙ୍କ ଭିତରୁ କେହି ନା କେହି ସବୁବେଳେ ସେଠି ରହୁଥିଲେ ।"

"ଆଉ ସେ ଯେଉଁ ଚରିତ୍ର ପଟି କଥା କହିଲେ, ସେଥିରୁ ଆପଣ କ'ଣ ଜାଣିଲେ ?"

Digitized by srujanika@gmail.com

"ବେଳେ ବେଳେ ମୁଁ ଭାବେ ସେଇଟା କେବଳ ତାର ପ୍ରଳାପ । ପୁଣି ବେଳେ ବେଳେ ଭାବେ ସେଇ ଯାଯାବରଗୁଡ଼ାକ ମୁଣ୍ଡରେ ଭିଡ଼ିଥିବା ଚିହ୍ନିତ ରୁମାଲ୍ ବୋଧେ ତାର ଉଦ୍ଦେଶ୍ୟ ।"

ଏଥିରେ ସନ୍ତୁଷ୍ଟ ନ ହୋଇ ହୋମସ୍ ମୁଣ୍ଡ ହଲାଇ କହିଲେ, "ନା, କଥାଟା ଆହୁରି ଗଭୀରରେ ଅଛି । ହଉ, ଆଉ ଯାହା ଅଛି କହନ୍ତୁ ।"

"ତା ପରେ ଦୁଇବର୍ଷ ବିତିଗଲାଣି । ସେଇ ଦିନଠୁ ମୁଁ ଏକୁଟିଆ । ମାସେ ତଳେ ମୋର ଜଣେ ପୁରୁଣା ବନ୍ଧୁ ମୋତେ ବିବାହ କରିବାର ପ୍ରସ୍ତାବ କଲେ । ତାଙ୍କ ନାଁ ପର୍‌ସି ଆର୍ମିଟେଜ୍ । ମୋ ସାବତ-ବାପା ଏ ପ୍ରସ୍ତାବର କିଛି ବିରୋଧ କରିନାହାନ୍ତି । ଆଗାମୀ ବସନ୍ତ ଋତୁରେ ଆମର ବିବାହ ହେବା କଥା । ଦି'ଦିନ ତଳେ ଘରର ପଶ୍ଚିମ ପାଖ ଧାଡ଼ିଟାରେ କେତେକ ମରାମତି କାମ ହେଲା । ମୋ ଶୋଇବା ଘରର ପଶ୍ଚିମ ପାଖ କାନ୍ଥଟା ଭଙ୍ଗାଗଲା । ତେଣୁ ମୋ ଭଉଣୀ ଯେଉଁ ଘରେ ମରିଥିଲା ମୋତେ ସେ ଘରକୁ ଯିବାକୁ ପଡ଼ିଲା । ସେ ଯେଉଁ ଖଟରେ ଶୋଉଥିଲା ମୋତେ ସେଇଠି ଶୋଇବାକୁ ହେଲା । କାଲି ରାତି ମୁଁ ବିଛଣାରେ ଶୋଇଥାଏ । ନିଦ ହୋଇ ନ ଥାଏ । ହଠାତ୍ ସେଇ ହୁଇସିଲ୍ ଶବ୍ଦ ଶୁଭିଲା, ଯାହା ମୋ ଭଉଣୀର ମୃତ୍ୟୁ ଦୂତରୂପେ ଆସିଥିଲା । ମୋ ମନରେ କି ଭୟ ଜାତ ହୋଇଥିବ କଳ୍ପନା କରନ୍ତୁ । ମୁଁ ଉଠି ବସିପଡ଼ି ବତିଟା ଜଳାଇଲି; କିନ୍ତୁ କୋଠରି ଭିତରେ କିଛି ଦେଖିବାକୁ ପାଇଲି ନାହିଁ । ଆଉ ଶୋଇବାକୁ ମୋତେ ଭାରି ଭୟ ଲାଗିଲା । ତେଣୁ ମୁଁ ପୋଷାକପତ୍ର ପିନ୍ଧି ବସିରହିଲି । ଯେମିତି ରାତି ପାହିଲା ଘରୁ ବାହାରି ଆସି ଗୋଟେ ଦି'ଚକିଆ ଗାଡ଼ିରେ ଲେଦରହେଡ୍ ଚାଲିଆସିଲି । ସେଠୁ ଆପଣଙ୍କ ପାଖକୁ ଆସିଲି ।"

"ଆପଣ ଖୁବ୍ ଭଲ କରିଛନ୍ତି । କିନ୍ତୁ ଆପଣ କ'ଣ ସବୁ କଥା କହି-ସାରିଲେ ?"

"ହଁ ।"

"ନା, କୁମାରୀ ରୟଲଟ୍ ! ଆପଣ ଆପଣଙ୍କ ସାବତବାପାଙ୍କୁ ଘୋଡ଼ାଉଛନ୍ତି ।"

Digitized by srujanika@gmail.com

"କାହିଁକି ଏ କଥା କହୁଛନ୍ତି ?"

ଏ କଥାର ଉତ୍ତରରେ ହୋମସ୍ କୁମାରୀ ରସୁଲଙ୍କ ହାତରେ ଝାଲର ପର ରହିଥିବା କଳାକନାର ପଟିଟା ଘୁଞ୍ଚାଇଦେଲେ । ତାଙ୍କ କଚଟି ଉପରେ ପାଞ୍ଚ ଆଙ୍ଗୁଠିର ପାଞ୍ଚଟା କଳା ଦାଗ ।

ହୋମସ୍ କହିଲେ, "ଆପଣଙ୍କ ପ୍ରତି ବଡ଼ ନିଷ୍ଠୁର ବ୍ୟବହାର କରାଯାଉଛି ।"

ତରୁଣୀଙ୍କ ମୁହଁ କଳା ପଡ଼ିଗଲା । ହାତଟାକୁ ଘୋଡ଼ାଇ ଦେଇ ସେ କହିଲେ, "ସେ ବଡ଼ ନିଷ୍ଠୁର ଲୋକ । ତାଙ୍କର ବଳ କେତେ ସେ ବୋଧହୁଏ ଜାଣନ୍ତି ନାହିଁ ।"

ବେଶ୍ କିଛି ସମୟ ଚୁପ୍‌ଚାପ୍ କଟିଗଲା । ହୋମସ୍ ଚଉକିରେ ଆଉଜି ବସି ଜଳନ୍ତା ନିଆଁକୁ ଚାହିଁଥାନ୍ତି । ଶେଷରେ ସେ କହିଲେ, "ଏ ଘଟଣାର ଚେର ବହୁତ ଗଭୀରରେ । ଏ ବିଷୟରେ କିଛି କାମ କରିବା ଆଗରୁ ମୁଁ ଶହେର ହଜାରେ ଠିକନଖି କଥା ଜାଣିବାକୁ ଚାହେଁ । ତେବେ ଆମେ ଆଉ ମୋଟେ ସମୟ ନଷ୍ଟ କଲେ ଚଳିବ ନାହିଁ । ଆମେ ଯଦି ଆଜି ଷ୍ଟୋକ୍-ମୋରାନ୍ ଯାଉ, ତେବେ ଆପଣଙ୍କ ସାବତବାପାଙ୍କ ଅଜଣାରେ ଏ ଘରଗୁଡ଼ା ଦେଖିହେବ କି ?"

"କ'ଣ ଗୋଟେ ଜରୁରୀ କାମରେ ସେ ଆଜି ସହରକୁ ଆସିବେ ବୋଲି କହୁଥିଲେ । ଯେତେଦୂର ସମ୍ଭବ ଦିନସାରା ଏଣେ ରହିବେ । ତେଣୁ ଆପଣଙ୍କ କାମରେ କିଛି ଅସୁବିଧା ହେବନାହିଁ । ଏବେ ଯେଉଁ ଚାକରାଣୀ ବୁଢ଼ୀ ଅଛି, ସେ ନିହାତ ବୋକା । ମୁଁ ତା କଥା ବୁଝିବି ।"

"ଠିକ୍ ଅଛି । ତୁମର ଯିବା ପାଇଁ କିଛି ଆପତ୍ତି ଅଛି ୱାଟ୍‌ସନ୍ ?"

"ମୋଟେ ନାହିଁ ।"

"ତେବେ ଆମେ ଦୁଇଜଣ ଯିବୁ । ଆପଣ ଏବେ କ'ଣ କରିବେ ?"

"ମୋର ଗୋଟେ ଦି'ଟା କାମ ଅଛି । ଏ ଭିତରେ ମୁଁ ଶେଷ କରି-ନେବି । ବାରଟା ବେଳ ଟ୍ରେନ୍‌ରେ ମୁଁ ଫେରିବି । ଆପଣମାନେ ପହଞ୍ଚିଲା ବେଳକୁ ମୁଁ ପହଞ୍ଚିଯାଇଥିବି ।"

Digitized by srujanika@gmail.com

"ଆମେ ଉପରବେଳା ସହରକୁ ଯାଇ ପହଞ୍ଚିବୁ । ମୋର ବି ଏଠି ଟିକିଏ କାମ ଅଛି । ହଉ, ଆପଣ ଟିକିଏ ରହନ୍ତୁ । ଜଳଖିଆ ଖାଇଦେଇ ଯିବେ ।"

"ନାହିଁ ଆଜ୍ଞା, ମୋତେ ଏବେ ଯିବାକୁ ହେବ । ଆପଣଙ୍କ ଉପରେ ନିର୍ଭର କରିବା ପରେ ମୋ ମନ ଖୁବ୍ ହାଲୁକା ଲାଗୁଛି । ଉପରବେଳା ଆପଣଙ୍କ ସାଥିରେ ଦେଖାହେବ ।" ସେ ତାଙ୍କ କଳା ଓଢ଼ଣୀଟା ମୁହଁ ଉପରେ ପକାଇ ଘରୁ ବାହାରିଗଲେ ।

ଚଉକିରେ ପୁଣି ଆଉଜି ବସି ହୋମସ୍ ପଚାରିଲେ, "ତୁମେ ଏ ବିଷୟରେ କ'ଣ ଭାବୁଛ ଓ୍ୱାଟ୍‌ସନ୍ ?"

"କଥାଟା କେମିତି ଗୋଳମାଳିଆ ଆଉ ଅଭିସନ୍ଧିମୂଳକ ଜଣାଯାଉଛି ।"

"ସମ୍ପୂର୍ଣ୍ଣ ଅଭିସନ୍ଧିମୂଳକ ।"

"ତେବେ ଭଦ୍ରମହିଳା କହିଲେ, ଘରର କାନ୍ଥ ଆଉ ମେଜିଆ ନିଖୁଣ । କବାଟ, ଝରକା ବାଟ ଦେଇ କେହି ଆସିବା ସମ୍ଭବ ନୁହେଁ । ତା'ହେଲେ ତାଙ୍କ ଭଉଣୀଙ୍କ ରହସ୍ୟଜନକ ମୃତ୍ୟୁବେଳକୁ ସେ ନିଶ୍ଚୟ ଘର ଭିତରେ ଏକା ଥିଲେ ।"

"ତା' ହେଲେ ରାତିର ସେଇ ହୁଇସିଲ୍ ଆଉ ମୃତ୍ୟୁ ପୂର୍ବରୁ ସେ ଯାହା କହିଲେ ସେ କଥା କ'ଣ ଭାବୁଛ ?"

"ମୁଁ କିଛି ଭାବି ପାରୁନାହିଁ ।"

"ଦେଖ, ରାତିରେ ହୁଇସିଲ୍ ଶବ୍ଦ ଶୁଭିବା, ଦଳେ ଯାଯାବର ସେଠି ଆସି ରହିବା, ଡାକ୍ତର ରଏଲଟ୍‌ଙ୍କର ତାଙ୍କ ସଙ୍ଗେ ଘନିଷ୍ଠତା—ଏସବୁ ଘଟଣା ଏକାଠି କଲେ ପରିଷ୍କାର ଜଣାଯାଉଛି ଯେ, ସାବତ ଝିଅମାନଙ୍କର ବିବାହ ନ ହେବାରେ ଡାକ୍ତର ରଏଲଟ୍‌ଙ୍କର ନିଶ୍ଚୟ ସ୍ୱାର୍ଥ ଅଛି । ତା'ପରେ ତରୁଣୀଙ୍କର ମୃତ୍ୟୁକାଳୀନ ଉକ୍ତି ଆଉ କୁମାରୀ ହେଲେନ୍ ଷ୍ଟୋନ୍‌ର ଶୁଣିଥିବା ଝଣ୍‌ଝଣ୍ ଶବ୍ଦ । ଏ ଶବ୍ଦଟା ଝରକାରେ ଦିଆଯାଉଥିବା ଲୁହାଛଡ଼ ପଡ଼ିବାର ଶବ୍ଦ ହୋଇଥାଇପାରେ । ମୋର ବିଶ୍ୱାସ, ଏଇ ଦିଗରୁ ରହସ୍ୟର ଉଦ୍‌ଘାଟନ ହୋଇପାରିବ ।"

Digitized by srujanika@gmail.com

"ତେବେ ଯାଯାବରଗୁଡ଼ାଙ୍କର ଏଥିରେ କ'ଣ ଅଛି ?"

"ମୁଁ କିଛି ଠିକ୍ କରିପାରୁନାହିଁ ।"

"ମୁଁ କିନ୍ତୁ ଦେଖୁଛି, ତୁମ ସିଦ୍ଧାନ୍ତ ବିରୁଦ୍ଧରେ ଅନେକ ଯୁକ୍ତି ଅଛି ।"

"ମୁଁ ମଧ୍ୟ ତା ଜାଣେ । ସେଇଥିପାଇଁ ଆମେ ଆଜି ଷ୍ଟୋକ୍‌ମୋରାନ୍ ଯିବା । ମୁଁ ସେଇସବୁ ଯୁକ୍ତିର ଗୁରୁତ୍ୱ ପରୀକ୍ଷା କରି ଦେଖିବାକୁ ଚାହେଁ ।"

ହଠାତ୍ ଦରଜାଟା ଧଡ଼୍‌ଧାଡ଼୍ କରି ଖୋଲି ଦେଇ ଜଣେ ମସ୍ତବଡ଼ ଲୋକ ଘର ଭିତରକୁ ପଶିଆସିଲେ । ତାଙ୍କ ପୋଷାକ ଅଧା ମଫସଲି, ଆଉ ଅଧା ସହରୀ । ସେ ଏତେ ଡେଙ୍ଗା ଯେ ତାଙ୍କ ମୁଣ୍ଡର ଟୋପି ଦରଜା ଚଉକାଠରେ ଘଷିହୋଇଯାଉଥିଲା । ମୋଟା ବି ସେଇପରି, କବାଟ ଫାଙ୍କ ପୂରିଯାଉଥିଲା । ବାଘମୁହଁ ପରି ଏଡ଼େ ବଡ଼ ମୁହଁ । ଲମ୍ବା ନାକରେ ପଲେ ହେଲେ ମାଉଁସ ନାହିଁ । ଆଖି ଦୁଇଟା ଖୋଲ ଖୋଲ । ମୋଟରେ ଚେହେରାଟା ଗୋଟେ ଭୟଙ୍କର ଶିକାରୀ ପକ୍ଷୀ ପରି ।

ବେପରୁଆ ଭାବରେ ସେ ପଚାରିଲେ,"ତୁମ ଭିତରୁ ସେର୍‌ଲକ୍ ହୋମସ୍ କିଏ ?"

ଧୀରସ୍ଥିର ଭାବରେ ମୋ ବନ୍ଧୁ ଉତ୍ତର ଦେଲେ, "ମୋ ନାଁ ହୋମସ୍ । ମୋ ପାଖରେ ଆପଣଙ୍କର କ'ଣ କାମ ?"

"ମୁଁ ଷ୍ଟୋକ୍ ମୋରାନ୍‌ର ଡାକ୍ତର ଗ୍ରୀମସ୍ ବି ରୟ୍‌ଲଟ୍ ।"

ଖୁବ୍ ବିନୀତ ଭାବରେ ହୋମସ୍ କହିଲେ, "ଦୟାକରି ବସନ୍ତୁ ଡାକ୍ତର !"

"ମୁଁ ଏଠିକି ବସିବାକୁ ଆସିନାହିଁ । ମୋ ସାବତଝିଅ ଏଠିକି ଆସିଥିଲା ମୁଁ ଠିକ୍ ଜାଣିଛି । ସେ କ'ଣ ସବୁ କହୁଥିଲା ?"

"ବର୍ଷର ଏଇ ସମୟଟା ଟିକିଏ ବେଶୀ ଥଣ୍ଡା ।"—ହୋମସ୍ କହିଲେ ।

ରାଗରେ ଜଳିଉଠି ଡାକ୍ତର ଚିତ୍କାର କଲେ, "ସେ ତୁମକୁ କ'ଣ କହୁଥିଲା ?"

ସେଇପରି ଶାନ୍ତ ଭାବରେ ହୋମସ୍ କହିଲେ, "କିନ୍ତୁ ମୁଁ ଶୁଣିଲି କ୍ରୋକସ୍ ଫୁଲଗଛଗୁଡ଼ା ଭଲହୋଇଛି ।"

Digitized by srujanika@gmail.com

ଆଗନ୍ତୁକ ପାହୁଣ୍ଡେ ଆଗେଇ ଆସି ହାତରେ ଧରିଥିବା ଶିକାର ଚାବୁକଟା ହଲାଇ କହିଲେ, "ତୁମେ କଥା ବୁଲେଇବାକୁ ବସିଛ । ମୁଁ ତୁମକୁ ଜାଣେ । ତୁମେ ଗୋଟେ ଦୁର୍ବୃତ୍ତ । ମୁଁ ତୁମ ନାଁ ଶୁଣିଛି । ତୁମେ ଅନଧିକାର କାମ କରିବା ଲୋକ ।"

ମୋ ବନ୍ଧୁ କେବଳ ଅଳ୍ପ ଅଳ୍ପ ହସୁଥାନ୍ତି ।

"ତୁମେ ସ୍କଟଲାଣ୍ଡ ୟାର୍ଡର ଜଣେ ସାମାନ୍ୟ କର୍ମଚାରୀ । ନିଜକୁ ଖୁବ ବଡ଼ ବୋଲି ଭାବୁଛ ?"—ଆଗନ୍ତୁକ କହିଲେ ।

ମନବୋଧ କରି ହସି ହୋମସ୍ କହିଲେ, "ଆପଣଙ୍କ କଥାବାର୍ତ୍ତା ଖୁବ ମଜା ଲାଗୁଛି । ଗଲାବେଳେ ଦରଜାଟା ବନ୍ଦ କରିଦେଇ ଯିବେ; କାରଣ ବର୍ଷା ହେବାର ଯଥେଷ୍ଟ ସମ୍ଭାବନା ।"

"ମୋ କଥା କହିସାରିଲେ ମୁଁ ଯିବି । ମୋ ଘରୋଇ କଥାରେ ଅନଧିକାର ଚର୍ଚ୍ଚା କରିବାକୁ ଯାଅ ନାହିଁ । ମୁଁ ବଡ଼ ବିପଜ୍ଜନକ ଲୋକ । ଏଇ ଦେଖ ।" ସେ ଆଗେଇ ଆସି ନିଆଁକଡ଼ା ଲୁହାଛଡ଼ଟା ନେଇ ହାତରେ ବଙ୍କେଇ ଦେଲେ । ପୁଣି ଗର୍ଜିଉଠି କହିଲେ, "ସାବଧାନ, ଯେମିତ ମୋ ହାବୁଡ଼କୁ ନଆସ ।" ବଙ୍କା ଛଡ଼ଟାକୁ ଫିଙ୍ଗିଦେଇ ସେ ଦୁମ୍‌ଦୁମ୍ କରି ଘରୁ ବାହାରିଗଲେ ।

ହସି ହସି ହୋମସ୍ କହିଲେ, "ଲୋକଟା ବେଶ୍ ମଉଜିଆ । ମୁଁ ଅବଶ୍ୟ ତା'ପରି ମୋଟାସୋଟା ନୁହେଁ । କିନ୍ତୁ ସେ ଯଦି ରହିଥାନ୍ତା ମୁଁ ଦେଖାଇ ଦେଇଥାନ୍ତି ଯେ ମୋ ହାତମୁଠାର ଜୋର୍ ତା'ଠୁ କମ୍ ନୁହେଁ ।" ଏହା କହି ସେ ବଙ୍କା ଛଡ଼ଟା ଗୋଟେଇ ନେଇ ସେଟାକୁ ପୁଣି ସିଧା କରିଦେଲେ ।

"ଯାହା ହେଉ ଲୋକଟା ମୋତେ ସରକାରୀ ଗୋଇନ୍ଦା ପୋଲିସ୍ ବୋଲି ଭାବିଛି । ଆମ ଅନୁସନ୍ଧାନରେ ସେଇଟା ସୁବିଧା ହେବ । ହଉ ୱାଟସନ୍, ଏଥର ଜଳଖିଆ ଦରକାର ହେଉ । ଖାଇ ସାରି ମୁଁ ଟିକିଏ ଡାକ୍ତରମାନଙ୍କ କ୍ଲବଆଡ଼େ ଯିବି । ସେଠୁ କେତେଟା ତଥ୍ୟ ଜାଣିବାର ଅଛି ।"

Digitized by srujanika@gmail.com

ହୋମସ୍ ଫେରିଲାବେଳକୁ ପ୍ରାୟ ଘୋଟାଏ ବାଜିଯାଇଥିଲା । ତାଙ୍କ ହାତରେ ଖଣ୍ଡେ ନୀଳରଙ୍ଗର କାଗଜ । ସେଥିରେ କେତେଗୁଡ଼ାଏ ଲେଖା ଆଉ ସଂଖ୍ୟା ଥିଲା ।

"ମୁଁ ମୃତ ଭଦ୍ରମହିଳାଙ୍କ ଉଇଲ୍‌ଟା ଦେଖିଛି । ତାଙ୍କର ମୋଟ ସମ୍ପତ୍ତି ପ୍ରାୟ ଏଗାର ଶହ ପାଉଣ୍ଡ । ଏବେ କୃଷିଦ୍ରବ୍ୟର ମୂଲ୍ୟ କମିଯାଇଛି । ତେଣୁ ମୋଟ ସମ୍ପତ୍ତିର ମୂଲ୍ୟ ସାତଶହ ପଚିଶ ପାଉଣ୍ଡ ହେବ । ସେଥିରୁ ପ୍ରତ୍ୟେକ ଝିଅ ତାର ବିବାହ ପରେ ଦୁଇଶହ ପଚିଶ ପାଉଣ୍ଡ ପାଇବ । ତେଣୁ ଦୁଇ ଝିଅଙ୍କର ବିବାହ ହେଲେ ବାପ ପାଇଁ ଆଉ ଖୁବ୍ କମ୍ ରହିବ । ସେଥିରୁ ଜଣେ ବିବାହ କରିଗଲେ ମଧ୍ୟ ଯଥେଷ୍ଟ ଅର୍ଥ ଚାଲିଯିବ । ଏଥିରୁ ପ୍ରମାଣିତ ହେଉଛି ଯେ ଝିଅମାନଙ୍କର ବିବାହ କରାଇ ନଦେବା ଲୋକଟାର ଉଦ୍ଦେଶ୍ୟ । ହଉ, ୱାଟ୍‌ସନ୍ ! ଏବେ ସମୟ ନଷ୍ଟ କରିବାର ନୁହେଁ । ବିଶେଷତଃ ଲୋକଟା ଜାଣିଲାଣି ଯେ ଆମେ ଏ ଘଟଣାରେ ହାତ ଦେଲେଣି । ତୁମେ ଯଦି କାମ ସାରିଲଣି, ଆମେ ବାହାରିଯିବା । ହଁ, ତୁମ ରିଭଲ୍‌ଭର୍‌ଟା ପକେଟରେ ପକାଇଥିବ ।"

ୱାଟର୍‌ଲୁ ଷ୍ଟେସନରୁ ଟ୍ରେନ୍ ଧରି ଆମେ ଲେଦରହେଡ୍‌ରେ ପହଞ୍ଚିଲୁ । ସେଠୁ ଗୋଟେ ଘୋଡ଼ାଗାଡ଼ିରେ ପ୍ରାୟ ଚାରି ପାଞ୍ଚ ମାଇଲ୍ ଗଲୁ । ଆଗରେ ଗୋଟେ ପୁରୁଣା କୋଠା ଦେଖାଗଲା ।

ହୋମସ୍ କହିଲେ, "ଏଇଟା ବୋଧହୁଏ ଷ୍ଟୋକ ମୋରାନ୍ ?"

"ହଁ ଆଜ୍ଞା"—ଗାଡ଼ିବାଲା ଉତ୍ତର ଦେଲା, "ଡାକ୍ତର ଗ୍ରିମସ୍ ବି ରଏଲଟ୍‌ଙ୍କ ଘର ।"

"ତା ପାଖରେ ଗୁଡ଼େ ଘର ତିଆରି ଚାଲିଛି । ଆମେ ସେଇଠିକି ଯିବୁ ।"

"ଆପଣ ଯଦି ସେଠିକି ଯିବେ ତେବେ ଏଇ ପାହାଚ ବାଟେ ଗଲେ ସିଧା ପଡ଼ିବ । ସେଠୁ ପଡ଼ିଆ ଭିତରେ ଚାଲିବାଟରେ ଯିବେ ।"

ଗାଡ଼ିବାଲାକୁ ବିଦାକରିଦେଇ ଆମେ ଚାଲିଲୁ । କୁମାରୀ ମୋରାନ୍ ଆମକୁ ଅପେକ୍ଷା କରିଥିଲେ । ଆନନ୍ଦରେ ଆମ ପାଖକୁ ଧାଇଁ ଆସି ସେ କହିଲେ,

Digitized by srujanika@gmail.com

"ସବୁ ଠିକ୍ ଅଛି । ଡାକ୍ତର ରଏଲଟ୍ ସହରକୁ ଯାଇଛନ୍ତି । ସନ୍ଧ୍ୟା ପୂର୍ବରୁ ଫେରିବାର ସମ୍ଭାବନା ନାହିଁ ।"

"ଆମର ଡାକ୍ତରଙ୍କ ସାଥିରେ ଦେଖା ହୋଇଯାଇଛି ।" ହୋମସ୍ ଯାହା ଘଟିଥିଲା ସଂକ୍ଷେପରେ କହିଗଲେ । ଶୁଣି ଶୁଣି କୁମାରୀ ଷ୍ଟୋନର ଭୟରେ ଶେତା ପଡ଼ିଗଲେ ।

ବିଚଳିତ ହୋଇ ସେ କହିଲେ, "ହେ ଭଗବାନ ! ସେ ଏଡ଼େ ଧୂର୍ତ୍ତ ଯେ ମୁଁ ନିଜକୁ କେବେ ନିରାପଦ ବୋଲି ଭାବେ ନାହିଁ । ଫେରିଲା ପରେ ସେ କ'ଣ କହିବେ କିଏ ଜାଣେ ?"

"କିଛି ଚିନ୍ତା କରନ୍ତୁ ନାହିଁ । ସେ ଆଗେ ନିଜ କଥା ସମ୍ଭାଳିବେ । କାରଣ ସେ ଦେଖିବେ ଯେ ତାଙ୍କଠାରୁ ଢେର୍ ଅଧିକ ଚାଲାକ୍ ଲୋକ ତାଙ୍କ ପଛରେ ଲାଗିଛି । ଆଜି ରାତି ଆପଣ ତାଙ୍କଠାରୁ ଦୂରରେ ରହିବେ । ଯଦି ସେ ଗଣ୍ଡଗୋଳ କରନ୍ତି, ଆମେ ଆପଣଙ୍କୁ ନେଇ ଆପଣଙ୍କ ମାଉସୀଙ୍କ ପାଖରେ ଛାଡ଼ିଦେବୁ । ହଉ, ଆଉ ସମୟ ନଷ୍ଟ ନ କରି ଚାଲନ୍ତୁ ଘରଗୁଡ଼ା ଦେଖିନେବା ।"

ମାଟିଆ ରଙ୍ଗ ପଥରର ଘର । ମଝିରେ ଧାଡ଼ିଏ ଘର, ତାର ଦୁଇ ମୁଣ୍ଡରେ ଦୁଇଧାଡ଼ି । ଗୋଟିଏ ପାଖ ଘରର ଝରକାଗୁଡ଼ା ଭଙ୍ଗା; ଛାତ ବି ନଷ୍ଟ ହୋଇଗଲାଣି । ମଝି ଧାଡ଼ି ଘରର ଅବସ୍ଥା ଟିକିଏ ଭଲ । କିନ୍ତୁ ଡାହାଣ କଡ଼ ଧାଡ଼ିର ଘରଗୁଡ଼ାକ ବେଶ୍ ଭଲ ଆଉ ଆଧୁନିକ । ଝରକାର ପରଦା ଆଉ ଚିମିନିର ଧୂଆଁରୁ ଜଣାଯାଉଥିଲା, ଏଇ ପାଖ ଘରେ ଚଳାଚଳ ହୁଏ । ଶେଷମୁଣ୍ଡ କାନ୍ଥ ପାଖରେ ଭାରା ଠିଆ ହୋଇଥିଲା ଆଉ ପଥରଗୁଡ଼ା ଭଙ୍ଗାଯାଇଥିଲା । କିନ୍ତୁ ଆମେ ପହଞ୍ଚିଲାବେଳେ ସେଠି କେହି ଲୋକ କାମ କରୁନଥିଲେ । ହୋମସ୍ ପଡ଼ିଆଟିରେ ଏପାଖ ସେପାଖ ବୁଲି ଝରକାଗୁଡ଼ାକର ବାହାର ପାଖ ପରୀକ୍ଷା କରି ଦେଖିନେଲେ । ତା'ପରେ କହିଲେ, "ଏଇ ବଖରାଟାରେ ବୋଧହୁଏ ଆପଣ ଶୋଉଥିଲେ, ଏ ମଝି ବଖରାଟା ଆପଣଙ୍କ ଭଉଣୀଙ୍କର; ଆଉ ଏ ଶେଷ ବଖରାଟା ଡାକ୍ତର ରଏଲଟ୍‌ଙ୍କର ?"

Digitized by srujanika@gmail.com

"ହଁ, କିନ୍ତୁ ମୁଁ ବର୍ତ୍ତମାନ ଏ ମଝି ବଖରାଟାରେ ଶୋଉଛି ।"

"ସେ ବଖରାଟା ମରାମତ ହେଉଛି ବୋଲି; କିନ୍ତୁ ସେ କାନ୍ଥଟା ମରାମତ କରିବାର କିଛି ବିଶେଷ ଆବଶ୍ୟକତା ଥିଲା ପରି ମନେହେଉନାହିଁ ।"

"ନା, କିଛି ଆବଶ୍ୟକ ନଥିଲା । ମୁଁ ଭାବୁଛି ମୋତେ ସେ ବଖରାରୁ ବାହାର କରିବାର ଏ ଗୋଟାଏ ଛଳ ।"

"ହଁ, କଥା ତ ସେଇଠି । ଏ ଘରର ଆରପାଖରେ ବୋଧହୁଏ ବାରଣ୍ଡା; ଆଉ କୋଠରିଗୁଡ଼ାକର ଦରଜା ସେଇ ବାରଣ୍ଡା କଡ଼କୁ । ସେପାଖରେ ତ ଝରକା ଥିବ ?"

"ହଁ ଅଛି; କିନ୍ତୁ ସେଗୁଡ଼ା ଖୁବ୍ ଗ୍ରେଟ । କେହି ତା ଭିତରଦେଇ ଯାଇପାରିବ ନାହିଁ ।"

"ଆପଣ ଦୁହେଁ ଘର ଭିତରୁ ତାଲା ଦେଇ ଶୁଅନ୍ତି । ବାରଣ୍ଡା କଡ଼ରୁ କେହି ଘର ଭିତରେ ପଶିବା ଅସମ୍ଭବ । ଆପଣ ଏବେ ଆପଣଙ୍କ କୋଠରି ଭିତରକୁ ଯାଇ ଝରକାଟା ବନ୍ଦ କରନ୍ତୁ ତ ।"

କୁମାରୀ ଷ୍ଟୋନର୍ ଘର ଭିତରକୁ ଯାଇ ଝରକା ବନ୍ଦ କଲେ । ହୋମସ୍ ଝରକାଟାକୁ ଭଲ୍‌ଭାବେ ପରୀକ୍ଷା କରି ତାର କବାଟ ଖୋଲିବାକୁ ନାନାପ୍ରକାର ଚେଷ୍ଟା କଲେ; କିନ୍ତୁ ଖୋଲିପାରିଲେ ନାହିଁ । ଭିତରର ଲୁହାଛଡ଼ ଉଠାଇବା ପାଇଁ ଛୁରୀଟାଏ ଯିବା ଭଳି ଫାଙ୍କ ବି ନଥିଲା । ତା' ପରେ ଲେନ୍‌ସଦ୍ୱାରା ସେ କବ୍‌ଜାଗୁଡ଼ାକ ଦେଖିଲେ; କିନ୍ତୁ ସେଗୁଡ଼ା ଖୁବ୍ ଶକ୍ତ ଲୁହାରେ ମଜଭୁତ୍‌ଭାବରେ ତିଆରି ।

"ହୁଁ, ମୋ ଅନୁମାନରେ କେତେକ ଅସୁବିଧା ଦେଖାଯାଉଛି । ଝରକାର କବାଟ ବନ୍ଦ ଥିଲେ କେହି ତାକୁ ଖୋଲି ଯାଇପାରିବ ନାହିଁ । ଆଚ୍ଛା, ଯିବା ଦେଖିବା ଘର ଭିତର ହୁଏତ ଏ ଘଟଣାରେ କିଛି ଆଲୋକ-ପାତ କରିପାରେ ।"

ଶେଷମୁଣ୍ଡ କୋଠରିଟା ଦେଖିବାକୁ ହୋମସ୍ ମନା କରିଦେଲେ । ଆମେ ଯାଙ୍କେ ଯାଙ୍କେ ମଝି ବଖରାରେ ପଶିଲୁ । ଏଇ ବଖରାରେ ଏବେ କୁମାରୀ ଷ୍ଟୋନର୍ ଶୋଉଛନ୍ତି, ଆଉ ଏଇଠି ତାଙ୍କ ଭଉଣୀ ପ୍ରାଣ ହରାଇ

Digitized by srujanika@gmail.com

ଥିଲେ । ସାଧାରଣ ଗ୍ରେଟ ବଖରାଟିଏ । ଛାତ ବେଶୀ ଉଚ୍ଚା ନୁହେଁ । ଗୋଟେ କଣରେ ଆଲମିରା, ଆଉ ଗୋଟେ କଣରେ ଅର୍ଣ୍ଣପାରିଆ ଖଟଟାଏ । ଝରକାର ବାଁ ପାଖରେ ଗୋଟେ 'ଡ୍ରେସିଂ ଟେବୁଲ୍' । ମଝିରେ ଦୁଇଟା ବେତବୁଣା ଚଉକି । ଏଇ ହେଲା ଘର ଭିତରର ଜିନଷପତ୍ର । ହୋମସ୍ ଚଉକିଟାଏ ଗୋଟେ କଣକୁ ଟାଣିନେଇ ଚୁପ୍‌ଚାପ୍ ବସିପଡ଼ିଲେ । ତାଙ୍କ ଆଖି ଘରର ଚାରିଆଡ଼େ ବୁଲୁଥାଏ । ଖଟ ଉପରକୁ ଗୋଟେ ଘଣ୍ଟି ବଜାଇବା ଦଉଡ଼ି ଲମ୍ବିଥାଏ । ତାର ଶେଷ ଗଣ୍ଠିଟା ତକିଆ ଉପରେ ପଡ଼ିଥାଏ । ହୋମସ୍ ପଚାରିଲେ, "ଏ ଦଉଡ଼ି କେଉଁଠିକି ଯାଇଛି ?"

"ଚାକରାଣୀର କୋଠରିକୁ ।"

"ଏଟା ଅନ୍ୟ ଜିନିଷଠାରୁ ନୂଆ ଜଣାଯାଉଛି ?"

"ହଁ, ଦୁଇବର୍ଷ ତଳେ ଏଟା ଏଠି ଲଗାଯାଇଛି ।"

"ଆପଣଙ୍କ ଭଉଣୀ ବୋଧହୁଏ ଏଟା ଲଗାଇବା ପାଇଁ କହିଥିଲେ ?"

"ନା, ସେ କେବେ ଏଟା ବ୍ୟବହାର କରିବା ମୁଁ ଶୁଣିନାହିଁ । ଆମେ ସବୁବେଳେ ଆମ ନିଜ କାମ କରୁ ।"

"ତେବେ ଏଠି ଏଡ଼େ ସୁନ୍ଦର ଘଣ୍ଟିଟଣା ଦଉଡ଼ିଟା ଲଗାଇବା ଦରକାର ନାହିଁ । ହଉ, ମୁଁ ଟିକିଏ ମେଜିଆଟା ପରୀକ୍ଷା କରିନିଏ ।"

ସେ ମୁହଁମାଡ଼ି ମେଜିଆ ଉପରେ ଶୋଇଯାଇ କେତେବେଳଯାଏ ଏପାଖ ସେପାଖ ଦେଖିଲେ । ତା' ପରେ ଖଟ ପାଖକୁ ଯାଇ ଖଟଟାକୁ ଭଲଭାବେ ଦେଖିନେଲେ । ଶେଷରେ ଘଣ୍ଟିଦଉଡ଼ିଟା ଧରି ଟିକିଏ ଟାଣିଦେଲେ ।

"ଆରେ, ଏଟା ତ ନକଲି !"

"କଣ ଘଣ୍ଟି ବାଜିବ ନାହିଁ ?"

"ନାଁ, ଏଟା କୌଣସି ତାର ସାଥିରେ ବି ଯୋଡ଼ା ହୋଇନାହିଁ । ବେଶ୍ ମଜା କଥା । ଏଇ ଦେଖ । ପବନ ଆସିବା ପାଇଁ ଯେଉଁ କଣା ଅଛି ତା ଟିକିଏ ଉପରେ ଗୋଟେ ହୁକ୍; ଆଉ ଏ ଦଉଡ଼ିଟା ସେଥିରେ ବନ୍ଧାଯାଇଛି ।

"ମୁଁ ଆଗରୁ କେବେ ଏଟା ଦେଖିନାହିଁ ।"

Digitized by srujanika@gmail.com

"ବେଶ୍ ବିଚିତ୍ର ! ଏଇ ଘର ବିଷୟରେ ଗୋଟେ ଦୁଇଟା ଅସାଧାରଣ କଥା । ଯେଉଁ ଲୋକ ଘରଟା ତିଆରି କଲା, ସେ କେଡ଼େ ବୋକା । ଗୋଟେ ବଖରାରୁ ଆଉ ଗୋଟେ ବଖରାକୁ ପବନ ଯିବା ପାଇଁ କଣା ରଖିଛି । ଅଥଚ ସେଇ ପରିଶ୍ରମରେ ବାହାରୁ ପବନ ଆସିବା ପାଇଁ ବାଟ ରଖାଯାଇ-ପାରିଥାନ୍ତା ।"

"ସେଟା ମଧ୍ୟ ଏବେ ନୂଆ କରାଯାଇଛି ।"

"ଏଇ ଘଣ୍ଟି ଦଉଡ଼ି ଲଗାଇଲାବେଳେ ହୋଇଛି ବୋଧହୁଏ ?"

"ହଁ, ସେତେବେଳେ ଏମିତି କେତେଗୁଡ଼ାଏ ଛୋଟ ଛୋଟ ପରିବର୍ତ୍ତନ କରାଯାଇଛି ।"

"ଆଉ, ସେଗୁଡ଼ାକ ସବୁ ଖୁବ୍ କୌତୂହଳପ୍ରଦ । ନକଲି ଘଣ୍ଟି ଦଉଡ଼ି, ପୁଣି ପବନ ଯିବା ପାଇଁ କଣା, ଯେଉଁ କଣାରେ ପବନ ମୋଟେ ଯାଏ ନାହିଁ । ହେଉ, ଏଥର ଆମେ ଆର ବଖରାଟା ଦେଖିବା ।"

ଡାକ୍ତର ରଏଲଟ୍‌ଙ୍କ କୋଠରିଟା ତାଙ୍କ ସାବତଝିଅ କୋଠରିଠାରୁ ବଡ଼ । ଜିନିଷପତ୍ର ବିଶେଷ ନଥିଲା । ଗୋଟେ ଛୋଟ ଖଟ । ଗୋଟେ କାଠ ଆଲମିରା । ସେଥିରେ ବହି ଭର୍ତ୍ତି । ଖଟ ପାଖରେ ଗୋଟେ ଆରାମଚଉକି; ଆଉ କାନ୍ଥ ପାଖକୁ ଲାଗି ଗୋଟେ ସାଦା କାଠ ଚଉକି । ଗୋଟେ ଗୋଲାକାର ଟେବୁଲ୍ ଆଉ ଗୋଟେ ବଡ଼ ଲୁହାର ସିନ୍ଦୁକ । ଏଇ ହେଲା ଆଖିରେ ପଡ଼ିବା ଭଳି ଜିନିଷ । ହୋମସ୍ ଖୁବ୍ ଯତ୍ନରେ ପ୍ରତ୍ୟେକ ଜିନିଷକୁ ପରୀକ୍ଷା କରୁଥାନ୍ତି । ଲୁହା ସିନ୍ଦୁକରେ ହାତ ମାରି ସେ କହିଲେ, "ଏଥି ଭିତରେ କ'ଣ ଅଛି ?"

"ମୋ ସାବତ-ବାପାଙ୍କ ବ୍ୟବସାୟ ସମ୍ବନ୍ଧୀୟ କାଗଜପତ୍ର ।"

"ଓଃ, ଆପଣ ତା ହେଲେ ଭିତରଟା ଦେଖିଛନ୍ତି ?"

"ହଁ, କେତେ ବର୍ଷ ତଳେ ମାତ୍ର ଥରେ ଦେଖିଥିଲି । ମୋର ମନେଅଛି, ସେଥିରେ କାଗଜ ଭର୍ତ୍ତି ହୋଇଛି ।"

"ଆଚ୍ଛା, ତା ଭିତରେ ଗୋଟେ ବିରାଡ଼ି ନାହିଁ ତ ?"

"କି ଅଦ୍ଭୁତ କଥା ! ବିରାଡ଼ି ? ଅସମ୍ଭବ ।"

Digitized by srujanika@gmail.com

"ଏଇ ଦେଖନ୍ତୁ ।" ସେ ସିନ୍ଦୁକ ଉପରୁ ଗୋଟେ ଚକଣ୍ଟା ଆଣି ଦେଖାଇଲେ । ସେଥିରେ ଦୁଧ ଥିଲା ।

"ନା, ଆମର ବିଲେଇ ନାହାନ୍ତି । କିନ୍ତୁ ଗୋଟେ ଚିତାବାଘ ଆଉ ଗୋଟେ ବବୁନ୍ ଅଛନ୍ତି ।"

"ହଁ, ଚିତାବାଘଟା ଅବଶ୍ୟ ଗୋଟେ ବଡ଼ ବିରାଡ଼ି । ତେବେ ଏଇ ଚକଣ୍ଟାକ ଦୁଧ ତା ପାଇଁ ତ ଯଥେଷ୍ଟ ନୁହେଁ । ଏ ବିଷୟ ମୋତେ ସ୍ଥିର କରିବାକୁ ହେବ ।" ସେ କାନ୍ଥ କଡ଼ରେ ଥିବା କାଠ ଚଉକିଟା ପାଖରେ ବସିପଡ଼ି ସେଟାକୁ ଖୁବ୍ ମନଦେଇ ପରୀକ୍ଷା କଲେ । ତା'ପରେ ଲେନ୍ସଟା ପକେଟରେ ରଖି କହିଲେ, "ବେଶ୍, ଏ କାମ ଛୁଣ୍ଡିଲା । କିନ୍ତୁ ଏଟା କ'ଣ ?"

ଦେଖିଲୁ ସେଇଟା ଗୋଟାଏ କୁକୁରବନ୍ଧା ଫିତା; ଖଟର ଗୋଟେ କଣରେ ଝୁଲୁଛି । ସେଟା ମୋଡ଼ି ମୋଡ଼ି ହୋଇଯାଇଥିଲା, ଆଉ ଗଣ୍ଠି ପଡ଼ି ଚାବୁକର ଫାଶ ପରି ହୋଇଥିଲା ।

"ଏଟାର ଅର୍ଥ କ'ଣ ଉଆଟ୍‌ସନ୍ ?"

"ଏଟା ଗୋଟେ ସାଧାରଣ ଫିତା । କିନ୍ତୁ ମୁଁ ଜାଣିପାରୁନାହିଁ ଏଟା ଏମିତି ବନ୍ଧାଯାଇଛି କାହିଁକି ?"

"ତେବେ ତ ଏଟା ସାଧାରଣ ନୁହେଁ । ହଉ, ଏଠି ଯାହା ଦେଖିବାର ମୁଁ ଦେଖିଲି । ଚାଲ, ବାହାର ପଡ଼ିଆକୁ ଯିବା ।"

କିଛି ସମୟ ଯାଏ ଆମେ ପଡ଼ିଆରେ ଏପାଖ ସେପାଖ ବୁଲିଲୁ । ହୋମସ୍ ଖୁବ୍ ଚିନ୍ତାମଗ୍ନ ଥା'ନ୍ତି । ତାଙ୍କ ଭାବନାରେ ବାଧା ଉପୁଜିବା ଭୟରେ ଆମେ ଚୁପ୍ ରହିଥାଉ । ଶେଷରେ ସ୍ୱପ୍ନରୁ ଉଠିଲା ପରି ସେ କହିଲେ, "ଦେଖନ୍ତୁ କୁମାରୀ ଷ୍ଟୋନର୍ ! ଆପଣଙ୍କୁ ମୋ ଉପଦେଶ ଅକ୍ଷରେ ଅକ୍ଷରେ ମାନିବାକୁ ପଡ଼ିବ ।"

"ମୁଁ ନିଶ୍ଚୟ ତା କରିବି ।"

Digitized by srujanika@gmail.com

"ଘଟଣାଟା ଖୁବ୍ ସାଙ୍ଘାତିକ । ତେଣୁ ମୋ ଉପଦେଶ ମାନିବାରେ କୁଣ୍ଠାବୋଧ କରିବେ ନାହିଁ । ଆପଣଙ୍କ ଜୀବନ ତା' ଉପରେ ନିର୍ଭର କରୁଛି ।"

"ମୁଁ ପ୍ରତିଶ୍ରୁତି ଦେଉଛି, ଆପଣ ଯାହା କହିବେ ତା କରିବି ।"

"ବେଶ୍ । ପ୍ରଥମେ ହେଲା ଆଜି ରାତି ମୁଁ ଆଉ ମୋ ବନ୍ଧୁ ଆପଣଙ୍କ କୋଠରିରେ ରହିବୁ ।"

କୁମାରୀ ଷ୍ଟୋନର୍ ଆଉ ମୁଁ ବିସ୍ମିତ ହୋଇ ତାଙ୍କ ଆଡ଼େ ଚାହିଁରହିଲୁ ।

"ହଁ, ମୁଁ ଯାହା କହିଲି ସେଇଆ । ସବୁ ବୁଝାଇଦେଉଛି । ଆଗରେ ସେଇ ଯେଉଁ ଘରଟା ଦିଶୁଛି ସେଇଟା ବୋଧହୁଏ ଗାଁ ହୋଟେଲ ?"

"ହଁ, କ୍ରାଉନ୍ ହୋଟେଲ ?"

"ଠିକ୍ ଅଛି । ସେଠୁ ଆପଣଙ୍କ କୋଠରିର ଝରକା ଦେଖାଯିବ ?"

"ନିଶ୍ଚୟ ।"

"ବେଶ୍, ଆପଣଙ୍କ ସାବତ-ବାପା ଫେରିଲାକ୍ଷଣି ଆପଣ ମୁଣ୍ଡ ବଥାଉଛି ବୋଲି ବାହାନା କରି ଝରକା କବାଟ କିଳି ଆପଣଙ୍କ କୋଠରି ଭିତରେ ରହିବେ । ଯେମିତି ଆପଣଙ୍କ ବାପା ଶୋଇବାକୁ ଯିବା ଶୁଣିବେ, ଝରକା କବାଟ ଖୋଲି ଆମକୁ ସଙ୍କେତ ଦେବାଲାଗି ଗୋଟେ ବତି ଜାଳି ସେଠି ରଖିଦେବେ । ତା'ପରେ ଯାହା କିଛି ଦରକାର ତା ନେଇ ନିଃଶବ୍ଦରେ ପାଖ ଘରକୁ ଚାଲିଯିବେ । ଘରଟା ମରାମତି ହେଉଥିଲେ ମଧ୍ୟ ଆପଣ ଗୋଟେ ରାତି ସେଠି ଚଳିଯାଇପାରିବେ ।"

"ହଁ, ଖୁସିରେ ଚଳିଯିବି ।"

"ଆଉ ସବୁ ଆମ ହାତରେ ଛାଡ଼ିଦିଅନ୍ତୁ ।"

"କିନ୍ତୁ ଆପଣ ସେଠି କ'ଣ କରିବେ ?"

"ଆମେ ଆପଣଙ୍କ କୋଠରିରେ ରାତିଟା ରହିବୁ; ଆଉ ଯେଉଁ ଶବ୍ଦ ଆପଣଙ୍କୁ ଭୟଭୀତ କରାଉଛି ତା'ର କାରଣ ଅନୁସନ୍ଧାନ କରିବୁ ।"

କୁମାରୀ ଷ୍ଟୋନର୍ ମୋ ବନ୍ଧୁଙ୍କ ହାତ ଧରି ପକାଇ କହିଲେ, "ମୁଁ ଭାବୁଛି ମିଷ୍ଟର୍ ହୋମସ୍, ଆପଣ କିଛି ଗୋଟାଏ ସିଦ୍ଧାନ୍ତ କରିସାରିଛନ୍ତି ।"

Digitized by srujanika@gmail.com

"ହଁ, ବୋଧହୁଏ କରିପାରିବି ।"

"ତେବେ ଦୟାକରି କହନ୍ତୁ, ମୋ ଭଉଣୀର ମୃତ୍ୟୁର କାରଣ କ'ଣ ?"

"ତା କହିବା ପୂର୍ବରୁ ମୁଁ ଆହୁରି ସଠିକ୍ ପ୍ରମାଣ ଚାହେଁ ।"

"ତେବେ ଏତିକି ଅନ୍ତତଃ କହନ୍ତୁ, ମୁଁ ଯାହା ଭାବୁଛି ସେ ହଠାତ୍ ଭୟଭୀତ ହୋଇ ପ୍ରାଣତ୍ୟାଗ କଲା; ତାହା ଠିକ୍ କି ନା ।"

"ନା, ମୁଁ ଭାବୁଛି ତା ଠିକ୍ ନୁହେଁ । ମୋର ବିଶ୍ୱାସ ତା'ର ଅନ୍ୟ ସ୍ପଷ୍ଟ କାରଣ ଅଛି । ହଉ କୁମାରୀ ଷ୍ଟୋନର୍ ! ଆମେ ଏଥର ଯାଉଛୁ । ଡାକ୍ତର ରୟଲଟ୍ ଯଦି ଫେରିଆସନ୍ତି ଆଉ ଆମକୁ ଦେଖନ୍ତି ତେବେ ଆମର ସବୁ ଶ୍ରମ ବ୍ୟର୍ଥ ହୋଇଯିବ । ଆପଣ ସାହସ ଧରନ୍ତୁ । ମୁଁ ଯାହା କହୁଛି ସେ ଅନୁସାରେ କାମ କଲେ ଖୁବ୍ ଶୀଘ୍ର ଆମେ ଆପଣଙ୍କ ବିପଦ ଘୁଞ୍ଚାଇ ଦେଇ ପାରିବୁ ବୋଲି ମୋର ଦୃଢ଼ ଆଶା ।"

କ୍ରାଉନ୍ ହୋଟେଲର ଉପରମହଲାରେ ଆମକୁ ଦୁଇ ବଖରା ଘର ମିଳିଗଲା । ବଖରେ ଶୋଇବା ଘର, ଆଉ ବଖରେ ବୈଠକଖାନା । ଆମ ଝରକାପାଖରୁ ଷ୍ଟୋକ୍ ମୋରାନ୍‌ର ଫାଟକ ଆଉ ରହିବା ଘର ପରିଷ୍କାର ଦେଖାଯାଉଥାଏ । ସନ୍ଧ୍ୟାବେଳକୁ ଡାକ୍ତର ରୟଲଟ୍ ଫେରିଲେ । କିଛି ସମୟ ପରେ ତାଙ୍କ ବୈଠକଖାନାର ଆଲୁଅ ଜଳିଉଠିଲା ।

ଘର ଭିତରେ ଅନ୍ଧାରରେ ଆମେ ବସିଥାଉ । ହୋମସ୍ କହିଲେ, "ବୁଝିଲ ଉଆଟ୍‌ସନ୍ ! ଆଜି ରାତି ତୁମକୁ ସାଥିରେ ନେବାପାଇଁ ମୁଁ ଟିକିଏ ଦ୍ୱିଧା-ବୋଧ କରୁଛି; କାରଣ ସେଠି ନିଶ୍ଚିତ ବିପଦର ଉପାଦାନ ରହିଛି ।"

"ମୁଁ କିଛି ସାହାଯ୍ୟରେ ଲାଗିବି ?"

"ତୁମର ଉପସ୍ଥିତି ବହୁ ମୂଲ୍ୟବାନ୍ ହୋଇପାରେ ।"

"ତା'ହେଲେ ମୁଁ ନିଶ୍ଚୟ ଯିବି । ତୁମେ ସେଠି ବିପଦକଥା କହୁଛ । ତେଣୁ ସେ ଘରେ ମୁଁ ଯାହା ଦେଖିଛି, ତୁମେ ନିଶ୍ଚୟ ତା'ଠାରୁ ଅଧିକ ଦେଖିଛ ।"

"ନା, ତା' ନୁହେଁ । ତେବେ ମୁଁ ବୋଧହୁଏ ଅଧିକ ଅନୁଶୀଳନ କରିପାରିଛି ।"

Digitized by srujanika@gmail.com

"ମୁଁ ସେ ଘଣ୍ଟି ଦଉଡ଼ିଟା ବ୍ୟତୀତ ଆଉ କିଛି ଅସାଧାରଣ ଜିନିଷ ଦେଖି ପାରିନାହିଁ । ତେବେ ସେ ଦଉଡ଼ିଟା କି ଉଦ୍ଦେଶ୍ୟରେ ରଖାଯାଇଛି, ମୁଁ କଳ୍ପନା କରିପାରୁନାହିଁ ।"

"ପବନ ଯିବା ପାଇଁ ଯେଉଁ କଣା, ସେଇଟା ବି ତ ଦେଖିଲ ?"

"ହଁ, କିନ୍ତୁ ମୁଁ ଭାବୁଛି ସେଇଟା ସେମିତ କିଛି ଅସାଧାରଣ କଥା ନୁହେଁ । ତା'ଛଡ଼ା ସେଇଟା ଏତେ ଛୋଟ ଯେ ଗୋଟେ ମୂଷା ବି ସେବାଟେ ଯାଇପାରିବ ନାହିଁ ।"

"ମୁଁ କିନ୍ତୁ ସେଠିକି ଯିବା ପୂର୍ବରୁ ଜାଣିଥିଲି ଯେ ଏମିତ ଗୋଟେ କଣା ଆମେ ନିଶ୍ଚୟ ଦେଖିବା ।"

"କଣ କହୁଛ !"

"ହଁ, ମୁଁ ଜାଣିଥିଲି । ତୁମର ମନେଥିବ, କୁମାରୀ ଷ୍ଟୋନର୍ କହୁଥିଲେ ତାଙ୍କ ଭଉଣୀଙ୍କ କୋଠରିକୁ ଡାକ୍ତର ରଏଲଟ୍‌ଙ୍କ ସିଗାରେଟ୍ ଗନ୍ଧ ଆସୁଥିଲା । ସେଇଥିରୁ ମୁଁ ଜାଣିଲି ଯେ ଦୁଇ କୋଠରି ମଧ୍ୟରେ ନିଶ୍ଚୟ ଗୋଟେ ବାଟ ଥିବ । ସେଇଟା ନିଶ୍ଚୟ ଖୁବ୍ ଛୋଟ ହୋଇଥିବ । ନଚେତ୍ ଅନୁସନ୍ଧାନକାରୀ କରୋନରଙ୍କ ଆଖିରେ ତାହା ପଡ଼ିଥାନ୍ତା । ତେଣୁ ମୁଁ ସିଦ୍ଧାନ୍ତ କଲି ଯେ ସେଇଟା ପବନ ଯିବା ଛିଦ୍ର ହୋଇଥିବ ।"

"କିନ୍ତୁ ତଦ୍ଦ୍ୱାରା କ'ଣ କ୍ଷତି ହୋଇପାରେ ?"

"ଘଟଣାର କ୍ରମକୁ ଲକ୍ଷ୍ୟ କର । କାନ୍ଥରେ ଗୋଟେ କଣା ହେଲା, ସେଠୁ ଗୋଟେ ଦଉଡ଼ି ତଳକୁ ଝୁଲିଲା; ଆଉ ଖଟ ଉପରେ ଶୋଇଥିବା ଜଣେ ନାରୀର ମୃତ୍ୟୁ ହେଲା । ଏଥିରୁ କିଛି ଜଣାପଡ଼ୁନାହିଁ ?"

"ଘଟଣାଗୁଡ଼ାକ ଭିତରେ କି ସମ୍ବନ୍ଧ ମୁଁ ତଥାପି ଜାଣିପାରୁନାହିଁ ।"

"ଆଚ୍ଛା, ସେ ଖଟଟାରେ କିଛି ଅସାଧାରଣ ବିଷୟ ଲକ୍ଷ୍ୟ କରିଛ ?"

"ନା ।"

"ସେଇଟା କ୍ଲାମ୍ପଦ୍ୱାରା ଘରର ମେଜିଆ ସାଥିରେ ଲଗିଛି । ଏମିତ ବନ୍ଧା ହୋଇଥିବା ଖଟ କେବେ କେଉଁଠି ଦେଖିଛ ?"

"ନାଁ, ଦେଖିଲି ପରି ମୋର ମନେହେଉନାହିଁ ।"

Digitized by srujanika@gmail.com

"ଭଦ୍ରମହିଳା ଖଟଟାକୁ ଘୁଞ୍ଚାଇ ପାରିବେ ନାହିଁ । ସେଟା ସବୁବେଳେ ସେଇ ଗୋଟେ ଜାଗାରେ ରହିଥିବ ।"

"ହୋମସ୍ ! ତୁମ କଥାର ଉଦ୍ଦେଶ୍ୟ ମୁଁ କିଛିଟା ବୁଝିପାରୁଛି । ଯାହା ହେଉ ଆମେ ଗୋଟେ ଖୁବ୍ ଚତୁର ଆଉ ଭୟଙ୍କର ଅପରାଧ ବନ୍ଦକରିବା ପାଇଁ ଠିକ୍ ସମୟରେ ଆସିଛେ ?"

"ଅତି ସୁଚତୁର ଆଉ ଅତି ଭୟାନକ । ଜଣେ ଡାକ୍ତର ଖରାପ କାମ କରିବସିଲେ ସେ ଅତି ଭୟଙ୍କର ଅପରାଧୀ ହୋଇଯାଏ । ମୁଁ ଭାବୁଛି ଉଆଟ୍‌ସନ୍, ଆମେ ତାକୁ ଟପିଯାଇ ପାରିବା । କିନ୍ତୁ ଏ ରାତି ପାହିବା ପୂର୍ବରୁ ଆମକୁ ବହୁତ ବିପଦର ସମ୍ମୁଖୀନ ହେବାକୁ ପଡ଼ିବ; ତେଣୁ ବର୍ତ୍ତମାନ ସେକଥା ଛାଡ଼ିଦେଇ ଅନ୍ୟ କିଛି ଖୁସିଗପ କରିବା ।"

ପ୍ରାୟ ନଅଟା ବେଳକୁ ରଏଲଟ୍‌ଙ୍କ ଘରର ଆଲୁଅ ଲିଭିଲା । ଧୀରେ ଧୀରେ ଦୁଇଘଣ୍ଟା କଟିଗଲା । ଠିକ୍ ଏଗାରଟା ବେଳକୁ ଆମ ଆଗରେ ଗୋଟେ ଉଜ୍ଜ୍ୱଳ ଆଲୁଅ ଦେଖାଗଲା । ଉଠିପଡ଼ି ହୋମସ୍ କହିଲେ, "ଏଇ ଆମ ସଙ୍କେତ । ଆଲୁଅଟା ମଝି ବଖରା ଝରକା ପାଖରୁ ଦିଶୁଛି ।"

ଆମେ ବାହାରି ପଡ଼ିଲୁ । ହୋଟେଲ୍ ମାଲିକଙ୍କୁ ଗଲାବେଳେ କହିଦେଲୁ, ଆମେ ଜଣେ ବନ୍ଧୁଙ୍କ ଘରକୁ ଯାଉଛୁ । ରାତିରେ ଫେରିବୁ ନାହିଁ । ସୁବିଧାରେ ଯାଇ ଷ୍ଟୋକ୍ ମୋରାନ୍ ଘର ପାଖେ ପହଞ୍ଚିଗଲୁ । ପାଦରୁ ଜୋତା ବାହାର କରି କୁମାରୀ ଷ୍ଟୋନର୍‌ଙ୍କ ଶୋଇବା କୋଠରିରେ ପଶିଲୁ । ଖୁବ୍ ନିଃଶବ୍ଦରେ ହୋମସ୍ ଝରକାଟା ବନ୍ଦ କରିଦେଲେ, ଲମ୍ପଟା ନେଇ ଟେବୁଲ୍ ଉପରେ ରଖି ଘରର ଚାରିଆଡ଼େ ଆଖି ବୁଲାଇ ଆଣିଲେ । ଦିନ ବେଳେ ଯାହା ଯେମିତି ଦେଖିଥିଲୁ, ସବୁ ଠିକ୍ ସେମିତି ଥିଲା । ମୋ କାନ ପାଖରେ ମୁହଁ ଦେଇ ହୋମସ୍ କହିଲେ, "ଟିକିଏ କିଛି ଶବ୍ଦ ହେଲେ ଆମର ସବୁ ଯୋଜନା ନଷ୍ଟ ହୋଇଯିବ ।"

ମୁଁ ମୁଣ୍ଡ ଝୁଙ୍କାଇ ବୁଝିଲି ବୋଲି ଜଣାଇଲି ।

"ଆମକୁ ଅନ୍ଧାରରେ ବସିବାକୁ ହେବ । କାରଣ ସେ କଣାବାଟେ ଆଲୁଅଟା ଆର ବଖରାକୁ ଦେଖାଯିବ ।"

Digitized by srujanika@gmail.com

ମୁଁ ପୁଣି ମୁଣ୍ଡ ହଲାଇଲି ।

"ଭୁଲରେ ଶୋଇପଡ଼ିବ ନାହିଁ । ଏହା ଜୀବନମରଣ ସମସ୍ୟା । ତୁମ ରିଭଲଭର୍ ଠିକ୍ କରି ରଖ । ମୁଁ ସେ ଖଟର ଗୋଟେ କଡ଼ରେ ବସୁଛି । ତୁମେ ସେ ଚଉକି ଉପରେ ବସ ।"

ମୁଁ ମୋ ରିଭଲ୍‌ଭରଟା ବାହାର କରି ଟେବୁଲ୍ ଉପରେ ରଖିଲି । ହୋମସ୍ ଖଣ୍ଡେ ସରୁ ଲମ୍ବା ବେତ ନେଇଥାନ୍ତି । ସେଟା ସେ ତାଙ୍କ ପାଖରେ ଖଟ ଉପରେ ରଖିଲେ । ତା ପାଖରେ ଖଣ୍ଡେ ମହମବତି ଆଉ ଗୋଟେ ଦିଆସିଲି ରଖିଲେ । ତା'ପରେ ସେ ଲ୍ୟାମ୍ପଟା ଲିଭାଇ ଦେଲେ । ଆମେ ସେଇ କଟିମିଟିଆ ଅନ୍ଧାରରେ ବସିରହିଲୁ ।

ସେ ଭୟାବହ ସମସ୍ତ କଥା ଏବେ ବି ମୁଁ ଭୁଲିନାହିଁ । ନିଃଶ୍ୱାସ ଶବ୍ଦ ବି ଶୁଣାଯାଉ ନଥାଏ । ତଥାପି ମୁଁ ଜାଣିପାରୁଥାଏ ଯେ ମୋ ପାଖରୁ ମାତ୍ର କେତେ ଫୁଟ ଦୂରରେ ହୋମସ୍ ଆଖି ଖୋଲି ବସିଛନ୍ତି । ମୋ ମନରେ ଯେମିତି ଉଦ୍‌ବେଗ, ତାଙ୍କ ମନରେ ବି ସେମିତି । ଝରକା କବାଟ ବନ୍ଦ ଥିବାରୁ ବାହାରୁ ଏତେ ଟିକିଏ ଆଲୁଅ ମଧ୍ୟ ଆସୁ ନ ଥାଏ । ବେଳେ ବେଳେ ରାତିଚର ପକ୍ଷୀର ଶବ୍ଦ ଶୁଭୁଥାଏ । ଥରେ ଝରକାକଡ଼ରେ ବିଲେଇର ଗୁଁ ଗୁଁ ଶବ୍ଦ ପରି ଶୁଣାଗଲା । ଚିତାବାଘଟା ବାହାରେ ବୁଲୁଛି ବୋଲି ଆମେ ଅନୁମାନ କଲୁ । ଦୂରରୁ ପ୍ରତି ପନ୍ଦର ମିନିଟ୍‌ରେ ଗିର୍ଜା-ଘଣ୍ଟାର ଶବ୍ଦ ଶୁଭୁଥାଏ । ବାର, ଏକ, ଦୁଇ, ତିନି ବାଜିଲା । ଆମେ ସେମିତି ବସିଥାଉ ।

ହଠାତ୍ କାନ୍ଥ କଣା ପାଖରେ ଗୋଟେ ଆଲୁଅ ଝଲସି ଉଠି ପୁଣି ଲିଭିଗଲା । ତା' ପରେ ଗରମ ଧାତୁ ଆଉ ତେଲ ପୋଡ଼ିବାର କଡ଼ା ଗନ୍ଧ ହେଲା । ଆର ଘରେ କେହି ଲଣ୍ଠନ ଜାଳିଲା । ଖୁବ୍ ଧୀରେ ହଲ୍‌ଚଲ୍ ହେବାର ଶବ୍ଦ ମୁଁ ଶୁଣିପାରିଲି । ତା'ପରେ ସବୁ ଚୁପ୍‌ଚାପ୍ । ଗନ୍ଧଟା କ୍ରମେ ବେଶୀ କଡ଼ା ଜଣାଗଲା । ହଠାତ୍ ଆଉ ଗୋଟେ ଶବ୍ଦ ଶୁଭିଲା । ଖୁବ୍ ଧୀର ଶବ୍ଦ, ଯେମିତି ଗୋଟେ କେଟ୍‌ଲିରୁ ବାଷ୍ପ ବାହାରୁଛି । ସେ ଶବ୍ଦ ଶୁଭିବା ସଙ୍ଗେ ସଙ୍ଗେ ହୋମସ୍ ଖଟରୁ ଉଠି ତେଙ୍ଗି ମାରି ଗୋଟେ ଦିଆସିଲି

Digitized by srujanika@gmail.com

କାଠି ଜାଳି ତାଙ୍କ ବେତରେ ଘଣ୍ଟା ଦଉଡ଼ିଟାକୁ ଖୁବ୍ ଜୋର୍‌ରେ ପିଟିବାକୁ ଲାଗିଲେ । କହିଲେ, "ଦେଖୁଛ ୱାଟ୍‌ସନ୍, ଦେଖୁଛ ?"

ମୁଁ କିନ୍ତୁ କିଛି ଦେଖିପାରିଲି ନାହିଁ । ହୋମସ୍ ମହମବତିଟା ଜାଳିବା ମାତ୍ରେ ମୁଁ ଗୋଟେ ସ୍ପଷ୍ଟ ଅଥଚ କ୍ଷୀଣ ହୁଇସିଲ୍ ଶବ୍ଦ ଶୁଣିପାରିଲି । ହଠାତ୍ ମୋ ଆଖିରେ ଆଲୁଅ ପଡ଼ିଯିବାରୁ ହୋମସ୍ କାହାକୁ ଏମିତି ନିର୍ଦ୍ଦୟଭାବେ ପିଟୁଥିଲେ ମୁଁ ଦେଖିପାରିଲି ନାହିଁ । କିନ୍ତୁ ଦେଖିଲି ତାଙ୍କ ମୁହଁ ରାଗ ଆଉ ଘୃଣାରେ ବିବର୍ଣ୍ଣ ହୋଇଯାଇଛି । ସେ ପିଟିବା ବନ୍ଦ କରି କାନ୍ଥର ସେ କଣା ଆଡ଼େ ଚାହିଁଥାନ୍ତି ।

ହଠାତ୍ ରାତିର ନିସ୍ତବ୍ଧତାକୁ ଭାଙ୍ଗି ଏକ ବିକଳ ଚିତ୍କାର ଶୁଭିଲା । ଚିତ୍କାରଟା ବଢ଼ିବାକୁ ଲାଗିଲା । ଯନ୍ତ୍ରଣା, ଭୟ ଆଉ ରାଗମିଶା ବିକଟ ସ୍ୱର ଶୁଣାଗଲା । ଲୋକେ ପରେ କହିଲେ ଯେ ସେ ଚିତ୍କାରରେ ଗାଁ ଲୋକେ ନିଦରୁ ଚମକି ଉଠିଲେ । ଆମ ଛାତି ମଧ୍ୟ ଥରିଉଠିଲା । ମୁଁ ହୋମସ୍‌ଙ୍କ ଆଡ଼କୁ ଆଉ ସେ ମୋ ଆଡ଼କୁ ଚାହିଁରହିଥାଉ । ଶେଷରେ ଚିତ୍କାରର ଶେଷ ପ୍ରତିଧ୍ୱନି ନୀରବତା ଭିତରେ ମିଳେଇଗଲା ।

ଘନ ଘନ ନିଃଶ୍ୱାସ ମାରି ମୁଁ ପଚାରିଲି, "ଏହାର ଅର୍ଥ କ'ଣ ?"

"ଅର୍ଥ, ସବୁ ଶେଷ ହୋଇଯାଇଛି । ବୋଧହୁଏ ଯାହା ହୋଇଛି ଭଲ ହୋଇଛି । ତୁମ ରିଭଲ୍‌ଭର ଧର । ଆମେ ଡାକ୍ତର ରୟ୍‌ଲଟ୍‌ଙ୍କ କୋଠରୀକୁ ଯିବା ।" ଲଣ୍ଠନଟା ଜାଳି ସେ ବାରଣ୍ଡାରେ ଆଗେ ଆଗେ ଚାଲିଲେ । ଡାକ୍ତରଙ୍କ କୋଠରୀ ଦରଜାରେ ଦୁଇଥର ଠକ୍ ଠକ୍ କଲେ । ଭିତରୁ କିଛି ଉତ୍ତର ନାହିଁ । ଶେଷରେ ସେ ଦରଜାର ହାଣ୍ଡଲ୍‌ଟା ଧରି ମୋଡ଼ିଦେଲେ । ସେ ଆଗେ ଆଗେ, ଆଉ ମୁଁ ତାଙ୍କ ପଛେ ପଛେ ଘର ଭିତରକୁ ଗଲୁ । ଗୁଳିଭରା ରିଭଲ୍‌ଭର୍ ମୋ ହାତରେ ସଜାଗ ଥାଏ ।

ଏକ ଅଦ୍ଭୁତ ଦୃଶ୍ୟ ଆମ ଆଖିରେ ପଡ଼ିଲା । ଟେବୁଲ୍ ଉପରେ ଗୋଟେ ଲଣ୍ଠନ, କାଚ ଅଧାଖୋଲା । ସେଥିରୁ ଆଲୁଅ ଲୁହାସିନ୍ଦୁକ ଭିତରେ ପଡ଼ୁଥାଏ । ସିନ୍ଦୁକର ଦରଜା ଖୋଲା । ଟେବୁଲ ପାଖ କାଠ ଚଉକିରେ ଡାକ୍ତର ରୟ୍‌ଲଟ୍ ବସିଥିଲେ । ଦେହରେ ମାଟିଆ ରଙ୍ଗର ରାତିପିନ୍ଧା

Digitized by srujanika@gmail.com

ପୋଷାକ । ପାଦରେ ମୋଜା ନାହିଁ, ଖାଲି ଦୁଇଟା ଚଟି । ତାଙ୍କ ଗୋଡ଼ ଉପରେ ଆମେ ଦିନବେଳେ ଦେଖିଥିବା ଘୃଣୁକଟା ପଡ଼ିଥାଏ । ତାଙ୍କ ମୁହଁ ଉପରକୁ ହୋଇଥାଏ । ଭୟପୂର୍ଣ୍ଣ ସ୍ଥିର ଆଖି ଛାତର ଗୋଟେ କଣରେ ପଡ଼ିଥାଏ । ତାଙ୍କ ଆଖିପତା ଉପରେ ମୁଣ୍ଡ ଘେରପାଖେ ଗୋଟେ ଅସାଧାରଣ ହଳଦିଆ ପଟି, ମାଟିଆ ରଙ୍ଗରେ ଚକ୍ରିତ । ସେଟା ଖୁବ୍ ଜୋରରେ ବନ୍ଧା ହୋଇଥିଲା ପରି ଜଣାଯାଉଥାଏ । ଆମେ ଘର ଭିତରେ ପଶିବା ପରେ ବି ସେ ହଲଚଲ୍ ହେଲେ ନାହିଁ କି କିଛି କହିଲେ ନାହିଁ ।

ଚୁପ୍‌ଚୁପ୍ କରି ହୋମସ୍ କହିଲେ, "ପଟି, ଚକ୍ରିତ ପଟି !"

ମୁଁ ପାଦେ ଆଗେଇଗଲି । ସେଇ ମୁହୂର୍ତ୍ତରେ ତାଙ୍କ ମୁଣ୍ଡର ସେ ପଟିଟା ହଲଚଲ୍‌ହେବାକୁ ଲାଗିଲା । ତା'ପରେ ତାଙ୍କ ମୁଣ୍ଡ ବାଳ ଭିତରୁ ଗୋଟେ କଦର୍ଯ୍ୟ ସାପର ମୁଣ୍ଡ ଆଉ ବେକ ବାହାରି ପଡ଼ିଲା ।

"ଏଟା ହେଲା ଭାରତୀୟ ସାପମାନଙ୍କ ଭିତରେ ସବୁଠୁ ବିପଜ୍ଜନକ । କାମୁଡ଼ିବାର ଦଶ ସେକେଣ୍ଡ ଭିତରେ ସେ ମରିଯାଇଛନ୍ତି । ଯେ ପର ପାଇଁ ଗାତ ଖୋଳେ, ସେ ନିଜେ ସେ ଗାତରେ ପଡ଼େ । ଏଇ ସାପଟାକୁ ତା' ଜାଗାରେ ଭର୍ତ୍ତି କରିଦେବା । ଏହା ପରେ କୁମାରୀ ଷ୍ଟୋନର୍‌ଙ୍କୁ ଅନ୍ୟ କେଉଁ ଜାଗାରେ ନେଇ ଛାଡ଼ିବା, ପୋଲିସ୍ ତା'ପରେ ଆସି ଘଟଣାଟା ଦେଖୁ ।"

ଏହା କହି ସେ ତତ୍‌କ୍ଷଣାତ୍ ମୃତ ବ୍ୟକ୍ତି କୋଳରୁ ଘୃଣୁକଟା ନେଇ ଆସିଲେ । ଫାଶଟା ସାପ ବେକରେ ଗୁଡ଼ାଇ ଦେଇ ତାକୁ ଟେକି ନେଇ ସିନ୍ଦୁକରେ ପୂରାଇ କବାଟ ବନ୍ଦ କରିଦେଲେ ।

ଏଇ ହେଲା ଷ୍ଟୋକ୍ ମୋରାନ୍‌ର ଡାକ୍ତର ଗ୍ରିମସ୍‌ବି ରୟ୍‌ଲଟ୍‌ଙ୍କ ମୃତ୍ୟୁର ପ୍ରକୃତ ତଥ୍ୟ । ମୋ ବର୍ଣ୍ଣନା ବଢ଼ାଇବା ଆଉ ଦରକାର ନାହିଁ । ଭୟଭୀତା ବାଳିକାକୁ ଆମେ ଏ ଦୁଃସମ୍ବାଦ ଜଣାଇଲୁ । ସକାଳ ଟ୍ରେନ୍‌ରେ ତାଙ୍କୁ ନେଇ ହାରୋରେ ତାଙ୍କ ମାଉସୀଙ୍କ ପାଖରେ ଛାଡ଼ିଲୁ । ସରକାରୀ ପୋଲିସ୍ ଅନୁସନ୍ଧାନ କରି ସିଦ୍ଧାନ୍ତ କଲେ ଯେ ଡାକ୍ତର ରୟ୍‌ଲଟ୍ ତାଙ୍କର ଗୋଟେ ହିଂସ୍ର ପୋଷା ଜୀବ ସାଥିରେ ଖେଳୁ ଖେଳୁ ମୃତ୍ୟୁମୁଖରେ ପଡ଼ିଲେ ।

Digitized by srujanika@gmail.com

ଘଟଣାଟାର ଯାହା କିଛି ମୁଁ ଏ ଯାଏ ବୁଝି ପାରି ନ ଥିଲି, ପରଦିନ ଆମେ ଫେରିଲା ବେଳେ ହୋମସ୍ ବାଟରେ ମୋତେ କହିଲେ ।

"ମୁଁ ପ୍ରଥମ ଗୋଟାଏ ଭୁଲ ସିଦ୍ଧାନ୍ତରେ ପହଞ୍ଚିଥିଲି । ଯଥେଷ୍ଟ ତଥ୍ୟ ନଥାଇ କିଛି ସିଦ୍ଧାନ୍ତ କରିବା କେତେ ବିପଦପୂର୍ଣ୍ଣ ତା ବୁଝିପାରିଲି । ଯାଯାବରମାନଙ୍କ ଉପସ୍ଥିତି, ମୃତ ବାଳିକାଦ୍ୱାରା ପଟି ଶବ୍ଦର ବ୍ୟବହାର ମୋତେ ପୂରା ଭୁଲ ବାଟକୁ ନେଇଯାଇଥିଲା । କିନ୍ତୁ ମୁଁ ଯେତେବେଳେ ଦେଖିଲି ଯେ ବାଳିକା ଯାହାକୁ ଭୟ କରିଥିଲା, ସେ ବାହାରୁ ଦରଜା ବା ଝରକା ବାଟେ ଆସିପାରେନା, ସେତେବେଳେ ମୋର ଭ୍ରମ ସଂଶୋଧନ କରିନେଲି । ମୋ ଦୃଷ୍ଟି ଖୁବ୍ ଶୀଘ୍ର କାନ୍ଥର ସେଇ କଣା ଉପରେ ପଡ଼ିଲା । ତା ଛଡ଼ା ସେ ଦଉଡ଼ିଟା ବି ମୋ ଆଖିରେ ପଡ଼ିଲା । ସେଇଟା ନକଲି । ଖଟଟା ଘରର ମେଜିଆ ସହିତ କ୍ଲାମ୍ପଦ୍ୱାରା ବନ୍ଧା ଦେଖି ମୋ ମନରେ ସନ୍ଦେହ ହେଲା ଯେ କଣାବାଟେ ଦଉଡ଼ି ଉପର ଦେଇ ଖଟ ଉପରକୁ କିଛି ଆସିବା ପାଇଁ ଏପରି କରାଯାଇଛି । ସାଙ୍ଗେ ସାଙ୍ଗେ ମୋର ଧାରଣା ହେଲା, ସେ ଗୋଟାଏ ସାପ ହୋଇଥିବ । ମୋତେ ଜଣାଗଲା ଏଥର ମୁଁ ଠିକ୍ ବାଟ ପାଇଛି । ଏଇପରି ଭାବରେ ଧରି ନ ପଡ଼ି ବିଷ ପ୍ରୟୋଗ କୌଶଳ ଯେ ଜାଣେ, ସେ ନିଶ୍ଚୟ ପ୍ରାଚ୍ୟ ଦେଶରୁ ଏହା ଶିଖିଥିବ । ଏ ବିଷର ପ୍ରତିକ୍ରିୟା ମଧ୍ୟ ଖୁବ୍ ଦ୍ରୁତ । ତେଣୁ ଲୋକଟା ପାଇଁ ଏହା ଅତ୍ୟନ୍ତ ସୁବିଧା-ଜନକ । ସାପକାମୁଡ଼ାର ଛୋଟ କଳା କ୍ଷତଚିହ୍ନ ଅତି ବିଚକ୍ଷଣ ଅନୁସନ୍ଧାନ-କାରୀ ଆଖିରେ ପଡ଼ିବ । ତା' ପରେ ମୁଁ ହୁଇସିଲ୍ ବିଷୟ ଚିନ୍ତାକଲି । ସ୍ଥିର କଲି ସକାଳ ପୂର୍ବରୁ ସାପଟାକୁ ଫେରାଇ ନେବା ଦରକାର । ନଚେତ୍ ଆହତ ଲୋକ ତାକୁ ଦେଖିନେଇପାରେ । ସେ ବୋଧହୁଏ ସାପଟାକୁ ଦୁଧ ଦେଇ ଅଭ୍ୟାସ କରାଇଥିଲେ ଯେ, ସେ ସଙ୍କେତ ଦ୍ୱାରା ଡାକିଲେ ସାପ ଫେରିଯିବ । ସେ ସୁବିଧା ଦେଖି ସାପଟାକୁ ସେଇ କଣାରେ ଛାଡ଼ିଦେବେ । ସେ ନିଶ୍ଚିତଥିବେ ଯେ ସାପଟା ଦଉଡ଼ିବାଟେ ଯାଇ ଖଟରେ ପହଞ୍ଚିବ । ସେ ଖଟରେ ଶୋଇଥିବା ଲୋକକୁ କାମୁଡ଼ିପାରେ ବା ନପାରେ । କିଛିଦିନ ପରେ ସେନେ ନା ସେନେ ନିଶ୍ଚୟ କାମୁଡ଼ିବ ।

Digitized by srujanika@gmail.com

"ମୁଁ ଡାକ୍ତରଙ୍କ କୋଠରି ପରୀକ୍ଷା କରିବା ପୂର୍ବରୁ ଏ ସିଦ୍ଧାନ୍ତରେ ପହଞ୍ଚିଥିଲି । ତାଙ୍କ ଚଉକି ପରୀକ୍ଷା କରି ଜାଣିଲି ସେ ବରାବର ତା ଉପରେ ଠିଆହୁଅନ୍ତି । ତା ନ ହେଲେ କଣ୍ଟାକୁ ତାଙ୍କ ହାତ ପାଇବ ନାହିଁ । ସିନ୍ଦୁକ, ଦୁଧଚକିଆ ଆଉ ଗୁଡୁକର ଫାଶ ମୋ ମନରୁ ସବୁ ସନ୍ଦେହ ଦୂର କରିଦେଲା । କୁମାରୀ ଷ୍ଟୋନର୍ ଯେଉଁ ଧାତୁଦ୍ରବ୍ୟ ପଡ଼ିବା ଶବ୍ଦ ଶୁଣିଥିଲେ ତାହା ସିନ୍ଦୁକ କବାଟ ବନ୍ଦ କରିବାର ଶବ୍ଦ । ଏ ସିଦ୍ଧାନ୍ତ କଲା ପରେ ତାକୁ ପ୍ରମାଣ କରିବା ପାଇଁ ମୁଁ ଯାହା କଲି ତୁମେ ଜାଣ । ମୁଁ ସାପଟାର ସୁ-ସୁ ଶବ୍ଦ ଶୁଣିପାରିଲି । ତୁମେ ବି ଶୁଣିଥିବ । ସାଙ୍ଗେ ସାଙ୍ଗେ ବତି ଜାଳି ମୁଁ ତାକୁ ଆକ୍ରମଣ କଲି ।

"ଫଳରେ ସାପଟା ସେଇ କଣାବାଟେ ଫେରିଗଲା ।

"ଆଉ ତା ପ୍ରଭୁ ଉପରେ ଆକ୍ରମଣ କଲା । ମୋର କେତେଟା ପାହାର ତା'ପରେ ଜୋର୍‌ରେ ବସିଥିଲା; ଆଉ ସେ ରାଗିଯାଇଥିଲା । ତେଣୁ ସେ ପ୍ରଥମେ ଯାହାକୁ ହାବୁଡ଼ିଲା, ତାକୁ କାମୁଡ଼ିଲା । ଏଇପରି ଭାବେ ଡାକ୍ତର ଗ୍ରାମସ୍‌ବି ରୟଲଟ୍‌ଙ୍କ ମୃତ୍ୟୁ ପାଇଁ ମୁଁ ପରୋକ୍ଷ ଭାବରେ ଦାୟୀ । କିନ୍ତୁ ସେଥିପାଇଁ ମୋ ମନରେ ଦୁଃଖ ବା ଅନୁଶୋଚନା ନାହିଁ ।"

Digitized by srujanika@gmail.com

ରତ୍ନ-ମୁକୁଟ

ଦିନେ ସକାଳେ ମୁଁ ବୈଠକଖାନାର ଝରକା ପାଖରେ ଠିଆ ହୋଇଥାଏ । ତଳେ ରାସ୍ତାକୁ ଚାହିଁ କହିଲି, "ହୋମସ୍, ରାସ୍ତାରେ ଗୋଟେ ପାଗଳ ଆସୁଛି । ତା ନିଜ ଲୋକ ତାକୁ ଏମିତି ଏକା ବାହାରକୁ ଛାଡ଼ିଦେବା କେଡ଼େ ଦୁଃଖର କଥା !"

ହୋମସ୍ ଚଉକିରୁ ଉଠି ପକେଟ୍‌ରେ ହାତଦୁଇଟା ପୂରାଇ ଠିଆହେଲେ । ମୋ କାନ୍ଧ ଉପର ଦେଇ ରାସ୍ତାଆଡ଼କୁ ଚାହିଁଲେ । ଫେବୃୟାରି ମାସର ସକାଳ । ରାସ୍ତା ଉପରେ ବରଫ ଜମା । ତା ଉପରେ ସୂର୍ଯ୍ୟକିରଣ ପଡ଼ି ଚକ୍‌ଚକ୍ କରୁଥାଏ । ଗାଡ଼ି ଯିବାଦ୍ୱାରା ରାସ୍ତା ମଝିରେ ବରଫ ଖୋଳା ହୋଇ ଗୋଟେ ଗୁଳା ଫିଟିଯାଇଥାଏ । ତା ଦୁଇ ପାଖରେ ଆଉ ପାଦଚଲା ରାସ୍ତାରେ ବରଫ ଜମା । ରାସ୍ତା ଖୁବ୍ ଖସଡ଼ା; ତେଣୁ ରାସ୍ତାରେ ଖୁବ୍ କମ୍ ଲୋକ । ମେଟ୍ରୋପଲିଟାନ ଷ୍ଟେସନଆଡ଼ୁ କେବଳ ଜଣେ ଭଦ୍ରଲୋକ ଆସୁଥାନ୍ତି । ତାଙ୍କର ଖାପଛଡ଼ା ହାବଭାବ ମୋ ଆଖିରେ ପଡ଼ିଲା । ବୟସ ତାଙ୍କର ପଚାଶ ପାଖାପାଖି ହେବ । ବେଶ୍ ଡେଙ୍ଗା ଆଉ ସୁନ୍ଦର ଚେହେରା । ପୋଷାକପତ୍ର ଦାମିକା ଆଉ ରୁଚିସମ୍ପନ୍ନ; କିନ୍ତୁ ତାଙ୍କ ଢଙ୍ଗଢାଙ୍ଗ ଏଇ ଚେହେରା ଆଉ ପୋଷାକର ଠିକ୍ ବିପରୀତ । କାରଣ ସେ ଖୁବ୍ ଜୋର୍‌ରେ ଦଉଡ଼ୁଥାନ୍ତି । ମଝିରେ ମଝିରେ ଡେଇଁପଡ଼ୁଥାନ୍ତି । ଜଣାଯାଉଥିଲା ତାଙ୍କର ଚାଲିବା ଅଭ୍ୟାସ ବିଶେଷ ନାହିଁ, ଆଉ ସେ ବଡ଼ କ୍ଲାନ୍ତ ।

"ତାଙ୍କର କ'ଣ ହୋଇଥାଇପାରେ ?" ମୁଁ ପଚାରିଲି, "ସେ ଘରଗୁଡ଼ାକର ନମ୍ବରକୁ ଚାହିଁଛନ୍ତି ।"

"ମୁଁ ଭାବୁଛି ସେ ଏଇଠିକି ଆସୁଛନ୍ତି ।" ହୋମସ୍ ଉତ୍ତର ଦେଲେ ।

"ଏଇଠିକି ?"

Digitized by srujanika@gmail.com

"ହଁ, ତାଛଡ଼ା ମୁଁ ଭାବୁଛି ସେ ମୋ ପାଖକୁ କିଛି ଆଲୋଚନା ପାଇଁ ଆସୁଛନ୍ତି । ମୁଁ ତାଙ୍କ ଲକ୍ଷଣରୁ ଜାଣିପାରୁଛି ।" ସେ ଏ କଥା କହୁ କହୁ ଭଦ୍ରଲୋକ ଆମ ଦରଜା ପାଖକୁ ଧାଇଁ ଆସି କଲିଂବେଲ୍‌ଟା ବଜାଇଦେଲେ । ସେ ଶବ୍ଦରେ ଘରଟା କମ୍ପିଗଲା । ଟିକିଏ ପରେ ଭଦ୍ରଲୋକ ଆମ ଘର ଭିତରକୁ ପଶିଆସିଲେ । ସେ ଘନ ଘନ ନିଃଶ୍ୱାସ ମାରୁଥାନ୍ତି । ତାଙ୍କ ମୁହଁରେ ଦୁଃଖ ଆଉ ହତାଶ ଭାବ ଦେଖି ଆମ ମନରେ ଭୟ ଆଉ ଦୟା ଆସିଲା । କିଛି ସମୟଯାଏ ସେ କଥା କହିପାରିଲେ ନାହିଁ । ଥରି ଥରି ମୁଣ୍ଡ-ବାଳସବୁ ଝିଙ୍କିପକାଇଲେ; ଯେମିତି ତାଙ୍କ ବୁଦ୍ଧିବିବେକ ହଜିଯାଇଛି । ତା'ପରେ ହଠାତ୍ ମୁଣ୍ଡଟାକୁ କାନ୍ଥରେ ଏତେ ଜୋର୍‌ରେ ବାଡ଼େଇଲେ ଯେ ଆମେ ଦୁହେଁ ଧାଇଁଯାଇ ତାଙ୍କୁ ଧରି ଘରମଝିକୁ ନେଇଆସିଲୁ । ସେରଲକ୍ ହୋମସ୍ ତାଙ୍କୁ ଗୋଟେ ଆରାମଚଉକିରେ ବସାଇ ଦେଇ ତାଙ୍କ ପାଖରେ ବସିପଡ଼ିଲେ । ତା'ପରେ ତାଙ୍କୁ ସାନ୍ତ୍ୱନା ଦେଇ କହିଲେ, "ଆପଣ ଆପଣଙ୍କ କଥା କହିବା ପାଇଁ ମୋ ପାଖକୁ ଆସିଛନ୍ତି, ନୁହେଁ କି ? ଆପଣ ଧାଇଁ ଧାଇଁ ଆସି ଶ୍ରାନ୍ତ ହୋଇପଡ଼ିଛନ୍ତି । ଟିକିଏ ଅପେକ୍ଷା କରନ୍ତୁ । ଦେହରେ ଦମ୍ଭ ଆସିଗଲେ ଯାହା କିଛି ସମସ୍ୟା ଅଛି ମୋ ଆଗରେ କହିବେ ।"

"ଆପଣ ନିଶ୍ଚୟ ମୋତେ ପାଗଳ ବୋଲି ଭାବୁଛନ୍ତି ।"

"ଦେଖୁଛି, ଆପଣ କିଛି ବଡ଼ ବିପଦରେ ପଡ଼ିଯାଇଛନ୍ତି ।"

"ସେକଥା ଏକା ଭଗବାନ୍ ଜାଣନ୍ତି । ସେ ବିପଦ ମୋ ବୁଦ୍ଧିଜ୍ଞାନ ଲୋପ କରିଦେବା ପାଇଁ ଯଥେଷ୍ଟ । ମୋ ଚରିତ୍ରରେ କୌଣସି ଦାଗ ନାହିଁ । ତେବେ ବି ମୁଁ ଲୋକନିନ୍ଦା ସହିବାକୁ ପ୍ରସ୍ତୁତ । ପାରିବାରିକ ଗଣ୍ଡଗୋଳ ନେଇ ଯନ୍ତ୍ରଣା ଭୋଗିବା ବି ପ୍ରାୟ ସମସ୍ତଙ୍କ ଭାଗ୍ୟରେ ଅଛି । କିନ୍ତୁ ଏ ଦୁଇଟାଯାକ ଏମିତି ବିକଟଭାବରେ ଆସିଯାଇଛି ଯେ ମୋ ଅନ୍ତର ଥରି-ଉଠୁଛି । ତା ଛଡ଼ା ଏ ଭୀଷଣ ଘଟଣାର କିଛି ପ୍ରତିକାର ଉପାୟ ନ କଲେ, କେବଳ ମୁଁ ନୁହେଁ, ଏ ରାଜ୍ୟର ସବୁଠୁ ସମ୍ଭ୍ରାନ୍ତ ଲୋକ ମଧ୍ୟ କ୍ଷତିଗ୍ରସ୍ତ ହେବେ ।"

Digitized by srujanika@gmail.com

"ଆପଣ ଦୟା କରି ଧୀରସ୍ଥିର ହୁଅନ୍ତୁ; ଆଉ ମୋତେ ସବୁ କଥା ପରିଷ୍କାର କୁହନ୍ତୁ । ଆପଣ କିଏ, ଆପଣଙ୍କ ଉପରେ କି ବିପଦ ପଡ଼ିଛି ?"

"ମୋର ନାଁ ବୋଧହୁଏ ଆପଣଙ୍କ କାନରେ ପଡ଼ିଥିବ । ମୁଁ ହୋଲ୍ଡର୍ ଓ ଷ୍ଟିଭେନ୍‌ସନ୍ ବ୍ୟାଙ୍କର ଆଲେକ୍‌ଜାଣ୍ଡର୍ ହୋଲ୍ଡର ।"

ନାଁଟା ପ୍ରକୃତରେ ଆମକୁ ଭଲଭାବେ ଜଣା । ଲଣ୍ଡନ ସହରର ଦ୍ୱିତୀୟ ବୃହତ୍ତମ ବ୍ୟାଙ୍କର ସେ ବଡ଼ ଅଂଶୀଦାର । ଲଣ୍ଡନର ଏ ପ୍ରଖ୍ୟାତ ନାଗରିକଙ୍କର ଏ ଅବସ୍ଥାର କାରଣ କ'ଣ ହୋଇପାରେ । ଆମେ ଖୁବ୍ ଉତ୍ସୁକ ହୋଇ ଅପେକ୍ଷା କରି ରହିଲୁ । ସେ ପୁଣି ଥରେ ମନର ଦୁଃଖ ଆବେଗ ଚାପି ତାଙ୍କ କଥା ଆରମ୍ଭ କଲେ ।

କହିଲେ, "ମୁଁ ଜାଣେ ସମୟର ମୂଲ୍ୟ ବହୁତ । ତେଣୁ ପୋଲିସ୍ ଇନସ୍‌ପେକ୍ଟର ଆପଣଙ୍କ ପାଖକୁ ଆସିବାକୁ କହିବାମାତ୍ରେ ମୁଁ ଦୌଡ଼ିଆସିଛି । ଆପଣ ତ ଜାଣନ୍ତି, ବ୍ୟାଙ୍କ୍ ବ୍ୟବସାୟରେ ଉନ୍ନତି କରିବାକୁ ହେଲେ ଲାଭଜନକ ବ୍ୟବସାୟରେ ଅର୍ଥ ଖଟାଇବା ଯେମିତି ଦରକାର, ବ୍ୟାଙ୍କରେ ଅର୍ଥ ଜମାଦେବା ଲୋକଙ୍କ ସଂଖ୍ୟା ବଢ଼ାଇବା ସେମିତି ଦରକାର । ଆମର ଲାଭଜନକ ପନ୍ଥାରୁ ଗୋଟେ ହେଲା, ଟଙ୍କା କରଜସୂତ୍ରରେ ଦେବା । ଅବଶ୍ୟ ବନ୍ଧକ ରଖିବା ଜିନଷ ଭଲ ହେବା ଦରକାର । ଗତ କେତେ ବର୍ଷ ଭିତରେ ଆମେ ଏ ବ୍ୟବସାୟରୁ ବେଶ୍ ଲାଭ କରିପାରିଛୁ । ଅନେକ ସମ୍ଭ୍ରାନ୍ତ ଲୋକଙ୍କଠାରୁ ସେମାନଙ୍କର ଛବି, ଲାଇବ୍ରେରୀ ଆଦି ବନ୍ଧା ରଖି ଆମେ ଧାର ଦେଇଛୁ ।

"କାଲି ସକାଳେ ବ୍ୟାଙ୍କରେ ମୁଁ ମୋ ଅଫିସରେ ବସିଥିଲି । କିରାଣୀ ଆଣି ଖଣ୍ଡେ କାର୍ଡ଼ ଦେଲା । ନାଁଟା ଦେଖି ମୁଁ ଚମକିପଡ଼ିଲି । କାରଣ ସେ ନାଁଟା ଦୁନିଆର ଘରେ ଘରେ ପରିଚିତ । ଲଣ୍ଡନର ଅତି ଉଚ୍ଚ, ସମ୍ଭ୍ରାନ୍ତ ଆଉ କୁଳୀନ ନାଁ ଭିତରୁ ଏକ । ମୁଁ ଏ ଗୌରବରେ ଅତି ଆନନ୍ଦିତ ହୋଇଗଲି । ସେ ଆସି ଅଫିସ ଘରେ ପହଞ୍ଚିଲେ । ମୁଁ କିଛି କହିବା ପୂର୍ବରୁ ସେ ବ୍ୟବସାୟ କଥା ଆରମ୍ଭ କରିଦେଲେ । ଜଣାଗଲା କାମ ଶେଷ କରିବାକୁ ସେ ଖୁବ୍ ବ୍ୟସ୍ତ ।

Digitized by srujanika@gmail.com

"ସେ କହିଲେ, 'ମିଡର୍ ହୋଲ୍‌ଡ଼ର୍, ମୁଁ ଶୁଣିଲି, ଆପଣ ଟଙ୍କା ଧାର ଦିଅନ୍ତି ।'

"ହଁ, ବନ୍ଧକ ଜିନଷ ଯଦି ଭଲ, ତେବେ ଆମ ବ୍ୟାଙ୍କ ଧାର ଦେଇଥାଏ । ମୁଁ ଉତ୍ତର ଦେଲି ।''

"ମୋର ବର୍ତ୍ତିମାନ ପଚ୍ଚଶ ହଜାର ପାଉଣ୍ଡ ନହାତ ଦରକାର । ଅବଶ୍ୟ ସ୍ଥାର ଦଶଗୁଣ ଟଙ୍କା ମୁଁ ମୋ ବନ୍ଧୁମାନଙ୍କ ପାଖରୁ ଆଣି- ପାରିଥାନ୍ତି । କିନ୍ତୁ ମୁଁ ବ୍ୟବସାୟସୂତ୍ରରେ ଟଙ୍କାଟା ନେବାକୁ ଚାହେଁ; ଆଉ ନିଜେ ନେବାକୁ ଚାହେଁ । ମୁଁ ଏଥିପାଇଁ କାହା ପାଖରେ କୃତଜ୍ଞତା ପ୍ରକାଶ କରିବାକୁ ଚାହେଁ ନା ।'

"ଆପଣ କେତେଦିନ ପାଇଁ ଏ ଟଙ୍କା ଚାହାନ୍ତି ?'

"ଆସନ୍ତା ସୋମବାର ଯାଏ । ସେଦିନ ମୋର ଯଥେଷ୍ଟ ଟଙ୍କା ପାଇବାର ଅଛି । ଆପଣ ଯାହା ସୁଧ ନେବେ ମୁଁ ଦେବାକୁ ରାଜି; କିନ୍ତୁ ଟଙ୍କାଟା ମୋର ଏଇ ସାଙ୍ଗେ ସାଙ୍ଗେ ଦରକାର ।'

"ମୁଁ ମୋ ବ୍ୟକ୍ତିଗତ ଅର୍ଥରୁ ଦେଇ ଦେଇଥାନ୍ତି; କିନ୍ତୁ ଏତେଟଙ୍କା ଏବେ ମୋ ପାଖରେ ନାହିଁ । ଅପର ପକ୍ଷରେ ମୁଁ ଯଦି ବ୍ୟାଙ୍କରୁ ଏ ଟିଙ୍କାଟା ଦିଏ ତେବେ ଆପଣଙ୍କ ପାଖରେ ବି ବ୍ୟବସାୟଗତ ସବୁ କାଇଦା କଟକଣା ରଖିବାକୁ ବାଧ୍ୟ । କାରଣ ମୋର ଆଉ ଜଣେ ଅଂଶୀଦାର ଅଛନ୍ତି ।'

"ମୁଁ ବି ସେଇଆ ଚାହେଁ ।' ସେ ଗୋଟେ ସୁନ୍ଦର ଚମଡ଼ା ଖୋଲ ବାହାର କରି ହାତରେ ଧରି କହିଲେ, 'ଆପଣ ଚନ୍ଦ୍ରକାନ୍ତ ମଣିମୁକୁଟ କଥା ଶୁଣିଥିବେ ।'

"ହଁ ଇଂରେଜ ସାମ୍ରାଜ୍ୟର ଅତି ମୂଲ୍ୟବାନ୍ ସଂପଦ ମଧ୍ୟରୁ ଗୋଟିଏ ।'

"ହଁ, ସେଇଆ ।' ସେ ଚମଡ଼ା ଖୋଲଟା ଖୋଲିଲେ । ତା' ଭିତରେ କଅଁଳ ନାଲି ଭେଲ୍‌ଭେଟ କନା ଉପରେ ସେଇ ସୁନ୍ଦର ମଣିଖଚିତ ମୁକୁଟ ଥିଲା । ସେ କହିଲେ, 'ଏଥିରେ ଅଣଚାଳିଶଟି ବଡ଼ ଆକାରର ଚନ୍ଦ୍ରକାନ୍ତମଣି ଅଛି । ଆଉ ଏଥିରେ ଲାଗିଥିବା ସୁନାର ମୂଲ୍ୟ ଯଥେଷ୍ଟ ।

Digitized by srujanika@gmail.com

ମୁଁ ଯେଉଁ ଟଙ୍କା ପାଇଁ କହୁଛି ଏଇ ମୁକୁଟର ନ୍ୟୂନତମ ମୂଲ୍ୟ ତାର ଦୁଇଗୁଣ ହେବ । ମୁଁ ଏହାକୁ ଆପଣଙ୍କ ପାଖରେ ବନ୍ଧକ ରଖିବାକୁ ରାଜି ।'

"ମୁଁ ସେ ଅମୂଲ୍ୟ ରତ୍ନ ହାତରେ ଧରି ଥରେ ସେଆଡ଼େ ଆଉ ଥରେ ସେ ସମ୍ମାନାସ୍ପଦ ବ୍ୟକ୍ତିଙ୍କ ଆଡ଼େ ଚାହିଁଲି ।

"ସେ କହିଲେ, 'ଏହାର ମୂଲ୍ୟ ବିଷୟରେ ଆପଣ ସନ୍ଦେହ କରୁଛନ୍ତି ?'

"ମୋଟେ ନୁହେଁ । ମୁଁ ଖାଲି ସନ୍ଦେହ କରୁଛି…'

"ଏହାକୁ ଏଠି ଛାଡ଼ିଯିବାର ଅଧିକାର ମୋର ଅଛି କି ନାହିଁ ? ସେ ବିଷୟରେ ଆପଣ ନିଶ୍ଚିନ୍ତ ରହନ୍ତୁ । ମୁଁ ଚାରିଦିନରେ ଧାର ପରିଶୋଧ କରି ଏହାକୁ ଫେରାଇନେବା ନିଶ୍ଚିତ । ତା ନୋହିଲେ ମୁଁ ସ୍ୱପ୍ନରେ ବି ଏ କାମ କରନ୍ତି ନାହିଁ । ବନ୍ଧକଟା ଯଥେଷ୍ଟ ତ ?''

"ନିଶ୍ଚୟ ଯଥେଷ୍ଟ ଆଜ୍ଞା !'

"ଦେଖନ୍ତୁ ମିଷ୍ଟର୍ ହୋଲ୍‌ଡ଼ର୍ ! ମୁଁ ଆପଣଙ୍କ ବିଷୟ ଶୁଣିଛି । ମୋର ଆପଣଙ୍କ ଉପରେ ଯଥେଷ୍ଟ ବିଶ୍ୱାସ ଅଛି । ମୋର ଦୃଢ଼ ଆଶା, ଆପଣ ଏ ବିଷୟରେ କାହାକୁ କିଛି କହିବେ ନାହିଁ ଆଉ ଏହାକୁ ଅତି ଯତ୍ନରେ ରଖିବା ପାଇଁ ସବୁପ୍ରକାର ଚେଷ୍ଟା କରିବେ । ଯଦି ଏହାର କିଛି କ୍ଷତିହୁଏ ତା'ହେଲେ ବିରାଟ ଲୋକ-ଅପବାଦ ସୃଷ୍ଟି ହେବ । ଏହାର ସାମାନ୍ୟ କ୍ଷତି ହେବା ଯାହା, ଏହା ପୂରା ନଷ୍ଟ ହୋଇଯିବା ସେଇଆ । କାରଣ ଏ ମଣି ସାଥିରେ ମିଶିବା ଭଳି ମଣି ସାରା ପୃଥିବୀରେ ଆଉ ନାହିଁ । ତେଣୁ ଗୋଟାଏ ମଣି ହଜିଗଲେ ତା ଜାଗାରେ ଆଉ ଗୋଟେ ମଣି ଆଣି ରଖିବା ଅସମ୍ଭବ । ମୁଁ କିନ୍ତୁ ଆପଣଙ୍କ ଉପରେ ଦୃଢ଼ ଭରସା ରଖି ଏଇଟିକୁ ଛାଡ଼ିଯାଉଛି । ସୋମବାର ଦିନ ସକାଳେ ମୁଁ ନିଜେ ଆସି ଏହାକୁ ନେଇଯିବି ।'

"ଦେଖିଲି ସେ ଶୀଘ୍ର ଯିବା ପାଇଁ ବ୍ୟଗ୍ର । ମୁଁ ଆଉ କିଛି ନକହି ମୋ କୋଷାଧ୍ୟକ୍ଷଙ୍କୁ ତାଙ୍କ ପଚାଶଖଣ୍ଡ ହଜାର ପାଉଣ୍ଡିଆ ନୋଟ୍ ଦେବାକୁ କହିଦେଲି । ସେ ଚାଲିଯିବା ପରେ ମୋ ଉପରେ ଯେଉଁ ଗୁରୁ ଦାୟିତ୍ୱ, ସେକଥା ଭାବିଲି । ଜିନିଷଟି ଗୋଟାଏ ଜାତୀୟ ସମ୍ପଦ । କିଛି ହାନିଲାଭ

Digitized by srujanika@gmail.com

ହେଲେ ରାଜ୍ୟରେ ଚହଳ ପଡ଼ିଯିବ । ମୁକୁଟଟି ରଖିଥିବା ଯୋଗୁଁ ମନରେ ଖେଦ ଆସିଲା । କିନ୍ତୁ ଅନ୍ୟ କିଛି କରିବା ପାଇଁ ଆଉ ସମୟ ନାହିଁ । ମୁଁ ମୋ ବ୍ୟକ୍ତିଗତ ଲୁହା ଆଲମିରାରେ ତାକୁ ଚାବି ପକାଇ ରଖିଲି, ଆଉ ମୋ କାମରେ ଲାଗିଲି ।

"ସନ୍ଧ୍ୟାବେଳେ ମୁଁ ଭାବିଲି ଏଡ଼େ ମୂଲ୍ୟବାନ୍ ଜିନିଷ ବ୍ୟାଙ୍କ୍ ଆଲମିରାରେ ରଖିଯିବା ଠିକ୍ ହେବନାହିଁ । କିଏ ଜାଣେ ବ୍ୟାଙ୍କ୍ ଚୋରି ହୋଇ ଯାଇ ନପାରେ ! ଯଦି କିଛି ହୋଇଯାଏ ମୋ ଅବସ୍ଥା କ'ଣ ହେବ ? ତେଣୁ ଠିକ୍ କଲି ଏଇ ଦୁଇ ଚାରିଦିନ ପାଇଁ ମୁକୁଟକୁ ବରାବର ମୋ ପାଖେ ପାଖେ ରଖିବି । ଗୋଟେ ଗାଡ଼ି ଡାକି ଘରକୁ ଗଲି । ମୋ ଘର ଆଲମିରାରେ ମୁକୁଟ ରଖି ଚାବି ଦେଇ ଆଶ୍ୱସ୍ତ ହେଲି ।

"ଏଥର ମୋ ଘର କଥା ଆପଣଙ୍କୁ କିଛିଏ କହେ । କାରଣ ଆପଣ ଘଟଣାଟା ଖୁବ୍ ଭଲଭାବରେ ଜାଣିବା ଦରକାର । ମୋ ସଇସ ଆଉ ମୋ ଚାକର ଖଞ୍ଜା ବାହାରେ ଶୁଅନ୍ତି । ତେଣୁ ତାଙ୍କୁ ଏ ଘଟଣାରୁ ବାଦ୍ ଦିଆଯାଇପାରେ । ମୋର ତିନିଜଣ ଚାକରାଣୀ ମୋ ପାଖରେ ବହୁତ ଦିନରୁ ଅଛନ୍ତି । ତାଙ୍କ ଉପରେ ନିଃସନ୍ଦେହରେ ଆସ୍ଥା ରଖାଯାଇପାରେ । ଆଉ ଜଣେ ଚାକରାଣୀ ଲୁସିପାର୍ ଏବେ କେତେ ମାସ ହେଲା ରହିଛି । ତା'ର ଚରିତ୍ର ଖୁବ୍ ଭଲ, ଆଉ କାମ ବେଶ୍ ସନ୍ତୋଷଜନକ । ସେ ଖୁବ୍ ସୁନ୍ଦରୀ । ତେଣୁ ତାକୁ ପସନ୍ଦ କରୁଥିବା କେତେ ଲୋକ ବେଳେ ବେଳେ ଆସି ମୋ ଘରପାଖେ ବୁଲାବୁଲି କରନ୍ତି । ତାର ସେତିକି ମାତ୍ର ଦୋଷ ମୋ ଆଖିରେ ପଡ଼ିଛି; କିନ୍ତୁ ସେ ଖୁବ୍ ଭଲ ବୋଲି ମୋର ବିଶ୍ୱାସ ।

"ଏ ହେଲା ଚାକର-ଚାକରାଣୀଙ୍କ କଥା । ମୋ ପରିବାର ଖୁବ୍ ଛୋଟ । ମୁଁ ନିଜେ ବିପତ୍ନୀକ ଆଉ ମୋର ଗୋଟିଏ ବୋଲି ପୁଅ, ଆର୍ଥର୍ । ତା ପାଇଁ ମୋ ମନରେ ବଡ଼ ଦୁଃଖ । ସେଥିପାଇଁ ମୁଁ ନିଜେ ଦାୟୀ ବୋଲି ଭାବେ । ଲୋକେ ମୋତେ କହନ୍ତି, ମୁଁ ତାକୁ ନଷ୍ଟ କରି ଦେଇଛି । ତା' ବୋଧହୁଏ ସତ । ମୋ ସ୍ତ୍ରୀ ମରିଗଲା ପରେ ମୋର ସବୁ ସ୍ନେହ ତା' ଉପରେ ଓଜାଡ଼ିଦେଲି । ମୁହୂର୍ତ୍ତିକ ପାଇଁ ତା' ମୁହଁର ହସ ଲିଭିଗଲେ ମୁଁ ସହିପାରୁ

Digitized by srujanika@gmail.com

ନ ଥିଲ । ତାକୁ କୌଣସି କଥା ମୁଁ କେବେ ମନାକରି ନାହିଁ । ମୁଁ ତା' ପ୍ରତି ଟିକିଏ କଠୋର ହୋଇଥିଲେ ବୋଧହୁଏ ଭଲ ହୋଇଥାନ୍ତା । ମୋର ଉଦ୍ଦେଶ୍ୟ ଥିଲ, ମୋ ପରେ ସେ ମୋ ବ୍ୟବସାୟ ବୁଝିବ; କିନ୍ତୁ ତାର ବ୍ୟବସାୟ-ମନୋବୃତ୍ତି ନ ଥିଲ । ସେ ଅତି ବିଶୃଙ୍ଖଳ ଆଉ ସ୍ୱେଚ୍ଛାଚାରୀ ଥିଲ । ସତ କହିବାକୁ ଗଲେ ତା' ହାତରେ ବେଶି ପଇସା-ପତ୍ର କାରବାର କରିବାକୁ ମୋର ବିଶ୍ୱାସ ନ ଥିଲ । ସେ ଖୁବ୍ ତରୁଣ ବୟସରୁ ଗୋଟେ କ୍ଲବ୍‌ର ସଭ୍ୟ ହୋଇ, ସମ୍ଭ୍ରାନ୍ତ ଲୋକଙ୍କ ସାଥିରେ ମିଶି ଖୁବ୍ ଖର୍ଚ୍ଚି ହୋଇଗଲ । ତାସ ଖେଳି ଅନେକ ପଇସା ଖର୍ଚ୍ଚ କଲ । କେତେ ଥର ସେ ଏଇ ସାଙ୍ଗସାଥୀଙ୍କ ମେଳରୁ ଖସି ଆସିବାକୁ ଚେଷ୍ଟା କରିଛି; କିନ୍ତୁ ତା'ର ସାଙ୍ଗ ସାର୍ ଜର୍ଜ ବର୍ନଉଏଲ୍‌ଙ୍କ ପ୍ରଭାବ ତାକୁ ପୁଣି ସେ ଆଡ଼କୁ ଟାଣିନେଇଛି । ବାସ୍ତବିକ୍ ଏଇ ସାର୍ ଜର୍ଜ ବର୍ନଉଏଲ୍‌ଙ୍କ ପ୍ରଭାବ ତା' ଉପରେ ପଡ଼ିବା କିଛି ଆଶ୍ଚର୍ଯ୍ୟ ନୁହେଁ । ସେ କେତେଥର ଆମ ଘରକୁ ଆସିଛନ୍ତି । ମୁଁ ବି ତାଙ୍କ ବ୍ୟବହାରରେ ମୁଗ୍ଧ ହୋଇଯାଇଛି । ସେ ଆର୍ଥର୍‌ଠୁ ବୟସରେ ବଡ଼ । ସେ ପୃଥିବୀର ଅନେକ ଜାଗା ବୁଲିଛନ୍ତି । ଖୁବ୍ ସୁନ୍ଦର ଦେଖିବାକୁ । ତଥାପି ମୁଁ ବେଳେ ବେଳେ ଭାବେ ତାଙ୍କୁ ବିଶ୍ୱାସ କରାଯାଇପାରେନା । ଆମ ମେରି ବି ଠିକ୍ ସେଇଆ ଭାବେ ।

"ମେରି ମୋ ଝିଅ ନୁହେଁ । ପାଞ୍ଚ ବର୍ଷ ତଳେ ମୋ ଭାଇ ମରିଗଲା ବେଳେ ତାକୁ ଏକା ଛାଡ଼ିଗଲେ । ମୁଁ ତାକୁ ପାଳିଆସିଛି । ସେଇ ଦିନରୁ ତାକୁ ମୋ ନିଜ ଝିଅ ପରି ଦେଖିଆସିଛି । ସେ ମୋ ଘରର ଗୋଟିଏ ହୀରା । ସେ ଯେମିତି ସୁନ୍ଦରୀ ତା' ବ୍ୟବହାର ସେମିତି ଭଲ । ଘର କଥା ସବୁ ବୁଝେ । ସେ ମୋର ଡାହାଣ ହାତ । କେବଳ ଗୋଟେ ବିଷୟରେ ସେ ମୋ କଥାରୁ ବାହାରିଯାଇଛି । ଦୁଇଥର ମୋ ପୁଅ ଆର୍ଥର୍ ତାକୁ ବିବାହ କରିବାକୁ ପ୍ରସ୍ତାବ କରିଛି । କାରଣ ସେ ତାକୁ ଅତି ଭଲପାଏ । କିନ୍ତୁ ମେରି ଦୁଇଥର ଯାକ ମନାକରିଦେଇଛି । ମୁଁ ଭାବେ ସେ ଆର୍ଥର୍‌କୁ ବାଟକୁ ଆଣିପାରିଥାଆନ୍ତା; କିନ୍ତୁ ବର୍ତ୍ତମାନ ଆଉ ସେ ପ୍ରଶ୍ନ ନାହିଁ ।

Digitized by srujanika@gmail.com

"ମୋ ଘରେ ଯେଉଁମାନେ ରହନ୍ତି ଆପଣ ଜାଣିଲେ । ଏଥର ମୋ ଦୁଃଖ କଥା କହୁଛି । ସେଦିନ ରାତି ଖାଇସାରି ବୈଠକଖାନାରେ ବସି ମୁଁ, ଆର୍ଥର୍ ଆଉ ମେରୀ କଫି පିଉଥାଉ । ମୁଁ ତାଙ୍କୁ ଦିନବେଳର ଘଟଣା କହିଲି । ଆମ ଘରେ ଯେଉଁ ଅମୂଲ୍ୟ ସମ୍ପଦ ଅଛି, ତା ମଧ୍ୟ କହିଲି । କେବଳ ମୋ ମହାଜନଙ୍କ ନାଁ ପ୍ରକାଶ କଲି ନାହିଁ । ସେତେବେଳକୁ ଲୁସିପାର୍ କଫି ଦେଇସାଇସାରିଥିଲା ବୋଲି ମୁଁ ନିଶ୍ଚିତ । କିନ୍ତୁ ଦରଜାଟା ବନ୍ଦ କରିଥିଲା କି ନାହିଁ ମୁଁ ନିଶ୍ଚିତ କରି କହିପାରୁନି । ମେରୀ ଆଉ ଆର୍ଥର୍ ମୁକୁଟଟିକୁ ଦେଖିବାକୁ ଭାରି ଆଗ୍ରହ କଲେ; କିନ୍ତୁ ମୁଁ ରାତିରେ ଆଉ ତାକୁ ବାହାର କରିବାକୁ ଠିକ୍ ମନେକଲି ନାହିଁ ।

"ଆର୍ଥର୍ ପଚାରିଲା,—'ସେଇଟାକୁ କେଉଁଠି ରଖିଲେ ?'

"ମୋ ନିଜ ଆଲ୍‌ମିରାରେ ।

"ଭଗବାନ୍ କରନ୍ତୁ, ଆଜି ରାତି ଆମ ଘର ଚୋରି ନ ହେଉ ।'

"ଆଲ୍‌ମିରାରେ ତାଲା ପଡ଼ିଛି ।

"ସେଇଟା ଯେ କୌଣସି ଚାବିରେ ଫିଟିଯିବ । ପିଲାଦିନେ ମୁଁ କେତେ ଥର ତାକୁ ଖୋଲିଛି ।

"ସେ ବେଳେ ବେଳେ ଏମିତି ବାଜେକଥା କହେ । ତେଣୁ ମୁଁ ତା କଥାରେ କିଛି ଗୁରୁତ୍ୱ ଦେଲି ନାହିଁ । ସେ ମୋ ସାଥିରେ ମୋ ଶୋଇବା-ଘର ଯାଏ ଆସିଲା । ତଳକୁ ମୁହଁ ପୋତି କହିଲା, 'ବାପା, ମୋତେ ଦୁଇ ଶହ ପାଉଣ୍ଡ ଦେଇପାରିବେ ?'

"ମୁଁ ରାଗିଯାଇ କହିଲି,—'ନା, ମୁଁ ଦେଇପାରିବି ନାହିଁ । ପଇସା-ପତ୍ରରେ ମୁଁ ତୋତେ ଯଥେଷ୍ଟ ଦୟା ଦେଖାଇଛି ।'

"ଆପଣ ଖୁବ୍ ଦୟା କରିଛନ୍ତି । କିନ୍ତୁ ମୋର ଏ ପଇସା ନିହାତି ଦରକାର । ନ ହେଲେ ମୁଁ କ୍ଲବ୍‌ରେ ମୁହଁ ଦେଖାଇ ପାରିବି ନାହିଁ ।'

"ତା'ହେଲେ ଖୁବ୍ ଭଲ ହେବ ।'

"ହଁ । କିନ୍ତୁ ମୁଁ ମାନସମ୍ମାନ ହରାଇ ସେଠୁ ଆସିବା ତୁମେ ଚାହିଁବ ନାହିଁ । ମୁଁ ସେ ଅପମାନ ସହିପାରିବି ନାହିଁ । ମୋତେ କୌଣସି ପ୍ରକାରେ

Digitized by srujanika@gmail.com

ଏ ପଇସା ଯୋଗାଡ଼ କରିବାକୁ ହେବ । ଆପଣ ନ ଦେଲେ ମୁଁ ଅନ୍ୟ ବାଟ ଦେଖିବି ।'

"ମୁଁ ଖୁବ୍ ରାଗିଗଲି । ସେ ମାସରେ ତାର ଟଙ୍କା ମାଗିବା ଏହା ହେଲା ତୃତୀୟ ଥର । ପାଟି କରି କହିଲି, 'ତୁ ମୋ'ଠୁ ଗୋଟେ ପାଉଣ୍ଡ ବି ପାଇବୁ ନାହିଁ ।' ଏଥିକାରେ ସେ ଆଉ କିଛି ନ କହି ମୁଣ୍ଡ ନୁଆଁଇ ଚାଲିଗଲା ।

"ସେ ଗଲା ପରେ ମୁଁ ଆଲମିରା ଖୋଲି ମୁକୁଟଟା ଆଉ ଥରେ ଦେଖି-ନେଇ ତାଲା ବନ୍ଦ କରିଦେଲି । ତା'ପରେ ଦରଜା ସବୁ ବନ୍ଦ ହେଲା କି ନାହିଁ ଦେଖିବା ପାଇଁ ଘରଆଡ଼େ ବୁଲି ଆସିଲି । ସେ କାମଟା ସବୁଦିନେ ମେରୀ କରେ । କିନ୍ତୁ ସେଦିନ ମୁଁ ନିଜେ ଘରଆଡ଼ ବୁଲି ଦେଖିଲି । ମୁଁ ଶିଡ଼ିରେ ତଳକୁ ଖସିଲା ବେଳେ ମେରୀକୁ ଦେଖିଲି । ସେ ହଲ ଘର ଝରକା ପାଖରେ ଠିଆ ହୋଇ ଝରକା ବନ୍ଦ କରୁଥିଲା । ସେ ଟିକିଏ ବିଚଳିତ ଥିଲା ପରି କହିଲା, 'ଆପଣ ଲୁସିକୁ ବାହାରକୁ ଯିବା ପାଇଁ ଅନୁମତି ଦେଇ-ଥିଲେ ?'

"ନା, ମୋଟେ ନୁହେଁ ।'

"ସେ ବର୍ତ୍ତମାନ ପଛପାଖ ଦରଜାବାଟେ ଆସିଲା । ସେ ଗେଟ୍ ପାଖରେ କାହାକୁ ଦେଖା କରିବାକୁ ନିଶ୍ଚୟ ଯାଇଥିଲା; କିନ୍ତୁ ମୁଁ ଭାବୁଛି ତାହା ନିରାପଦ ନୁହେଁ । ଏ ସବୁ ବନ୍ଦ ହେବା ଦରକାର ।'

"କାଲି ସକାଳେ ତୁ ତାକୁ ସେ କଥା କହିଦେବୁ; ନାହିଁ ତ ମୁଁ କହିବି । ହଁ ସବୁ କବାଟ ଠିକ୍ ବନ୍ଦ ଅଛି ତ ?'

"ହଁ, ମୁଁ ଠିକ୍ ଦେଖିଛି ।'

"ହଉ ତେବେ, ଶୋଇବୁ ଯା ।' ମୁଁ ଉପରକୁ ମୋ ଶୋଇବା ଘରକୁ ଚାଲିଗଲି । କିଛି ସମୟ ପରେ ମୋତେ ନିଦ ହୋଇଗଲା ।

"ମୁଁ ଆପଣଙ୍କୁ ସବୁ କଥା କହିବାକୁ ଚେଷ୍ଟା କରୁଛି ମିଷ୍ଟର ହୋମସ୍ ! ତଥାପି କୌଣସି ବିଷୟ ପରିଷ୍କାର ନ ହେଲେ ଆପଣ ମୋତେ ପଚାରିବେ ।''

Digitized by srujanika@gmail.com

"ଆପଣଙ୍କ କଥା ବରଂ ଖୁବ୍ ପରିଷ୍କାର ।"

"ମୋ ନିଦ ସହଜେ ପଡ଼ିଲା । ବିଶେଷତଃ ସେଦିନ ମନରେ ଚିନ୍ତା ଥିବାରୁ ମୋତେ ଭଲ ନିଦ ହେଲା ନାହିଁ । ରାତି ପ୍ରାୟ ଦୁଇଟା ବେଳକୁ ଘର ଭିତରେ ଗୋଟେ ଶବ୍ଦ ଶୁଣି ମୋ ନିଦ ଭାଙ୍ଗିଗଲା । ନିଦ ପୂରା ଛାଡ଼ିଲା ବେଳକୁ ଶବ୍ଦ ଆଉ ନ ଥିଲା । ମୋର ମନେହେଲା ଯେମିତି ଗୋଟେ ଝରକା ଖୁବ୍ ଆସ୍ତେ ବନ୍ଦ ହେଲା । ମୁଁ କାନଡେରି ଶୁଣିଲି । ପାଖ ଘରେ ପରିଷ୍କାର ପାଦଶବ୍ଦ ଶୁଣିପାରିଲି । ଖଟରୁ ଓହ୍ଲାଇ ପଡ଼ିଲି । ଭୟରେ ଥରୁଥାଏ । କବାଟ ଫାଙ୍କବାଟେ ଚାହିଁଲି ।

"ଚିତ୍କାର କରି ଉଠିଲି, 'ଆର୍ଥର୍ ! ଚୋର, ବଦମାସ୍, କେଉଁ ସାହସରେ ସେ ମୁକୁଟରେ ହାତ ଦେଲୁ ।'

"ସେ କେବଳ ଖଣ୍ଡେ କାମିଜ୍ ଆଉ ପେଣ୍ଟ ପିନ୍ଧିଥାଏ । ତା ହାତରେ ମୁକୁଟଟା । ସେ ଜୋର୍‌କରି ସେଇଟାକୁ ବଙ୍କା କରିବାକୁ ଚେଷ୍ଟା କଲା ପରି ଜଣାଗଲା । ମୋ ପାଟି ଶୁଣି ମୁକୁଟଟା ତଳେ ପକାଇଦେଲା । ତା ମୁହଁ କଳା ପଡ଼ିଯାଇଥାଏ । ମୁଁ ମୁକୁଟଟା ଗୋଟାଇ ନେଇ ଦେଖିଲି । ଗୋଟେ କଣର ସୁନା-ତାର ସହ ତିନୋଟା ମଣି ନ ଥିଲା ।

"ରାଗରେ ଜଳିଉଠି ମୁଁ କହିଲି, 'ଶଇତାନ ! ତୁ ମୁକୁଟଟା ନଷ୍ଟ କରିଦେଇଛୁ । ସବୁଦିନ ପାଇଁ ମୋ ମାନସମ୍ମାନ ପୋଡ଼ି ପାଉଁଶ କରି-ଦେଇଛୁ । ଯେଉଁ ମଣି ଚୋରି କରି ନେଇଛୁ, ସେ କାହିଁ ?'

'ଚୋରି ?'

"ହଁ, ହଁ । ତୁ ଚୋର ।'

'କିନ୍ତୁ ମୁକୁଟରୁ ମଣି ଯାଇନାହିଁ, ଯାଇପାରେ ନା ।'

"ତିନୋଟା ମଣି ନାହିଁ । ଆଉ ସେ ମଣି କେଉଁଠି, ତୋତେ ହିଁ ଜଣା । ତୁ ଖାଲି ଚୋର ନୋହୁଁ, ମିଛୁଆ ମଧ୍ୟ । ମୁଁ ଦେଖିଛି, ତୁ ମୁକୁଟରୁ ଆଉ ଖଣ୍ଡେ ଭାଙ୍ଗିବାକୁ ଚେଷ୍ଟା କରୁଥିଲୁ ।'

"ଆପଣ ଯଥେଷ୍ଟ କହିସାରିଲେଣି । ଆଉ କହିଲେ ମୁଁ ସହିପାରିବିନାହିଁ । ଆପଣ ମୋତେ ଢେର୍ ଅପମାନ ଦେଲେଣି; ତେଣୁ ଏ ବିଷୟରେ ମୁଁ ଆଉ

Digitized by srujanika@gmail.com

ପଡ଼େ, ବି କହିବ ନାହିଁ । କାଲି ସକାଳେ ମୁଁ ଆପଣଙ୍କ ଘରୁ ଚାଲିଯାଇ ମୋ-ବାଟ କରିବି ।'

"ଦୁଃଖ ଆଉ ରାଗରେ ପାଗଳ ପରି ହୋଇ ମୁଁ କହିଲି, 'ସେ କଥା ପୋଲିସ୍ ବୁଝିବ । ମୁଁ ଏ ଘଟଣାର ଠିକ୍‌ଭାବେ ତଦନ୍ତ କରାଇବି ।'

"ମୋ'ଠାରୁ ଆପଣ ଏ ବିଷୟରେ କିଛି ଜାଣିପାରିବେନାହିଁ । ପୋଲିସ୍‌କୁ ଯଦି ଆପଣ ଡାକିବାକୁ ଚାହାନ୍ତି ତେବେ ଡାକନ୍ତୁ । ସେ ଯାହା ପାରିବେ କରନ୍ତୁ ।'

"ସେତେବେଳକୁ ମୋ ପାଟିଶୁଣି ଘରର ସମସ୍ତେ ଉଠିପଡ଼ିଲେଣି । ମେରି ପ୍ରଥମେ ମୋ କୋଠରିକୁ ଧାଇଁଆସିଲା । ମୁକୁଟ ଆଉ ଆର୍ଥର୍ ମୁହଁକୁ ଦେଖି ସେ ସବୁକଥା ଜାଣିପାରିଲା । ଗୋଟାଏ ଚିତ୍କାର କରି ତଳେ ପଡ଼ି ସେ ଅଜ୍ଞାନ ହୋଇଗଲା । ମୁଁ ସାଙ୍ଗେ ସାଙ୍ଗେ ଚାକରାଣୀକୁ ପଠାଇ ପୋଲିସକୁ ଡକାଇ ଆଣି ଅନୁସନ୍ଧାନର ଦାୟିତ୍ୱ ଦେଇଦେଲି । ଇନସ୍‌ପେକ୍ଟର ଏବଂ ଜଣେ କନେଷ୍ଟବଲ୍ ଆସି ପହଞ୍ଚିଲାମାତ୍ରେ ଆର୍ଥର୍ ମୋତେ ପଚାରିଲା, 'ଚୋରି ଅପରାଧରେ ତାକୁ ଗିରଫ କରିବା ମୋର ଉଦ୍ଦେଶ୍ୟ କି ନାହିଁ ।' ମୁଁ ଉତ୍ତର ଦେଲି ଯେ କଥାଟା ଆଉ ଘରୋଇ ବ୍ୟାପାର ହୋଇ ନାହିଁ; କାରଣ ନଷ୍ଟ ହୋଇଥିବା ମୁକୁଟଟି ଏକ ଜାତୀୟ ସମ୍ପଦ । ମୁଁ ସ୍ଥିର କଲି ଯେ ଆଇନ୍ ତା ବାଟରେ ଯାଉ ।

"ଆର୍ଥର୍ କହିଲା, 'ମୋତେ ଅନ୍ତତଃ ସାଙ୍ଗେ ସାଙ୍ଗେ ଆରେଷ୍ଟ କରନ୍ତୁ ନାହିଁ । ତା'ହେଲେ ଆପଣଙ୍କର ମୋର ସୁବିଧା ହେବ । ବାହାରୁ ଆସିବା ପାଇଁ ମୋତେ ପାଞ୍ଚମିନଟ୍ ସମୟ ଦିଅନ୍ତୁ ।'

"ତା'ହେଲେ ତୁ କୁଆଡ଼େ ପଳାଇଯିବୁ କିମ୍ବା ଚୋରି ଜିନିଷ କେଉଁଠି ଲୁଚାଇଦେବୁ । ବରଂ ତୁ ଯଦି ମଣିଗୁଡ଼ିକ କେଉଁଠି ଅଛି ଆମକୁ କହିଦେଉ ତୋତେ କ୍ଷମା କରାଯିବ ଆଉ ଘଟଣାଟା ଏଇଠି ବନ୍ଦହୋଇଯିବ ।'

"ଖୁବ୍ ରାଗିଯାଇ ସେ କହିଲା, 'ଯେଉଁମାନେ ଆପଣଙ୍କଠାରୁ କ୍ଷମାଭିକ୍ଷା କରିବେ ତାଙ୍କ ପାଇଁ କ୍ଷମା ସାଇତି ରଖନ୍ତୁ ।'

Digitized by srujanika@gmail.com

"ଦେଖିଲି ସେ ଏତେ ରାଗିଯାଇଛି ଯେ ତାକୁ ବୁଝାଇ କିଛି ଲାଭ ନାହିଁ । ଆଉ କିଛି ବାଟ ନଥିଲା । ମୁଁ ଇନସ୍‌ପେକ୍ଟରଙ୍କୁ ଡାକି ଆର୍ଥର୍‌କୁ ତାଙ୍କ ଜିମା କରିଦେଲି । ତାକୁ ଖାନତଲାସ କରାଗଲା । ତା କୋଠରି ଏବଂ ଘରର ଅନ୍ୟ ଜାଗାସବୁ ଖୋଜାଗଲା; କିନ୍ତୁ ମଣିର କିଛି ସନ୍ଧାନ ମିଳିଲା ନାହିଁ । ଯେତେ ବୁଝାଇଲେ ଧମକଚମକ ଦେଲେ ବି ହତଭାଗା ଟୋକାଟା ପାଟି ଫିଟେଇଲା ନାହିଁ । ଆଜି ସକାଳେ ତାକୁ ହାଜତ୍‌କୁ ନିଆଗଲା । ମୁଁ ପୋଲିସ୍ ପାଖରେ ମୋ ଜମାନବନ୍ଦି ଦେଇ ଆପଣଙ୍କ ପାଖକୁ ଧାଇଁଆସିଛି । ଆପଣ ଏ ଘଟଣାରେ ଆଲୋକପାତ କରିପାରିବେ ବୋଲି ମୋର ଆଶା । ପୋଲିସ୍ କହିଦେଇଛି, ବର୍ତ୍ତମାନ ସେମାନେ କିଛି କରିପାରିବେ ନାହିଁ । ଏ ବାବଦରେ ଆପଣ ଯାହା ଇଚ୍ଛା ଖର୍ଚ୍ଚ କରିପାରନ୍ତି । ମୁଁ ମଣିର ସନ୍ଧାନ ଦେବା ଲୋକକୁ ଏକହଜାର ପାଉଣ୍ଡ ପୁରସ୍କାର ଦେବି ବୋଲି ଘୋଷଣା କରିଦେଇଛି । ମୁଁ କଣ କରିବି ? ଏକାରାତରେ ମୁଁ ମୋ ସମ୍ମାନ, ମୋ ମଣି ଆଉ ମୋ ପୁଅକୁ ହରାଇବସିଲି ।"

ସେର୍‌ଲକ୍ ହୋମସ୍ କିଛିକ୍ଷଣ ଚୁପ୍ ହୋଇ ଜଳନ୍ତା ନିଆଁକୁ ଚାହିଁ ବସିରହିଲେ । ତା'ପରେ କହିଲେ, "ଆପଣଙ୍କ ଘରକୁ ବେଶି ଲୋକ ଯିବା-ଆସିବା କରନ୍ତି ?"

"ନାଁ, କେବଳ ମୋ ଅଂଶୀଦାର ତାଙ୍କ ପରିବାର ସହ ବେଳେବେଳେ ଆସନ୍ତି । ଆର୍ଥର୍‌ର କେହି ବନ୍ଧୁ ବେଳେବେଳେ ମଧ୍ୟ ଆସନ୍ତି । ତା'ଭିତରୁ ସାର୍ ଜର୍ଜ ବର୍ନଉଏଲ୍ ଏବେ କେତେ ଥର ଆସିଛନ୍ତି । ତା'ଛଡ଼ା ଆଉ କେହି ନାହିଁ ।"

"ଆପଣମାନେ ବାହାରକୁ ବିଶେଷ ଯିବା-ଆସିବା କରନ୍ତି ?"

"ଆର୍ଥର୍ ଯାଏ; ମେରି ଆଉ ମୁଁ ପ୍ରାୟ ବାହାରକୁ ଯାଉନାହୁଁ ।

"ଏ ଘଟଣାରେ ମେରି ମଧ୍ୟ ବିଚଳିତ ହୋଇଯାଇଛି ?"

"ହଁ, ସେ ମୋ ଅପେକ୍ଷା ବେଶି ବିଚଳିତ ହୋଇଯାଇଛି ।"

"ଆପଣଙ୍କ ପୁଅ ଚୋରି କରିବାରେ ଆପଣ ସମ୍ପୂର୍ଣ୍ଣ ନିଃସନ୍ଦେହ ?"

Digitized by srujanika@gmail.com

"କେମିତି ସନ୍ଦେହ ରହିବ । ମୁକୁଟଟା ମୁଁ ତା ହାତରେ ଦେଖିଲି ।"

"ତାହା କିନ୍ତୁ ଗୋଟେ ପ୍ରମାଣ ବୋଲି ମୁଁ ଭାବୁନାହିଁ । ମୁକୁଟର ବାକି ଅଂଶଟା କିଛି ଭଙ୍ଗାରୁଜା ହୋଇଥିଲା ?"

"ହଁ, ସେଇଟା ପୂରା ବଙ୍କା ହୋଇଯାଇଥିଲା ।"

"ତା'ହେଲେ ଆର୍ଥର୍ ମୁକୁଟଟାକୁ ସଳଖିବାକୁ ଚେଷ୍ଟା କରୁଥିଲା ବୋଲି ଆପଣ ଭାବୁନାହାନ୍ତି କାହିଁକି ?"

"ପ୍ରଭୁ ଆପଣଙ୍କର ମଙ୍ଗଳ କରନ୍ତୁ । ବୁଝିଛି, ଆପଣ ମୋର ଏବଂ ଆର୍ଥରର ହିତ ପାଇଁ କହୁଛନ୍ତି । ତେବେ କଥାଟା ବଡ଼ ଜଟିଳ । ମୋଟ ଉପରେ ଆର୍ଥର୍ ସେଠି କ'ଣ କରୁଥିଲା ? ଯଦି ତାର ଉଦ୍ଦେଶ୍ୟ ଭଲ ତେବେ ସେ ସେକଥା ନକହିଲା କାହିଁକି ?"

"ତା ସତ । ତେବେ ଯଦି ତା'ର ଉଦ୍ଦେଶ୍ୟ ଖରାପ ସେ କିଛି ଗୋଟେ ମିଛ କଥା ଭାବି ନ କହିଲା କାହିଁକି ? ତାର ନୀରବତାରୁ ଏପାଖ ବା ସେପାଖ କିଛି ଜାଣିହେଉନାହିଁ । ତା'ଛଡ଼ା ଏ କେସ୍‌ରେ ଆଉ କେତେଟା ଅସାଧାରଣ ଘଟଣା ବି ରହିଛି । ଆଚ୍ଛା, ଯେଉଁ ଶବ୍ଦରେ ଆପଣଙ୍କ ନିଦ ଭାଙ୍ଗିଗଲା, ସେ ବିଷୟରେ ପୋଲିସ୍‌ର ମତ କ'ଣ ?"

"ତାଙ୍କ ମତରେ ଆର୍ଥର୍ ତା ଶୋଇବାଘର କବାଟ ବନ୍ଦ କଲାବେଳେ ଏ ଶବ୍ଦ ହୋଇଛି ।"

"କଥାଟା କେତେଦୂର ପସନ୍ଦଯୋଗ୍ୟ ? ଜଣେ ଲୋକ ଗୋଟେ ଅପରାଧ କରିବାକୁ ଯାଉଛି; ଅଥଚ ତା' ଘର କବାଟ ବନ୍ଦ କରି ଘରେ ସମସ୍ତଙ୍କୁ ଉଠାଇବ ? ମଣିଗୁଡ଼ାକ ହଜିବା ବିଷୟରେ ତାଙ୍କ ମତ କ'ଣ ?"

"ସେମାନେ ମଣି ପାଇବା ଆଶାରେ ଘରର ସବୁ ଜାଗା, ଜିନିଷପତ୍ର ଖୋଜିବାରେ ଲାଗିଛନ୍ତି ।"

"ଘର ବାହାରେ ଖୋଜିବା ପାଇଁ ସେମାନେ ଖୁବ୍ ଚେଷ୍ଟା କରିଛନ୍ତି ?"

"ହଁ, ସେମାନେ ଖୁବ୍ ଚେଷ୍ଟା କରିଛନ୍ତି । ସାରା ବଗିଚାଟା ତନ୍ନତନ୍ନ କରି ଖୋଜା ହୋଇଛି ।"

Digitized by srujanika@gmail.com

"ଦେଖନ୍ତୁ ! ଆପଣ ବା ପୋଲିସ୍‌ର ଯାହା ଧାରଣା, ଘଟଣାଟା ତା'ଠୁ ଢେର୍ ବେଶି ଗମ୍ଭୀରରେ । କେଶ୍‌ଟା ଖୁବ୍ ସହଜ ବୋଲି ଆପଣଙ୍କର ମନେ ହୋଇଥିବ । କିନ୍ତୁ ମୋ ମତରେ କେଶ୍‌ଟା ଖୁବ୍ କଠିନ । ଆପଣଙ୍କର ଯାହା ଅନୁମାନ ସେ କଥା ବିଚାର କରନ୍ତୁ । ଆପଣ ଭାବୁଛନ୍ତି ଯେ ଆପଣଙ୍କ ପୁଅ ତା ବିଛଣାରୁ ଉଠିଆସିଲା; ଆପଣଙ୍କ କୋଠରିକୁ ଗଲା; ତା'ପରେ ଆଲମିରା ଖୋଲି ମୁକୁଟଟା ନେଲା । ସେଥିରୁ ଖଣ୍ଡେ ଖୁବ୍ ବଳପ୍ରୟୋଗ କରି ଭାଙ୍ଗିଲା । ସେଇଠୁ ଅନ୍ୟ କୌଣସି ଜାଗାକୁ ଯାଇ ତିନଟା ମଣି ଏମିତି ଜାଗାରେ ଲୁଚାଇଲା ଯେ ଆପଣମାନେ ଖୋଜି ଖୋଜି ପାଇଲେ ନାହିଁ । ତା'ପରେ ବାକି ଛତିଶଟା ମଣି ଧରି ଆପଣଙ୍କ କୋଠରିକୁ ନିଜେ ଧରା-ପଡ଼ିଯିବାର ବିପଦ ଭିତରକୁ ପୁଣି ଫେରିଆସିଲା ? ଏପ୍ରକାର ଅନୁମାନ କେତେଦୂର ଯୁକ୍ତିସଙ୍ଗତ ?"

"କିନ୍ତୁ ତା ଛଡ଼ା ଆଉ କ'ଣ ହୋଇପାରେ ? ଯଦି ତାର କିଛି ଖରାପ ଉଦ୍ଦେଶ୍ୟ ନଥିଲା, ସେ ସେକଥା କହିଲା ନାହିଁ କାହିଁକି ?"

"ସେ କାରଣ ଖୋଜି ବାହାର କରିବା ଆମର କାମ । ତେଣୁ ମୋ ମତରେ ଆମେ ସାଥିହୋଇ ଷ୍ଟ୍ରେଥାମ୍ ଯିବା । ଘଟଣାଟାକୁ ଆଉ ଥରେ ଭଲରୂପେ ପରୀକ୍ଷା କରି ଦେଖିବା ।"

ମୁଁ ତାଙ୍କ ସାଥିରେ ଯିବା ପାଇଁ ହୋମସ୍ କହିଲେ । ମୁଁ ବି ଖୁସିରେ ରାଜି ହୋଇଗଲି; କାରଣ ଘଟଣାଟା ଶୁଣି ମୋ ମନରେ ବଡ଼ କୌତୂହଳ ହୋଇଯାଇଥିଲା । ମୁଁ ମାନୁଛି, ମିଷ୍ଟର୍ ହୋଲ୍‌ଡ଼ରଙ୍କ ପରି ମୋର ବି ଦୃଢ଼ ଧାରଣା ହୋଇଥିଲା ଯେ ତାଙ୍କ ପୁଅ ଦୋଷୀ । ତଥାପି ହୋମସ୍‌ଙ୍କ ବିଚାର ଉପରେ ମୋର ଯଥେଷ୍ଟ ଆସ୍ଥା ଥିଲା । ବାଟରେ ହୋମସ୍ ମୋଟେ କଥାବାର୍ତ୍ତା ନକରି ଖୁବ୍ ଗମ୍ଭୀରଭାବେ ଚିନ୍ତା କରୁଥାନ୍ତି । ଶେଷରେ ଆମେ ମିଷ୍ଟର୍ ହୋଲ୍‌ଡ଼ରଙ୍କ ଘର ଫେୟାର୍‌ବ୍ୟାଙ୍କ୍‌ରେ ପହଞ୍ଚିଲୁ । ଆମକୁ ଦରଜା ପାଖରେ ଛାଡ଼ି ହୋମସ୍ ଘର ଚାରିପାଖ, ବଗିଚା, ଘୋଡ଼ାଶାଳି ଆଦି ବୁଲି ଦେଖିବାକୁ ଚାଲିଗଲେ । ଆମେ ଖାଇବା ଘର ଭିତରକୁ ଯାଇ ତାଙ୍କୁ ଅପେକ୍ଷା କରି ବସିରହିଲୁ । କିଛିକ୍ଷଣ ପରେ ଦରଜା ଖୋଲି ଜଣେ ତରୁଣୀ

Digitized by srujanika@gmail.com

ଘର ଭିତରକୁ ଆସିଲେ । ତାଙ୍କ ମୁହଁ ମଳିନ ଦେଖାଯାଉଥାଏ । ମୋ ଆଡ଼କୁ ନଗ୍ଭହିଁ ସେ ସିଧା ମିଷ୍ଟର ହୋଲ୍ଡ଼ର୍ ପାଖକୁ ଲଗିଯାଇ କହିଲେ, "ବାପା, ଆର୍ଥରଙ୍କୁ ଖଲାସ କରଦେବା ପାଇଁ ଆପଣ ନର୍ଦ୍ଦେଶ ଦେଇ-ଛନ୍ତି ତ ?"

"ନା, ମା ! ଘଟଣାଟାର ପୂର୍ବ ତଦନ୍ତ ହେବା ମୋର ଇଚ୍ଛା ।"

"ମୋ ମନ କଲୁ କହୁଛୁ ଆର୍ଥର୍ ନର୍ଦ୍ଦୋଷ । ଆପଣ ପରେ ନଶ୍ଚୟ ଅନୁତାପ କରବେ ।"

"ଯଦ ସେ ନର୍ଦ୍ଦୋଷ ତେବେ ଚୁପ୍ ରହୁଛୁ କାହିଁକ ?"

"କଏ ଜାଣେ ? ବୋଧହୁଏ ଆପଣ ତାଙ୍କୁ ସନ୍ଦେହ କରବାରୁ ସେ ରଗି ଯାଇଛନ୍ତି ।"

"ମୁକୁଟଟା ଯେତେବେଳେ ତା ହାତରେ ଦେଖିଲି, ତାକୁ ସନ୍ଦେହ ନ କରବ କପର ?"

"ସେ ମୁକୁଟଟା ଦେଖିବାପାଇଁ ନେଇପାରଥାନ୍ତି । ମୋ କଥା ଶୁଣନ୍ତୁ । ସେ ସମ୍ପୂର୍ଣ୍ଣ ନର୍ଦ୍ଦୋଷ । ଏ ଘଟଣା ଏଠକରେ ଶେଷ କରନ୍ତୁ । ଆର୍ଥର୍ ବନ୍ଦୀ ହୋଇ ରହିବା କଥା ଭବଲବେଳକୁ ବଡ଼ ଦୁଃଖ ଲଗୁଛୁ ।"

"ମଣିଗୁଡକ ନ ମିଳବାଯାଏ ଏ ଘଟଣା ଶେଷ ହୋଇପାରବ ନାହିଁ । ଆର୍ଥର୍ ପ୍ରତ ତୋର ଗାଢ଼ ସ୍ନେହ ଯୋଗୁଁ ତୁ ମୋ ଅବସ୍ଥା ପ୍ରତ ଆଖିବୁଜି-ଦେଉଛୁ । ଏ ଘଟଣା ଶେଷ କରବା କଥା ତେଣିକ ଥାଉ, ଘଟଣାର ଅଧିକ ଅନୁସନ୍ଧାନ ପାଇଁ ମୁଁ ଲଣ୍ଡନରୁ ଜଣେ ଭଦ୍ରଲୋକଙ୍କୁ ଡାକି ଆଣିଛୁ ।"

"ବୋଧହୁଏ ଏଇ ଭଦ୍ରଲୋକ ?" ସେ ମୋ ଆଡ଼କୁ ମୁହଁ ବୁଲାଇ ଗ୍ଭହିଁଲେ ।

"ନାଁ, ତାଙ୍କ ବନ୍ଧୁ । ସେ ଆମକୁ ଛାଡ଼ିଦେଇ ଘୋଡ଼ାଶାଳପାଖଟା ଦେଖିବା ପାଇଁ ଯାଇଛନ୍ତି ।"

"ଘୋଡ଼ାଶାଳ ପାଖ ? ସେଠି ସେ କ'ଣ ପାଇବେ ବୋଲି ଆଶା କରୁଛନ୍ତି ? ଏଇତ, ସେ ବୋଧହୁଏ ଆସୁଛନ୍ତି । ଆସନ୍ତୁ ଆଜ୍ଞା । ମୋର ଧାରଣା ଆର୍ଥର୍ ନର୍ଦ୍ଦୋଷ । ଆଶା ଆପଣ ବୋଧହୁଏ ତା ପ୍ରମାଣ କର-ପାରବେ ।"

Digitized by srujanika@gmail.com

"ମୁଁ ଆପଣଙ୍କ ସହିତ ସଂପୂର୍ଣ୍ଣ ଏକମତ ଆଉ ମୋର ବିଶ୍ୱାସ ଆମେ ତା ପ୍ରମାଣ କରିପାରିବା ।" ହୋମସ୍ ଉତ୍ତର ଦେଲେ । "ମୋର ବିଶ୍ୱାସ ଆପଣ କୁମାରୀ ମେରି ହୋଲ୍ଡର୍ । ମୁଁ ଆପଣଙ୍କୁ ଗୋଟେ ଦି'ଟା ପ୍ରଶ୍ନ ପଚାରି ପାରେ ?"

"ନିଶ୍ଚୟ ।"

"ଆପଣ ଗଲାରାତି କିଛି ଶବ୍ଦ ଶୁଣିନାହାନ୍ତି ?"

"ନା । ମୋ କକେଇ ବଡ଼ପାଟି କଲରୁ ମୁଁ ଶୁଣି ସେଠିକି ଗଲି ।"

"ଆପଣ ଝରକା କବାଟ ବନ୍ଦ କଲାବେଳେ ଠିକ୍‌ଭାବେ କିଳିଥିଲେ ?"

"ହଁ ।"

"ଆଜି ସକାଳେ ସେ ସବୁ ସେମିତି କିଳା ହୋଇଥିଲା ?"

"ହଁ ।"

"ଆପଣଙ୍କର ଜଣେ ଚାକରାଣୀ ଅଛି, ଆଉ ତାର ଜଣେ ପ୍ରେମିକ ଅଛି ? ଗଲାରାତି ଆପଣ ଆପଣଙ୍କ କକେଇଙ୍କୁ କହୁଥିଲେ ଯେ ସେ ତା ପ୍ରେମିକ ସାଥିରେ ଦେଖା କରିବାକୁ ବାହାରକୁ ଯାଇଛି ?"

"ହଁ, ସେ ଚାକରାଣୀ ବୈଠକଖାନାରେ ଥିଲା । ମୋ କକେଇ ମୁକୁଟ କଥା କହୁଥିଲା ବେଳେ ଶୁଣିଥିବ ।"

"ଆଚ୍ଛା, ଆପଣ ତେବେ ଭାବୁଛନ୍ତି, ସେ ଚାକରାଣୀ ଯାଇ ତା ପ୍ରେମିକକୁ ଏ କଥା କହିଥିବ ଆଉ ଦୁଇଜଣଯାକ ଏ ଚୋରି କରିବା ପାଇଁ ଠିକ୍ କରିଥିବେ ।"

"ଏ ସବୁ ବାଜେ କଥାର ମୂଲ୍ୟ କ'ଣ ?" ମିଷ୍ଟର ହୋଲ୍ଡର୍ କହି ଉଠିଲେ । "ମୁଁ ନିଜେ ଆର୍ଥର୍ ହାତରେ ମୁକୁଟଟା ଦେଖିଛି ।"

"ଟିକିଏ ଅପେକ୍ଷା କରନ୍ତୁ ମିଷ୍ଟର ହୋଲ୍ଡର୍ । ଆମେ ପୁଣି ସେଠିକି ଆସିବା । ହଁ, କୁମାରୀ ହୋଲ୍ଡର୍ ! ଏଇ ଚାକରାଣୀ କଥା । ସେ ରୋଷେଇ ଘର ଦରଜା ବାଟେ ଫେରିଲାବେଳେ ଆପଣ ତାକୁ ଦେଖିଥିଲେ ?"

Digitized by srujanika@gmail.com

"ହଁ । ସବୁ କବାଟ ଝରକା ବନ୍ଦ ହୋଇଛି କି ନାହିଁ ଦେଖିବାକୁ ଗଲବେଳେ ମୁଁ ଦେଖିଲି ସେ ଝୋଷେଇ ଘର ବାଟେ ଆସୁଛି । ସେଇ ଅଂଧାରୀ ଭିତରେ ମୁଁ ତାର ପ୍ରେମିକକୁ ବି ଦେଖିଛି ।"

"ଆପଣ ତାକୁ ଚିହ୍ନନ୍ତି ?"

"ହଁ, ସେ ପଣିବା ବିକାଳି । ଆମକୁ ପଣିବା ଆଣି ଦିଏ । ତା ନାଁ ଫ୍ରାନ୍‌ସିସ୍ ପ୍ରସ୍‌ପର ।"

"ସେ ଦରଜାଠୁ ଦୂରରେ ବାଁ ପାଖରେ ଠିଆ ହୋଇଥିଲା ?"

"ହଁ ।"

"ତାର ଗୋଟାଏ କାଠ ଗୋଡ଼ ?"

ଭୟରେ ଚମକି ଉଠି କୁମାରୀ ହୋଲ୍‌ଡ଼ର୍ କହିଲେ, "ଆପଣ କ'ଣ ଯାଦୁକର ? ଆପଣ ଏ କଥା ଜାଣିଲେ କିପରି ?"

କିଛି ଉତ୍ତର ନଦେଇ ହୋମସ୍ ଝରକାଗୁଡ଼ା ଗୋଟା ଗୋଟା କରି ଦେଖିଗଲେ । ହଲ୍‌ଘରେ ଗୋଟେ ବଡ଼ ଝରକା । ସେଟାକୁ ଖୋଲି ସେ ମାଗ୍ନିଫାଇଙ୍ଗ୍ କାଚଦ୍ୱାରା ଝରକାର ବନ୍ଧଟାକୁ ଭଲଭାବରେ ପରୀକ୍ଷା କରି ଦେଖିନେଲେ । ତା'ପରେ କହିଲେ, "ଏଥର ଉପର ମହଲକୁ ଯିବା ।"

ହୋଲ୍‌ଡ଼ରଙ୍କ କୋଠରୀକୁ ଯାଇ ହୋମସ୍ ଆଲମିରାର ତାଲାଟାକୁ ଭଲ ଭାବେ ଦେଖିନେଲେ । ତା'ପରେ ପଚାରିଲେ—

"କେଉଁ ଚାବିରେ ଏଟା ଖୋଲା ହୋଇଥିଲା ?"

"ଟେବଲ୍ ଉପରର ସେଇ ଚାବିଟା ।"

ହୋମସ୍ ଚାବିଟା ନେଇ ଆଲମିରାଟା ଖୋଲିଲେ । ବିନା ଶବ୍ଦରେ ତାଲା ଖୋଲିଗଲା । ଆଲମିରା ଭିତରୁ ମୁକୁଟଟା ଆଣି ସେ ହାତରେ ଧରିଲେ । ସୁନ୍ଦର କାରୁକାର୍ଯ୍ୟ । ମୁକୁଟର ଗୋଟାଏ କଣ ଭଙ୍ଗା । ସେଇଠୁ ତିନଟା ମଣି ଝୁଲିଯାଇଛି ।

"ଦେଖନ୍ତୁ ମିଷ୍ଟର ହୋଲ୍‌ଡ଼ର୍"—ହୋମସ୍ କହିଲେ । "ମୁକୁଟର ଏ କଣଟା ଭାଙ୍ଗିଯାଇଥିବା କଣ ସହିତ ପୂରା ସମାନ । ଆପଣ ଏ କଣଟା ଭାଙ୍ଗନ୍ତୁ ତ ।"

Digitized by srujanika@gmail.com

ଚମକଉଠି ହୋଲ୍‌ଡ଼ର୍ କହିଲେ, "ଏ କ'ଣ କହୁଛନ୍ତି । ଏହାକୁ ଭାଙ୍ଗିବାକଥା ମୁଁ ସ୍ୱପ୍ନରେ ବି ଚିନ୍ତା କରିପାରିବିନାହିଁ ।"

"ତେବେ ମୁଁ ଏହାକୁ ଭାଙ୍ଗୁଛି ।" ହଠାତ୍ ହୋମସ୍ ତାଙ୍କର ସବୁ ଶକ୍ତି ଲଗାଇ ମୁକୁଟର କଣଟା ଭାଙ୍ଗିବାକୁ ଚେଷ୍ଟାକଲେ, କିନ୍ତୁ ପାରିଲେ ନାହିଁ । ତା'ପରେ କହିଲେ, "ମୋ ଆଙ୍ଗୁଠିଗୁଡ଼ାକ ଖୁବ୍ ଟାଣ । ତଥାପି ଏହାକୁ ବଙ୍କା କରି ପାରିଲିନାହିଁ । ଜଣେ ସାଧାରଣ ଲୋକ ଏହାକୁ ଭାଙ୍ଗି ପାରିବ ନାହିଁ । ମୁଁ ଯଦି ଏହାକୁ ଭାଙ୍ଗି ପାରିଥାନ୍ତି ତେବେ କ'ଣ ହୋଇଥାନ୍ତା ବୋଲି ଆପଣ ଭାବୁଛନ୍ତି ? ପିସ୍ତଲ ଗୁଳିପରି ଗୋଟାଏ ଶବ୍ଦ ହୋଇଥାନ୍ତା । ଆପଣଙ୍କ ପାଖରୁ ମାତ୍ର କେତେଗଜ ଦୂରରେ ଏସବୁ ଘଟିଗଲା, ଅଥଚ ଆପଣ କିଛି ଶୁଣିପାରିଲେ ନାହିଁ ବୋଲି ଭାବୁଛନ୍ତି ?"

"ମୁଁ କିଛି ଭାବି ପାରୁନାହିଁ । ଏସବୁ ମୋ ପାଖରେ ଅନ୍ଧକାରମୟ ।"

"କିନ୍ତୁ ଆସ୍ତେ ଆସ୍ତେ ସବୁ ଘଟଣା ବୋଧହୁଏ ଆଲୁଅକୁ ଆସିଯିବ । ଆପଣ କ'ଣ ଭାବୁଛନ୍ତି କୁମାରୀ ହୋଲ୍‌ଡ଼ର ?"

"ମାନୁଛି, ମୁଁ ବି ମୋ କକେଇଙ୍କ ପରି ଅନ୍ଧକାରରେ ।"

"ଆଚ୍ଛା ମିଷ୍ଟର ହୋଲଡ଼ର୍, ଆପଣ ଯେତେବେଳେ ଆପଣଙ୍କ ପୁଅକୁ ଦେଖିଲେ ତାଙ୍କ ପାଦରେ ଜୋତା ବା ଚପଲ କିଛି ନଥିଲା ?"

"ନାଁ, ତା'ଦେହରେ ପ୍ୟାଣ୍ଟ୍, ସାର୍ଟ ବ୍ୟତୀତ ଆଉକିଛି ନଥିଲା ।"

"ଧନ୍ୟବାଦ ! ଆମେ ଏ ଅନୁସନ୍ଧାନରୁ ଅନେକ ତଥ୍ୟ ପାଇ ପାରିଛେ । ଏଣିକି ଘଟଣାଟାରେ ଆଲୋକପାତ କରି ନପାରିବାଟା ଆମର ଦୋଷ । ଏଥର ମୋତେ ଘର ବାହାରେ ଅନୁସନ୍ଧାନ କରିବାକୁ ଅନୁମତି ଦିଅନ୍ତୁ ।"

ହୋମସ୍ ଏକା ବାହାରକୁ ଗଲେ । କାରଣ ସେ କହିଲେ ଯେ ବେଶି ଲୋକଙ୍କର ପାଦଚିହ୍ନ ପଡ଼ିଲେ ଅନୁସନ୍ଧାନରେ ଅସୁବିଧା ହେବ । କିଛିସମୟ ପରେ ସେ ଫେରିଲେ । କହିଲେ, "ମିଷ୍ଟର୍ ହୋଲ୍‌ଡ଼ର୍; ଏଠି ଯାହା ଦେଖିବାକଥା ମୁଁ ସବୁ ଦେଖିସାରିଲି । ଏଥର ମୋ ଘରକୁ ଫେରିବି । ସେଠି ଆପଣଙ୍କ କାମ ସୁବିଧାରେ କରିପାରିବି ।"

"କିନ୍ତୁ ମଣି, ସେଗୁଡ଼ିକ କେଉଁଠି ?"

Digitized by srujanika@gmail.com

"ମୁଁ କହିପାରିବି ନାହିଁ।"

ମୁଣ୍ଡ ବାଡ଼େଇ ମିଷ୍ଟର ହୋଲ୍ଡ଼ର୍ କହିଲେ, "ମୁଁ ତେବେ ଆଉ ତାକୁ ପାଇବି ନାହିଁ ! ଆଉ ମୋ ପୁଅ କଥା ?"

"ମୋ ମତ ପୂର୍ବପରି ଅପରିବର୍ତ୍ତିତ।"

"ତେବେ ଦୟାକରି କହନ୍ତୁ, ଗଲରାତି ମୋ ଘରେ ଯାହା ଘଟିଗଲା ସେ ସବୁ କ'ଣ ?"

"ଆପଣ କାଲି ସକାଳ ନଅଟାରୁ ଦଶଟା ଭିତରେ ମୋ ବେକରଷ୍ଟ୍ରୀଟ୍ ଘରକୁ ଆସନ୍ତୁ। ମୁଁ ଏ ଘଟଣାକୁ ଆଲୁଅକୁ ଆଣିବାର ସବୁ ଚେଷ୍ଟା କରିବି। ତା ବ୍ୟତୀତ ମନେରଖିଥାନ୍ତୁ, ମଣିଗୁଡ଼ା ମୁଁ ଖୋଜିଦେଇ ପାରିଲେ ଆପଣ ମୋତେ ଯାହା ଦେବାପାଇଁ କହିଛନ୍ତି ତାର କିଛି ସୀମା ନାହିଁ।"

"ମଣିତକ ଫେରି ପାଇବା ପାଇଁ ମୁଁ ମୋର ସବୁ ସମ୍ପତ୍ତି ଦେଇ-ଦେବି।"

"ଖୁବ୍ ଭଲ। ମୁଁ ଘଟଣାଟା ଭଲଭାବେ ଦେଖିବି। ହଉ, ନମସ୍କାର। ହୁଏତ ସଂଧ୍ୟା ପୂର୍ବରୁ ମୁଁ ପୁଣି ଏଠିକି ଆସିପାରେ।"

ମୁଁ ଜାଣିଲି ଯେ ଏ କେଶ୍ ବିଷୟରେ ହୋମସ୍ ଗୋଟିଏ ସିଦ୍ଧାନ୍ତରେ ପହଞ୍ଚି ସାରିଲେଣି। ଅବଶ୍ୟ ତାଙ୍କ ସିଦ୍ଧାନ୍ତଟା କ'ଣ ମୁଁ ଭାବି ପାରିଲି ନାହିଁ। ବାଟରେ ତାଙ୍କୁ ପଚାରିବି ପଚାରିବି ହେଲି; କିନ୍ତୁ ସେକଥାଟାକୁ ଏଡ଼େଇ-ଦେଇ ଅନ୍ୟ କଥା ପକାଇଲେ। ତିନଟା ପୂର୍ବରୁ ଆମେ ବେକରଷ୍ଟ୍ରୀଟ୍‌ରେ ପହଞ୍ଚିଗଲୁ। ହୋମସ୍ ତାଙ୍କ କୋଠରୀକୁ ଯାଇ ଅଳ୍ପ ସମୟପରେ ପୁଣି ବାହାରି ଆସିଲେ। ତାଙ୍କ ଦେହରେ ବାରବୁଲା ଛତରର ପୋଷାକ।

ଦର୍ପଣରେ ନିଜର ଚେହେରା ଦେଖି ସେ କହିଲେ, "ଚାଲିଯିବି। ତୁମକୁ ସାଥିରେ ନେବାକୁ ମନଥିଲା ୱାଟସନ୍; କିନ୍ତୁ ଦେଖୁଛି ତୁମେ ଗଲେ ସୁବିଧା ହେବନାହିଁ। ମୁଁ ଅଳ୍ପ ସମୟ ଭିତରେ ଫେରିଆସିବି।" ସେ ଖଣ୍ଡେ ରୁଟି, ଖଣ୍ଡେ ମାଂସ ପକେଟରେ ପୂରାଇ ଅଭିଯାନରେ ବାହାରି ପଡ଼ିଲେ।

Digitized by srujanika@gmail.com

ମୁଁ ଗ୍ଲ ଖାଇସାରିଲା ବେଳକୁ ସେ ଫେରିଲେ । ତାଙ୍କ ମନ ବେଶ୍ ଖୁସି ଜଣାଯାଉଥାଏ । ତାଙ୍କ ହାତରେ ପଟେ ଇଲାଷ୍ଟିକ୍ ଜୋତା । ଗୋଟେ କଣକୁ ସେଟା ପକାଇଦେଇ ସେ ଗ୍ଲ କପ୍‌ରେ ମନଦେଲେ । ଗ୍ଲ ପିଉ ପିଉ କହିଲେ, "ଏ ବାଟେ ଯାଉ ଯାଉ ଚ୍ଚଲିଆସିଲି । ମୋତେ ପୁଣି ଯିବାକୁ ହେବ ।"

"କେଉଁଆଡ଼େ ?"

"ଉଏଷ୍ଟ୍ ଏଣ୍ଡ ସେ ପାଖକୁ । ମୋର ଫେରୁ ଫେରୁ ବିଳମ୍ବ ହୋଇ-ପାରେ । ମୋତେ ଅପେକ୍ଷା କରିବ ନାହିଁ ।"

"କାମ କେମିତି ଚ୍ଚଲିଛି ?"

"ମନ୍ଦ ନୁହେଁ । ମୁଁ ଏଠୁ ଯିବାପରେ ଷ୍ଟ୍ରେଥାମ୍ ଯାଇଥିଲି । ଦେଖିଲି କେଣ୍ଟା ବେଶ୍ ଚମକପ୍ରଦ । ଏବେ ସେ ସବୁ କଥାବାର୍ତ୍ତା ପାଇଁ ବେଳ ନାହିଁ ।"

ଏତିକ କହି ସେ ଚ୍ଚଲିଗଲେ । ମୁଁ ରାତି ଅଧଯାଏଁ ଅପେକ୍ଷା କଲି । କିନ୍ତୁ ତାଙ୍କ ଫେରିବାର କିଛି ସୂଚନା ପାଇଲି ନାହିଁ । ଏଇପରି ଘଟଣାରେ ସେ ଦିନଦିନ ରାତିରାତି ଧରି ବାହାରେ ରହିବାଟା କିଛି ନୂଆ ନୁହେଁ । ତେଣୁ ସେ ନ ଫେରିବାରେ ମୁଁ ବିସ୍ମିତ ନ ହୋଇ ଶୋଇବାକୁ ଗଲି । ପରଦିନ ସକାଳେ ମୁଁ ଜଳଖିଆ ଖାଇବାକୁ ତଳକୁ ଆସି ଦେଖିଲି ବେଳକୁ ହୋମସ୍ ଗୋଟେ ହାତରେ କଫି, ଆଉ ଗୋଟେ ହାତରେ ଖବର କାଗଜ ଧରି ବସିଛନ୍ତି । ତାଙ୍କ ଚେହେରା ବେଶ୍ ସତେଜ ଆଉ ପ୍ରଫୁଲ୍ଲ ।"

ହସି ହସି କହିଲେ, "କ୍ଷମା କରିବ ଉଆଟ୍‌ସନ୍ । ତୁମକୁ ଅପେକ୍ଷା ନକରି ଏକା ଏକା ଆରମ୍ଭ କରିଦେଇଛି । କିନ୍ତୁ ତୁମର ମନେଥିବ, ଆମ ମହକିଲ୍ ଆଜି ସକାଳେ ଆସିବା କଥା ।"

"ଏବେ ତ ନଅଟା ବାଜି ସାରିଲାଣି । ବୋଧହୁଏ କଲିଂବେଲ୍‌ଟା ବାଜିଲା । ସେ ନିଶ୍ଚୟ ଆସିଗଲେଣି ।"

ପ୍ରକୃତରେ ମିଷ୍ଟର ହୋଲ୍‌ଡର୍ ଆସି ପହଞ୍ଚିଲେ । ତାଙ୍କ ମୁହଁ ଆଉ ଚେହେରା ଦେଖି ମୋତେ ଦୁଃଖ ଲାଗିଲା । ଆଗ ଦିନଠାରୁ ସେ ଆହୁରି

Digitized by srujanika@gmail.com

ବେଶି ଦୁର୍ବଳ ଆଉ ଦୁଃଖିତ ଦେଖାଯାଉଥାନ୍ତି । ମୁଁ ଖଣ୍ଡେ ଚଉକି ତାଙ୍କ ଆଡ଼କୁ ବଢ଼ାଇଦେଲି । ଅତି ଦୁର୍ବଳ ଲୋକ ପରି ସେ ଚଉକିଟାରେ ବସି ପଡ଼ିଲେ । ଦୁଃଖରେ ଭାଙ୍ଗିପଡ଼ି ସେ କହିଲେ, "ଜାଣେନା କେଉଁ ଦୋଷରୁ ଭଗବାନ ମୋତେ ଏ କଠୋର ଦଣ୍ଡ ଦେଉଛନ୍ତି । ମାତ୍ର ଦୁଇଦିନ ଆଗେ ମୁଁ କେତେ ସୁଖଶାନ୍ତିରେ ଥିଲି । ଚିନ୍ତା କିମ୍ବା ଭୟ କିଛି ନ ଥିଲା । ଏବେ ମୋର ସୁଖଶାନ୍ତି, ମାନସମ୍ମାନ ସବୁ ଶେଷ । ଗୋଟାଏ ପରେ ଗୋଟାଏ ଦୁଃଖ ମାଡ଼ି ଆସୁଛି । ମୋ ଝିଅଣ୍ଡି ମେରି ମୋତେ ଛାଡ଼ି କୁଆଡ଼େ ଚାଲି ଯାଇଛି ।"

"ଚାଲିଯାଇଛି ?"

"ହଁ, ସକାଳେ ଦେଖିଲିବେଳକୁ ତା ବିଛଣା ଖାଲି । ହଲ୍‌ଘର ଟେବୁଲ୍ ଉପରେ ଖଣ୍ଡେ ଚିଠି ଥୁଆ ହୋଇଛି । କାଲି ରାତି ମୁଁ ଖୁବ୍ ଦୁଃଖରେ ତାକୁ କହିଲି, ସେ ମୋ ପୁଅକୁ ବିବାହ କରିଥିଲେ ସବୁ ସୁବିଧା ହୋଇଥାନ୍ତା । ମୋର ଏ କଥା କହିବାଟା ବୋଧହୁଏ ଠିକ୍ ହେଲା ନାହିଁ । ସେଇକଥା ସେ ତା ଚିଠିରେ ଲେଖିଛି :

"ପୂଜ୍ୟ କକେଇ !

ମୁଁ ଭାବୁଛି ମୋ ପାଇଁ ଆପଣ ନାନା ଦୁଃଖରେ ପଡ଼ୁଛନ୍ତି । ମୁଁ ଅନ୍ୟ ପ୍ରକାର କାମ କରିଥିଲେ ଏ ବିପଦ ହୁଏତ ଘଟି ନ ଥାନ୍ତା । ମନରେ ଏଇ ଚିନ୍ତା ନେଇ ମୁଁ ଆପଣଙ୍କ ପାଖରେ ରହି ସୁଖୀ ହୋଇପାରିବି ନାହିଁ । ତେଣୁ ଭାବୁଛି ସବୁଦିନ ପାଇଁ ଆପଣଙ୍କ ପାଖରୁ ଦୂରେଇ ଯିବି । ମୋ ପାଇଁ ବ୍ୟସ୍ତ ହେବେନାହିଁ । ମୋତେ ଖୋଜିବା ପାଇଁ ଚେଷ୍ଟା କରିବେ ନାହିଁ ।

ଆପଣଙ୍କର ସ୍ନେହର ମେରି ।"

"ଏ ଚିଠିର ଅର୍ଥ କ'ଣ ମିଷ୍ଟର ହୋମସ୍ ? ସେ କ'ଣ ଆତ୍ମହତ୍ୟା କଲା ?"

"ନା, ନା, ମୋଟେ ନୁହେଁ । ଏଟା ବୋଧହୁଏ ସବୁଠୁ ଭଲ ସମାଧାନ । ମୋର ଆଶା ଆପଣଙ୍କର ଦୁଃଖ ଶେଷ ହୋଇ ଆସିଲା ।"

Digitized by srujanika@gmail.com

"କ'ଣ କହୁଛନ୍ତି ! ଆପଣ କଣ ଜାଣିଲେଣି ମିଷ୍ଟର ହୋମସ୍ ? ମଣିତକ କେଉଁଠି ଅଛି ?"

"ଗୋଟାଏ ମଣିପାଇଁ ହଜାରେ ପାଉଣ୍ଡ ଦେବାକୁ ପଡ଼ିଲେ ଆପଣ କଣ ସ୍ୱବେ ନାହିଁ ତ ?"

"ହଜାର କ'ଣ ଦଶ ହଜାର ଦେବାକୁ ବି ମୁଁ ରାଜି ।"

"ଏତେ ଦରକାର ନାହିଁ । ତିନୋଟା ମଣିପାଇଁ ତିନିହଜାର ଆଉ ପୁରସ୍କାର ଏକହଜାର, ଏମିତି ଚାରି ହଜାର ପାଉଣ୍ଡ ହେଲେ ଚଳିବ । ଚେକ୍‌ବହି ତ ଆପଣଙ୍କ ପାଖରେ ଥିବ । ଏଇ କଲମ ନିଅନ୍ତୁ । ଚାରି ହଜାର ପାଉଣ୍ଡର ଖଣ୍ଡେ ଚେକ୍ ଲେଖିଦିଅନ୍ତୁ ।"

ବିସ୍ମିତ ମୁଖରେ ମିଷ୍ଟର ହୋଲ୍‌ଡ଼ର୍ ଖଣ୍ଡେ ଚେକ୍ ଲେଖିଦେଲେ । ହୋମସ୍ ତାଙ୍କ ଆଲମିରା ପାଖକୁ ଯାଇ ଖଣ୍ଡେ ତ୍ରିଭୁଜ ତିନିକୋଣିଆ ସୁନା ଆଣିଲେ । ସେଥିରେ ତିନୋଟି ମଣି ଥିଲା । ଟେବୁଲ ଉପରେ ତାହା ରଖିଦେଲେ । ଆନନ୍ଦରେ ଚିତ୍କାରକରି ଆମ ମହାଜନ୍ ତାକୁ ଜାବୁଡ଼ି ଧରିଲେ । ତାଙ୍କ ମନରେ ଯେତିକି ଦୁଃଖ ହୋଇଥିଲା ଆନନ୍ଦ ତାକୁ ଦଳିଗଲା । ସେ ମଣିଗୁଡ଼ିକୁ ଛାତିରେ ଜାକି ଧରି କହିଲେ, "ମୁଁ ରକ୍ଷା ପାଇଗଲି । ଆପଣ ମୋତେ ବଞ୍ଚାଇଦେଲେ ମିଷ୍ଟର ହୋମସ୍ ।"

ଟିକିଏ ଟାଣ କରି ହୋମସ୍ କହିଲେ, "ଆପଣଙ୍କର ଆହୁରି ଦେଣା ଅଛି ମିଷ୍ଟର ହୋଲ୍‌ଡ଼ର୍ ।"

"ଦେଣା ? କହନ୍ତୁ କେତେ ? ମୁଁ ଏଇ ସାଙ୍ଗେ ସାଙ୍ଗେ ଦେଇ ଦେବି ।" ସେ କଲମଟା ପୁଣି ହାତରେ ଧରିଲେ ।

"ପାଉଣାଟା ମୋର ନୁହେଁ । ଆପଣଙ୍କ ପୁଅ ଆର୍ଥର୍‌ର । ଆପଣ ତାଠାରୁ କ୍ଷମା ମାଗିବା ଉଚିତ । ଏ ଘଟଣାରେ ସେ ଯେପରି କାମ କରିଛି, ମୋ ପୁଅ ହୋଇଥିଲେ ମୁଁ ବାସ୍ତବିକ୍ ଗର୍ବ ଅନୁଭବ କରନ୍ତି ।"

"ତେବେ ଆର୍ଥର୍ ସେ ମଣି ନେଇ ନଥିଲା ?"

"କାଲି ଆପଣଙ୍କୁ କହିଥିଲି ଆଉ ଆଜି ବି କହୁଛି, ଆର୍ଥର୍ ନେଇ ନଥିଲା ।"

Digitized by srujanika@gmail.com

"ଆପଣ ସେ ବିଷୟରେ ନିଶ୍ଚିତ ? ତାହେଲେ ଶୀଘ୍ର ଚାଲନ୍ତୁ । ତାକୁ କହିବା ଘଣ୍ଟଣାଟା ଜଣାପଡ଼ିଲାଣି ।"

"ସେ ସବୁ ଜାଣିସାରିଛୁ । ମୁଁ ଘଟଣାଟା ଜାଣିବା ପରେ ତାପାଖକୁ ଯାଇଥିଲି । ଦେଖିଲି ସେ ଘଟଣାଟା ପ୍ରକାଶ କରିବ ନାହିଁ । ତେଣୁ ମୁଁ ଗୋଟି ଗୋଟି କରି ସବୁକଥା ତା'ଆଗରେ କହିଗଲି । ସେ ସବୁ ସତ ବୋଲି ସେ ସ୍ୱୀକାର କଲା । ଆପଣ ଆଜି ଆସି ଆମକୁ ଯେଉଁ ଖବର ଦେଲେ ତା ଶୁଣିଲେ ଆଉ ସବୁ କଥା ଖୋଲି କହିଦେବ ।"

"ତାହା ହେଲେ ଏ ଯେଉଁ ରହସ୍ୟ ଘଟିଗଲା ତା' କ'ଣ ମୋତେ କହନ୍ତୁ ।"

"କହିବି । ମୁଁ କିପରି ଏହାର ସମାଧାନ କଲି ତା ମଧ୍ୟ କହିଦେବି । ପ୍ରଥମେ ମୁଁ ଆପଣଙ୍କୁ ସବୁଠୁ ଦୁଃଖର ସମ୍ବାଦ କହିବି । ଆପଣଙ୍କ ଝିଅଟି ମେରି ଆଉ ସାର୍ ଜର୍ଜ ବର୍ନଉଏଲ ଗୁପ୍ତ ପରାମର୍ଶ କରି ସାଥି ହୋଇ ପଳାଇ ଯାଇଛନ୍ତି ।"

"ମୋ ମେରି ! ଅସମ୍ଭବ ।"

"ଦୁଃଖର କଥା ଯେ ଏହା ନିଶ୍ଚିତ । ଲୋକଟା ଯେତେବେଳେ ଆପଣଙ୍କ ପରିବାର ସହ ମିଳାମିଶା ଆରମ୍ଭ କଲା ଆପଣ ବା ଆପଣଙ୍କ ପୁଅ ତା ଚରିତ୍ର ବିଷୟରେ କିଛି ଜାଣି ନଥିଲେ । ସେ ଇଂଲଣ୍ଡର ଅତି ମାରାତ୍ମକ ଲୋକମାନଙ୍କ ଭିତରୁ ଜଣେ; ଗୋଟେ ଶଇତାନ୍ । ଆପଣଙ୍କ ଝିଅଟି ଏଭଳି ଲୋକଙ୍କୁ ମୋଟେ ଜାଣି ନଥିଲେ । ଲୋକଟାର ମିଠାକଥାରେ ଭୁଲିଯାଇ ଶେଷରେ ସେ ତାର କବଳରେ ପଡ଼ିଗଲେ । ପ୍ରତିଦିନ ସନ୍ଧ୍ୟାରେ ତା ସହିତ ସାକ୍ଷାତ କରୁଥିଲେ ।"

"ମୁଁ ଏକଥା ମୋଟେ ବିଶ୍ୱାସ କରି ପାରୁନାହିଁ ।"

"ଶୁଣନ୍ତୁ ତେବେ, ଆପଣଙ୍କ ଘରେ କାଲି ରାତିରେ ଯାହା ସବୁ ଘଟିଗଲା ।

"ଆପଣ ଆପଣଙ୍କ କୋଠରୀକୁ ଗିବା ପରେ ମେରି ଖସିଯାଇ ଘୋଡ଼ାଶାଳ ଝରକା ପାଖରେ ଠିଆ ହୋଇ ତା ପ୍ରେମିକ ସହିତ କଥାବାର୍ତ୍ତା କଲା । ଦେଖିବେଲଯାଏ ସେଠି ଠିଆ ହୋଇ ରହିବାରୁ ଲୋକଟାର ପାଦ ବରଫ

Digitized by srujanika@gmail.com

ଭିତରେ ପଶି ଯାଇଥିଲେ । କଥା ପ୍ରସଙ୍ଗରେ ମେରି ତାକୁ ମୁକୁଟଟା କଥା କହିଲା । ଲୋକଟାର ଖୁବ୍ ଲୋଭ ହେଲା ଏବଂ ସେ ତା କଥାରେ ମେରିକୁ ରାଜି କରାଇନେଲା । ଅବଶ୍ୟ ମେରି ଯେ ଆପଣଙ୍କୁ ଖୁବ୍ ଭଲପାଏ, ଏଥିରେ ସନ୍ଦେହ ନାହିଁ; କିନ୍ତୁ କେତେକ ନାରୀ ଅଛନ୍ତି ଯାହାଙ୍କ ନିକଟରେ ପ୍ରେମିକର ସ୍ନେହ ଅନ୍ୟ ସବୁ ସ୍ନେହକୁ ବଳିଯାଏ । ମେରି ସେହି ପ୍ରକାରର ସ୍ତ୍ରୀ । ଏତିକିବେଳେ ଆପଣ ଉପରୁ ତଳକୁ ଆସିଲେ । ମେରି ଚଟ୍‌କରି ଝରକାଟା ବନ୍ଦ କରି ଆପଣଙ୍କୁ ଜଣେ ଚାକରାଣୀ ତା ପ୍ରେମିକ ସାଥିରେ ବାହାରକୁ ଯାଇଥିବା କଥା କହିଲା । ସେ କଥାଟା ଅବଶ୍ୟ ସତ ।

"ଆପଣଙ୍କ ପୁଅ ଆର୍ଥର୍ ଆପଣଙ୍କ ସଙ୍ଗେ କଥାବାର୍ତ୍ତା ପରେ ଶୋଇବାକୁ ଗଲା । ରାତିରେ ତାକୁ ଭଲ ନିଦ ହେଲାନାହିଁ । କାରଣ ତାର କ୍ଲବ୍ ଦେଣ୍ଟ ପାଇଁ ସେ ଚିନ୍ତିତ ଥିଲା । ରାତି ଅଧବେଳକୁ ସେ ବାହାରେ କାହାର ଧୀର ପାଦ ଶବ୍ଦ ଶୁଣିପାରିଲା । ସେ ଉଠି ବାହାରକୁ ଚାହିଁଲା । ଦେଖିଲା ତା' ଭଉଣୀ ପାଦ ଚପିଚପି ବାରଣ୍ଡାରେ ଚାଲିଛି । ଆର୍ଥର୍ ଆଶ୍ଚର୍ଯ୍ୟ ହୋଇଗଲା । ଶେଷରେ ମେରି ଆସି ଆପଣଙ୍କ ଡ୍ରେସିଂରୁମ୍‌ରେ ପଶିଲା । ଆର୍ଥର୍ ତରତରରେ ଖଣ୍ଡେ ଲୁଗା ଦେହରେ ଗଳାଇ ଦେଇ ବାହାରକୁ ଆସିଲା । ଏ ଅଦ୍ଭୁତ ଘଟଣା କ'ଣ ଦେଖିବାପାଇଁ ସେ ଅନ୍ଧାରରେ ଲୁଚି ରହି ଅପେକ୍ଷା କଲା । ତାପରେ ମେରି ଆପଣଙ୍କ କୋଠରିରୁ ବାହାରି ଆସିଲା । ବାରଣ୍ଡାର ଫିକା ଆଲୁଅରେ ଆର୍ଥର୍ ଦେଖିଲା ମେରି ହାତରେ ସେଇ ରତ୍ନ ମୁକୁଟ । ସେ ତଳକୁ ଓହ୍ଲାଇଗଲା । ସ୍ତମ୍ଭିତ ଚକିତ ଆର୍ଥର୍ ଶୀଘ୍ର ଚାଲିଯାଇ ଆପଣଙ୍କ କୋଠରିର ପରଦା ପଛପାଖେ ଲୁଚି ରହିଲା । ତଳେ ହଲ୍‌ଘରେ ଯାହା ଘଟିଲା ସେ ସେଇଠୁ ସବୁ ଲକ୍ଷ୍ୟ କରୁଥାଏ । ଦେଖିଲା, ମେରି ଖୁବ୍ ଧୀରେ ଝରକା ଖୋଲି ମୁକୁଟଟା କାହାକୁ ବଢ଼ାଇଦେଲା । ତା'ପରେ ତରତରରେ ଝରକା ବନ୍ଦ କରି ଦେଇ କୋଠରିକୁ ଚାଲିଗଲା ।

"ମେରି ଯେପର୍ଯ୍ୟନ୍ତ ଘଟଣାସ୍ଥଳରେ ଥିଲା ଆର୍ଥର୍ କିଛି କରିପାରିଲା ନାହିଁ । କାରଣ ସେ ମେରିକୁ ପ୍ରାଣଭରି ଭଲ ପାଏ । କିଛି କରି ବସିଲେ

Digitized by srujanika@gmail.com

ମେଞ୍ଚ ଧରାପଡ଼ିଯିବ; କିନ୍ତୁ ସେ ଚାଲିଯିବା ପରେ ଆର୍ଥର୍ ଦେଖିଲା ଯେ ଆପଣଙ୍କ ଉପରେ ବିରାଟ ବିପଦ ଆସି ପହଞ୍ଚିଯିବ । ସେ ଖାଲି ପାଦରେ ତଳକୁ ଦୌଡ଼ିଗଲା । ଝରକା ଖୋଲି ପଦାକୁ ଡେଇଁପଡ଼ି ପଡ଼ିଆ ଭିତର ଦେଇ ଦୌଡ଼ିଲା । ଜହ୍ନ ଆଲୁଅରେ ସେ ଆଗରେ ଗୋଟେ ମୂର୍ତ୍ତି ଦେଖି-ପାରିଲା । ସାର୍ ଜର୍ଜ ବର୍ନଉଏଲ୍ ପଳାଇବାକୁ ଚେଷ୍ଟାକଲା; କିନ୍ତୁ ଆର୍ଥର୍ ତାକୁ ଧରି ପକାଇଲା । ଦୁଇଜଣଙ୍କ ଭିତରେ ଟଣାଓଟରା ଚାଲିଲା । ଦୁହେଁ ମୁକୁଟର ଗୋଟେ ଗୋଟେ କୋଣ ଧରି ଟାଣୁଥାନ୍ତି । ଏଇ ଝିଙ୍କାଟଣା ଭିତରେ ଆର୍ଥର୍ ସାର୍ ଜର୍ଜ ଆଖିରେ ଆଘାତ କଲା । ତା'ପରେ ହଠାତ୍ ମୁକୁଟଟା ଆର୍ଥର ହାତକୁ ଖସି ଆସିଲା । ସେ ଘରକୁ ଦୌଡ଼ି ଆସି ଝରକାଟା ବନ୍ଦ କରି ଦେଇ ଆପଣଙ୍କ କୋଠରି ଆଡ଼କୁ ଆସିଲା । ସେତିକବେଳେ ସେ ଦେଖିଲା ଯେ ଝିଙ୍କାଟଣାରେ ମୁକୁଟଟା ବଙ୍କା ହୋଇଯାଇଛି । ସେ ମୁକୁଟ-ଟାକୁ ସଳଖିବାକୁ ଚେଷ୍ଟା କରୁଥିବାବେଳେ ଆପଣ ଆସି ପହଞ୍ଚିଲେ ।"

"ଏହା କ'ଣ ସମ୍ଭବ ?"

"ତା କାମପାଇଁ ସେ ଆପଣଙ୍କଠାରୁ ଧନ୍ୟବାଦ ପାଇବାର କଥା । ଓଲଟି ଆପଣ ତାକୁ ଖୁବ୍ ଗାଳିଦେଲେ । ସେ ମେଞ୍ଚ ଯୋଗୁଁ ଘଟଣାଟା ଆପଣଙ୍କ ଆଗରେ କହିପାରିଲା ନାହିଁ । ସେ ଖୁବ୍ ଦୃଢ଼ତାର ସହ କଥା-ଟାକୁ ଗୋପନ ରଖିଲା ।"

"ସେଇଥିପାଇଁ ତେବେ ମେଞ୍ଚ ମୁକୁଟଟା ଦେଖିବାମାତ୍ରେ ଚମକି ଉଠିଲା ! ହେ ଭଗବାନ ! ମୁଁ କେଡ଼େ ବୋକା । ଆର୍ଥର୍ ପାଞ୍ଚମିନଟ୍ ପାଇଁ ବାହାରକୁ ଯିବାକୁ ଚାହୁଁଥିଲା । ବୋଧହୁଏ ମାଡ଼ଗୋଳ ଲାଗିଥିବା ଜାଗାରେ ମଣି ରତନଟା ପଡ଼ିଥାଇପାରେ ବୋଲି ଦେଖିବାକୁ ସେ ଚାହୁଁ-ଥିଲା । ମୁଁ ତା ପ୍ରତି କି ନିଷ୍ଠୁର ଅବିଚାର କରିଛି !"

ହୋମସ୍ ପୁଣି କହି ଚାଲିଲେ "ମୁଁ ଆପଣ ଘରକୁ ଆସିବା ପରେ ଆଗେ ଘରପାଖରେ ବୁଲିଗଲି ବରଫରେ କେଉଁଠି କିଛି ଚିହ୍ନ ଥାଇପାରେ ବୋଲି ଭଲଭାବେ ପରୀକ୍ଷା କରିଦେଲି । ରୋଷେଇ ଘର କବାଟ ସେ ପାଖରେ ଜଣେ ସ୍ତ୍ରୀ ଲୋକ ଜଣେ ପୁରୁଷ ସହିତ ଠିଆ ହୋଇଥିବାର

Digitized by srujanika@gmail.com

ସଙ୍କେତ ପାଇଲି । ଗୋଟେ ପାଦଚିହ୍ନ ଆଉ ଗୋଟେ ଗୋଲାକାର ଚିହ୍ନରୁ ମୁଁ ଜାଣିଲି ଯେ ଲୋକଟାର ଗୋଟାଏ କାଠ ଗୋଡ଼ । ମୁଁ ଜାଣିଲି ଯେ ଏ ପାଦଚିହ୍ନ ଚାକରାଣୀ ଆଉ ତା ପ୍ରେମିକର । ବଗିଚା ଭିତରେ ମୁଁ ବିଶେଷ କିଛି ଦେଖିବାକୁ ପାଇଲି ନାହିଁ । କେବଳ କାଁ ଭାଁ ପାଦଚିହ୍ନ ଥିଲା । ବୁଝିଲି ତାହା ପୋଲିସର ପାଦଚିହ୍ନ । କିନ୍ତୁ ମୁଁ ଘୋଡ଼ାଶାଳ ପାଖ ରାସ୍ତାରେ ପହଞ୍ଚିଲା ପରେ ଦେଖିଲି ବରଫ ଉପରେ ଅନେକ ତଥ୍ୟ ରହିଛି । "ବୁଟ୍‌କୋତା ପିନ୍ଧିଥିବା ଜଣେ ଲୋକର ଦୁଇଧାଡ଼ି ପାଦଚିହ୍ନ ଆଉ ଖାଲିପାଦର ଦୁଇଧାଡ଼ି ଚିହ୍ନ ମୁଁ ଦେଖିବାକୁ ପାଇଲି । ମୁଁ ସାଙ୍ଗେ ସାଙ୍ଗେ ନିଶ୍ଚିତ ହୋଇଗଲି ଯେ ଖାଲିପାଦଚିହ୍ନଗୁଡ଼ା ଆପଣଙ୍କ ପୁଅର । ପ୍ରଥମ ପାଦଚିହ୍ନଗୁଡ଼ା ଚାଲିବାର ଚିହ୍ନ କିନ୍ତୁ ଦ୍ୱିତୀୟ ଚିହ୍ନ ଦୌଡ଼ିବାର ଚିହ୍ନ । ତା ଛଡ଼ା ମଝିରେ ମଝିରେ ଖାଲିପାଦଚିହ୍ନ ବୁଟ୍‌ଚିହ୍ନ ଉପରେ ପଡ଼ିଯାଇଛି । ସେଥିରୁ ଜଣାଗଲା ଯେ ଦ୍ୱିତୀୟ ବ୍ୟକ୍ତି ପ୍ରଥମ ବ୍ୟକ୍ତି ପଛରେ ଯାଇଛି । ମୁଁ ସେ ପାଦଚିହ୍ନକୁ ଓଗରେଇ ନେଇ ଦେଖିଲି ଯେ ହଲ ଘରର ଝରକା ଯାଏ ସେ ଚିହ୍ନ ପଡ଼ିଛି । ସେଠି ବୁଟ୍‌କୋତା ପିନ୍ଧିଥିବା ଲୋକ ଅପେକ୍ଷା କରି ଠିଆହେବା ଯୋଗୁ ବରଫ ଭିତରକୁ ତା ପାଦ ପଶିଯାଇଛି । ତାପରେ ମୁଁ ରାସ୍ତାର ବିପରୀତ ଦିଗରେ ପ୍ରାୟ ଶହେଗଜ ଦୂରଯାଏ ଗଲି । ଦେଖିଲି ସେଠି ବୁଟ୍‌କୋତାର ଚିହ୍ନ ବୁଲିଯାଇଛି । ମାଡ଼ଗୋଳ ଯୋଗୁ ବରଫ ଭାଙ୍ଗି ଗୁଣ୍ଡ ହୋଇଯାଇଛି । ଶେଷରେ ଦେଖିଲି ସେଠି କେତେଟୋପା ରକ୍ତ ପଡ଼ିଛି । ଜାଣିଲି ମୋର ଅନୁମାନ ଭୁଲ୍ ନୁହେଁ । ବୁଟ୍ ପିନ୍ଧିଥିବା ଲୋକ ସେଠୁ ଦୌଡ଼ି ପଳାଇଛି । ଆଉ କେତେଟା ରକ୍ତଟୋପାରୁ ଜାଣିଲି ସେ ଆଘାତ ପାଇଛି । ଶେଷରେ ସେ ରାସ୍ତା ଉପରକୁ ଆସିଛି ଆଉ ସେଠୁ କିଛି ଚିହ୍ନ ନାହିଁ ।

"ଆପଣଙ୍କର ମନେଥିବ, ଘରଭିତରକୁ ଯାଇ ମୁଁ ଲେନ୍‌ସ ସାହାଯ୍ୟରେ ହଲ୍ ଘରର ଝରକା, ବନ୍ଧ ସବୁ ପରୀକ୍ଷା କରି ଦେଖିଲି । ସାଙ୍ଗେ ସାଙ୍ଗେ ଜାଣିପାରିଲି ଯେ କେହି ସେ ବାଟେ ବାହାରକୁ ଯାଇଛି । ପୁଣି ଭିତରକୁ ଆସିଥିବା ଓଦା ପାଦଚିହ୍ନ ପରିଷ୍କାର ଦେଖିବାକୁ ପାଇଲି । ତା

Digitized by srujanika@gmail.com

ପରେ ମୁଁ ଘଟଣାଟା ମନେ ମନେ ଠିକ୍ କରନେଲି । ' ଜଣେ ଲୋକ ଝରକା ବାହାରେ ଅପେକ୍ଷା କରୁଛି । କେହି ଜଣେ ମୁକୁଟଟା ଆଣି ତାକୁ ଦେଇଛି । ଆପଣଙ୍କ ପୁଅ ତାହା ଦେଖିପାରୁଛି । ସେ ଚୋର୍‌ଟାର ପଛରେ ଗୋଡ଼ାଇ ତା ସାଥିରେ ମାଡ଼ଗୋଳ କରୁଛି । ଦୁହେଁ ମୁକୁଟଟାକୁ ଟଣା-ଓଟରା କରୁଛନ୍ତି । ଉଭୟଙ୍କ ବଳ ପ୍ରୟୋଗଦ୍ୱାରା ମୁକୁଟଟା ଭାଙ୍ଗି ଯାଇଛି । ଜଣେ ହୁଏତ ତାକୁ ଭାଙ୍ଗି ପାରି ନଥାନ୍ତା । ଶେଷରେ ଆପଣଙ୍କ ପୁଅ ମୁକୁଟଟା ଧରି ଫେରୁଛି କିନ୍ତୁ ତା ଶତ୍ରୁ ହାତରେ ସେଥିରୁ ଖଣ୍ଡେ ରହିଯାଇଛି । ଏପର୍ଯ୍ୟନ୍ତ ମୁଁ ନିଶ୍ଚିତ ହୋଇଗଲି । ତା ପରେ ପ୍ରଶ୍ନ ହେଲା ମୁକୁଟଟା ସେ ଲୋକକୁ ଆଣି ଦେଲା କିଏ ?

"ମୋର ଗୋଟେ ନୀତି ହେଲା ଯାହା ଅସମ୍ଭବ ତାକୁ ବାଦ୍‌ଦେଲାପରେ ଯାହା ରହିଲା, ତା ଯେତେ ଅସ୍ୱାଭାବିକ ହେଲେ ମଧ୍ୟ ସତ । ମୁଁ ଜାଣିଲି ଯେ ଆପଣ ମୁକୁଟଟା ଆଣି ଦେଇ ନାହାନ୍ତି । ତେଣୁ ଆଉ ରହିଲେ କେବଳ ଆପଣଙ୍କ ଝିଆରୀ ମେରୀ ଆଉ ଚାକରାଣୀମାନେ । ଯଦି କେହି ଚାକରାଣୀ ଏହା କରିଥାନ୍ତା ତେବେ ଆପଣଙ୍କ ପୁଅ ସେ କଥା ନ କହି ନିଜେ କାହିଁକି ଦୋଷୀରେ ଗଣା ହୁଅନ୍ତା ? ସେ ମେରୀକୁ ଖୁବ୍ ଭଲପାଏ । ତେଣୁ ତାକୁ ଘୋଡ଼େଇବାକୁ ସେ ଚେଷ୍ଟା କରିବା ସ୍ୱାଭାବିକ । ମୋର ମନେପଡ଼ିଲା ଯେ ଆପଣ ମେରୀକୁ ହଲ୍‌ଘର ଝରକା ପାଖରେ ଦେଖିଥିଲେ ଆଉ ମୁକୁଟଟା ପୁଣି ଦେଖି ସେ କିପରି ଚମକି ଉଠି ଚିତ୍କାର କରିଥିଲା । ମୋର ଧାରଣା ନିଶ୍ଚିତ ହୋଇଗଲା ।

"ତା ପର କଥା ହେଲା ମେରୀର ସହଯୋଗୀ କିଏ ହୋଇପାରେ । ନିଶ୍ଚୟ କେହି ପ୍ରେମିକ । କାରଣ ଆପଣଙ୍କ ପ୍ରତି ତାର ଯେଉଁ ସ୍ନେହ ଆଉ ଭକ୍ତି ତାକୁ ବଳିବ କିଏ ? ମୁଁ ଜାଣିଥିଲି ଯେ ଆପଣ ବାହାରକୁ ବିଶେଷ ଯାଆନ୍ତି ନାହିଁ । ଆଉ ଆପଣଙ୍କ ବନ୍ଧୁ ଖୁବ୍ ସୀମିତ । ସେମାନଙ୍କ ଭିତରେ ସାର୍ ଜର୍ଜ ବର୍ନୱେଲ୍ ଜଣେ । ମୁଁ ଆଗରୁ ଶୁଣିଥିଲି ଯେ ସେ ଅତି ଖରାପ ଲୋକ । ତେଣୁ ନିଶ୍ଚୟ ଜାଲ ବୁଟ୍‌ଜୋତାଚିହ୍ନ ତାର ଆଉ ସେ ନିଶ୍ଚୟ ମଣିରତ୍ନ ନେଇଯାଇଛି । ଆର୍ଥର୍ ତାକୁ ଦେଖିଥିଲେ

Digitized by srujanika@gmail.com

ମଧ୍ୟ ସେ ନିଜକୁ ନିରାପଦ ବୋଲି ଧରିନେଇଥିଲି । କାରଣ ସେ ଜାଣିଥିଲା ଯେ ନିଜ ପରିବାରକୁ ପଦାରେ ନ ପକାଇ ଆର୍ଥର କିଛି କହିପାରିବ ନାହିଁ । ତା ପରେ ମୁଁ କି ପନ୍ଥା ଧରିଲି ଆପଣ ଅନୁମାନ କରିପାରିବେ । ମୁଁ ଗୋଟେ ବାରବୁଲା ଛତରା ବେଶରେ ସାର୍ ଜର୍ଜ ଘରକୁ ଗଲି । ତା ଚାକର ସାଥିରେ ଦୋସ୍ତି ଜମେଇ ବୁଝିଲି ଯେ ପୂର୍ବଦିନ ରାତି ତା ମୁନିବ ମୁଣ୍ଡରେ ଆଘାତ ଲାଗିଛି । ଶେଷରେ ଚାକରକୁ ଛଅ ସିଲିଂ ଦେଇ ତା ମୁନିବର ହଳେ ପୁରୁଣା ଜୋତା ଆଣିଲି । ତାକୁ ଧରି ଷ୍ଟ୍ରୋଥମ୍ ଗଲି । ଦେଖିଲି ଜୋତା ଦୁଇଟା ପାଦଚିହ୍ନ ସାଥିରେ ପୂରା ମିଶିଯାଉଛି ।''

"କାଲି ସନ୍ଧ୍ୟାରେ ମୁଁ ରାସ୍ତାରେ ଗୋଟେ କଦର୍ଯ୍ୟ ବାରବୁଲା ଲୋକକୁ ଦେଖିଥିଲି ।'' କହିଲେ ମିଷ୍ଟର୍ ହୋଲ୍ଡର୍ ।

"ସେ ଲୋକ ମୁଁ । ମୁଁ ଦୋଷୀ କିଏ ଜାଣିପାରିଲି । ତା'ପରେ ଘରକୁ ଫେରି ପୋଷାକପତ୍ର ବଦଳାଇଲି । ଦେଖିଲି ଲୋକଟାକୁ ଆରେଷ୍ଟ କରି-ହେଲେ ଚାରିଆଡ଼େ ହଲ୍ଲା ହୋଇଯିବ । ତେଣୁ ମୁଁ ନିଜେ ତା ପାଖକୁ ଗଲି । ପ୍ରଥମେ ସେ ଅବଶ୍ୟ ଗାଲୁ କଲା । କିନ୍ତୁ ମୁଁ ଯେତେବେଳେ ଘଟଣାଟା ଠିକଣଠି କରି କହିଗଲି ସେ ହଠାତ୍ କାନ୍ଥରୁ ଗୋଟେ ବଡ଼ ଛୁରୀ ଟାଣିଆଣିଲା । ମୁଁ କିନ୍ତୁ ଲୋକଟାକୁ ଭଲରୂପେ ଜାଣିଥିଲି । ସେ ମୋତେ ଆଘାତ କରିବା ଆଗରୁ ମୋ ରିଭଲ୍‌ଭର୍‌ଟା ତା ମୁଣ୍ଡ ପାଖରେ ରହିଥିଲା । ଲୋକଟା ପୂରା ଦବିଗଲା । ମୁଁ ତାକୁ କହିଲି ଯେ ଗୋଟାଏ ମଣିପାଇଁ ତାକୁ ହଜାରେ ପାଉଣ୍ଡ କରି ଦେବି । ଏହା ଶୁଣି ସେ ବଡ଼ ଦୁଃଖିତ ହୋଇ କହିଲା ଯେ ସେ ମଣି ତିନିଟା ଛଅହଜାର ପାଉଣ୍ଡରେ ବିକି ଦେଇଛି । ଯାହାକୁ ଦେଇଥିଲା ତାର ଠିକଣାଟା ବୁଝିନେଲି । ସେଠିକି ଯାଇ ବହୁତ ଚେଷ୍ଟାକରି ଗୋଟିକୁ ହଜାରେ ପାଉଣ୍ଡ କରି ଦେଇ ମୁଁ ମଣି ତିନୋଟି ସଂଗ୍ରହ କଲି । ତାପରେ ମୁଁ ଆର୍ଥର ପାଖକୁ ଯାଇ ତାକୁ କହିଲି, 'ସବୁ ଠିକ୍ ଅଛି । ଶେଷରେ ରାତି ଦୁଇଟାରେ ଘରକୁ ଫେରିଲି' ।''

"ଆପଣ ଇଂଲଣ୍ଡକୁ ଗୋଟେ ଦୁର୍ନାମରୁ ରକ୍ଷା କରିଛନ୍ତି । ଆପଣଙ୍କୁ ଧନ୍ୟବାଦ ଦେବାପାଇଁ ମୋର ଭାଷା ନାହିଁ । ତଥାପି ମୁଁ କେବେ ଅକୃତଜ୍ଞ

Digitized by srujanika@gmail.com

ହେବ ନାହିଁ । ଆପଣଙ୍କ ବିଷୟରେ ଯାହା ଶୁଣିଥିଲି ଆପଣ ତା ଠାରୁ ଢେର୍ ଅଧିକ । ମୁଁ ଯାଇ ମୋ ପୁଅଠାରୁ କ୍ଷମା ମାଗିନେବି । ମେରି ବିଷୟରେ ଆପଣ ଯାହା କହିଲେ ସେଥିରେ ମୋ ହୃଦୟରେ ଗଭୀର ଦୁଃଖ ଜାତ ହୋଇଛି । ସେ ଏବେ କେଉଁଠି ସେ କଥା ଆପଣ କେବେହେଲେ କହି ପାରିବେ ନାହିଁ ।"—କହିଲେ ମିଷ୍ଟର ହୋଲ୍‌ଡ଼ର୍ ।

"ସାର୍ ଜର୍ଜ ବର୍ନୱେଲ୍ ଯେଉଁଠି ସେ ସେଇଠି ବୋଲି ଆମେ ନିଶ୍ଚିତରୂପେ କହିପାରିବା । ଏହା ମଧ୍ୟ ନିଶ୍ଚିତ ଯେ ସେ ଯେଉଁ ପାପ କରିଛି ଖୁବ୍ ଶୀଘ୍ର ତାର ଉପଯୁକ୍ତ ଦଣ୍ଡ ପାଇବ ।"

Digitized by srujanika@gmail.com